DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୧/୨୦୧୮ (୨୦ ପୃଷ୍ଠା) Sambalpur, Friday, September 21/ 2018 ★★

୧୪ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ସ୍ମିତା ପାଟିଲ୍ ପୁରସ୍କାର ମୋ କ୍ୟାରିୟର ପାଇଁ ଯଥାର୍ଥ: ଅନୁଷ୍କା ଶର୍ମା**

ସ୍ମିତା ପାଟିଲ୍ ପୁରସ୍କାର ମୋ କ୍ୟାରିୟର ପାଇଁ ଯଥାର୍ଥ ବୋଲି ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ପ୍ରକାଶ କରିଛନ୍ତି।

୧୩

୧୮

**ଶାହବାଜଙ୍କ ବିଶ୍ୱ ରେକର୍ଡ**

ଲିଷ୍ଟ-ଏ' କ୍ରିକେଟରେ ଶ୍ରେଷ୍ଠ ବୋଲିଂ କରି ଝାଡ଼ଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦୀମ ନୂଆ ବିଶ୍ୱରେକର୍ଡ କରିଛନ୍ତି।



## ପିପିଏଫ୍,ସୁକନ୍ୟା ଯୋଜନା ସୁଧ ହାର ବୃଦ୍ଧି

ନୂଆଦିଲ୍ଲୀ,୨୦।୯: କେନ୍ଦ୍ର ସରକାର ଗୁରୁବାର ପିପିଏଫ୍, ସୁକନ୍ୟା ସମେତ ସମସ୍ତ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଯୋଜନାରେ ୦.୩% ସୁଧ ହାର ମିଳୁଥିବା ବେଳେ ଏହାକୁ ଚଳିତ ବର୍ଷର ତୃତୀୟ ତ୍ରୈମାସ ପାଇଁ ୦.୪%କୁ ବୃଦ୍ଧି କରାଯାଇଛି। (ସବିଶେଷ ରିପୋର୍ଟ: ପୃଷ୍ଠା-୧୭)

**ଆଜିର ସମ୍ପାଦକୀୟ**

**ବାସ୍ତବ ଆହ୍ୱାନ**

**ଆଜିର ମନ୍ତବ୍ୟ**

"ତିନି ତଲାକ୍ ଅଧ୍ୟାଦେଶ ଅଗଣତାନ୍ତ୍ରିକ, ଯାହାକି ଆଦୌ ଗ୍ରହଣୀୟ ହେବ ନାହିଁ ।
– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

NECC NATIONAL EGG CO-ORDINATION COMMITTEE 20.09.2018 Venc**o**bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

# ଘୂର୍ଣ୍ଣିଝଡ଼ ରୂପନେଲା ଲଘୁଚାପ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଉଗ୍ରରୂପ ନେଇ ସ୍ଥଳଭାଗ ଆଡକୁ ମାଡ଼ିଆସିବ। ଗୁରୁବାର ମଧ୍ୟରାତ୍ର ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍, ଓଡିଶାର ପୁରୀ ଓ ଗୋପାଳପୁର ମଧ୍ୟଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଅତିକ୍ରମ କରିବା ବେଳେ ଏହାର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ରହିବ। ବେଳେବେଳେ ଏହା ୮୦ କି.ମି.କୁ ଟପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଘୂର୍ଣ୍ଣିଝଡ଼ ପ୍ରଭାବରେ ଚାଳଘର, ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବା ଆଶଙ୍କା ରହିଛି। ଏଥିସହିତ ଧାନଫସଲ, ☞ପୃଷ୍ଠା–୪



ଅଶାନ୍ତ ଗୋପାଳପୁର ସମୁଦ୍ର ।

- ଘଣ୍ଟାକୁ ୭୦-୮୦ କି.ମି. ବେଗରେ ବହିବ ପବନ
- ଆହୁରି ୨୪ ଘଣ୍ଟା ବର୍ଷିବ
- ସବୁ ବନ୍ଦରରେ ୩ ନଂ. ବିପଦ ସଙ୍କେତ
- ୦.୫ ମିଟର ଉଚ୍ଚ ଉଠିବ ଲହଡି
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ
- ଖାଲୁଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ

# ମନ୍ତ୍ରୀଙ୍କ ପୁଅ କୋର୍ଟଚାଲାଣ

କେନ୍ଦୁଝର, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ପଦନାଠାରେ ପୋଲିସକୁ ମାଡ଼ ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ କେନ୍ଦୁଝର ପୋଲିସ ଗିରଫ କରି ଗୁରୁବାର ଜିଲା କୋର୍ଟକୁ ଚାଲାଣ କରିଛି। ଚାଲାଣ ବେଳେ ବହୁ ସଂଖ୍ୟାରେ ବିଜେଡି କର୍ମୀ ଓ ନେତା ଥାନା ନିକଟରେ ଭିଡ଼ ଜମାଇଥିଲେ। କଡା ସୁରକ୍ଷାରେ ଦେବାଶିଷଙ୍କୁ କୋର୍ଟ ଚାଲାଣ କରାଇଯାଇଥିଲା। ପୂର୍ବରୁ ମନ୍ତ୍ରୀ ବଦ୍ରି ନାରାୟଣଙ୍କ ଗାଡ଼ିକୁ ଢେଲା ମାଡ ଘଟଣାରେ ରାସ୍ତାଘାଟ ବନ୍ଦ କରି ଆନ୍ଦୋଳନ କରିବା ଏବଂ ଥାନା ଘେରାଉ କରି ପ୍ରତିବାଦ ଜଣାଇଥିବା କର୍ମୀମାନେ ଏହି ଗିରଫକୁ ନେଇ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ ନ କରିବା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ଘଟଣାରେ ଦେବାଶିଷଙ୍କ ସହ ମଦନ ମୋହନ ସାହୁ, ପ୍ରଦୀପ ସାହୁ, ଅକ୍ଷୟ ସାହୁ, ଆଶିଷ ବେହେରା, ସିକୁନ ବେହେରା, ☞ପୃଷ୍ଠା–୪



ଦେବାଶିଷ ପାତ୍ର

# ଗ୍ରାମ ସଡ଼କ ନିର୍ମାଣରେ ହେରଫେର

ଭୁବନେଶ୍ୱର,୨୦।୯(ବ୍ୟୁରୋ)

୨୦୧୫ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର ବେଳେ ହୋଟେଲ ରୁମ୍ ବୁକିଂରେ ସ୍ୱାସ୍ଥ୍ୟ ବିଭାଗର କେଳେଙ୍କାରୀ ପଦାକୁ ଆସିଛି। ଉତ୍ସବ ସମୟରେ ଯାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଡାକ୍ତରମାନଙ୍କ ରହଣି ପାଇଁ ପୁରୀ ସହରରେ ୭ଟି ହୋଟେଲ ବୁକିଂ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୯୯୭ ଜଣ କର୍ମଚାରୀଙ୍କ ରହଣି ପାଇଁ ୭ଟି ହୋଟେଲ ମାଲିକଙ୍କ ରୁମ୍ ଭଡା ଦେବାରେ ଜାଲିଆତି କରିଛନ୍ତି। ହୋଟେଲରେ ମାତ୍ର ୪୩୩ ଜଣଙ୍କ ☞ପୃଷ୍ଠା–୪

**ସିଏଜି ରିପୋର୍ଟ**

- ନବକଳେବର ହୋଟେଲ ବୁକିଂରେ କେଳେଙ୍କାରୀ
- ଫେରିଗଲା ୧୫୫ କୋଟି କେନ୍ଦ୍ରୀୟ ସହାୟତା
- ଲୁଣାବନ୍ଧ ନିର୍ମାଣରେ ଚଞ୍ଚକତା, ଠିକାଦାରଙ୍କୁ ଅନୁକମ୍ପା
- ୭୪ ପ୍ରତିଶତ ବାତ୍ୟା ଆଶ୍ରୟସ୍ଥଳ ବ୍ୟବହାର ଅଯୋଗ୍ୟ

# ଗିରଫ ପରେ ଅଭିଜିତଙ୍କୁ ଜାମିନ

ନୂଆଦିଲ୍ଲୀ,୨୦।୯

ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ପ୍ରତି ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଦେଇ ରାଜ୍ୟବାସୀଙ୍କ ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଥିବା ଦିଲ୍ଲୀର ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ନୂଆଦିଲ୍ଲୀରେ ଓଡ଼ିଶା ପୋଲିସ ଗୁରୁବାର ଅଭିଜିତଙ୍କୁ ଗିରଫ କରିବା ପରେ ଏକ ସ୍ଥାନୀୟ କୋର୍ଟ ତାଙ୍କୁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଆସନ୍ତା ୨୮ ତାରିଖରେ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତର ସମ୍ମୁଖୀନ ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଜିତ ଗତ ୧୫ ତାରିଖରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇଥିଲେ। ☞ପୃଷ୍ଠା–୪



ଅଭିଜିତ ଆୟର ମିତ୍ର

- ୨୮ରେ କୋଣାର୍କ ଥାନାରେ ହାଜର ନିର୍ଦ୍ଦେଶ
- ଖାଲିହାତରେ ଦିଲ୍ଲୀରୁ ଫେରିଲା ଓଡ଼ିଶା ପୋଲିସ




Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS

HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com



"ଉଡାଣ ସାଧାରଣ ବ୍ୟକ୍ତିର ଆକାଂକ୍ଷାକୁ ସତ କରିଛି"
- ନରେନ୍ଦ୍ର ମୋଦି

ସତ୍ୟମେବ ଜୟତେ
**ବିମାନ ପରିବହନ ମନ୍ତ୍ରଣାଳୟ**
ଭାରତ ସରକାର

# ପୂର୍ବୋଦୟରୁ ହେବ... ...ନୂତନ ଭାରତର ଉଦୟ

**ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ**

ଟର୍ମିନାଲ କ୍ଷେତ୍ରଫଳ: 4000 ବର୍ଗମିଟର | ପ୍ରକଳ୍ପ ମୂଲ୍ୟ: 210 କୋଟି ଟଙ୍କା | ଅତ୍ୟଧିକ ଗହଳି ସମୟରେ ପରିଚାଳନା କ୍ଷମତା: 300 ଯାତ୍ରୀ

**ଧାରଣଯୋଗ୍ୟ ବୈଶିଷ୍ଟ୍ୟଗୁଡ଼ିକ**

ବର୍ଷାଜଳ ଅମଳ | ବିଶୋଧିତ ଜଳର ପୁନଃ ବ୍ୟବହାର | ପରିବେଶ ପାଇଁ ଅନୁକୂଳ ସ୍ଥାନୀୟ ଭାବରେ ଉପଲବ୍ଧ ନିର୍ମାଣ ସାମଗ୍ରୀର ବ୍ୟବହାର | ଏଲଇଡି ଆଲୋକୀକରଣ | ସୌର ଶକ୍ତି ପ୍ରଣାଳି

**ନରେନ୍ଦ୍ର ମୋଦି**

ପ୍ରଧାନମନ୍ତ୍ରୀଙ୍କ

ଦ୍ୱାରା

## ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ବିମାନ ବନ୍ଦରର

## ଉଦ୍‌ଘାଟନ

*ଏହାଙ୍କ ସଦୟ ଉପସ୍ଥିତିରେ*

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁରେଶ ପ୍ରଭୁ**
କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ତଥା ବିମାନ ସେବା ମନ୍ତ୍ରୀ

22 ସେପଟେମ୍ବର, 2018 | ଅପରାହ୍ନ 12:35 ଘଣ୍ଟା | ଝାରସୁଗୁଡ଼ା ବିମାନ ବନ୍ଦର, ଝାରସୁଗୁଡା

**ଉଡ଼ାଣ (ଉଡ଼ିବେ ଦେଶର ସାଧାରଣ ନାଗରିକ)**

- ଟିୟର-2 ଏବଂ ଟିୟର-3 ସହରଗୁଡ଼ିକ ପାଇଁ କମ୍ ଖର୍ଚ୍ଚରେ ଯୋଗାଯୋଗ
- ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକର ବିକାଶ
- ପର୍ଯ୍ୟଟନ, ବାଣିଜ୍ୟ ଏବଂ ବ୍ୟବସାୟ ପାଇଁ ପ୍ରୋତ୍ସାହନ
- ରୋଜଗାରର ନୂତନ ସୁଯୋଗ




UDAN

# JEE Advanced, JEE Main, KVPY, Olympiads, NSEJS & NTSE aspirants

## What does FIITJEE mean to you ?

**F**ocus
**I**ntensity
**I**magination
**T**enacity
**J**oy
**E**nquiry
**E**nthusiasm

If you have FIITJEE inside you, we give you a Guarantee that you will achieve your goals or your full fee will be refunded*, when you join a FIITJEE Classroom / Integrated School Program.

FIITJEE offers

**Success Guarantee Challenge***

*Available to all Students (presently in class VIII, IX & X) qualifying for admission to FIITJEE, on payment of Success Guarantee Challenge fee which is about 10% of the Gross fee. The challenge emanates from our sincerity, dedication towards Students and our confidence on the basis of our expertise honed by 26 years of experience. Success Guarantee Challenge is optional. For details, please visit your nearest FIITJEE Study Centre.

- **We innovate, others follow**
- ✓ We were the ones who created the first IQ test specifically to test potential of a Student for IIT-JEE / JEE Advanced.
- ✓ We are the only institute in India that has the capability to predict accurate Rank Potential Index (RPI) / Success Potential Index (SPI) of a Student & have the expertise to take the Student beyond the demonstrated potential.
- ✓ We were the first to launch courses for Class VI, VII & VIII focusing on enhancing Logical Thinking, IQ, Mental Ability, at a level required for National Level Scholastic Exams like NTSE & NSEJS.
- ✓ We were the first to give Students the Integrated Environment to have synchronised study, simultaneously preparing the Students for School, Boards & all Competitive Exams.
- ✓ We were the first to launch Four Year rigorous training for IIT-JEE, giving Students more time to prepare and secure the Top Ranks in IIT-JEE along with attaining success in various other Competitive & Scholastic Exams.
- ✓ We were the ones who created the first Crash Correspondence course, Grand Masters Package (GMP) for IIT-JEE enabling a Student, who only prepared for Boards, to start preparing & clear IIT-JEE in 5 – 6 weeks only.
- ✓ We were the first to create & launch an AITS (All India Test Series) for IIT-JEE / JEE Advanced.
- ✓ We are the only institute capable of training faculty for not just IIT-JEE / JEE Advanced but also for JEE Main, KVPY, Olympiads & NTSE. Other institutes have tried & failed miserably.
- ✓ We are the only system driven, corporatised institute in the Test Prep space. Preparing a child for success is much more than mere teaching. No one, we mean no one, except FIITJEE can do it consistently. When your child is at FIITJEE, he / she is in the best system and his / her future does not depend upon chance.
- **Nobody can compare with our results in** JEE Advanced / IIT-JEE, JEE Main, Boards, KVPY, Olympiads, NSEJS & NTSE.
- **No one can beat our expertise** – Our 26 years of unblemished record is filled with excellence & extraordinariness.
- **Total Success Approach** – We prepare our Students comprehensively. Every Student is given the desired inputs to unravel his / her hidden potential & ensure optimum success in JEE Advanced, JEE Main, Boards, KVPY, Olympiads, NSEJS & NTSE. In the end, most of our Students get admission in IITs, NITs & IIITs. Those who cannot fit in Indian Education System are guided successfully for Admission in Top Universities of the world in USA, UK & Singapore. Visit *www.usaunivquest.com*
- **Value System** – We are 100% transparent & truthful. Our value system is uncompromised. In our company, your child will imbibe good value system & positive personality traits.

**In the long run FIITJEE is more beneficial for your success & career even at 10 times the fee of the next coaching institute.**

Dear Students, you need to study with the best. Can you afford to take chances, when your career is at stake ?

*Take your first step & register for*

**BIGBANG EDGE TEST**
**Sunday 14th October 2018**

**For Students Presently in Class V, VI, VII, VIII, IX, X & XI**

For Registration, log on to **www.fiitjeelogin.com** | Last Date to Register : **27th Sept. 2018** with Rs. 200/-* and **11th October 2018** with Rs. 300/-* (*inclusive of GST) | **www.bigbangedge.com**

*FIITJEE Summons You to Experience Success in a Confident Way !*

**FIITJEE**
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph.: 0674 - 2392022, 2396725, 2394925 **Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph: 8117084613, 0674 - 2394825 **Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph: 0671 - 2367105, 9040032630

Join **FIITJEE Junior College at Bhubaneswar** to have Simultaneous preparation for JEE (Main & Advanced) along with that for Board Exams. | **FIITJEE now also at INFOCITY**

**National Admissions Office:** FIITJEE House, 29-A, Kalu Sarai, Sarvapriya Vihar, New Delhi Toll Free No. 1800 11 4242 Web: www.fiitjee.com www.facebook.com/fiitjeeindia123 www.twitter.com/fiitjee www.youtube.com/fiitjeeltd

**Mark this Date**

**FTRE - 2018**
23rd December 2018

**NTSE 2018**
**Results**

**ALL INDIA TOPPER**



Marks - **186 / 197**
L Gokulnath
Four Year Classroom Program + UDAYA - Two Year Classroom Program at FIITJEE Noida Centre

Total **400#** FIITJEE Students have been awarded NTSE Scholarships.
# This is the Highest Number for any institute in the Country. (Results are from General Category only)

**Unable to join our Integrated School or Classroom Program !**
**Solutions ↓**

**For Students of Class XI, XII & XII Pass**

The Ultimate & All-in-One Program !

**Rankers Study Material**
for JEE Advanced 2019 & 2020

Rankers Study Material = Comprehensive Study Material + Computer Based All India Test Series + Concept Strengthening Classroom Program (CSCP) + Phase Tests & Problems Package + myPAT - Online Test Series

**Achievers Study Material**
for JEE Main 2019 & 2020

(Achievers Study Material = Comprehensive Study Material + Computer Based All India Test Series + Phase Tests & Problems Package + myPAT - Online Test Series)

Test your preparedness for JEE with the Best Test Series among all !

**Computer Based All India Test Series**
for JEE Main & Advanced 2019 & 2020

Concept Strengthening Classroom Program* | myPAT - On-line Test Series | On-line doubt removal support | On-line tips & illustrations | Marks also on web for each test with analysis chart at www.fiitjee.com

* Available at all FIITJEE / select AITS Centres.

**For Students of Class XII / XII Pass**

The ideal tool for the Ultimate Finish !

**Grand Masters Package**
for JEE Advanced 2019

An exclusive fundamental search based package of 1500 Top quality problems on new JEE pattern.

**For Students of Class IX & X**

**Junior Rankers Study Material**
for Excellence in Jr. Science / Math Olympiad / School Studies, and Foundation of JEE / KVPY / Olympiads / NTSE

Junior Rankers Study Material = Comprehensive Study Material along with Jr. All India Test Series + Phase Tests & Problems Package + myPAT - Online Test Series

**www.fiitjee-distancelearning.com**
For more details, call : **011 - 46104000**

**FIITJEE TALENT SUPPORT EXAM**
**14th October 2018**
*For JEE 2019 Aspirants !*
(Class XII & XII Pass Students)

Last Date to Register : 11th October 2018
Fee for Exam : Rs. 200/- (inclusive of GST).
For more details, visit **www.ftse.fiitjee.com**

**FIITJEE - THE PREMIER INSTITUTE FOR IIT-JEE and More...**



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**








## ସଂକ୍ଷେପରେ

### ବୈଜୟନ୍ତ, ଅଭିଜିତ, ଆରତିଙ୍କ ନାଁରେ କୋର୍ଟରେ ମାମଲା

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** କୋଣାର୍କ ମନ୍ଦିର, ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ଓଡିଶାବାସୀଙ୍କ ସମ୍ପର୍କରେ ଅପଶବ୍ଦ ପ୍ରୟୋଗ କରିଥିବା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ୨ ସହଯୋଗୀ ଅଭିଜିତ ଆୟର ମିତ୍ର ଓ ଆରତି ଟିକୁ ସିଂଙ୍କ ନାଁରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ ହୋଇଛି। ଆଇନଜୀବୀ ଲଲାଟେନ୍ଦୁ ଦାସଙ୍କ ପକ୍ଷରୁ ଏହି ମାମଲା(୧ସିସି ୩୬୦୯/୨୦୧୮) ଦାଏର କରାଯାଇଛି। ମାମଲାରେ ବୈଜୟନ୍ତଙ୍କୁ ମଧ୍ୟ ଯୋଡ଼ାଯାଇଛି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୮ ତାରିଖରେ ବୈଜୟନ୍ତଙ୍କ ବନ୍ଧୁ ଅଭିଜିତ ଓ ଆରତି ଓଡ଼ିଶା ଭ୍ରମଣରେ ଆସିଥିଲେ। କୋଣାର୍କ, ପୁରୀ ଶ୍ରୀମନ୍ଦିର ଏବଂ ଓଡିଶାବାସୀଙ୍କ ସମ୍ପର୍କରେ ଅପଶବ୍ଦ ପ୍ରୟୋଗ କରି ସୋସିଆଲ ମିଡିଆରେ ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଭଳି କରି ଅଭିଜିତ ରାଜ୍ୟବାସୀଙ୍କୁ ସାରା ବିଶ୍ୱରେ ବଦନାମ କରିବା ସହ ହିନ୍ଦୁଧର୍ମ ସଂସ୍କୃତିକୁ କୁଠାରାଘାତ କରିଛନ୍ତି। କୋର୍ଟ ମାମଲାର ବିଚାର କରି ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲଲାଟେନ୍ଦୁ ନିବେଦନ କରିଛନ୍ତି।

{ ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥିରିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




# ଶୋଇଥିବା ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ବେଲପଡା, ୨୦।୯(ଡି.ଏନ.ଏ.)**



ଧବଳେଶ୍ୱର

ବଲାଙ୍ଗୀର ଜିଲା ବେଲପଡା ଥାନା ମୁଣ୍ଡଦର୍ହ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଅଭିଯୁକ୍ତ ସ୍ୱାମୀ ଧବଳେଶ୍ୱର ଚିରାଗୁନ୍(୪୫) ଗୁରୁବାର ଭୋର ୫ଟାରେ ଥାନାକୁ ଆସି ଆତ୍ମସମର୍ପଣ କରିଛନ୍ତି। ପୋଲିସ ବୈଦେହୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ ଏକ ଶାବଳ ଜବତ କରାଯାଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ତେବେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସନ୍ଦେହ ଯୋଗୁ ଏଭଳି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁଣ୍ଡଦର୍ହ ଗ୍ରାମର ଧବଳେଶ୍ୱର ସ୍ତ୍ରୀ ବୈଦେହୀ ଓ ୨ପୁଅଙ୍କ ସହ ମେହେରପଡାଠାରେ ରହୁଥିଲେ। ଘରେ ଗୋଟିଏ କୋଠରି ଥିବାରୁ ୨ପୁଅ ଗ୍ରାମରେ ଥିବା ଅଜାଙ୍କ ଘରେ ରାତିରେ ଶୋଉଥିଲେ। ଅଧିକାଂଶ ସମୟରେ ସ୍ତ୍ରୀଙ୍କ ଚାଲିଚଳନକୁ ନେଇ ଧବଳେଶ୍ୱର ଅସନ୍ତୋଷ ପ୍ରକାଶ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟରେ ଗଣ୍ଡଗୋଳ ହେଉଥିଲା। ବୁଧବାର ରାତିରେ ବୈଦେହୀ ନିଘୋଡ଼ ନିଦରେ ଶୋଇଥିଲେ। ଏହାର ସୁଯୋଗ ନେଇଥିଲେ ସନ୍ଦେହୀ ସ୍ୱାମୀ ଧବଳେଶ୍ୱର। ସେ ଘରେ ଥିବା ଏକ ଟାଙ୍ଗିଆରେ ବୈଦେହୀଙ୍କ ବେକକୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଧବଳେଶ୍ୱର ବେଲପଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ଅପରାହ୍ନରେ ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କ ଭାଇ ସୁରେଶ ଚିରାଗୁନଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା( ନଂ. ୧୭୦/୧୮)ରୁଜୁ କରିଛି। ଧବଳେଶ୍ୱରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତଦନ୍ତ ଚାଲିଛି। କେଉଁ କାରଣରୁ ଏପରି ଘଟଣା ଘଟିଲା ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଘାସିନାଥ ବେହେରା କହିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ ମୋଦି

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**




- ଶନିବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ
- ତାଳଚେରଠାରେ ସାର କାରଖାନାର କାର୍ଯ୍ୟାରମ୍ଭ କରିବେ
- ଝାରସୁଗୁଡ଼ା ବିମାନ ବନ୍ଦରର ହେବ ଶୁଭାରମ୍ଭ
- ଗର୍ଜନ ବାହାଲ ଓପନ କାଷ୍ଟ ଖଣି, ଝାରସୁଗୁଡ଼ା-ସରଡେଗା ରେଳ ଲାଇନ କାର୍ଯ୍ୟକ୍ଷମ ହେବ
- ଡୁଲଙ୍ଗା କୋଇଲା ଖଣିରୁ ପରିବହନ ଆରମ୍ଭ ହେବ

କୋଇଲାରୁ ଗ୍ୟାସ ଉତ୍ପାଦନ ଦ୍ୱାରା ଦେଶର ପ୍ରଥମ ସାର କାରଖାନା ତାଳଚେରଠାରେ ସ୍ଥାପନ ହେବାକୁ ଯାଉଛି। ବନ୍ଦ ହୋଇ ପଡିଥିବା ଉକ୍ତ କାରଖାନାକୁ ନୂଆ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ପୁନରୁଦ୍ଧାର କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସି ଏହି ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟର ଶୁଭାରମ୍ଭ କରିବେ। ଏହା ସହ ରାଜ୍ୟର ଅନ୍ୟ କେତେକ ପ୍ରକଳ୍ପକୁ ମୋଦି ଭିଡିଓକନଫରେନ୍ସି ଯୋଗେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଏକ ହୋଟେଲରେ ତାଳଚେର ସାର କାରଖାନାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ୟୁ.ଭି. ଧଡକ ଏହି ସୂଚନା ଦେଇଛନ୍ତି। ତାଳଚେରର ଉକ୍ତ ୟୁନିଟ ଗ୍ୟାସ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍), କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ ଆଣ୍ଡ ଫର୍ଟିଲାଇଜର ଲିମିଟେଡ (ଆର୍‌ସିଏଫ୍‌ଏଲ୍) ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଏଫ୍‌ସିଆଇଏଲ୍)ର ମିଳିତ ଉଦ୍ୟମରେ ସ୍ଥାପନ ହେଉଛି। ଏହି ୟୁନିଟରେ ପ୍ରାୟ ୧୩,୦୦୦ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି। ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧.୨୭ ନିୟୁତ ଟନ୍ ଧାର୍ଯ୍ୟ ହୋଇଛି। ରାଜ୍ୟରେ କୌଣସି ୟୁରିଆ ପ୍ଲାଣ୍ଟ ନ ଥିବା ବେଳେ ଏହା ୟୁରିଆ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଏହା ୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୟୁନିଟକୁ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଧଡକ କହିଛନ୍ତି।

ସେହିଭଳି ସୁନ୍ଦରଗଡ ଜିଲାର ଗର୍ଜନ ବାହାଲଠାରେ ଏମ୍‌ସିଏଲର ୨୩୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଓପନ କାଷ୍ଟ ଖଣି, ସରଡେଗାରୁ ଝାରସୁଗୁଡାକୁ ୫୩.୧ କିମି ଦୈର୍ଘ୍ୟ ବିଶିଷ୍ଟ ରେଳପଥର ଲୋକାର୍ପଣ, ଓଡିଶାରେ ଉଡାନ ଯୋଜନା ଅନ୍ତର୍ଗତ ଝାରସୁଗୁଡାରେ ପ୍ରଥମ ବିମାନ ବନ୍ଦରର ଶୁଭ ଉଦଘାଟନ, ସୁନ୍ଦରଗଡର ଡୁଲଙ୍ଗା କୋଇଲା ଖଣିରୁ କୋଇଲା ଉତ୍ପାଦନ ଏବଂ ପରିବହନର ଶୁଭାରମ୍ଭ ମୋଦି ଭିଡିଓକନଫରେନ୍ସି ଯୋଗେ କରିବେ। ଗର୍ଜନବାହାଲ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ବାର୍ଷିକ ୧୩ ନିୟୁତ ଟନ୍ ରହିବ। ଏଠାରେ ପ୍ରତ୍ୟକ୍ଷ ଭାବେ ୮୯୪ ଏବଂ ପରୋକ୍ଷ ଭାବେ ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆରମ୍ଭ ହେବାକୁ ଥିବା ଝାରସୁଗୁଡା-ସରଡେଗା ରେଳ ଲାଇନରେ ମହାନଦୀ କୋଲ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ୍) ୧୧୨୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଛି।

ସେହିଭଳି ଝାରସୁଗୁଡା ବିମାନ ବନ୍ଦର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନତୀକରଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏଥିରେ ୨୧୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି। ୧୦୨୭.୫ ଏକର ସ୍ଥାନରେ ନୂଆ ଏୟାରପୋର୍ଟ ସ୍ଥାପନ ହୋଇଛି। ଏହାର ଟର୍ମିନାଲ ବିଲଡିଂ ୪ ହଜାର ବର୍ଗ ମିଟର ରହିଛି। ଏଠାରେ ଷ୍ଟେଟ ଅଫ୍ ଆର୍ଟ ପାସେଞ୍ଜର ସୁବିଧା, ଟର୍ମିନାଲ ବିଲଡିଂ,୨୩୯୦ ମିଟରର ରନୱେ ରହିଛି। ଏଠାରୁ ଉଡାନ ଯୋଜନାରେ ଭୁବନେଶ୍ୱର, ରାୟପୁର, ରାଞ୍ଚି ଭଳି ସ୍ଥାନକୁ ବିମାନ ସେବା ଉପଲବ୍ଧ ହେବ। ଏହା ବାଦ କୋରାପୁଟର ଜୟପୁର, ସୁନ୍ଦରଗଡର ରାଉରକେଲା ଏବଂ କଳାହାଣ୍ଡିର ଉତକେଲା ବିମାନ ବନ୍ଦରକୁ ମଧ୍ୟ ପ୍ରସ୍ତୁତ କରାଯାଉଥିବା ଜଣାପଡିଛି। ଏହି ୪ ବିମାନବନ୍ଦରର ଉନ୍ନତୀରକରଣ ତଥା ପୁନରୁଦ୍ଧାର ଲାଗି ୩୭୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି। ଖବରଦାତା ସମ୍ମିଳନୀରେ ଏମ୍‌ସିଏଲର ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ଟେକ୍ନିକାଲ ଅପରେଶନ ନିର୍ଦ୍ଦେଶକ ଜେ.ପି ସିଂ, ଏନଟିପିସିର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.ପି ସିହ୍ନା, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ସଦସ୍ୟ(ପ୍ଲାନିଂ) ଏ.କେ ପାଠକ ପ୍ରମୁଖ ଉପସ୍ଥିତ ଥିଲେ।






■ମଧୁସୂଦନପାଲି ବିସ୍ଫୋରଣ ଘଟଣା

# ବାପା, ୨ ପୁଅ ଗିରଫ



ଗିରଫ ବାପ ଓ ୨ପୁଅ।

**ରାଉରକେଲା ଅଫିସ,୨୦।୯**

ଗତ ବିଶ୍ୱକର୍ମା ପୂଜା ଦିନ ସ୍ଥାନୀୟ ମଧୁସୂଦନପାଲି ତେଲୁଗୁ ବସ୍ତିରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଘଟଣାରେ ଗୁରୁବାର ପ୍ଲାଣ୍ଟସାଇଟ ଥାନା ପୋଲିସ ଘର ମାଲିକ ଓ ତାଙ୍କ ୨ ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଜବାହରଲାଲ ଶ୍ରୀବାସ୍ତବ (୬୦), ନିରଞ୍ଜନ ଶ୍ରୀବାସ୍ତବ (୩୮) ଓ ଦୁର୍ଗାପ୍ରସାଦ ଶ୍ରବାସ୍ତବ (୩୫)। ଏନେଇ ପୋଲିସ ଏକ ମାମଲା (ନଂ. ୨୯୧/ ୨୦୧୮) ରୁଜୁ କରିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଶ୍ରୀବାସ୍ତବଙ୍କ ଘରର ଉପର ମହଲାରେ ମହଜୁଦ ଥିବା ବାରୁଦରୁ ଏଭଳି ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଘରର ଛାତ, କାନ୍ଥ ଉଡ଼ିଯାଇଥିବା ବେଳେ ଶତାଧିକ ଲୋକ ବାସହରା ହୋଇଛନ୍ତି। ଶ୍ରୀବାସ୍ତବଙ୍କ ଦୁଇ ବୋହୂ ଡଲି ଓ ରେଖା ଏଥିରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ୫ବର୍ଷର ଶିଶୁକନ୍ୟା ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ପ୍ରାଥମିକ ଶିକ୍ଷକ ମହାସଂଘର ମହାସମାବେଶ ସ୍ଥଗିତ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

୬ଦଫା ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶୁକ୍ରବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ହେବାକୁ ଥିବା ମହାସମାବେଶକୁ ସାମୟିକ ସ୍ଥଗିତ ରଖାଯାଇଛି। ମହାସଂଘ ପକ୍ଷରୁ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ପଦକ୍ଷେପ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ମହାସଂଘର ଆବାହକ ବଙ୍କିମ ଚନ୍ଦ୍ର ସାଗର ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।


CLASSIFIED DISPLAY



























କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ– ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି । –ଶ୍ରୀଅରବିନ୍ଦ

# ବାସ୍ତବ ଆହ୍ୱାନ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କର ଏକ ବୃହତ୍ ନୀତିଗତ ପଦକ୍ଷେପ ସ୍ୱରୂପ ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଯୋଡ଼ି ଭାରତର ତୃତୀୟ ବୃହତ୍ତମ ବ୍ୟାଙ୍କ କରିବା ଲାଗି ସୋମବାର ଘୋଷଣା କରିଛନ୍ତି । ସେହି ବ୍ୟାଙ୍କଗୁଡ଼ିକ ହେଉଛି ବ୍ୟାଙ୍କ ଅଫ୍ ବରୋଦା (ବିଓବି), ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କ । ୨୦୧୮ ମାର୍ଚ୍ଚ ମାସର ତଥ୍ୟ ଅନୁସାରେ ଏହି ସମ୍ମିଳିତ ବ୍ୟାଙ୍କର ବଜାର ଅଂଶ ହେଉଛି ଜମା କ୍ଷେତ୍ରରେ ୭.୨ ପ୍ରତିଶତ ଓ ଋଣ ପ୍ରଦାନ କ୍ଷେତ୍ରରେ ୬.୮ ପ୍ରତିଶତ । ଫଳରେ ଜମା କ୍ଷେତ୍ରରେ ଏହା ଦେଶର ଦ୍ୱିତୀୟ ଏବଂ ଋଣ ପ୍ରଦାନ କ୍ଷେତ୍ରରେ ତୃତୀୟ ବୃହତ୍ତମ ବ୍ୟାଙ୍କରେ ପରିଣତ ହେବ । ପୁଣି ଏହି ମିଶ୍ରିତ ବ୍ୟାଙ୍କର ସାରା ଦେଶରେ ପ୍ରାୟ ୯୫୦୦ ଶାଖା ଥିବାରୁ ଏ କ୍ଷେତ୍ରରେ ଏହା ଦ୍ୱିତୀୟ ବୃହତ୍ତମ ବ୍ୟାଙ୍କରେ ପରିଣତ ହେବ ।

ତେବେ ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ନୁହେଁ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଦୃଢ଼ୀକରଣ ଲାଗି ଅନେକ ବର୍ଷ ତଳୁ କାର୍ଯ୍ୟ ଆରମ୍ଭ ହୋଇଛି । ବାସେଲ–୩ ମାନଦଣ୍ଡ ଅନୁଯାୟୀ ଭାରତୀୟ ବ୍ୟାଙ୍କଗୁଡ଼ିକୁ ବିଶ୍ୱସ୍ତରରେ ପ୍ରତିଯୋଗିତାକ୍ଷମ କରିବା ଲାଗି ସରକାର ଛୋଟ ଛୋଟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଯୋଡ଼ି ବଡ଼କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଗତବର୍ଷ ସରକାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ସହ ଏହାର ପାଞ୍ଚଟି ସହଯୋଗୀ ବ୍ୟାଙ୍କକୁ ଯୋଡ଼ିଥିଲେ । ତଥାପି ଏହା ୪୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିକୁ ନେଇ ପୃଥିବୀର ବୃହତ୍ ୪୦ଟି ବାଣିଜ୍ୟିକ ବ୍ୟାଙ୍କ ମଧ୍ୟରେ ସାମିଲ ହୋଇପାରିନାହିଁ ।

ଏହି ମିଶ୍ରଣର ଉଦ୍ଦେଶ୍ୟ ହେଉଛି ପରିଚାଳନା ଖର୍ଚ୍ଚ ହ୍ରାସ କରି ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା । ଏହାଦ୍ୱାରା ସମ୍ପୃକ୍ତ ବ୍ୟାଙ୍କ ଓ ତା'ର ଶାଖାଗୁଡ଼ିକ ମଧ୍ୟରେ କାରବାରଗତ ଓଭରଲ୍ୟାପିଂ (ଅଧିବ୍ୟାପନ) ଦୂର ହୋଇପାରିବ । ବଡ଼ ପରିମାଣର ଅଗ୍ରିମ ବା ଋଣ ପ୍ରଦାନରେ ମଧ୍ୟ ଏହା ସହାୟକ ହୋଇପାରିବ । ବର୍ତ୍ତମାନ ଅଳ୍ପ କେତୋଟିକୁ ଛାଡ଼ିଦେଲେ ଅଧିକାଂଶ ଭାରତୀୟ ବ୍ୟାଙ୍କ ଆର୍ଥିକ କାରବାର ଦୃଷ୍ଟିରୁ ଛୋଟ ହୋଇଥିବାରୁ ବଡ଼ ବଡ଼ କର୍ପୋରେଟ୍ ହାଉସ୍ ବା ସର୍ବସାଧାରଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକକ ଭାବରେ ବଡ଼ ପରିମାଣର ଋଣ ପ୍ରଦାନ କରିପାରୁ ନାହାନ୍ତି । ସେଥିପାଇଁ ଏକାଧିକ ବ୍ୟାଙ୍କ ମିଳିତଭାବରେ ଋଣ ଦେବାକୁ ପଡୁଛି । ଯେତେବେଳେ ସମ୍ପୃକ୍ତ ସଂସ୍ଥା ଋଣ ପଇଠ କରିବାରେ ଅବହେଳା କରୁଛି, ସେତେବେଳେ ଉକ୍ତ ବ୍ୟାଙ୍କଗୁଡ଼ିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସମସ୍ୟା ଉପୁଜୁଛି ।

## ଆଜିର ଅର୍ଥନୀତି

ଏହି ନିଷ୍ପତ୍ତି ନେବା ବେଳେ ପରିପୂରକତ୍ୱ, ବୃଦ୍ଧି ସମ୍ଭାବ୍ୟତା ଏବଂ ଖର୍ଚ୍ଚକାଟ ପରି ଦିଗଗୁଡ଼ିକ ବିଷୟରେ ସରକାର ବିଚାର କରିବା କଥା । କିନ୍ତୁ ତାହା କରାଯାଇ ନାହିଁ, ଯଦିଚ ସରକାର ସେସବୁ କରାଯାଇଛି ବୋଲି ଦାବି କରୁଛନ୍ତି । ଦୁଇଟି ଛୋଟ ବ୍ୟାଙ୍କ, ବିଶେଷତଃ ଦେନା ବ୍ୟାଙ୍କର ଖରାପ ଋଣଜନିତ ସଂକଟ ପରିପ୍ରେକ୍ଷୀରେ ସରକାର ତରବରିଆ ଭାବେ ଉକ୍ତ ତିନୋଟି ବ୍ୟାଙ୍କକୁ ଯୋଡ଼ିବା ଲାଗି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି । ଉକ୍ତ ତିନୋଟି ବ୍ୟାଙ୍କ ମଧ୍ୟରୁ ଦେନା ବ୍ୟାଙ୍କର ଆର୍ଥିକ ଅବସ୍ଥା ସବୁଠୁ ଖରାପ । ମାର୍ଚ୍ଚ ୨୦୧୮ ସୁଦ୍ଧା ଗତ ତିନି ବର୍ଷରେ ତଥା ୨୦୧୮ ଜୁନ୍ ତ୍ରିମାସୀରେ ଏହାର କେତେ କ୍ଷତି ଘଟିଛି ସେ ସମ୍ପର୍କରେ ବ୍ୟାଙ୍କ ରିପୋର୍ଟ ପ୍ରକାଶ କରିଛି ।

ସରକାର ମିଶ୍ରଣ ସମ୍ପର୍କରେ ଘୋଷଣା କରିବା ପରେ ପରେ ମଙ୍ଗଳବାର ବିଓବିର ଶେୟାର ମୂଲ୍ୟ ହ୍ରାସ ପାଇବା ବେଳେ ଦେନା ବ୍ୟାଙ୍କର ଶେୟାର ମୂଲ୍ୟ ମାତ୍ରାଧିକ ବୃଦ୍ଧି ପାଇ ଅପର ସର୍କିଟ୍ ଛୁଇଁଛି । ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ । ତିନୋଟି ସବୁଠୁ ଦେବାଳିଆ ବ୍ୟାଙ୍କ ମଧ୍ୟରେ ଦେନା ବ୍ୟାଙ୍କର ଆର୍ଥିକ ଅବସ୍ଥା ସବୁଠୁ ଖରାପ ଏବଂ ଏହା ରିଜର୍ଭ ବ୍ୟାଙ୍କର ତ୍ୱରିତ ସଂଶୋଧନୀ କାର୍ଯ୍ୟାନୁଷ୍ଠାନ ଢାଞ୍ଚା ମଧ୍ୟରେ ରହିଛି । ତେଣୁ ମିଶ୍ରଣ ପରେ ଏହାର ଶେୟାରହୋଲ୍‌ଡରମାନେ ଆର୍ଥିକ ଭାବରେ ଅଧିକ ସୁଦୃଢ଼ ସମ୍ମିଳିତ ବ୍ୟାଙ୍କରୁ ନିଶ୍ଚିତ ଭାବେ ଲାଭ ପାଇବେ ।

ଛୋଟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବିପୁଳ ଅଚଳ ପରିସମ୍ପତ୍ତି ଯୋଗୁ ଦେବାଳିଆ ହେବା ଏବଂ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ଟାଣଟୁଣ ଅବସ୍ଥା ଦେଇ ଗତି କରିବା ଯୋଗୁ ବାଧ୍ୟ ହୋଇ ଉକ୍ତ ତିନୋଟି ବ୍ୟାଙ୍କର ମିଶ୍ରଣ କରିବାକୁ ଯାଉଛନ୍ତି । ବର୍ତ୍ତମାନ ଦେଶରେ ସବୁ ବ୍ୟାଙ୍କର ମୋଟ ଖରାପ ଋଣ ପରିମାଣ ୧୦ ଲକ୍ଷ କୋଟିରୁ ଅଧିକ ହେବ । ଗତବର୍ଷ ସରକାର ଏସ୍‌ବିଆଇ ସହ ଏହାର ପାଞ୍ଚଟି ସହଯୋଗୀ ବ୍ୟାଙ୍କର ମିଶ୍ରଣ କରିଥିଲେ । ଗତମାସରେ ଏଲ୍ଆଇସିକୁ ରୁଗ୍ଣ ଆଇଡିବିଆଇ ବ୍ୟାଙ୍କକୁ ଦେବାଳିଆପଣରୁ ମୁକ୍ତ କରିବାକୁ ବାଧ୍ୟ କରାଯାଇଥିଲା ।

ଗୋଟିଏ ସୁସ୍ଥ ଆର୍ଥିକ ସଂସ୍ଥାକୁ ଏକ ଦେବାଳିଆ ସଂସ୍ଥାକୁ ଆପଣେଇନେବା ଲାଗି କୁହାଯିବା ସମସ୍ୟାର ସର୍ବୋତ୍ତମ ସମାଧାନ ନୁହେଁ । କାରଣ ଏହାଦ୍ୱାରା ଉଭୟେ ରୁଗ୍ଣ ହୋଇପଡ଼ିବାର ଆଶଙ୍କା ଅଛି । ତେବେ ଉକ୍ତ ମିଶ୍ରଣକୁ ପୂରା ଖରାପ ବୋଲି କୁହାଯାଉ ନାହିଁ । ଏହା ନିଶ୍ଚିତରୂପେ ସମସ୍ୟାର ମୁକାବିଲା କରିବାର ଗୋଟିଏ ବାଟ । ତେବେ ବ୍ୟାଙ୍କଗୁଡ଼ିକ କିପରି ଦେବାଳିଆ ନ ହେବେ ଏବଂ ଲାଭକାରୀ ହେବେ, ସରକାର ସେ ବ୍ୟବସ୍ଥା କରିବା ଦରକାର । ଉକ୍ତ ମିଶ୍ରଣ ପ୍ରକ୍ରିୟାରେ ମଧ୍ୟ ବିଜ୍‌ନେସ୍ ପୋର୍ଟଫୋଲିଓଗୁଡ଼ିକୁ ଗୋଟିଏ ବ୍ୟାଙ୍କ ଅଧୀନକୁ ଆଣିବା, ଆଇଟି ବ୍ୟବସ୍ଥା ଏବଂ ମାନବସମ୍ବଳ ଆଦି ସମ୍ବନ୍ଧିତ ଅନେକ ଝାମେଲା ଅଛି । ଏ ପ୍ରକ୍ରିୟା ଭାବିଚିନ୍ତି ଦୂରଦୃଷ୍ଟିର ସହ କରିବା ଉଚିତ । ବୋର୍ଡଗୁଡ଼ିକ ବସି ନିଜର ସାଧାରଣ ଓ ଏକକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଦରକାର । ସମସ୍ତଙ୍କ ସହଯୋଗ ଭିତ୍ତିରେ ସବୁକିଛି ହେବା ପାଇଁ ଚେଷ୍ଟା କରାଯିବା ଉଚିତ । ମିଶ୍ରଣ ପରେ ବ୍ୟାଙ୍କକୁ ବିଶ୍ୱମାନର କରିବା ଏବଂ ଏହା ଉପରେ ଯେପରି ରାଜନୈତିକ ହସ୍ତକ୍ଷେପ ନ ରହେ, ସେ ଦିଗରେ ଉଦ୍ୟମ କରାଯିବା ଦରକାର । ଏହା ହିଁ ହେଉଛି ବାସ୍ତବ ଆହ୍ୱାନ ।

# ପାକିସ୍ତାନର ଭବିଷ୍ୟତ



ଶରତ ଚନ୍ଦ୍ର ମିଶ୍ର

ଆନ୍ତର୍ଜାତିକ ମାନଦଣ୍ଡ, ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ପାକିସ୍ତାନ ଏକ ମଧ୍ୟମବର୍ଗର ବିକାଶଶୀଳ ରାଷ୍ଟ୍ର । ଏହାର ମାନବ ସମ୍ପଦ ସୁଗଠିତ, ବଳବାନ୍ ଓ ଦେଶ ଉତ୍ତମମାନର ସୈନିକ, ଚାଷୀ ଓ କାରିଗରରେ ଭରପୂର । ପଞ୍ଜାବ ପ୍ରଦେଶରେ ଜଳସେଚିତ ଜମି, ସିନ୍ଧୁନଦୀ ଓ ତାହାର ଶାଖାନଦୀ, ବେଲୁଚିସ୍ତାନର ଖଣିଜ ସମ୍ପଦ ଓ ପ୍ରାକୃତିକ ଗ୍ୟାସ, ଉତ୍ତରାଞ୍ଚଳର ପ୍ରାକୃତିକ ଦୃଶ୍ୟ, ଗିରିଶୃଙ୍ଗ, କରାଚୀର ବ୍ୟବସାୟିକ ପରମ୍ପରା, ଆରବ ସାଗର ସନ୍ନିହିତ ସୁଦୀର୍ଘ ଉପକୂଳର ଅବସ୍ଥିତି ହେତୁ ପାକିସ୍ତାନ ଏକ ସମୃଦ୍ଧିଶାଳୀ ଓ ଆକର୍ଷଣୀୟ ରାଷ୍ଟ୍ର ହେବାର ସମସ୍ତ ଉପାଦାନ ପ୍ରାପ୍ତ ହୋଇଛି । ବାଂଲାଦେଶ ମୁକ୍ତିଯୁଦ୍ଧ (୧୯୭୧)ରେ ଦେଶ ଦ୍ୱିଖଣ୍ଡିତ ହେବା ପର୍ଯ୍ୟନ୍ତ, ପାକିସ୍ତାନ ବିଶ୍ୱର ସର୍ବବୃହତ୍ ମୁସଲିମ୍ ରାଷ୍ଟ୍ର ଥିଲା ଓ ପାକିସ୍ତାନ ସୃଷ୍ଟିର ପ୍ରଥମ ପଚିଶ ବର୍ଷ ପର୍ଯ୍ୟନ୍ତ ଏହା ବିଶ୍ୱର ସବୁଠାରୁ ଅଗ୍ରଗଣ୍ୟ ମୁସଲିମ ରାଷ୍ଟ୍ର ଭାବେ ବିବେଚିତ ହେଉଥିଲା । ସତୁରିଦଶକରେ ଅପ୍ରତ୍ୟାଶିତ ତୈଳ ଦର ବୃଦ୍ଧି ହେତୁ, ମଧ୍ୟପ୍ରାଚ୍ୟର ଦେଶମାନେ ଧନଶାଳୀ ହୋଇଉଠିଲେ ଓ ପାକିସ୍ତାନ ଦ୍ୱିଖଣ୍ଡିତ ହୋଇ ନିଜର ଶ୍ରେଷ୍ଠତ୍ୱ ହରାଇ ବସିଲା । ଏବେ ମଧ୍ୟ ୫୨ଟି ମୁସଲମାନ ଦେଶ ମଧ୍ୟରେ ପାକିସ୍ତାନ ୫/୬ଟି ଆଗୁଆ ମୁସଲିମ ରାଷ୍ଟ୍ର ମଧ୍ୟରେ ପରିଗଣିତ । ପାକିସ୍ତାନ ହିଁ ଏକମାତ୍ର ଜଣାଶୁଣା ପରମାଣୁ ଶକ୍ତିସମ୍ପନ୍ନ ମୁସଲିମ ରାଷ୍ଟ୍ର, ଯଦିଓ ପୂର୍ବତନ ସୋଭିଏଟ ରୁଷିଆର କେତେକ ମୁସଲମାନ ରାଷ୍ଟ୍ର ପାଖରେ ପରମାଣୁ ଶକ୍ତି ଥିବାର ସନ୍ଦେହ କରାଯାଏ । ପୃଥିବୀର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ସହିତ ପାକିସ୍ତାନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଚାଇନା ସହିତ ସମ୍ପର୍କ ନିବିଡ ଓ ଆମେରିକାର ଟ୍ରମ୍ପ ଶାସନ ସହିତ ସମ୍ପର୍କରେ କିଛିଟା ଶିଥିଳତା ପରିଲକ୍ଷିତ । ଅନେକ ଶିକ୍ଷିତ ପାକିସ୍ତାନୀ ବିଶେଷତଃ ମୋହାଜିରମାନେ ଆମେରିକା, ଇଂଲଣ୍ଡ ଓ କାନାଡାରେ ଡାକ୍ତର, ଇଞ୍ଜିନିୟର ଓ ଅଧ୍ୟାପକ ଆଦି ବୌଦ୍ଧିକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ମଧ୍ୟପ୍ରାଚ୍ୟରେ ବହୁ ସଂଖ୍ୟାରେ ପାକିସ୍ତାନୀ କୁଶଳୀ ଓ ଅର୍ଦ୍ଧକୁଶଳୀ କାରିଗର କାର୍ଯ୍ୟରତ ।

ପାକିସ୍ତାନର ସେନା ମୁସଲିମ ଜଗତର ସବୁଠାରୁ ବଳଶାଳୀ ଓ ଆଧୁନିକ । ସାମରିକ ବାହିନୀ ପାଖରେ F–16 ବିମାନ, AWACS ବିମାନ, M–48 ଟ୍ୟାଙ୍କ ଓ ଅତ୍ୟାଧୁନିକ ବୁଡ଼ାଜାହାଜ ଆଦି ଉଚ୍ଚମାନର ଅସ୍ତ୍ରଶସ୍ତ୍ର ମହଜୁଦ । ପାକିସ୍ତାନ ଚାଇନାଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରାପ୍ତ ହେଉଛି । ପାକିସ୍ତାନ ସେନା ଅଫିସରମାନେ ଅନେକ ମୁସଲିମ ରାଷ୍ଟ୍ରରେ ପ୍ରଶିକ୍ଷଣ ପ୍ରଦାନ କରନ୍ତି । ଦେଶରକ୍ଷା ବାହିନୀର ଅନେକ ଅଫିସର ଆମେରିକାରେ ପ୍ରଶିକ୍ଷଣପ୍ରାପ୍ତ । ଏ ସମସ୍ତ ସକାରାତ୍ମକ କାରକ ସତ୍ତ୍ୱେ ବିଶ୍ୱ ଦରବାରରେ ଅଧୁନା ପାକିସ୍ତାନକୁ ଏକ ବିଫଳ ରାଷ୍ଟ୍ର ବୋଲି ବିବେଚନା କରାଯାଉଛି । ଦେଶ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତିକରୁଛି । ବିଦେଶୀମାନେ ଋଣ ପ୍ରଦାନ କରିବାକୁ ଓ ପୁଞ୍ଜି ନିବେଶ କରିବାକୁ ପ୍ରସ୍ତୁତ ନୁହନ୍ତି । ନିଜର ସକାରାତ୍ମକ ଉପାଦାନଗୁଡିକୁ ପାକିସ୍ତାନ କେଉଁ ପରିସ୍ଥିତିରେ ଉପଯୁକ୍ତ ବିନିଯୋଗ କରିବାରେ ସମର୍ଥ ହୋଇନାହିଁ, ତାହା ଆଲୋଚ୍ୟ ।

ଅବିଭକ୍ତ ଭାରତରେ ଇଂଲିଶ ଶିକ୍ଷାପ୍ରାପ୍ତ ମୁସଲିମ ମଧ୍ୟବିତ୍ତ ଶ୍ରେଣୀ, ହିନ୍ଦୁ ମଧ୍ୟବିତ୍ତ ଶ୍ରେଣୀ ସହିତ ପ୍ରତିଯୋଗିତା କରି ନ ପାରି, ନିଜ ନିମନ୍ତେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କଲା ଓ ସେଇ ଅଭୀଷ୍ଟ ସାଧନ ନିମନ୍ତେ ଧର୍ମ ଓ ସାମନ୍ତବାଦୀ ଶକ୍ତିର ସାହାଯ୍ୟ ନେଲା । ୟୁରୋପରେ ରାଜ୍ୟ ଶାସନରେ ଚର୍ଚ୍ଚର ପରାଜୟ ପରେ, ଧର୍ମଭିତ୍ତିରେ କୌଣସି ରାଷ୍ଟ୍ର ଗଠନ ହୋଇ ନ ଥିଲା ଓ ତୁରସ୍କର ଖଲିଫା ପଦ ଉଚ୍ଛେଦ ପରେ ମୁସଲିମ ଜଗତରୁ ମଧ୍ୟ ଧର୍ମର ପ୍ରଭାବ ହ୍ରାସ ପାଇଆସୁଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଧର୍ମଭିତ୍ତିରେ ଇସ୍ରାଏଲ ଓ ପାକିସ୍ତାନ ଗଠନ ହେଲେ ହେଁ, ଇସ୍ରାଏଲ ଧର୍ମକୁ ଦେଶ ଶାସନରେ କୌଣସି ପ୍ରାଧାନ୍ୟ ପ୍ରଦାନ କରି ନାହିଁ । ପକ୍ଷାନ୍ତରେ ପାକିସ୍ତାନରେ ଦେଶ ଶାସନରେ ଇସଲାମର ଭୂମିକା ଏବେ ମଧ୍ୟ ଏକ ବିବାଦୀୟ ବିଷୟ । ପାକିସ୍ତାନର ସମ୍ଭ୍ରାନ୍ତବର୍ଗ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ଶିକ୍ଷାପ୍ରାପ୍ତ ଓ ପୁଞ୍ଜିବାଦୀ ପଦ୍ଧତିର ଭୋଗବାଦରେ ବିଶ୍ୱାସୀ । ଅନେକ ବ୍ୟକ୍ତି କିନ୍ତୁ ଦେଶ ପରିଚାଳନାରେ ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ବିଶ୍ୱାସୀ । ଏଇ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପାକିସ୍ତାନ ସମାଜ ଓ ରାଷ୍ଟ୍ର ଆଧୁନିକତାର ସ୍ୱାଦ ପାଇପାରିବ ନାହିଁ । ଧର୍ମର ଭୂମିକାର ଦ୍ୱନ୍ଦ୍ୱ ନେଇ, ଅହମଦିଆଙ୍କୁ ଅଣମୁସଲିମ୍ ଘୋଷଣା, ସଂଖ୍ୟାଲଘୁଙ୍କ ପ୍ରତି ଅବହେଳା ଓ ଅତ୍ୟାଚାର, ଶିୟା–ସୁନ୍ନି ସଂଘର୍ଷ, ସରିଆତ କୋର୍ଟ ପ୍ରତିଷ୍ଠା ଓ ତାଲିବାନର ସୃଷ୍ଟି ଆଦି ବିଭେଦକାରୀ ଶକ୍ତି ସମାଜରେ ମୁଣ୍ଡ ଟେକିଛି । ପାକିସ୍ତାନର ପ୍ରତିଷ୍ଠାତା ଜିନ୍ନା ଜଣେ ଶିୟା ମୁସଲମାନ ଥିଲେ । ବର୍ତ୍ତମାନ କିନ୍ତୁ ଶିୟାମାନେ ଅସୁରକ୍ଷିତ ଜୀବନଯାପନ କରୁଛନ୍ତି । ବ୍ରିଟିଶ କାଉନସିଲ ଦ୍ୱାରା ଏକ ସର୍ଭେରୁ ଜଣାଯାଏ ଯେ, ଦେଶରେ ଚାରିଭାଗରୁ ତିନିଭାଗ ବ୍ୟକ୍ତି ନିଜକୁ ପ୍ରଥମେ ମୁସଲମାନ ଓ ପରେ ପାକିସ୍ତାନୀ ବୋଲି ବିଚାର କରନ୍ତି । ପାକିସ୍ତାନୀ ଜାତୀୟତାବାଦ ଏ ଯାବତ୍ ସୃଷ୍ଟି ହୋଇପାରିନାହିଁ । ପାକିସ୍ତାନ ଏ ପର୍ଯ୍ୟନ୍ତ ଆତ୍ମ–ପରିଚୟ ଅନ୍ୱେଷଣରେ ବ୍ୟସ୍ତ ।

ପୂର୍ବରେ ଭାରତର ବଳଶାଳୀ ସାମରିକ ଶକ୍ତି ଓ ପଶ୍ଚିମରେ ଆଫଗାନିସ୍ତାନ ସହିତ ବିରୋଧ ଭାବ ହେତୁ, ପାକିସ୍ତାନ ଏକ ମହାଶକ୍ତିର ଆଶ୍ରୟ ନେବାକୁ ବାଧ୍ୟ । ନିଜଠାରୁ ପ୍ରତ୍ୟେକ କ୍ଷେତ୍ରରେ ୫/୬ ଗୁଣ ବଡ ଓ ବଳଶାଳୀ ଭାରତ ସାଙ୍ଗରେ ଏକାଧିକ ବାର ଯୁଦ୍ଧ କରି ପାକିସ୍ତାନ ଅପଦସ୍ଥ ହୋଇଛି ଓ ପ୍ରତ୍ୟେକ ଯୁଦ୍ଧ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଇଛି । ପ୍ରତ୍ୟେକ ଯୁଦ୍ଧ ପରେ ପୁଣି ଆମେରିକା ଓ ଚାଇନା ପାଖରେ ଶରଣ ପଶି, ଦେଶର ସାର୍ବଭୌମତ୍ୱକୁ ଏକପ୍ରକାର ଜଳାଞ୍ଜଳି ପ୍ରଦାନ କରିଛି ।

କଶ୍ମୀର ଅଧିକାର ପାକିସ୍ତାନୀ ଶାସକ ଗୋଷ୍ଠୀର ଏକ ଅଧୁରା ସ୍ୱପ୍ନ । ତତ୍‌ସହିତ ୧୯୭୧ ମସିହାର ପରାଜୟର ପ୍ରତିଶୋଧ ନେବା ଆଶା ଏକ ଅନିର୍ବାଣ ଶିଖା । ଫଳତଃ ବଜେଟର ପ୍ରାୟ ତିରିଶ ଭାଗ ଦେଶରକ୍ଷା ବାହିନୀ ନିମନ୍ତେ ବ୍ୟୟ ହେଉଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଜନମଙ୍ଗଳ କାର୍ଯ୍ୟ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ରହୁନାହିଁ । ଇସ୍‌ଲାମ ଓ ଗଣତନ୍ତ୍ର, ଦୁଇଟି ପରସ୍ପରବିରୋଧୀ ଧାରଣା । ଦେଶର ନ୍ୟସ୍ତସ୍ୱାର୍ଥ ଶାସକ ଗୋଷ୍ଠୀ, ଜନସାଧାରଣଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ କ୍ଷମତା ପ୍ରଦାନ କରିବାକୁ ଅନିଚ୍ଛୁକ । ଗଣତନ୍ତ୍ରର ଅଭାବ ହେତୁ, ଜନହିତକର କାର୍ଯ୍ୟ ନିମନ୍ତେ ଚାପ ସୃଷ୍ଟି ହୋଇପାରୁନାହିଁ ।

ଦେଶର ବିଭିନ୍ନ ଗୋଷ୍ଠୀ, ଯଥା ପଞ୍ଜାବୀ, ପଠାନ, ବେଲୁଚି, ସିନ୍ଧୀ ଓ ମୋହାଜିରଙ୍କ ମଧ୍ୟରେ ଏକ ସହଯୋଗ ବାତାବରଣ ସୃଷ୍ଟି ହୋଇପାରୁନାହିଁ । ଦେଶର ସଂଖ୍ୟାଗରିଷ୍ଠ ପଞ୍ଜାବୀ (୫୬%) ମାନେ ଅନ୍ୟମାନଙ୍କୁ ଶୋଷଣ କରୁଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରନ୍ତି । ବ୍ରିଟିଶ କାଉନସିଲ ତଥ୍ୟ ଅନୁସାରେ ଦେଶର ଅଧିକାଂଶ ବ୍ୟକ୍ତି (୯୦%)ଙ୍କର ଶାସନ କଳ ଉପରେ ବିଶ୍ୱାସ ନାହିଁ ଓ ୮୦% ଯୁବଗୋଷ୍ଠୀ, ଦେଶ ଭଲ ଦିଗରେ ଗତି କରୁନାହିଁ ବୋଲି ମନେକରନ୍ତି । ଏ ପରିପ୍ରେକ୍ଷୀରେ ଶାସକ ଗୋଷ୍ଠୀ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରି ଓ କଶ୍ମୀର ସମସ୍ୟା ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରି ଦେଶବାସୀଙ୍କୁ ଏକତ୍ର କରିବାକୁ ଚାହାନ୍ତି । ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ଭାରତ ବିରୋଧରେ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ପ୍ରଦାନ କରିବା ଫଳରେ, ପାକିସ୍ତାନ ସନ୍ତ୍ରାସବାଦର ଅନ୍ତୁଡିଶାଳ ବୋଲି ବିଦେଶରେ ଧାରଣା ।

ନିଜର ମଧ୍ୟମ ବର୍ଗର ବାସ୍ତବତାକୁ ଭୁଲି ସମସ୍ତ କାରକରେ ନିଜଠାରୁ ଢେର ବେଶି ବଡ ଭାରତ ସହିତ ସମତାର ମନୋଭାବ ପାକିସ୍ତାନୀ ଶାସକ ଗୋଷ୍ଠୀକୁ ଆକ୍ରାନ୍ତ କରିଛି ଓ ତାହା ହିଁ ଦେଶର ଅଧୋଗତିର ମୁଖ୍ୟ କାରଣ । ଜଣେ ପାକିସ୍ତାନୀ ବୁଦ୍ଧିଜୀବୀଙ୍କ ମତରେ ପାକିସ୍ତାନ ପକ୍ଷରେ ଦୁଇଟି ବିକଳ୍ପ ଅଛି । ଶାନ୍ତିପୂର୍ଣ୍ଣ ଭାବରେ ଭାରତର କାନାଡା ହେବ ନା ମେକ୍‌ସିକୋ ପରି ଚିରଦିନ ଈର୍ଷା କରି ହନ୍ତସନ୍ତ ହେବ । ବୁଦ୍ଧିଜୀବୀ ଜଣକ ଏଠାରେ ଭାରତକୁ ଆମେରିକା ସହିତ ତୁଳନା କରି, ନିଜ ଦେଶର ନେତାଙ୍କୁ କାନାଡା ପଥ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

ସମାଜରେ ସାମନ୍ତବାଦର ପ୍ରଭାବ ଅକ୍ଷୁଣ୍ଣ । ପୁଞ୍ଜିବାଦ ଓ ସାମନ୍ତବାଦର ଚିରାଚରିତ ସଂଘର୍ଷ ଏ ଯାବତ୍ ରୂପ ନେଇନାହିଁ । ସମାଜବାଦର ଧ୍ୱନି ଏ ପର୍ଯ୍ୟନ୍ତ ଜନସମାଜକୁ ସ୍ପର୍ଶ କରିନାହିଁ । ଜନସାଧାରଣଙ୍କ ଦାରିଦ୍ର୍ୟ, ଅଶିକ୍ଷା ଜନିତ ଗ୍ଲାନିକୁ ଧର୍ମର ଦୁହାଇଦେଇ ଭିନ୍ନ ପଥରେ ପରିଚାଳିତ କରିବାକୁ ଉଦ୍ୟମ ହେଉଛି । ସମାଜରେ ଆମେରିକା, ଚାଇନା ଓ ସଉଦୀ ଆରବର ପ୍ରଭାବ ସୁସ୍ପଷ୍ଟ । ଦେଶର ନ୍ୟସ୍ତସ୍ୱାର୍ଥ ଶାସକ ଗୋଷ୍ଠୀ ଏକ ବିସ୍ଫୋରକ ପରିସ୍ଥିତି ଉପରେ ଆସୀନ ଓ ଜନସାଧାରଣଙ୍କ ବିସ୍ଫୋରଣ କେତେକାଳ ପର୍ଯ୍ୟନ୍ତ ପ୍ରତିହତ କରିପାରିବେ, ତାହା ସମୟ କହିବ ।

ମୋ: ୯୯୩୭୪୨୨୫୨୧

# ଶହୀଦ ଇମାମ ହୁସେନ



ଇଂ. ରୌଶନ ଖାନ୍

ମାନବିକତାର ସୁରକ୍ଷା ପାଇଁ ଯେଉଁମାନେ ଈଶ୍ୱରଙ୍କ ପଥରେ ଜୀବନ ଉତ୍ସର୍ଗ କରନ୍ତି ଓ ଦେଶମାତୃକାକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଯୁଦ୍ଧ କରି ପ୍ରାଣବଳି ଦେଇଥାନ୍ତି, ସେମାନଙ୍କୁ 'ଶହୀଦ' କୁହାଯାଏ । ସେହିପରି ଜଣେ ଦେବପୁରୁଷ ଥିଲେ ହଜରତ ଇମାମ୍ ହୁସେନ । ସେ ଇରାକର କରବଲା ମୈଦାନରେ ଯୁଦ୍ଧ କରି ୬୧ ହିଜିରି ମହରମ ୧୦ ଦିନ ଶହୀଦ ହୋଇଥିଲେ । ସେ ହେଉଛନ୍ତି ହଜରତ ମହମ୍ମଦଙ୍କ ନାତି ଓ ଚତୁର୍ଥ ଖଲିଫା ହଜରତ ଅଲ୍ଲିଙ୍କ ପୁତ୍ର ।

ଈଶ୍ୱରଙ୍କ ନାମରେ ଧର୍ମକୁ ଆଳ କରି ଯେଉଁମାନେ ଈଶ୍ୱରଙ୍କ ମାର୍ଗରେ ସର୍ବସ୍ୱ ତ୍ୟାଗ କରୁଥିବା ନିରୀହ ବ୍ୟକ୍ତିମାନଙ୍କୁ ହତ୍ୟା କରନ୍ତି, ସେମାନେ କେବଳ ନିଜ ଦେଶ, ଜାତି ବା ଧର୍ମର ଶତ୍ରୁ ନୁହନ୍ତି ବରଂ ସମଗ୍ର ମାନବସମାଜର ଶତ୍ରୁ । ପରକାଳରେ ସେମାନଙ୍କ ବାସସ୍ଥାନ ନର୍କ ହେବ ଓ ସେଠାରେ ସେମାନେ କଠୋର ଶାସ୍ତି ଭୋଗ କରିବେ ବୋଲି ପବିତ୍ର କୋରାନ କହିଥାଏ । (ଅଲ ନିସା : ୯୪) । କଲ୍‌ମା (ମୁସଲିମ ମୂଳମନ୍ତ୍ର) ପଢୁଥିବା ଜଣେ ବ୍ୟକ୍ତି ନିଜକୁ ଧାର୍ମିକ ବୋଲାଉଥିଲେ ସୁଦ୍ଧା ସେ ଯଦି ଅନ୍ୟ ଜଣେ ଈଶ୍ୱରବିଶ୍ୱାସୀଙ୍କ ପ୍ରାଣନାଶ କରେ, ତେବେ ଏହାଠାରୁ ବଳି ଦୁର୍ଭାଗ୍ୟଜନକ କଥା ଆଉ କ'ଣ ଥାଇପାରେ ! ସପ୍ତମ ଶତାବ୍ଦୀରେ ସେହିପରି ଏକ ହୃଦୟବିଦାରକ ଘଟଣା ଇସଲାମ ଇତିହାସକୁ ରକ୍ତରଞ୍ଜିତ କରିଥିଲା ।

ହଜରତ ମହମ୍ମଦଙ୍କ ଦେହାବସାନର ୩୦ ବର୍ଷ ପରେ ମାୱିଆଙ୍କ ପୁତ୍ର ୟଜିଦ୍ ନାମକ ଜଣେ ସ୍ୱେଚ୍ଛାଚାରୀ ଶାସକ ଖଲିଫା ରୂପେ ଶାସନ ଗାଦି ଅକ୍ତିଆର କଲେ । କିନ୍ତୁ ସେତେବେଳେ ହଜରତ ଇମାମ୍ ହୁସେନ ସେହି ଇସଲାମ ବିରୋଧୀ ବଂଶାନୁକ୍ରମିକ ଖଲିଫାଙ୍କ ବଶ୍ୟତା ସ୍ୱୀକାର କଲେନାହିଁ । ସେ କହିଲେ ବାପ ଅନ୍ତେ କୌଣସି ପୁଅ ଗାଦି ମାଡିବସି ପାରିବ ନାହିଁ । କାରଣ ଏକ ସାର୍ବଜନୀନ ନିର୍ବାଚନ ବିଧି ବ୍ୟବସ୍ଥା ଅନୁଯାୟୀ ଦେଶ ବା ସମ୍ପ୍ରଦାୟ ଶୃଙ୍ଖଳିତ ଉପାୟରେ ଖଲିଫା ନିଯୁକ୍ତ କରିବେ । ଇମାମ ହୁସେନ ୟଜିଦ୍‌ଙ୍କ ଆନୁଗତ୍ୟ ସ୍ୱୀକାର କରି ନ ଥିଲେ ମଧ୍ୟ ମୁସଲମାନ ସାମ୍ରାଜ୍ୟରେ ସର୍ବଦା ଶାନ୍ତି ଓ ମୈତ୍ରୀ ଚାହୁଁଥିଲେ । ନିଜେ କୌଣସି କ୍ଷମତା ହାସଲ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ଦେଶରୁ ଅରାଜକତା ଦୂର କରି ସତ୍ୟ ପ୍ରତିଷ୍ଠା କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା । କିନ୍ତୁ ନିଷ୍ଠୁର ୟଜିଦ୍ ୟଜିଦ୍ ଛଳନା କରି ତାଙ୍କୁ ସପରିବାର ନିଜ ପାଖକୁ ଇରାକ ଡକାଇ ପଠାଇଲେ । ବାଟରେ ତାଙ୍କର ବିଶାଳ ସୈନ୍ୟବାହିନୀର ମୁକାବିଲା କରିବା

## ପବିତ୍ର ମହରମ ଉପଲକ୍ଷେ

ପାଇଁ ତାଙ୍କୁ ବାଧ୍ୟ କରାଗଲା । ହୁସେନଙ୍କ ପକ୍ଷରେ ତାଙ୍କ ପରିବାରବର୍ଗ ଓ ସାଥୀମାନଙ୍କର ଏକ କ୍ଷୁଦ୍ର ଦଳ ଥିଲା, ଯାହାର ସଂଖ୍ୟା ମାତ୍ର ୭୦ରୁ ୭୨ ମଧ୍ୟରେ । ଏହି ନଗଣ୍ୟ ଓ ଅସ୍ତ୍ରହୀନ ଦୁର୍ବଳ ସେନା ଶତ୍ରୁପକ୍ଷରୁ ହେଉଥିବା ତୀର ଓ ତରବାରିର ପ୍ରବଳ ଆକ୍ରମଣ ଫଳରେ ଜଣଙ୍କ ପରେ ଜଣେ ଟଳି ପଡିଲେ । ହଜରତ ହୁସେନଙ୍କୁ ମଧ୍ୟ ଚାରିପଟୁ ଘେରିଯାଇ ତାଙ୍କ ଉପରେ ଝାମ୍ପି ପଡିଲେ ନରହନ୍ତା ପିଶାଚଗଣ । ତାଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କଲେ । ଶତ୍ରୁର ପୈଶାଚିକ ଲୀଳା ସେତିକିରେ ଶେଷ ହୋଇ ନ ଥିଲା । ହଜରତ ମହମ୍ମଦଙ୍କ ପ୍ରାଣଠାରୁ ପ୍ରିୟ ସେହି ନାତିଙ୍କ ମରଶରୀର ସହିତ ମଧ୍ୟ ସେମାନେ ଅତ୍ୟନ୍ତ ଅମାନୁଷିକ ବ୍ୟବହାର କରିଥିଲେ । ଯୁଦ୍ଧକ୍ଷେତ୍ରରେ ଦୁର୍ଦ୍ଦାନ୍ତ କୋଫିଓ ଗୋଷ୍ଠୀ ନିଷ୍ପାପ ଲୋକଙ୍କ ରକ୍ତରେ ହୋଲି ଖେଳିଲେ । ପୁଣି ଅମରୋ ବିନ ସାଦ୍‌ଙ୍କ ଡାକରାରେ ଦଶଜଣ ଅଶ୍ୱାରୋହୀ ଇମାମ୍ ହୁସେନଙ୍କ କ୍ଷତବିକ୍ଷତ ଶବକୁ ଘୋଡାର ପାଦତଳେ ଦଳି ଚକଟି ଖିନ୍‌ଭିନ୍ କରିଦେଲେ । ଶହୀଦ ହେବା ପୂର୍ବରୁ ହୁସେନ କହିଥିଲେ, ''ଆଲ୍ଲାଙ୍କ ରାଣ ! ମୋ ପରେ ଈଶ୍ୱରଙ୍କ କୌଣସି ଭକ୍ତକୁ ତୁମେ ଏପରି ବୀଭତ୍ସ ଭାବେ ହତ୍ୟା କରିବ ନାହିଁ, ଯାହା ଫଳରେ ତୁମ ପ୍ରତି ଆଲ୍ଲାଙ୍କ କୋପ ଭୟଙ୍କର ହେବ ।''

ଶେଷରେ ଇତିହାସର ପୁନରାବୃତ୍ତି ଘଟିଲା ଏବଂ ଶହୀଦ୍ ହୁସେନ୍‌ଙ୍କ ଅନ୍ତିମ ବାକ୍ୟ ସତ୍ୟରେ ପରିଣତ ହେଲା । ଯେଉଁ ଫରାତ ନଦୀ କୂଳରେ ହୁସେନଙ୍କ ଦଳକୁ ଅଟକାଇ ଯୁଦ୍ଧରେ ଅତର୍କିତ ଭାବରେ ନିହତ କରାଯାଇଥିଲା, ସେହି ସ୍ଥାନରେ ହିଁ ଉକ୍ତ ଘଟଣାର ୬ ବର୍ଷ ପରେ ଠିକ୍ ସେହି ମାସ ଓ ସେହି ଦିନ ହିଁ ୟଜିଦ୍‌ର ପରମ ସହଯୋଗୀ ଇବ୍ନ ଜିୟାଦ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମୁଖ୍‌ତାରଙ୍କ ସୈନ୍ୟମାନେ ଅତି ଦୟନୀୟ ଭାବରେ ହତ୍ୟା କଲେ ।

ଆଜି ମଧ୍ୟ ଅନୀତି ଓ ଅଧର୍ମରେ ଲିପ୍ତ ୟଜିଦ୍‌ଙ୍କ ଗୋଷ୍ଠୀ ପୃଥିବୀରେ ରହିଛନ୍ତି, ଯେଉଁମାନଙ୍କ ଅନ୍ୟାୟ ଓ କ୍ରୂରତା ବିରୋଧରେ ଇମାମ ହୁସେନଙ୍କ ମନୋଭାବାପନ୍ନ ସତ୍ୟନିଷ୍ଠ ବ୍ୟକ୍ତି ଓ ସଂଗଠନ ଲଢେଇ ଜାରି ରଖିଛନ୍ତି । ତାହା ମିଶରରେ ଚାଲିଥିବା ଅମାନବୀୟ କାର୍ଯ୍ୟକଳାପ ହେଉ ଅଥବା କଶ୍ମୀର, ବୋସ୍‌ନିୟା, ପାଲେଷ୍ଟାଇନ କିମ୍ବା ଚେଚେନ୍ୟା ଇତ୍ୟାଦିରେ ଆଇଏସ୍ ଉଗ୍ରବାଦୀ ସଂଗଠନ ଦ୍ୱାରା ଅତ୍ୟାଚାରର ଅମାନୁଷିକ ଲୀଳା । ଯେ ପର୍ଯ୍ୟନ୍ତ ଆମେ ମାନବୀୟ ଆଚରଣ ଦ୍ୱାରା ସତ୍ୟ ଓ ନ୍ୟାୟର ସେବକ ନ ସାଜିଛୁ, ସେ ପର୍ଯ୍ୟନ୍ତ ମାନବିକତା କ୍ଷୁଣ୍ଣ ହୋଇଚାଲିଥିବ । ବିଶ୍ୱ ମାନବଜାତି ବିଶେଷତଃ ମୁସଲିମ୍ ରାଷ୍ଟ୍ର ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଆଜି ସମୟ ଆସିଛି । ଏହା ହିଁ ହଜରତ ଇମାମ ହୁସେନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ବୃନ୍ଦହିଲ, ସମ୍ବଲପୁର, ମୋ– ୯୪୩୭୬୮୪୮୫୯

## ଏଇ ଭାରତରେ

କୌଣସି ବ୍ୟକ୍ତିକୁ ଶାରୀରିକ ନିର୍ଯାତନା ଦେଲେ ତାହାର ପରିଣତି ଭୋଗିବାକୁ ପଡ଼େ । ଜଣେ ୫୦ବର୍ଷୀୟ ମହିଳାଙ୍କୁ ତାଙ୍କ ଭାଇ ଓ ଭାଉଜ ୨ବର୍ଷ ଧରି ଘରେ ଅଟକ ରଖିବା ସହିତ ଭୋକ ଉପାସରେ ବଞ୍ଚିବାକୁ ଦେଉଥିଲେ । ଏହାର ପରିଣାମ ସ୍ୱରୂପ ୨ଜଣଙ୍କୁ ଗିରଫ କରାଯାଇଛି । ଏପରି ଏକ ଘଟଣା ଦିଲ୍ଲୀରେ ଘଟିଛି । ଏ ସମ୍ପର୍କରେ ମହିଳାଙ୍କ ଅନ୍ୟ ଜଣେ ଭାଇ ଦିଲ୍ଲୀ ମହିଳା କମିଶନ୍‌ଙ୍କୁ ସୂଚନା ଦେବା ପରେ ଏହା ପଦାକୁ ଆସିଥିଲା । ମହିଳା କମିଶନ ଅଧ୍ୟକ୍ଷା ଉଦ୍ଧାର କରିବାକୁ ଯାଇ ଦେଖିବାକୁ ପାଇଲେ ଉକ୍ତ ମହିଳା ନିଜର ମଳମୂତ୍ର ଉପରେ ବସି ରହିଛନ୍ତି । ୪ଦିନ ହେଲା ତାଙ୍କୁ ଗୋଟିଏ ରୁଟି ଦିଆଯାଇଥିବା ଜାଣିବାକୁ ମିଳିଲା । ପୋଲିସ ଏ ସଂକ୍ରାନ୍ତରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସମାଜରେ ଏକ ଖରାପ ଉଦାହରଣ ସୃଷ୍ଟିହେବ ବୋଲି କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ୍ ପ୍ରକାଶ କରିଥିଲେ । ସମ୍ପୃକ୍ତ ମହିଳାଙ୍କୁ ୫୦ବର୍ଷ ବୟସ ହୋଇଥିଲେ ହେଁ ସେ ୯୦ବର୍ଷର ବୃଦ୍ଧା ଭଳି ଦେଖାଯାଉଥିଲେ । ସେ ଉପବାସ ଯୋଗୁ ଏତେ ଜରାଜୀର୍ଣ୍ଣ ହୋଇପଡ଼ିଥିଲେ ଯେ, ଉଠିବାକୁ ସମର୍ଥ ହୋଇପାରୁ ନ ଥିଲେ । ଏହି ଘଟଣାରେ ମହିଳାଙ୍କ ଭାଇ ଓ ଭାଉଜଙ୍କୁ ଗିରଫ କରାଯାଇଛି । ସମ୍ପୃକ୍ତ ମହିଳାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି ।

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ ସେ ପରା ମୋହରି ପାଇଁ !
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୩

- ଆଙ୍ଗୋଲାର କୁଇଟୋ ସହର ଉପରେ ୟୁନିଟା ବିଦ୍ରୋହୀମାନେ ସେଲ ମାଡ କରିବା ଫଳରେ ୫୦ଜଣଙ୍କ ମୃତ୍ୟୁ ।
- ପଞ୍ଜାବ ପରିବହନ ନିଗମର ଏକ ବସ ରାଜସ୍ଥାନ ଫିଡର କେନାଲକୁ ଖସିପଡିବା ଫଳରେ ୭୦ଜଣଙ୍କ ମୃତ୍ୟୁ ।

## ପାଠକ ଶ୍ରେଷ୍ଠ ବିଚାରକ

### ସୌଭାଗ୍ୟ ନା ଦୁର୍ଭାଗ୍ୟ

ମହାଶୟ,

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହରଘର ଯୋଜନା ବା ସୌଭାଗ୍ୟ ନାମକ ଯୋଜନା ପ୍ରଣୟନ କରିଛନ୍ତି । ଉକ୍ତ ଯୋଜନା ଅନୁଯାୟୀ ମାର୍ଚ୍ଚ ୨୦୧୯ ସୁଦ୍ଧା ଦେଶର ସମସ୍ତ ଘରକୁ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ । ଏଥିରେ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ପରିବାରଙ୍କୁ ବିଜୁଳି ଯୋଗାଇ ଦିଆଯିବ । ରାଜ୍ୟମାନଙ୍କର ବିଦ୍ୟୁତ୍ ଉତ୍ପାଦନ ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି । ଫଳରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ପରିସ୍ଥିତିରେ କେଉଁଠି ବିଜୁଳି ତାର ବାଉଁଶ ଖୁଣ୍ଟରେ ଓ ଗଛରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି । କେତେକ ପୁରାତନ ଖୁଣ୍ଟର ମୂଳ ଖାଇଯାଇଛି । ପୁଣି ସହରାଞ୍ଚଳରେ ଘନ ଘନ ବିଜୁଳି କାଟ ହେଉଛି । ଗ୍ରାମାଞ୍ଚଳ କଥା ନ କହିବା ଭଲ । ଦିନକୁ ଦିନ ବିଦ୍ୟୁତ୍ ଉତ୍ପାଦନରେ ଭୟାବହ ସଙ୍କଟ ଉପୁଜିଥିବା ବେଳେ ନୂତନ ବିଦ୍ୟୁତ୍ ସଂଯୋଗ ଯୋଜନା କେତେଦୂର ସଫଳ ହୋଇପାରିବ ତାହା ସମୟ କହିବ । ପୁରାତନ ବିଦ୍ୟୁତ୍ ଉପଭୋକ୍ତାଙ୍କ ଭଳି ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଉପଭୋକ୍ତାମାନେ ମଧ୍ୟ ଦଶା ଭୋଗିବେ । କେବଳ ଏତିକି ହେବ, ଲୋକମାନଙ୍କ ଅପେକ୍ଷା ଠିକା ସଂସ୍ଥାମାନେ ଅଧିକ ଲାଭବାନ ହେବେ । ମୋଟ ଉପରେ କହିବାକୁ ଗଲେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସୌଭାଗ୍ୟ ନା ଦୁର୍ଭାଗ୍ୟ ଜାଣିବାକୁ ବାକି ରହିଲା ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିକ୍ଷା ବନାମ ଶୈଶବ

ଉପେନ୍ଦ୍ର ବିଶ୍ୱାଳଙ୍କ ପ୍ରବନ୍ଧ 'ଶିକ୍ଷା ବନାମ ଶୈଶବ' ପାଠ କଲି । ସତରେ ଆଜିର ଡିଜିଟାଲ ଯୁଗରେ ଶୈଶବ ପୂର୍ଣ୍ଣମାତ୍ରାରେ ସଂକୁଚିତ କହିଲେ ଅତ୍ୟୁକ୍ତି ହେବନାହିଁ । ପୂର୍ବରୁ ୫ ବର୍ଷରେ ଖଡ଼ିଛୁଆଁ ହେଉଥିଲା, ଏବେ ଅଢ଼େଇବର୍ଷରେ ହେଉଛି ପ୍ଲେ ସ୍କୁଲରେ ନାମଲେଖା । ରବିବାର ଆର୍ଟ/ଡ୍ୟାନ୍ସ/କରାଟେ/ସଂଗୀତ ଶିକ୍ଷାର ବଡ଼ ରୁଟିନ । ସମସ୍ତେ ପିଲାକୁ ବହୁବିଦ୍ୟା ବିଶାରଦ ସର୍ବଗୁଣସମ୍ପନ୍ନ କରିବା ଲାଗି ଲାଳାୟିତ । ଏବେ ଜନ୍ମାଷ୍ଟମୀ ଗଲା । 'ଉଠିଲୁ ଏଡ଼େ ବେଗି କାହିଁକିରେ ଦୁଃଖୀଧନ' ବଦଳରେ ଆଧୁନିକା ମା' କଣ୍ଠରେ 'ଶୋଇଲୁ ଏତେ ବେଗି କାହିଁକିରେ ଦୁଃଖୀଧନ, ଏକ୍‌ଜାମ (ପରୀକ୍ଷା) ଅଛି କାଲି ମନେ ନାହିଁ କି' ଶୁଣିବାକୁ ମିଳୁଛି । ଆଗର ଦଶହରା/ଧାନକଟା/ଖରାଛୁଟି ଆଜି ବିପର୍ଯ୍ୟସ୍ତ । ସବୁବେଳେ ପରୀକ୍ଷାର ଖଣ୍ଡା ମୁଣ୍ଡ ଉପରେ ଝୁଲନ୍ତା ଅବସ୍ଥାରେ । ସମର କୋର୍ସ/କ୍ରାସ୍ କୋର୍ସ/ଫାଉଣ୍ଡେଶନ କୋର୍ସ ଇତ୍ୟାଦିରେ ଅଣନିଃଶ୍ୱାସୀ ଶିକ୍ଷାର୍ଥୀର ଲାଇଫ୍ କୋର୍ସ ଏକାବେଳକେ ନର୍ଭସ । ଏଥିରେ ପିଲାର ଶୈଶବ ଉଜୁଡ଼ିଯାଉଛି ।

ଡି. ଲକ୍ଷ୍ମୀ ନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | 6 | | | | | | 7 | |
| 3 | | 8 | A | | D | | 1 | | 7 | | 0 | C | | |
| A | | | | | 9 | | | | | | | B | 0 | 1 |
| 0 | C | | 3 | | | | | E | | | D | | | |
| D | | | | | | | | 4 | 3 | | 6 | | | |
| E | | | | | | B | | | | | | 5 | | 3 |
| C | 0 | | 7 | 3 | | | | | | | 9 | | 1 | |
| | | | | 8 | | D | | | | | 5 | | | |
| | | | 6 | E | B | 4 | 2 | 0 | | | | | | C |
| 7 | | | | | 4 | | | C | | 0 | 8 | E | A | |
| | | | | 7 | 3 | | | | | D | | 1 | 9 | 5 |
| 8 | | | 9 | | E | 6 | | B | | | 7 | | | 0 |
| | | | | | | | | 2 | 1 | 9 | | | | |
| B | 6 | | 8 | | | | | A | | 3 | | | | E |
| 1 | | | B | | A | | D | | 8 | | C | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | 5 | 9 | 3 | A | C | 7 | E | 1 | 2 | 0 | 4 | 8 | D |
| D | 3 | 9 | 2 | 7 | C | 4 | 5 | 0 | B | E | 8 | 1 | A | 6 |
| 2 | 1 | 0 | 4 | 8 | 5 | 6 | B | D | 3 | A | 9 | 7 | E | C |
| 4 | A | 7 | B | 0 | E | 2 | 1 | 8 | 6 | C | D | 5 | 9 | 3 |
| E | C | 8 | 1 | D | 6 | A | 3 | 9 | 4 | 7 | 5 | 2 | 0 | B |
| 7 | E | 4 | A | 2 | B | 8 | 9 | 5 | C | D | 3 | 6 | 1 | 0 |
| 3 | 5 | 1 | D | 6 | 7 | 0 | 2 | C | 9 | 4 | E | A | B | 8 |
| 6 | 8 | D | 0 | C | 9 | 7 | A | 3 | 5 | 1 | B | E | 4 | 2 |
| A | B | 2 | 3 | 4 | 8 | D | E | 1 | 0 | 6 | 7 | C | 5 | 9 |
| 9 | 0 | C | E | 5 | 1 | B | 4 | 6 | 2 | 8 | A | 3 | D | 7 |
| 8 | 9 | 3 | 7 | 1 | 4 | 5 | 6 | A | D | B | C | 0 | 2 | E |
| 0 | 4 | E | 5 | B | 3 | 1 | 8 | 2 | 7 | 9 | 6 | D | C | A |
| C | 7 | B | 8 | E | 0 | 3 | D | 4 | A | 5 | 2 | 9 | 6 | 1 |
| 5 | D | A | 6 | 9 | 2 | E | C | 7 | 8 | 0 | 1 | B | 3 | 4 |
| 1 | 2 | 6 | C | A | D | 9 | 0 | B | E | 3 | 4 | 8 | 7 | 5 |

ଗତକାଲିର ଉତ୍ତର



ଗାଈକୁ 'ରାଷ୍ଟ୍ର ମାତା'ର ମାନ୍ୟତା ଦେବା ନେଇ ଉତ୍ତରାଖଣ୍ଡ ବିଧାନସଭାରେ ଦିଆଯାଇଥିବା ପ୍ରସ୍ତାବ ଉପରେ ବୁଧବାର ସର୍ବସମ୍ମତି କ୍ରମେ ଅନୁମୋଦନ ମିଳିଛି। ତେବେ ମଞ୍ଜୁରୀ ପ୍ରଦାନ ପାଇଁ ଏହାକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ। ଏହି ପ୍ରସ୍ତାବକୁ ବିରୋଧୀ କଂଗ୍ରେସ ସମର୍ଥନ କରିଥିବା ବେଳେ ଗାଈଙ୍କ ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଜରୁରୀ ବୋଲି ଦଳ କହିଛି।

## ସଂକ୍ଷେପରେ

### ମୌସୁମୀ ଅଧିବେଶନ ଶେଷ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଚଳିତ ବିଧାନସଭାର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନ ସେପ୍ଟେମ୍ବର ୪ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୧ଟି କାର୍ଯ୍ୟ ଦିବସ ଥିଲା। ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଥିଲା। ଏହି ସମୟ ମଧ୍ୟରେ ଗୃହରେ ୧୧୩ଟି ପେପର ଲେ କରାଯାଇଥିବା ବେଳେ ୧୯ଟି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ, ୧୮ଟି ବାର୍ଷିକ ରିପୋର୍ଟ, ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ୨୦୧୭ ବର୍ଷ ପାଇଁ ସାମାଜିକ ଓ ସାଧାରଣ କ୍ଷେତ୍ର ପାଇଁ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ସ୍ୱଳ୍ପ ସମୟ ପାଇଁ ବସିଥିବା ଏହି ଅଧିବେଶନ ବେଶ୍ ସରଗରମ ହୋଇଥିଲା। ଚାରା, ଓମ୍‌ଫେଡ ପାଉଚ, ସମବାୟ ବିଭାଗରେ ହୋଇଥିବା ଦୁର୍ନୀତି, ଶିକ୍ଷକ ଆନ୍ଦୋଳନ, ଓକିଲଙ୍କ କାର୍ଯ୍ୟବନ୍ଦକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ। ଚିଲିକା ଉପରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ହେଲିକପ୍ଟର ଉଡିବା ଘଟଣା ଓ ଅଭିଜିତ୍ ଆୟର ମିତ୍ରଙ୍କ ବିବାଦୀୟ ଟିପ୍ପଣୀ ନେଇ ବିଧାନସଭାରେ ଝଡ ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ଯୋଗୁ ଚଳିତ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଦୌ ହୋଇପାରି ନ ଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧି, ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ବିୟୋଗରେ ବିଧାନସଭାକୁ ଦିନକ ପାଇଁ ମୁଲତବୀ କରାଯାଇଥିଲା।

### ମହୁ ସଂଗ୍ରହ କରିବାକୁ ଯାଇ ନଦୀରେ ଭାସିଗଲେ ଦମ୍ପତି

କାମାକ୍ଷାନଗର, ୨୦।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଅର୍ନ୍ତଗତ ଗୁଣ୍ଡିଚାନାଳୀ ମହଲ୍ଲାର ସାହିର କୁଶ ପଧାନ (୨୪) ଏବଂ ତାଙ୍କ ସ୍ତ୍ରୀ ରିଙ୍କି (୨୨) ଗୁରୁବାର ରାମିଆଳ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଉଭୟେ ଗ୍ରାମ ପାଖ ଜଙ୍ଗଲକୁ ମହୁ ସଂଗ୍ରହ କରିବାକୁ ଯାଇଥିଲେ। ନଦୀ ପାର ହୋଇ ଫେରୁଥିବାବେଳେ ଦୁହେଁ ଭାସିଯାଇଥିଲେ। ନଦୀ ପଠାରେ ଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ଏ ନେଇ ଅଗ୍ନିଶମ ବିଭାଗ ଏବଂ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ତାଳଚେରଗସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ଦମକଳ ବାହିନୀ ବ୍ୟସ୍ତ ଥିବାରୁ କଙ୍କଡ଼ାହାଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ଉଭୟଙ୍କ ପତ୍ତା ମିଳିନାହିଁ।

■ କୃଷିଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କ ପରିଶ୍ରମ ଆମ ପାଇଁ ସୁନାମ ଆଣିଛି

ଭୁବନେଶ୍ୱର୨୦।୯(ବ୍ୟୁରୋ)



କୃଷିଭବନ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ଅନ୍ୟ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ।

୨୦୦୦ ମସିହାରେ ରାଜ୍ୟବାସୀ ମୋତେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲେ। ସେତେବେଳେ ଖାଦ୍ୟ ନିରାପତ୍ତା ପାଇଁ ପଞ୍ଜାବ ଓ ହରିୟାଣାରୁ ଟ୍ରେନ୍ ର୍‍ୟାକ୍ ଜରିଆରେ ଓଡିଶାକୁ ଖାଦ୍ୟ ଶସ୍ୟ ଆସୁଥିଲା। ବର୍ତ୍ତମାନ କିନ୍ତୁ ପୂର୍ବାପେକ୍ଷା ବହୁ ପରିବର୍ତ୍ତନ ହୋଇଛି। ଚାଷୀଙ୍କ ପରିଶ୍ରମ ଆମମାନଙ୍କ ପାଇଁ ସୁନାମ ଆଣି ଦେଇଛି। ରାଜ୍ୟକୁ ଚାରିଥର କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷି କର୍ମଣ ପୁରସ୍କାର ମିଳିଛି। ଓଡିଶା ଏବେ ସାରା ଦେଶକୁ ଖାଦ୍ୟ ଯୋଗାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଓଡିଶା ଦେଶର ତୃତୀୟ ବୃହତ୍ ରାଜ୍ୟ। ମୋର ବିଶ୍ୱାସ, ଆମ ଚାଷୀ ଭାଇମାନେ ଆଗକୁ ମଧ୍ୟ ନୂତନ ଜ୍ଞାନକୌଶଳ ଦ୍ୱାରା ଅଧିକ ସୁନାମ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ମାର୍ଗରେ ଥିବା କୃଷିଭବନକୁ ଗୁରୁବାର ଅପରାହ୍ନ ୧୨.୩୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ୨୦୧୧ ମସିହାରେ ଓଡିଶା ପ୍ରଥମ ଥର ପାଇଁ କୃଷି କର୍ମଣ ପୁରସ୍କାର ପାଇଥିଲା। ତତ୍କାଳୀନ କୃଷିମନ୍ତ୍ରୀ ଏବଂ ବିଭାଗୀୟ ସଚିବ ସଚିବାଳୟରେ ମୋତେ ଭେଟିଥିଲେ। ରାଜ୍ୟକୁ ମିଳିଥିବା ପୁରସ୍କାର ମୋତେ ପ୍ରଦାନ କରିଥିଲେ। ସେତେବେଳେ କୃଷି କର୍ମଣ ପୁରସ୍କାର ବାବଦକୁ ରାଜ୍ୟକୁ ୨କୋଟି ଟଙ୍କା ମିଳିଥିଲା। ସେହିଦିନ ହିଁ ନିଷ୍ପତ୍ତି ନେଇଥିଲି, ଏ ପୁରସ୍କାର ଟଙ୍କା ରାଜ୍ୟର ଚାଷୀମାନଙ୍କ ପାଇଁ ଖର୍ଚ୍ଚ ହେବ। ଆମ ଚାଷୀ ଭାଇମାନେ ଚାରିଥର ଆମ ପାଇଁ ପୁରସ୍କାର ଆଣିଛନ୍ତି। ପୁରସ୍କାର ଟଙ୍କା ବାବଦକୁ ଆମେ ୧୭କୋଟି ଟଙ୍କା ପାଇଛୁ। ଏସବୁ ଟଙ୍କାକୁ କୃଷି ଭବନରେ ହିଁ ବ୍ୟବହାର କରାଯାଇଛି। ନିର୍ମିତ ହୋଇଥିବା କୃଷିଭବନର ଗୋଟିଏ ଗୋଟିଏ ଇଟା ରାଜ୍ୟର ଚାଷୀମାନଙ୍କ ସଫଳତାର କଥା କହୁଛି। ଏହା ଚାଷୀ ଭାଇମାନଙ୍କ ଭବନ। ଏହି ଭବନ ମାଧ୍ୟମରେ ଚାଷୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିପାରିବ। ଏହା ଚାଷୀ ଭଉଣୀ, ଭାଇମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ହୋଇପାରିଛି। ମୁଁ ଆଶା କରୁଛି, ଚାଷୀଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇବାରେ କୃଷି ବିଭାଗ ସଫଳ ହେବ। ଚାଷୀମାନଙ୍କ ସୁଖ ଦୁଃଖରେ ତାଙ୍କ ସହ ସବୁବେଳେ ଅଛି। ସବୁବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣୁଛି। ଚାଷୀମାନଙ୍କ କଲ୍ୟାଣ ପାଇଁ ଆମେ ସଙ୍କଳ୍ପର ସହ କାମ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ବିଧାୟକ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪ଶହ ଚାଷୀ ଯୋଗଦାନ କରିଛନ୍ତି।

ଏହି କୃଷିଭବନଟି ଦେଶୀୟ କପଡାରେ ଇକତ୍ ଢାଞ୍ଚାରେ ନିର୍ମାଣ କରାଯାଇଛି। ଓଡିଶାର କୃଷି ପରମ୍ପରାରେ ଥିବା ବିଷୟବସ୍ତୁକୁ ଉଦ୍ୟୋଗରେ ପ୍ରଦର୍ଶିତ କରାଯାଇଛି। ଏକଲକ୍ଷ ୩୦ହଜାର ବର୍ଗଫୁଟ ଜାଗାରେ ଏହି ଭବନ ନିର୍ମାଣ ହୋଇଛି। ଏଠାରେ ଓଡିଶାର ସାଂସ୍କୃତିକ ଲୋକକଳାର ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି। ସେଠାରେ ଏକ ଉଦ୍ୟାନ ରହିଛି। ଉଦ୍ୟାନରେ ଜଳସେଚନ ନଳୀ, ବର୍ଷାଜଳ ଅମଳ, ମୃତ୍ତିକା ସମସ୍ୟା ସମାଧାନ ଏବଂ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଜୈବିକ କୃଷିର ପ୍ରସାର ସମ୍ବନ୍ଧୀୟ ଦୃଶ୍ୟାବଳୀ ସ୍ଥାନିତ ହୋଇଛି। କୃଷି ଭବନ ଢାଞ୍ଚାରେ ଶିକ୍ଷାପ୍ରଦ କଳା ଓ ଛାତ ଉପରେ ସଘନ ବଗିଚା ରହିଛି। ଏହି ଭବନ ବାହାର ପାର୍ଶ୍ୱ ଏଭଳି ଇଟାରେ ନିର୍ମିତ କରାଯାଇଛି ତାହା ଏକ ସୌର ଛାୟା ସୃଷ୍ଟି କରିପାରିବ।

■ ବାତ୍ୟା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

# ୫ ଜିଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ବାତ୍ୟା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମେଡିକାଲ ରିଲିଫ ସେଣ୍ଟର ଖୋଲିବ। ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ବିଭାଗୀୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧା ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଏବଂ ନୟାଗଡା ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କିତ ସମସ୍ତ ପ୍ରକାର ବ୍ୟବସ୍ଥା ଡାକ୍ତରଖାନାରେ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସଚିବ କହିଛନ୍ତି, ବାତ୍ୟାକୁ ଲକ୍ଷ୍ୟ କରି ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ଡାକ୍ତରଖାନାରେ ବିଦ୍ୟୁତ୍ ବ୍ୟାକ୍‌ଅପ୍ ରଖିବାକୁ ପରାମର୍ଶ ଦିଆଯାଇଛି। ଡାକ୍ତରଖାନାରେ ସମସ୍ତ ପ୍ରକାର ଔଷଧ ମହଜୁଦ ରଖିବାକୁ କୁହାଯାଇଛି। ଏଥିସହିତ ଜିଲା ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲିବା, ନୋଡାଲ ଅଧିକାରୀ ନିୟୋଜିତ କରିବା, ନୋଡାଲ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌କୁ ମନିଟରିଂ କରିବା ସହିତ ସୁଚାରୁରୂପେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ଔଷଧଗୁଡିକୁ ଜିଲାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ପଠାଇବା ସହିତ ଯେତେ ସମ୍ଭବ ଡାକ୍ତରଖାନାରେ ମେଡିକାଲ ରିଲିଫ୍ ସେଣ୍ଟର ଖୋଲିବାକୁ କୁହାଯାଇଛି।

ସେହିପରି ବିଚ୍ଛିନ୍ନାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରିବା, ମାନସିକ ରୋଗୀ, ଗର୍ଭବତୀ ଏବଂ ନବଜାତ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରେ ପ୍ରଭାବିତ ଅଞ୍ଚଳକୁ ସ୍ୱାସ୍ଥ୍ୟକର୍ମୀ ଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ବ୍ୟବସ୍ଥା କରିବେ। ଡାକ୍ତରଖାନାରେ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ମହଜୁଦ ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

### ସୋମବାର ଯାଏ ଚାଲିବ ଆଇନଜୀବୀଙ୍କ ଆନ୍ଦୋଳନ

କଟକ ଅଫିସ, ୨୦।୯: ମାଡ଼ ଘଟଣାକୁ ନେଇ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଜାରି ରହିଛି। ଏହାକୁ ନେଇ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଇତିମଧ୍ୟରେ ୨୩ ଦିନରେ ପହଞ୍ଚିଛି। ଗୁରୁବାର ଓଡ଼ିଶା ହାଇକୋର୍ଟ ବାର୍ ପକ୍ଷରୁ ବାର୍ ସମ୍ମିଳନୀ କକ୍ଷରେ ସାଧାରଣ ପରିଷଦ ବୈଠକ ବସିଥିଲା। ସୋମବାର ଯାଏ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଆଉଏକ ବୈଠକ ବସି ପରବର୍ତ୍ତୀ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ଅନ୍ୟପକ୍ଷରେ ଏ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏଥିରେ କଟକର ସମସ୍ତ ବାର୍ ସଭାପତି, ସମ୍ପାଦକଙ୍କ ସମେତ ବହୁ ଆଇନଜୀବୀଙ୍କୁ ସଦସ୍ୟ ରଖାଯାଇଛି। ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି ଷ୍ଟିୟରିଂ କମିଟିରେ ଆବାହକ ରହିଛନ୍ତି। ହାଇକୋର୍ଟ ବାର୍ ସଭାପତି ତଥା ବରିଷ୍ଠ ଆଡ୍‌ଭୋକେଟ ଶ୍ରୀକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପୋଲିସର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ଉପସ୍ଥିତ ଆଇନଜୀବୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର କରାଯିବ। ସୂଚନାଥାଉକି, ଅଗଷ୍ଟ ୨୮ରେ ଦେବୀ ପ୍ରସାଦ ପଟ୍ଟନାୟକ ନାମକ ଜଣେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

## ବିଜୟଲକ୍ଷ୍ମୀ ଅଟୋମୋବାଇଲ୍‌ସ ପକ୍ଷରୁ ଗ୍ଲାମର ଉତ୍ସବ



କେକ୍ କାଟି ଉତ୍ସବ ମନାଉଛନ୍ତି ଶୋ'ରୁମ୍ ମାଲିକ।

ଝାରସୁଗୁଡ଼ା ଅଫିସ,୨୦।୯

ଝାରସୁଗୁଡ଼ା ବାଇପାସସ୍ଥିତ ବିଜୟଲକ୍ଷ୍ମୀ ଅଟୋମୋବାଇଲ୍‌ସ ପକ୍ଷରୁ ବିଶ୍ୱର ୧ନଂ. ମାନ୍ୟତା ପାଇଥିବା ୧୨୫ସିସି ଇଞ୍ଜିନ୍ ବିଶିଷ୍ଟ ହିରୋ ଗ୍ଲାମର ବାଇକ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିରୋ ମୋଟର୍ସର ଅଧିକୃତ ବିକ୍ରେତା ତଥା ବିଜୟଲକ୍ଷ୍ମୀ ଅଟୋମୋବାଇଲ୍‌ସ ମାଲିକ ଅରୁଣ ମୁନ୍ଦ୍ରା ଏବଂ ଅନ୍ୟ କର୍ମଚାରୀମାନେ କେକ୍ କାଟି ଉତ୍ସବ ପାଳନ କରିଥିଲେ।

■ ଶ୍ରୀମନ୍ଦିର ସଂସ୍କାର ମାମଲା

## ପୁରୀରେ ପହଞ୍ଚିଲେ ଆମିକସ୍‌କ୍ୟୁରି

ପୁରୀ ଅଫିସ,୨୦।୯

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗୁରୁବାର ରାତିରେ ପୁରୀରେ ପହଞ୍ଚିଛନ୍ତି। ରାତି ୯ଟା ୨୦ରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ, ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ପ୍ରମୁଖ ସ୍ୱାଗତ କରିଥିଲେ। ଜଣେ ଆଇନଜୀବୀଙ୍କ ସହ ଅନ୍ୟ ୨ ଜଣ ମଧ୍ୟ ତାଙ୍କ ସହିତ ଆସିଛନ୍ତି। ଆମିକସ୍‌କ୍ୟୁରି ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବେ। ବିଶେଷକରି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଜଷ୍ଟିସ୍ ବି.ପି. ଦାସ, ପୁରୀ ଜିଲା ଜଜ୍, ଶ୍ରୀମନ୍ଦିର ଛତିଶା ନିଯୋଗ, ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଏବଂ ଆଦେଶର କାର୍ଯ୍ୟକାରିତା ଉପରେ ମୁଖ୍ୟତଃ ତାଙ୍କର ଫୋକସ୍ ରହିବ।

# 'ପ୍ରହାର' କ୍ଷେପଣାସ୍ତ୍ର ପରୀକ୍ଷଣ ସଫଳ

ବାଲେଶ୍ୱର ଅଫିସ, ୨୦।୯

■ ଆଇଟିଆର୍‌ରେ ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି
■ ୪,୨୨୮ ଲୋକ ସାମୟିକ ସ୍ଥାନାନ୍ତର
■ ପ୍ରତିକୂଳ ପାଗରେ ହେଲା ପରୀକ୍ଷଣ



ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରେ ଗୁରୁବାର 'ପ୍ରହାର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଆଉ ଏକ ନୂତନ ପର୍ଦ୍ଦ ଯୋଡିଛି। ପରୀକ୍ଷଣ କାର୍ଯ୍ୟ ଲାଗି ଆଇଟିଆର୍‌ର ୨ କି.ମି. ପରିଧି ଭିତରେ ଥିବା ୫ଟି ଗ୍ରାମର ୬୩୪ ପରିବାରକୁ ସାମୟିକ ଭାବେ ନିରାପଦ ଜାଗାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରତିକୂଳ ପାଗ ପରୀକ୍ଷଣରେ କୌଣସି ବାଧା ସୃଷ୍ଟି କରି ନ ଥିଲା। ବହୁ ବୈଜ୍ଞାନିକ, ପ୍ରତିରକ୍ଷା ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ସମୟ ଗୁରୁବାର ଅପରାହ୍ନ ୧ଟା ୩୬ ମିନିଟ୍। ଆଇଟିଆରରୁ 'ପ୍ରହାର' କ୍ଷେପଣାସ୍ତ୍ର ଆକାଶମାର୍ଗକୁ ନିକ୍ଷେପ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଏହା ଲକ୍ଷ୍ୟଭେଦ କରିଥିଲା। ୨୦୧୧ ଜୁଲାଇ ୨୧ ତାରିଖରେ ଚାନ୍ଦିପୁରରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। 'ପ୍ରହାର' କ୍ଷେପଣାସ୍ତ୍ର ୨୫୦ସେକେଣ୍ଡରେ ୧୫୦ କି.ମି. ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିଲା। ୭.୩ ମିଟର ଲମ୍ବ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ମୋଟେଇ ୦.୪୨ ମିଟର ଏବଂ ଓଜନ ୧୨୮୦ କିଲୋଗ୍ରାମ। ଏହା ୨୦୦ କି.ଗ୍ରା. ଓଜନର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ଏହାକୁ ଯେକୌଣସି ପ୍ରତିକୂଳ ପାଣିପାଗ ମଧ୍ୟରେ ଶତ୍ରୁପକ୍ଷ ଉପରେ ପ୍ରହାର କରାଯାଇପାରିବ ବୋଲି ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ପରୀକ୍ଷଣକାଳୀନ ସୁରକ୍ଷା ବ୍ୟବସ୍ଥା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା। ଆଇଟିଆର୍ ଆଖପାଖ ଖଡୁପାହି, କୁଶୁମୁଳି, ଭୀମପୁର, ଜୟଦେବକସବା ଏବଂ ସାହାଜାନଗରପାହି ଅଞ୍ଚଳର ୬୩୪ ପରିବାରର ୪,୨୨୮ ଲୋକଙ୍କୁ ସକାଳ ୬ଟାରୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ଖଡୁପାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନଅ ମାଇଲ ଘାଟ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ସାମୟିକ ବିସ୍ଥାପିତ ହୋଇଥିବା ଲୋକଙ୍କ ମଧ୍ୟରେ ୩୫୯୩ ବୟସ୍କ ଓ ୬୩୫ ଶିଶୁ ରହିଥିଲେ। ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥିବା ଜିଲାପାଳ ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ପରୀକ୍ଷଣ ସରିବା ପରେ ସ୍ଥାନାନ୍ତରିତ ଲୋକେ ଘରକୁ ଫେରିଛନ୍ତି।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ପରିସରରେ ଗୁରୁବାର ସକାଳେ ଏକ ପୋଷା ହାତୀକୁ ମାହୁନ୍ତମାନେ ଗାଧୋଇ ଦେଉଛନ୍ତି।

# ଯାହା କରିଛି ମଜାରେ: ଅଭିଜିତ

କଟକ ଅଫିସ, ୨୦।୯

କୋଣାର୍କ ସୂର୍ଯ୍ୟ ମନ୍ଦିରରେ ରହିଥିବା କାରୁକାର୍ଯ୍ୟ ସହ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ଗୁରୁବାର ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟରୁ ଜାମିନରେ ମୁକୁଳିଛନ୍ତି। ହେଲେ ଏହା ସତ୍ତ୍ୱେ ମଧ୍ୟ ତାଙ୍କ ବିରୋଧରେ ହୋଇଥିବା ଦୁଇଟି ମାମଲାର ତଦନ୍ତ ଓଡ଼ିଶା ପୋଲିସ ଜାରି ରଖିବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ। ଗୁରୁବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ପ୍ରିୟଦର୍ଶୀ କହିଛନ୍ତି, ଅଭିଜିତଙ୍କ ବିରୋଧରେ ପୋଲିସ ପାଖରେ ଯଥେଷ୍ଟ ପ୍ରମାଣ ରହିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ ହିଁ ସେ କରିଥିବା ଭୁଲ୍‌ର ଏକ ବଡ଼ ପ୍ରମାଣ। ଏହି ଆଧାରରେ ତାଙ୍କ ନାଁରେ କୋଣାର୍କ ଓ ଭୁବନେଶ୍ୱର ଶହୀଦନଗର ଥାନାରେ ମାମଲା ରୁଜୁ ହୋଇଛି। ଏହି ଆଧାରରେ ବୁଧବାର କୋଣାର୍କ ପୋଲିସର ଦୁଇ ଜଣିଆ ଟିମ୍ ଦିଲ୍ଲୀ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଅଭିଜିତଙ୍କୁ ଖୋଜିବା ଆରମ୍ଭ କରିଥିଲା। ହେଲେ ସେ ସହଜରେ ପୋଲିସ ହାତରେ ଧରାଦେଇ ନ ଥିଲେ। ଶେଷରେ ଅଭିଜିତଙ୍କୁ ତାଙ୍କ ସଫଦରଜଙ୍ଗ୍ ଏନ୍‌କ୍ଲେଭ୍‌ସ୍ଥିତ ବାସଭବନରୁ ପୋଲିସ ଧରିବା ପରେ ନିଜାମୁଦ୍ଦିନ ନଗର ଥାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ବିଷୟରେ ପଚାରିବାରୁ ସେ କିନ୍ତୁ ନିଜ ଭୁଲ୍ ସ୍ୱୀକାର କରି ନ ଥିଲେ। ଏସବୁ ମଜାରେ କରିଛନ୍ତି ବୋଲି ଅଜବ ଯୁକ୍ତି ବାଢ଼ିଥିଲେ। ପୋଲିସ ପଚରାଉଚରା କରିସାରିବା ପରେ ରହିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ ଦର୍ଶାଇ ସ୍ଥାନୀୟ ସାକେତ କୋର୍ଟରେ ହାଜର କରାଯାଇଥିଲା। ୪୫ ମିନିଟ ଧରି ଶୁଣାଣି ପରେ କୋର୍ଟ ସବୁ ତଥ୍ୟ ପ୍ରମାଣକୁ ଦେଖି ଅଭିଜିତଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ଦେଇଥିଲେ।

ତେବେ ମିଳିଥିବା ସୂଚନାନୁସାରେ, ଅଭିଜିତଙ୍କ ପାଇଁ ସେଠାକାର ବହୁ ଜଣାଶୁଣା ଓକିଲ ଆଇନଗତ ଦିଗରେ ସହାୟତା କରୁଛନ୍ତି। ତେଣୁ ଓଡ଼ିଶା ପୋଲିସ ପାଇଁ ଏହି ଘଟଣା ବହୁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କେତେଜଣ ବରିଷ୍ଠ ଓକିଲ କହିଛନ୍ତି।

■ 'ଡିଜିଟାଲ ଜେଣ୍ଡର ଆଟ୍‌ଲାସ୍' ଲୋକାର୍ପିତ

## ୱେବ୍‌ସାଇଟରୁ ମିଳିବ ଛାତ୍ରୀଛାତ୍ରଙ୍କ ତଥ୍ୟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଡିଜିଟାଲ ଜେଣ୍ଡର୍ ଆଟ୍‌ଲାସ୍' ୱେବସାଇଟ୍ ଗୁରୁବାର ଅପରାହ୍ନରେ ଲୋକାର୍ପିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ସଚିବାଳୟସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ୱେବ୍‌ସାଇଟ୍‌ରୁ ରାଜ୍ୟରେ ଥିବା ଡିଗ୍ରୀ କଲେଜ, ବିଶ୍ୱବିଦ୍ୟାଳୟ ଏବଂ ରାଷ୍ଟ୍ରୀୟସ୍ତରର ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଯୋଗଦାନ, ସ୍ଥିତି ଓ ସଫଳତା ସମ୍ପର୍କରେ ସବିଶେଷ ତଥ୍ୟ ମିଳିବ। କେନ୍ଦ୍ର ସରକାରଙ୍କ ରୁସା ପ୍ରକଳ୍ପ, ଏନ୍‌ଆଇସି ଏବଂ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ଏହି ୱେବ୍‌ସାଇଟ୍ ପ୍ରସ୍ତୁତ ହୋଇଛି ବୋଲି ମନ୍ତ୍ରୀ ଦାସ କହିଛନ୍ତି।ଭୌଗୋଳିକ ସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ସହାୟତାରେ ଏହି ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ଜିଲାସ୍ତରରେ ଉଚ୍ଚଶିକ୍ଷାରେ ଛାତ୍ରୀଛାତ୍ରମାନଙ୍କ ପ୍ରଗତି ବିଷୟରେ ଏଥିରୁ ସୂଚନା ମିଳିପାରିବ। ଏହା ଯୋଜନା ପ୍ରଣୟନରେ ସରକାରଙ୍କୁ ମଧ୍ୟ ସାହାଯ୍ୟ କରିବ। ଏହି ୱେବ୍‌ସାଇଟ୍ ଦ୍ୱାରା ଅପେକ୍ଷାକୃତ କମ୍ ସଫଳତାପ୍ରାପ୍ତ ଜିଲାଗୁଡିକର ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ ପାଇଁ ଉଚ୍ଚଶିକ୍ଷା ପ୍ରସାରରେ ରହିଥିବା ଲିଙ୍ଗଗତ ଅସମାନତା ସମ୍ପର୍କରେ ଜାଣି ହେବ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ରହିଥିବା ଭିତ୍ତିଭୂମି, ଶିକ୍ଷକ ଓ ପ୍ରଗତିକୁ ନେଇ ପ୍ରତି ଜିଲାର ବିବରଣୀ ଏଥିରୁ ମିଳିବ। ନୀତି ଆୟୋଗ ଦ୍ୱାରା ଚିହ୍ନିତ ଏବଂ ଆକାଂକ୍ଷିତ ଜିଲାଗୁଡିକରେ ରହିଥିବା ଲିଙ୍ଗଗତ ବୈଷମ୍ୟକୁ ୱେବସାଇଟ୍ ଜରିଆରେ ବିଶ୍ଲେଷଣ କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ୱେବସାଇଟ୍‌କୁ ତତ୍‌କ୍ଷଣାତ ଅପ୍‌ଡେଟ୍ କରାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଏବଂ ଏନ୍‌ଆଇସିର ଅଧିକାରୀମାନେ ଉପସ୍ଥିତ ଥିଲେ।

କ୍ଷେତ୍ରୀୟ କାର୍ଯ୍ୟାଳୟ-I:
ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧,
ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯
सिंडिकेटबैंक SyndicateBank

ଗୃହ ଋଣ ପରାମର୍ଶଦାତା ତାଲିକାଭୁକ୍ତି ନିମନ୍ତେ ବିଜ୍ଞାପନ

ସିଣ୍ଡିକେଟ୍ ବ୍ୟାଙ୍କ ୧) ଭୁବନେଶ୍ୱର, ୨) କଟକ, ୩) ଖୋର୍ଦ୍ଧା ପ୍ରଭୃତି ସ୍ଥାନରେ ଗୃହ ଋଣ ପ୍ରସ୍ତାବ ଆଣିବା ନିମନ୍ତେ ଗୃହ ଋଣ ପରାମର୍ଶଦାତାମାନଙ୍କ ତାଲିକାଭୁକ୍ତି ପାଇଁ ପ୍ରସ୍ତାବ ଆହ୍ୱାନ କରୁଅଛି। ଗୃହ ଋଣ ବ୍ୟବସାୟ ନିମନ୍ତେ ବ୍ୟାଙ୍କର ନୀତି ଅନୁସାରେ ଉକ୍ତ ପରାମର୍ଶଦାତାମାନଙ୍କୁ କମିଶନ ପ୍ରଦାନ କରାଯିବ। ଯୋଜନାର ସବିଶେଷ ବିବରଣୀ ଏବଂ ଦରଖାସ୍ତ ଡାଉନ୍‌ଲୋଡ୍ ପାଇଁ ଆମ୍ଭର ୱେବ୍‌ସାଇଟ୍ www.syndicatebank.co.in/announcement/tender/live tender-empanelment of vendor-Retail business dept. ଦେଖନ୍ତୁ। ଯୋଗାଯୋଗ: ମିସ୍ ସୁଚରିତା ମହାନ୍ତି, ମୋ.: ୯୪୩୭୩୯୫୩୮୬ ଏବଂ ଶ୍ରୀ ସୁରେଶ ମହାନ୍ତି, ମୁଖ୍ୟ ପ୍ରବନ୍ଧକ, ଆର୍‌ଏମ୍‌ଏଲ୍‌ସି, ମୋ.: ୯୪୩୭୪୬୩୬୩୩। ଦରଖାସ୍ତ ଦାଖଲର ଅନ୍ତିମ ତାରିଖ : ୩୦.୦୯.୨୦୧୮

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୯.୨୦୧୮
ସ୍ୱା/- କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ-I (ଜାଗମରା), ଭୁବନେଶ୍ୱର

SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

ସମ୍ପତ୍ତି ବିକ୍ରୟ ନିମନ୍ତେ ନୋଟିସ୍
ଆକାଉଣ୍ଟ ନଂ.: ୧୦୩୭୮୨୩୯୧୭୧ - ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର

ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ତାପସ କୁମାର ଗୁଇଁ, ପିତା: ୰ ନରେନ୍ଦ୍ର କୁମାର ଗୁଇଁ, ସା: ପ୍ଲଟ୍ ନଂ.: ୧୭୬୪, ବଡେଇବାଙ୍କ ଛକ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା / ଜାମିନ୍‌ଦାର ଏବଂ ବନ୍ଧକଧାତା: ୰ ନରେନ୍ଦ୍ର କୁମାର ଗୁଇଁ, ୰ ନରେନ୍ଦ୍ର କୁମାର ଗୁଇଁଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ସବିତା ନନ୍ଦି, ସ୍ୱାମୀ: ୰ ନରେନ୍ଦ୍ର କୁମାର ଗୁଇଁ, ୨) ଶ୍ରୀ ତାପସ କୁମାର ଗୁଇଁ, ପିତା: ୰ ନରେନ୍ଦ୍ର କୁମାର ଗୁଇଁ, ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ଠିକଣା- ସା: ମ୍ୟୁନିସିପାଲ ହସ୍ପିଟାଲ କ୍ୟାମ୍ପସ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ସ୍ଥାୟୀ ଠିକଣା- ସା: ଗୋପାଳପୁର, ପୋ: ପ୍ରଥମାଖଣ୍ଡି, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର।

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ସ ୬, ୭, ୮ ଏବଂ ୯ ଅନୁଯାୟୀ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ସୁରକ୍ଷିତ ଋଣ ତା୦୫.୦୩.୨୦୧୭ରିଖ ସୁଦ୍ଧା ଟ.୧୩,୯୬,୬୫୪/- (ତେର ଲକ୍ଷ ଛୟାନବେ ହଜାର ଛଅ ଶହ ଚଉବନ ଟଙ୍କା ମାତ୍ର) ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର ଆକାଉଣ୍ଟର ନିମ୍ନ ଦର୍ଶିତ ସମ୍ପତ୍ତିକୁ ତା୧୩.୦୭.୨୦୧୮ରିଖ ଦଖଲକୁ ନେଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର ବିକ୍ରୟ ନୋଟିସ୍ ପ୍ରକାଶିତ କରି ଉକ୍ତ ସମ୍ପତ୍ତିର ବିକ୍ରି ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ଆପଣଙ୍କୁ ତା୦୬.୦୩.୨୦୧୭ରିଖରେ ଜାରି ଚିଠି ନଂ. SARB/BBSR/CM-I/JN/1673(2) ଦ୍ୱାରା ୬୦ ଦିନିଆ ନୋଟିସ୍ ଏବଂ ପୁନଶ୍ଚ ୩୦ ଦିନିଆ ନୋଟିସ୍ ପ୍ରଦାନ କରାଯାଇ ଋଣ ପରିଶୋଧ କରିବାକୁ କୁହାଯାଇଥିଲା। ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ ମଧ୍ୟ ଆପଣ ଋଣ ପରିଶୋଧ କରୁନାହାନ୍ତି ତେଣୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସରଫେଶୀ ଆକ୍ଟ, ୨୦୦୨ର ନିୟମ ଅନୁସାରେ ଆଶାୟୀ କ୍ରେତାଙ୍କୁ ସମ୍ପତ୍ତି ବିକ୍ରୟ ପାଇଁ ସ୍ଥିର କରିବେ। ଆମ୍ଭେ ପୁନଶ୍ଚ ଆପଣଙ୍କୁ ଜଣାଇ ଦେଉଛୁ କି ଯଦି ଆପଣଙ୍କର କେହି କ୍ରେତା ସମ୍ପତ୍ତି କ୍ରୟ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଆପଣଙ୍କର ସେହି କ୍ରେତା ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପତ୍ତି କ୍ରୟ ନିମନ୍ତେ ବିଡ୍ ପକାଇ ପାରିବେ।

ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିବରଣୀ

୰ ନରେନ୍ଦ୍ର କୁମାର ଗୁଇଁ, ପିତା: କେଳୁ ଚରଣ ଗୁଇଁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପଡ଼ା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୭୦୩/୪୪୧, ପ୍ଲଟ୍ ନଂ.: ୨୧୯/୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବସନ୍ତ କୁମାର ଦାସ, ଦକ୍ଷିଣ: ସରକାରୀ ପ୍ଲଟ୍, ପୂର୍ବ: ହରପ୍ରିୟା ମିଶ୍ର, ପଶ୍ଚିମ: ଏସ୍.ଏନ୍. ସେନାପତି।

ତାରିଖ: ୧୮.୦୯.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା:ପରିବାରର ୪ ମୃତ, ଜଣେ ଗୁରୁତର

ସାଲେପୁର, ୨୦।୯ (ଡି.ଏନ୍.ଏ.): କଟକ-ଚାନ୍ଦବାଲି ରାସ୍ତାର ଜଗତ୍‌ପୁର ଥାନା ଅଧୀନ ଅନନ୍ତପୁର ଛକରେ ବୁଧବାର ବିଳମ୍ବିତ ରାତିରେଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଟ୍ରକକୁ କାର ଧକ୍କା ଦେବାରୁ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ସାଲେପୁର ଥାନା ଅଧୀନ ପିକୋଲ ପଞ୍ଚାୟତ ସିମଲ୍‌ପଡ଼ା ମୁସ୍‌ଲିମ୍ ବସ୍ତିର ସେକ୍ ଶେହେର ଅଲ୍ଲୀ (୪୫), ତାଙ୍କ ସ୍ତ୍ରୀ ଆଲିଜା ବିବି (୪୦), ପୁଅ ସେକ୍ ସିରାଜ (୨୧), ପୁତୁରା ସେକ୍ ସନୱର୍ ଅଲ୍ଲୀ (୨୮)। ଅନ୍ୟ ଜଣେ ପୁତୁରା ଆଶିଷ୍ ଜମାଲ୍ (୩୦) ଗୁରୁତର ହୋଇ ଜଗତ୍‌ପୁରର ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ରହିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାର୍‌କୁ ଜବତ କରିଛି। ଏନେଇ ପୋଲିସ ପକ୍ଷରୁ ଜଗତପୁର ଥାନାରେ ଏକ ମାମଲା (ନଂ ୨୫୬/୧୮) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ସିରାଜ ବେଙ୍ଗାଲୁରୁରେ କାମ କରନ୍ତି। ଗତ ମାସରେ ଇଦ୍ ପର୍ବ ଲାଗି ସେ ଘରକୁ ଆସିଥିଲେ। ବୁଧବାର ତାଙ୍କର ବେଙ୍ଗାଲୁର ଫେରିଯିବାର ଥିଲା। ଏନେଇ ପରିବାର ଲୋକେ ସିରାଜଙ୍କୁ ଭୁବନେଶ୍ୱର ରେଲୱେ ଷ୍ଟେଶନ୍ ଛାଡ଼ିବା ପାଇଁ ରାତିରେ ବାହାରି ଥିଲେ। ବାଟରେ ଗଲାବେଳେ ଅନନ୍ତପୁର ଛକର ରାସ୍ତା ପାର୍ଶ୍ୱରେ ଅଟକିଥିବା ଏକ ଟ୍ରକ ସହ ତାଙ୍କ କାର ଧକ୍କା ହୋଇଥିଲା। ଫଳରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ଶେହରଙ୍କ ସମେତ ଆଲିଜା ଓ ସିରାଜଙ୍କ ମୃତ୍ୟୁ ଘଟିଥିଲା। କାରରେ ଥିବା ପୁତୁରା ସନୱର୍ ଓ ଆଶିଷ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ସନୱରଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ସିମଲ୍‌ପଡ଼ା ଗ୍ରାମକୁ ପଠାଇ ଦିଆଯାଇଛି। ଗ୍ରାମରେ ମୃତଦେହଗୁଡିକ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ସାଲେପୁର ବ୍ଲକ୍ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶ ଓ ପିକୋଲ ସରପଞ୍ଚ ରଣଜିତ୍ ଦାସ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବୀମା ବିଭ୍ରାଟ ତାତି, ବ୍ୟାଙ୍କରେ ତାଲା

- ଅଧିକାରୀ, କର୍ମଚାରୀ ଫେରିଲେ
- ଝିପିଝିପି ବର୍ଷାରେ କମ୍ପିଲେ ଚାଷୀ

ସମ୍ବଲପୁର,୨୦।୯(ବ୍ୟୁରୋ)
ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନରେ କେଁ ସମ୍ବଲପୁର ଜିଲା ଚାଷୀଙ୍କ କାନମୁଣ୍ଡା ଗରମ କରିଛି। ବୀମା କମ୍ପାନୀର ଦୋମୁହାଁ ନୀତି ସେମାନଙ୍କୁ ଶକ୍ତ ଆଘାତ ଦେଇଛି। ଏ ଦିଗରେ ରାଜ୍ୟ ସରକାରଙ୍କ ଶୀଥିଳତା କଟା ଘା'ରେ ଚୂନ ମାରିବା ଭଳି ହୋଇଛି। ଧୋକ୍କାର ଜ୍ୱାଳା ଶେଷ ସୀମା ଲଂଘିଛି। ଜିଲାବ୍ୟାପୀ ଚାଷୀଙ୍କ ଆନ୍ଦୋଳନ ହଟଚମଟ ସୃଷ୍ଟି କରିଛି। ଗୁରୁବାର ମହାନଗର ନିଗମ ଅଞ୍ଚଳର ପ୍ରଭାବିତ ଚାଷୀମାନେ ମୁଦିପଡ଼ା ପାଣିଟାଙ୍କି ଛକସ୍ଥିତ ଜିଲା ସମବାୟ ସେଣ୍ଟ୍ରାଲ ବ୍ୟାଙ୍କ ଫାଟକରେ ତାଲା ମାରିଛନ୍ତି। ପୂର୍ବାହ୍ନ ୧୦ରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକଦେଖାଣିଆ ଚାଷୀ ଦରଦପଣିଆକୁ ଭର୍ତ୍ସନା କରିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆହ୍ୱାନ କ୍ରମେ ଜିଲାର ଚାଷୀମାନେ ରେଙ୍ଗାଲି, ଜମନକିରା, କୁଚିଣ୍ଡା, ମାନେଶ୍ୱର, ଧନୁପାଲିସ୍ଥିତ ସେଣ୍ଟ୍ରାଲ୍ ସମବାୟ ବ୍ୟାଙ୍କ ଫାଟକରେ ତାଲା ଝୁଲାଇ ପ୍ରତିବାଦ ଜଣାଇଛନ୍ତି। ସମ୍ବଲପୁର ମହାନଗର ନଗର ନିଗମ ଅନ୍ତର୍ଗତ ତାଲବ, କର୍ଡୋଲା, କୁଦଗୁଣ୍ଡେରପୁର, ଆମ୍ବସଢ଼ା କଟାପାଲି, ବସନ୍ତପୁର, କଲାମାଟି, ଚାଉଁରପୁର, ବରେଇପାଲି, ରେମେଡ ଅଞ୍ଚଳର ଚାଷୀଙ୍କ ସମେତ ଜିଲା, ବ୍ଲକ, ପଞ୍ଚାୟତ ସ୍ତରୀୟ ଚାଷୀ ନେତା ସାମିଲ ଥିଲେ। ଆଗାମୀଦିନରେ ଆନ୍ଦୋଳନ ଦୁର୍ବାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମାନେଶ୍ୱର କୋ ଅପରେଟିଭ ବ୍ୟାଙ୍କ, ମୁଦିପଡା ସେଣ୍ଟ୍ରାଲ ବ୍ୟାଙ୍କ, ଧନୁପାଲି କୋ ଅପରେଟିଭ ବ୍ୟାଙ୍କ, ରେଙ୍ଗାଲି, କୁଚିଣ୍ଡା, ଜମନକିରା ସମସ୍ତ ବ୍ୟାଙ୍କଗୁଡିକରେ ସ୍ଥାନୀୟ ଚାଷୀ ସଙ୍ଗଠନ ତାଲା ମାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମାନେଶ୍ୱର କୋ ଅପରେଟିଭ ବ୍ୟାଙ୍କ ସମ୍ମୁଖରେ ଚାଷୀ ସଂଘ ସଭାପତି ହରିଶଙ୍କର ପୁରୋହିତଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା । ବ୍ୟାଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନେଶ୍ୱର ସମେତ ବଡେମୁରା, ଗୁଣ୍ଡେରପୁର, ସର୍ଗିପାଲି, ଗୁଲୁଣ୍ଡା, ଛତାବର, ଭୋଇପାଲି, ଚାନ୍ଦମୁଣ୍ଡା, ଖଣ୍ଡୁଆଳ ଗ୍ରାମର ଶତାଧିକ ଚାଷୀ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ପ୍ରଧାନ, ବିଦ୍ୟାଧର ପ୍ରଧାନ, ଗୋବିନ୍ଦ ମିଶ୍ର, ସୁଶାନ୍ତ ପଣ୍ଡା,ଏନ. ଲଛିନାରାୟଣ, ସୁଶାନ୍ତ ବେହେରା, ସୁଧୀର ପାଢୀ, ସୁଦର୍ଶନ ମହାପାତ୍ର, ନୀଳାମ୍ବର ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ୨୦୧୭ ଖରିଫ୍ ବର୍ଷରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଟାମ୍ପରକେଲା ପଞ୍ଚାୟତର ଚାଷୀମାନେ ଟାମ୍ପରକେଲା ସେବା ସମବାୟ ସମିତିରୁ ଫସଲ ବୀମା ରାଶି ପୈଠ କରି ଋଣ ନେଇଥିଲେ। ସରକାର ଟାମ୍ପରକେଲା ପଞ୍ଚାୟତକୁ ୭୧.୫୫ ପ୍ରତିଶତ ମରୁଡ଼ି ଅଞ୍ଚଳ ଘୋଷଣା କରିଛନ୍ତି । ଏପରି ସ୍ଥଳେ ଟାମ୍ପରକେଲା ସମବାୟ ସମିତିର ୪୪୮ ଚାଷୀଙ୍କ ମଧ୍ୟରୁ ୫୪ ଚାଷୀ ଫସଲ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି।

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମୁଣ୍ଡେନପାଲି ପଞ୍ଚାୟତ ଚାଷୀ ମରୁଡ଼ି କ୍ଷୟକ୍ଷତି ବୀମା ରାଶି ୬୭.୦୨ ପ୍ରତିଶତ ପାଇବାକୁ ଯୋଗ୍ୟ ହୋଇଥିବା ବେଳେ ତାହା ୧୪ ପ୍ରତିଶତକୁ ଖସି ଆସିଥିବାରୁ ମଙ୍ଗଳବାର କୁଲୁଣ୍ଡି ଲ୍ୟାମ୍ପସ୍‌ରେ ଚାଷୀମାନେ ତାଲା ମାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁବାର ଚାଷୀମାନେ ଜମନକିରାକୁ ଆସି ସମବାୟ ବ୍ୟାଙ୍କରେ ପୂର୍ବାହ୍ନ ୧୧ଟାରେ ତାଲା ମାରି ଧାରଣା ଦେଇଥିଲେ।



ଗୁରୁବାର ସମ୍ବଲପୁର ଜିଲା ସମବାୟ ସେଣ୍ଟ୍ରାଲ ବ୍ୟାଙ୍କରେ ତାଲା ମାରି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- କୁଷ୍ଠ ନିରାକରଣ ଅଭିଯାନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

# ୨୦୨୦ ମାର୍ଚ୍ଚ ସୁଦ୍ଧା କୁଷ୍ଠରୋଗମୁକ୍ତ ହେବ ଓଡ଼ିଶା

**୨୦୦୭ ପରଠାରୁ ରୋଗୀ ସଂଖ୍ୟା ବଢ଼ିଛି**

ଭୁବନେଶ୍ୱର, ୨୦।୯(ବ୍ୟୁରୋ)
ଆଗାମୀ ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ କୁଷ୍ଠରୋଗମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତା' ପୂର୍ବରୁ ୨୦୧୯ ଅକ୍ଟୋବର ୨ ସୁଦ୍ଧା କୁଷ୍ଠଜନିତ ଗ୍ରେଡ୍-୨ ଅକ୍ଷମତାକୁ ପ୍ରତି ୧୦ଲକ୍ଷ ଲୋକଙ୍କ କ୍ଷେତ୍ରରେ ୧ରୁ କମ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏ ଦିଗରେ କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ବୁଧବାର ବିଭାଗୀୟ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ) ଏବଂ ଡିପିଏମ୍(ଜିଲା ପ୍ରକଳ୍ପ ପରିଚାଳକ)ମାନଙ୍କୁ ନେଇ ପାନ୍ଥନିବାସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାକୁ ମେହେର୍ଦ୍ଦା ଉଦ୍‌ଘାଟନ କରି କହିଛନ୍ତି, ଅତ୍ୟଧିକ କୁଷ୍ଠରୋଗ ପ୍ରବଣ ଜିଲାଗୁଡ଼ିକରେ କୁଷ୍ଠରୋଗୀ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରାଯିବ। କମ୍ ପ୍ରବଣ ଜିଲା, ଏପରି କି ଯେଉଁ ଅଞ୍ଚଳରେ କୁଷ୍ଠରୋଗ ଦେଖାଦେବାର ଆଶଙ୍କା ଅଧିକ ଥିବ ସେସବୁ ସ୍ଥାନକୁ ମଧ୍ୟ ଚିହ୍ନଟ କରାଯିବ। ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହିତ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ଏହି କାର୍ଯ୍ୟକ୍ରମରେ ୩୬,୧୬୨ ଆଶା କର୍ମୀ, ୬୨୪୦ ସ୍ୱାସ୍ଥ୍ୟକର୍ମୀ, ୧୦୯୦ ସ୍ୱାସ୍ଥ୍ୟ ସୁପରଭାଇଜର, ୧୩୮୧ ମେଡିକାଲ ଅଫିସର ଏବଂ ୨୯୧ ଅନ୍ୟାନ୍ୟ ପଦାଧିକାରୀଙ୍କୁ ନିୟୋଜିତ କରାଯିବ। ସମସ୍ତ ସିଡିଏମ୍‌ଓ ଏବଂ ଡିପିଏମ୍ ନିଜ ଜିଲାରେ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମେହେର୍ଦ୍ଦା ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୮୩ରେ ଓଡିଶାର ସବୁ ଜିଲାରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏମ୍‌ଡିଟି ଚିକିତ୍ସା ବ୍ୟବସ୍ଥା ଲାଗୁ କରାଯାଇଥିଲା। ୧୯୮୨-୮୩ରେ ରାଜ୍ୟରେ ପ୍ରତି ୧୦ହଜାର ଲୋକଙ୍କ ମଧ୍ୟରେ ୧୨୧.୪ ଜଣ କୁଷ୍ଠରୋଗରେ ଆକ୍ରାନ୍ତ ଥିଲେ। ସଫଳତାର ସହିତ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କରାଯିବା ପରେ ୨୦୦୬-୦୭ ବେଳକୁ ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରେ କୁଷ୍ଠରୋଗ ଆକ୍ରାନ୍ତଙ୍କ ସଂଖ୍ୟା ୦.୬୫କୁ ହ୍ରାସ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ୨୦୧୨ ମାର୍ଚ୍ଚ ସୁଦ୍ଧା ପ୍ରତି ୧୦ହଜାର ଲୋକଙ୍କ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୦.୯୯ ଥିବାବେଳେ ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ୧.୧୮ ଏବଂ ୨୦୧୮ ଜୁଲାଇ ଶେଷ ସୁଦ୍ଧା ୧.୨୪ରେ ପହଞ୍ଚିଛି। ସେହିପରି ୨୦୧୪-୧୫ରେ ରାଜ୍ୟରେ ୮୦୦୪ ରୋଗୀ ଥିବାବେଳେ ୨୦୧୫-୧୬ରେ ୧୦,୧୭୫, ୨୦୧୬-୧୭ରେ ୧୦,୦୪୫ ଏବଂ ୨୦୧୭-୧୮ରେ ୯,୫୭୬ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ୬,୩୨୫ କୁଷ୍ଠରୋଗୀ ଚିକିତ୍ସାଧୀନ ଅଛନ୍ତି।

କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ବି.କେ.ବ୍ରହ୍ମା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ଗଡନାୟକ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶକ୍ତିପ୍ରସାଦ ପାଢୀଙ୍କ ସମେତ ସବୁ ଜିଲାର ସିଡିଏମଓ ଏବଂ ଡିପିଏମ୍ ଯୋଗଦେଇଥିଲେ।

# ଉଚ୍ଚ ବିଦ୍ୟାଳୟରେ ୧୨,୩୮୧ ପଦବୀ ଖାଲି

- ୩୮୮୯ ଶ୍ରେଣୀଗୃହ ଅସୁରକ୍ଷିତ
- ଗତ ଆର୍ଥିକ ବର୍ଷରେ ୩୬୪୯ ଅଧାରୁ ଛାଡ଼ିଛନ୍ତି ପାଠ

ଭୁବନେଶ୍ୱର,୨୦।୯(ବ୍ୟୁରୋ)
ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୧୨,୩୮୧ ପଦବୀ ଖାଲି ରହିଛି। ତନ୍ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୮୬୬୫, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୧୪୩୩ ଏବଂ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୨୨୮୩ ପଦବୀ ଖାଲିପଡିଛି। ସେହିପରି ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୪,୦୮୭ ଶିକ୍ଷକ ପଦବୀ ଖାଲି ପଡିଥିଲା। ତାହାକୁ ପୂରଣ ନେଇ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି। ତନ୍ମଧ୍ୟରୁ ୯୩୪୮ ଶିକ୍ଷା ସହାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କଂଗ୍ରେସ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ପ୍ରଶ୍ନରେ ଏହି ଉତ୍ତର ଲିଖିତ ଭାବେ ପ୍ରଦାନ କରିଛନ୍ତି। ସେହିପରି ୧୧ରୁ ୧୪ ବର୍ଷ ମଧ୍ୟରେ ଅଧାରୁ ପାଠ ଛାଡୁଥିବା ଝିଅଙ୍କ ସଂଖ୍ୟା ହ୍ରାସ ପାଇଛି। ୨୦୧୩-୧୪ରେ ଏହା ୬୯୩୧ ରହିଥିଲା। ୨୦୧୪-୧୫ରେ ତାହା ୪୩୯୭, ୨୦୧୫-୧୬ରେ ୯୬୧ ରହିଛି। ହେଲେ ୨୦୧୬-୧୭ରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥିଲା। ଉକ୍ତ ସମୟସୀମା ମଧ୍ୟରେ ୧୨୪୧ ଜଣ ଝିଅ ଅଧାରୁ ପାଠପଢା ଛାଡିଛନ୍ତି। ସେହିପରି ଗତ ଆର୍ଥିକ ବର୍ଷ(୨୦୧୭-୧୮)ରେ ୧୦୬୧ଜଣ ଅଧାରୁ ପାଠ ଛାଡିଛନ୍ତି। ମନ୍ତ୍ରୀ ପାତ୍ର କଂଗ୍ରେସ ବିଧାୟକ ନବ ଦାସଙ୍କ ପ୍ରଶ୍ନର ଉତ୍ତରରେ ଉପରୋକ୍ତ ତଥ୍ୟ ରଖିଛନ୍ତି। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୧୯୯୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୮୮୯ ଶ୍ରେଣୀଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୬ରୁ ୧୪ ବର୍ଷ ମଧ୍ୟରେ ୩୬୪୯ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଥିବା ମନ୍ତ୍ରୀ ପାତ୍ର ଭାଜପା ସଭ୍ୟ ରବି ନାଏକଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

Aital Companyରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor, Cell : 7873239883

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୨୦ ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ୍- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜଓ୍ବାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### କୁଚିଣ୍ଡାରେ ପଞ୍ଚାୟତ ଚାଲ ଅଭିଯାନ ଆରମ୍ଭ

ସମ୍ବଲପୁର/କୁଚିଣ୍ଡା,୨୦।୯(ବ୍ୟୁରୋ/ଡି.ଏନ.ଏ.): ଓଡ଼ିଶା ମିଳିତ ଅଧ୍ୟାପକ ଓ ଶିକ୍ଷକ ମଞ୍ଚର ଆହ୍ୱାନ କ୍ରମେ କୁଚିଣ୍ଡା ଉପଖଣ୍ଡରେ ପଞ୍ଚାୟତ ଚାଲ ଅଭିଯାନ ଆରମ୍ଭ ହୋଇଛି। କୁଟୁରୁଚୁଆଁ କଲେଜ ଅଧକ୍ଷ ସୁବାସ ନାୟକ ଏହାର ନେତୃତ୍ୱ ନେଇଥିଲେ। ପ୍ରାୟ ମାସେ ହେବ ଏହି ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି ଓ ଆନ୍ଦୋଳନ ହୋଇଆସୁଛି। ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାରୁ ମଞ୍ଚ ପକ୍ଷରୁ ଏହି ଆନ୍ଦୋଳନକୁ ପଞ୍ଚାୟତସ୍ତରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କୁଚିଣ୍ଡା ବ୍ଲକର କୁଟୁରାଚୁଆଁ, କୁଲେଇଗଡ଼, ବକ୍ସମା, ଖଣ୍ଡୋକଟା, ଚନ୍ଦନିମାଲ, କୁ.ଜମନକିରା, ସାଲେଭାଡ଼ି ଆଦି ଗ୍ରାମରେ ଅଧକ୍ଷ ଓ ଶିକ୍ଷକମଞ୍ଚ ସଦସ୍ୟମାନେ ପ୍ରଚାର ପତ୍ର ବଣ୍ଟନ କରିବା ସହ ଅଭିଭାବକମାନଙ୍କଠାରୁ ହସ୍ତାକ୍ଷର ସଂଗ୍ରହ କରିଥିଲେ। ଏଥିସହ ଲୋକମାନଙ୍କୁ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ ମଧ ହୋଇଥିଲା। ଏଥିରେ କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷା ସୌଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟ, ବିଲେଇପାରି କଲେଜ ଅଧକ୍ଷ ଡିଲେଶ୍ୱର ବେହେରା, ଓଷ୍ଟାର ସମ୍ପାଦକ କମଳ ଲୋଚନ ବେହେରା, ପୂର୍ବତନ ସଭାପତି ପ୍ରଦୀପ ପୁରୋହିତ, ଅରବିନ୍ଦ ପଟେଲ, ସୁଶୀଲ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଅଖିଳ ଭାରତୀୟ ହିନ୍ଦ୍ ପାର୍ଟିର ଦାବିପତ୍ର ପ୍ରଦାନ

ସମ୍ବଲପୁର,୨୦।୯(ବ୍ୟୁରୋ)- ଝାରଖଣ୍ଡର ହିନ୍ଦୁ ସମାଜ ପାର୍ଟି ରାଜ୍ୟ ସଭାପତି ଗୌରବ କୁମାର ଝାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଇଛି। ସେ ଗୋ-ହତ୍ୟା ଓ ଧର୍ମାନ୍ତରୀକରଣ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି । ତାଙ୍କ ନାମରେ କୌଣସି ପ୍ରକାର ଆପରାଧିକ ମାମଲା ନ ଥିବା ବେଳେ ଧାନବାଦ୍ ଜିଲା ମୂଳଡ଼ିହ ପୋଲିସ ତାଙ୍କୁ ଗିରଫ କରିଛି। ତାଙ୍କୁ ନିର୍ଦ୍ଦୋଷ ଭାବେ ଖଲାସ କରାଯିବାକୁ ଅଖିଳ ଭାରତୀୟ ହିନ୍ଦ୍ କ୍ରାନ୍ତି ପାର୍ଟି ଦାବି କରିଛି। ବୁଧବାର ଏ ନେଇ ପ୍ରାନ୍ତୀୟ ପ୍ରଭାରୀ ଶଶାଙ୍କ ଶେଖର ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

### କିସିଣ୍ଡା ଆଞ୍ଚଳିକ ଦୁର୍ଗାପୂଜା କମିଟି ଚୟନ

ନାକଟିଦେଉଳ,୨୦।୯(ଡି.ଏନ.ଏ.) : ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଆଞ୍ଚଳିକ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ସହ କମିଟିର ନୂତନ କର୍ମକର୍ତ୍ତା ମନୋନୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି । କିସିଣ୍ଡା ଦୁର୍ଗା ମଣ୍ଡପଠାରେ ଆୟୋଜିତ ବୈଠକରେ ପ୍ରତିବର୍ଷ ଭଳି ଚଳିତବର୍ଷ ଦଶହରା ପର୍ବ ଶାନ୍ତିଶୃଙ୍ଖଳା ସହ ଧୁମଧାମରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ କର୍ମକର୍ତ୍ତା ଚୟନ କରାଯାଇ ଅକ୍ଷୟ କୁମାର ନାଏକ ସଭାପତି, ସବ୍ୟସାଚୀ ପଣ୍ଡା ଉପସଭାପତି, ବିପିନ ବିହାରୀ ପ୍ରଧାନ ଅଧକ୍ଷ, ରମାକାନ୍ତ ପ୍ରଧାନ ଉପାଧକ୍ଷ, କ୍ଷେତ୍ର ମୋହନ ବାଗ ସାଧାରଣ ସମ୍ପାଦକ ଓ ବାସନ୍ତି ନାଏକଙ୍କୁ ସର୍ବସମ୍ମତିକ୍ରମେ କୋଷାଧକ୍ଷ ମନୋନୀତ କରାଯାଇଛି। ଦୁର୍ଗା ପୂଜା ଉତ୍ସବରେ ଆଶୀଷ କୁମାର ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଶାନ୍ତିଲତା ପ୍ରଧାନ କର୍ତ୍ତା ଦାୟୀତ୍ୱ ତୁଲାଇବାକୁ ନିଷ୍ପତ୍ତି ହୋଇଛି। ଦଶହରାରେ ରାବଣପୋଡ଼ି ସହ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରିକୃତ ହୋଇଛି।

### ବାଦ୍ୟଯନ୍ତ୍ର ଚୋରି କରି ଯୁବକ ଗିରଫ

ରେଙ୍ଗାଲି,୨୦।୯(ଡି.ଏନ.ଏ.) : କଳାକାରଙ୍କ ବାଦ୍ୟଯନ୍ତ୍ର ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ବରଗଡ କଳାଜୀବୀ ପରିଷଦ ପକ୍ଷରୁ ରେଙ୍ଗାଲି କାସିପାଲିର ଅବନୀ ରଞ୍ଜନ ସୁନାନୀ ଚେନ୍ନାଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବୁଧବାର ରାତି ୩ଟାରେ ସେ ଟ୍ରେନ ଯୋଗେ ରେଙ୍ଗାଲି ରେଲୱେ ଷ୍ଟେଶନ ଫେରିଥିଲେ। ଷ୍ଟେଶନସ୍ଥିତ ଏକ ବେଞ୍ଚରେ ବାଦ୍ୟଯନ୍ତ୍ର ରଖି ସେ ବସି ରହିଥିଲେ। ଏହି ସମୟରେ ଯୁବକଜଣକ ଉକ୍ତ ବାଦ୍ୟଯନ୍ତ୍ର (ଇଲେକ୍ଟ୍ରିଅରଗାନ୍)ଙ୍କୁ ଝାମ୍ପି ନେଇ ଦୌଡ଼ିଥିଲା। ଏଥିରେ ସୁନାନୀ ଯୁବକଙ୍କ ପଛରେ ଧାଇଁଥିଲେ। ସ୍ଥାନୀୟ ଲୋକେ ମଧ ଯୁବକଙ୍କୁ ଧରିବା ପାଇଁ ଦୌଡ଼ିଥିଲେ। ଘଟଣାସ୍ଥଳରୁ ୫୦ ମିଟର ଦୂର ଚାଉଲଡିପୁ ମହାଦେବ ମନ୍ଦିରଠାରେ ଯୁବକ ଧରାପଡ଼ିଥିଲା। ତାଙ୍କୁ ଲୋକେ ମାଡ଼ ମାରି ସମ୍ବଲପୁର ଜିଆର୍‌ପି ପୋଲିସ ଜିମା ଦେଇଥିଲେ । ବାଦ୍ୟଯନ୍ତ୍ରର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ସୁନାନୀ କହିଛନ୍ତି ଗିରଫ ଅଭିଯୁକ୍ତ ଯୁବକଜଣକ ହେଲେ ଝାରସୁଗୁଡା, ପଞ୍ଚପଡ଼ାର ବାବୁଲୁ ବାରଭିଆ (୨୦)।

# ସରକାରଙ୍କ ନିଷ୍ପତ୍ତିକୁ ସମବାୟ ସମିତିର ବିରୋଧ

ସମ୍ବଲପୁର,୨୦।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସମବାୟ ସମିତିଗୁଡ଼ିକ କ୍ଷତି ସହିବ। ଏଥିରେ କାମ କରୁଥିବା କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେବେ। ଏହାର ସିଧାସଳଖ ପ୍ରଭାବ ଚାଷୀଙ୍କ ପଡ଼ିବ। ମାନେଶ୍ୱର ସେବା ସମିତି ପରିସରରେ ସଭାପତି ରଘୁନାଥ ଦିକ୍ଷୀତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆୟୋଜିତ ସଭାରେ ଏହି ମତ ପ୍ରକାଶ ପାଇଛି। ଏଥିରେ ଦେଓଗାଁ ସଭାପତି ଦେବିଲାଲ ପ୍ରଧାନ, ଝାଙ୍କରପାଲି ସଭାପତି ବାଳକୃଷ୍ଣଦାସ, ବାହାମ ସଭାପତି ଅଶୋକ ପୁରୋହିତ ପ୍ରମୁଖ ଉପସ୍ଥିତ ରହିଥିଲେ। ସରକାରଙ୍କ ନିଷ୍ପତ୍ତି ବିରୋଧରେ ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ସମବାୟ ସମିତିରେ ସାଧାରଣ ସଭା କରାଯାଇ ରାଜ୍ୟ ସରକାରଙ୍କ ସମବାୟ ବିଭାଗକୁ ଅଭିଯୋଗ ପତ୍ର ଦିଆଯିବାକୁ ସହମତି ପ୍ରକାଶ ପାଇଛି। ସଭାରେ ଅଭିଯୋଗକ୍ରମେ ଚାଷୀମାନଙ୍କୁ ଋଣ ଦେବା ପାଇଁ



ମାନେଶ୍ୱର ସେବା ସମବାୟ ସମିତିରେ ସଭାପତିମାନଙ୍କ ବୈଠକ ।

ସମବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରେ ଚାଷୀମାନେ ଲାଭବାନ ହୋଇଛନ୍ତି। ଶସ୍ୟ ଋଣ ଦେବାରେ ସମବାୟ ସମିତି ଅନ୍ୟ ବ୍ୟାଙ୍କ ତୁଳନାରେ ଆଗରେ ରହିଛି। ଏପରି ସ୍ଥଳେ କେତେକ ଜିଲାକୁ ବାଦ୍ ଦେଲେ ପ୍ରାୟତଃ ୩୦୦ରୁ ଅଧିକ ସମବାୟ ସମିତିର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଛି। ଧାନ କିଣା ବିକାରେ କମିଶନ ଓ ଋଣ ପ୍ରଦାନ କରି କୋଟି କୋଟି ଟଙ୍କା ଆୟ କରାଯାଉଛି। ଏହି ଆୟ ଟଙ୍କାରୁ ୩୦ ପ୍ରତିଶତ ଟଙ୍କା କର୍ପସ ଫଣ୍ଡ୍‌ରେ ଜମା କରିବାକୁ ସରକାର ଯୋଜନା କରିଛନ୍ତି। ଏହି ଜମା ଟଙ୍କା ବାବଦରେ ରାଜ୍ୟର ପ୍ରତ୍ୟେକ ସମବାୟ ସମିତିକୁ ମାସିକ ୧୫ହଜାର ଟଙ୍କା ଲେଖାଏଁ ଦିଆଯିବ। ଏହାଦ୍ୱାରା ଆୟ କରୁଥିବା ସମବାୟ ସମିତିର କ୍ଷତି ହେବ। ଯେଉଁ ସମବାୟ ସମିତିର କାର୍ଯ୍ୟଧାରା ଠିକ୍ ନଥିବା ଲାଭରେ ରହିବେ। ସମବାୟ ସମିତି ଅଞ୍ଚଳର ଚାଷୀମାନଙ୍କୁ ନେଇ ଗଠିତ ହୋଇଥାଏ। ଏଣୁ ଏଭଳି ପଦକ୍ଷେପ ସିଧାସଳଖ ଚାଷୀ ଉପରେ ପ୍ରଭାବ ପକାଇବ। ସମବାୟ ସମିତର ଲାଭାଂଶ ଅର୍ଥ ସାଧାରଣ ସଭାରେ ପାସ୍ ହୋଇ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ। କାମ କରୁଥିବା କର୍ମଚାରୀମାନଙ୍କୁ ମଧ ଅର୍ଥ ଯୋଗାଇ ଦିଆଯାଇଥାଏ । ଏଣୁ ଲାଭ କରୁଥିବା ସମବାୟ ସମିତିଗୁଡିକ ଏହି ଫଣ୍ଡରେ ଟଙ୍କା ଜମା କରିବାକୁ ବିରୋଧ କରାଯାଇଛି।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ବୈଠକ

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତାରେ ସଭା ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ବିଭିନ୍ନ ଦାବି ଉପରେ ତଥ୍ୟ ରଖିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପେନଶନ ଭୋଗୀଙ୍କ ଦାବି ଶୁଣୁ ନ ଥିବା ପରିତାପର ବିଷୟ ବୋଲି ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ସଂଘର ସଦସ୍ୟ ବିମଳକୃଷ୍ଣ ମହାନ୍ତିଙ୍କ ୨ ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୂରଣ କରିବାରେ ବିଫଳ ହୋଇଛନ୍ତି। ଏଣୁ ଆଗାମୀ ଦିନରେ ସଂଘ ଦାବି ହାସଲ ପାଇଁ ଲଢ଼େଇ କରିବ ବୋଲି ଆଲୋଚନା ହୋଇଛି । ସୂଚନାଯୋଗ୍ୟ ଯେ, ବିମଳକୃଷ୍ଣ ସେପ୍ଟେମ୍ବର ୧ ତାରିଖରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାବି ସଂକ୍ରାନ୍ତରେ ଲିଖିତ ଜଣାଇଥିଲେ। ଦାବି ପୂରଣ ନ ହେଲେ ସେପ୍ଟେମ୍ବର ୨୪ରୁ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ବୈଠକରେ ଆମରଣ ଅନଶନକୁ ସ୍ଥଗିତ କରାଯାଇଛି ।

# ଅଜଣା ରୋଗରେ ଧାନ ଫସଲ ନଷ୍ଟ

ଜମନକିରା,୨୦।୯ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଧାନ କ୍ଷେତରେ ଅଜଣା ରୋଗ ବ୍ୟାପିଛି। ଧାନ କେଣ୍ଡାଗୁଡ଼ିକ କଳା ଓ ପତ୍ରଗୁଡ଼ିକ ହଳଦିଆ ଦେଖାଯାଉଛି। ଏ ନେଇ କୃଷି ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ପଟେଲଙ୍କୁ ଯୋଗାଯୋଗ କରି ପଚାରିବାରେ ମହିସା ରୋଗ ହୋଇଥାଇପାରେ ବୋଲି ସେ ଅନୁମାନ କରୁଥିବା କହିଥିଲେ। କ୍ଷେତ ପରିଦର୍ଶନ ପରେ ସ୍ପଷ୍ଟ ଜଣାପଡ଼ିବ ସୂଚାଇଥିଲେ।

ବଡ଼ମାଲ ପଞ୍ଚାୟତ ଘନଘୋଷା, ଲଦ୍ରୋପାଲ, ଭାଲୁଡ଼ିହି, ବଡ଼ମାଲ, ନୂଆଡ଼ିହି ଆଦି ଗ୍ରାମ ଧାନ କ୍ଷେତରେ



ରୋଗଗ୍ରସ୍ତ ଧାନଗଛ ।

ଏହି ଅଜଣା ରୋଗ ଦେଖାଦେଇଛି। ଫସଲ ନଷ୍ଟ ହେବାରେ ଲାଗିଛି। ଧାନ କେଣ୍ଡାଗୁଡ଼ିକ କଳା ଦେଖାଯାଉଥିବା ବେଳେ ଗଛଗୁଡ଼ିକ ସବୁଜରୁ ହଳଦିଆ ଆଡ଼କୁ ଗତି କରୁଛି। ଏଭଳି ସ୍ଥିତି ଯୋଗୁ ଚାଷୀମାନେ ପୁନର୍ବାର ସମ୍ଭାବ୍ୟ ମରୁଡ଼ି ନେଇ ଶଙ୍କାଗ୍ରସ୍ତ ହୋଇପଡ଼ିଛନ୍ତି। କୃଷି ବିଭାଗ ପକ୍ଷରୁ ଏହାର ପ୍ରତିକାର ଯଥାଶୀଘ୍ର କରାନଗଲେ ଚାଷୀମାନେ ଯେ ଅଧିକ କ୍ଷତିଗ୍ରସ୍ତ ହେବେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଗୋପାଲ ବଗର୍ତ୍ତୀ, ନରେଶ ନାୟକ, ରାମଚନ୍ଦ୍ର ପଟେଲ, ପ୍ରତାପ ଦେହୁରୀ, ପ୍ରଶାନ୍ତ ବଗର୍ତ୍ତି, ବଟୁ ନାୟକ, ସୁରେଶ ନାଏକ, ନୟନ ପଟେଲ, ହୃଦାନନ୍ଦ ନାଏକ ପ୍ରମୁଖ ଚାଷୀମାନେ ଏହି ଅଭାବନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ବିଭାଗୀୟ ସହାୟତାକୁ ଅପେକ୍ଷା କରି ରହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ୨୯୮ ଶ୍ରମିକଙ୍କୁ ଶହେ ଦିନର କାମ

ରେଢ଼ାଖୋଲ,୨୦।୯(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଶିବିରରେ ୨୦୧୭/୧୮ ଆର୍ଥିକ ବର୍ଷରେ ବ୍ଲକରେ ଏହି ଯୋଜନା ଅଧୀନ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବ୍ଲକର ସମସ୍ତ ୧୪ ପଞ୍ଚାୟତରେ ୨୮୮ ପ୍ରକଳ୍ପର କାର୍ଯ୍ୟାରମ୍ଭ ସ୍ଥଳେ ୫୬୫ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏ ବାବଦରେ ୫୬୧.୪୩ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ବ୍ଲକର ୧୧,୮୨୧ଜଣଙ୍କୁ ଜବକାର୍ଡ଼ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୯୪୬୭ କାର୍ଯ୍ୟ କରିବା ପାଇଁ ଆବେଦନ କରିଥିଲେ। ୯୪୦୩ ପରିବାରଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଛି । ତେବେ ୨୯୮ ପରିବାରଙ୍କୁ ୧୦୦ ଦିନ କାମ କରିବାକୁ ସୁଯୋଗ ମିଳିଥିବା କୁହାଯାଇଛି। ସେହିପରି ୨ଲକ୍ଷ ୨୨ହଜାର ୫୯୯ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଜଣାପଡ଼ିଛି। ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧକ୍ଷା କବିତା ପ୍ରଧାନ, ବିଡିଓ ପରିକ୍ଷିତ ସାହୁ, ଜିଲା ସମାଜିକ ସମୀକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ଶତପଥୀ,ଏପିଓ ଗୋପାଳ ପଟେଲ, ବ୍ଲକ ସମୀକ୍ଷା ଅଧିକାରୀ ହରିହର ପ୍ରଧାନଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକର ସମସ୍ତ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ଏବିଡିଓ ସହଦବେ ନନ୍ଦ ଧନ୍ୟବାଦ ଦେଇଥିଲେ।

## ସେବା ସମବାୟ ସମିତିରେ ଋଣ ଜାଲିଆତି ଅଭିଯୋଗ ୧୦ ଚାଷୀଙ୍କଠାରୁ ତଥ୍ୟ ସଂଗ୍ରହ



ବରଗଡ଼ରୁ ଆସିଥିବା ଅଡିଟର ମନୋଜ ତ୍ରିପାଠୀ ଚାଷୀଙ୍କୁ ପଚରାଉଚୁରା କରୁଛନ୍ତି।

ରେଙ୍ଗାଲି,୨୦।୯(ଡି.ଏନ.ଏ.)

ରେଙ୍ଗାଲି ସମବାୟ ସମିତିରେ ଚାଷୀଙ୍କ ଅଜାଣତରେ ଜାଲ ଦସ୍ତଖତରେ ହୋଇଥିବା ଋଣ ଜାଲିଆତି ଅଭିଯୋଗର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବରଗଡ଼ ଅଡିଟ ଅଫିସରୁ ଆସିଥିବା ଅଡିଟର ମନୋଜ କୁମାର ତ୍ରିପାଠୀ ଅଭିଯୋଗକାରୀ ୧୦ ଚାଷୀଙ୍କୁ ଡାକି ତଥ୍ୟ ସଂଗ୍ରହ କରିଛନ୍ତି। ଚାଷୀଙ୍କୁ ପଚରାଉଚୁରା ସମୟରେ ସୋସାଇଟିର ସମ୍ପାଦକ ଚାର୍ଜରେ ଥିବା ବୃଷଭାନୁ ଭୋଇ, ସୋସାଇଟିର ସଭାପତି ଦୁଲ୍ଲଭ ଓରାମ ଉପସ୍ଥିତ ରହିଥିଲେ।

ସୂଚନା ମୁତାବକ, ରେଙ୍ଗାଲି ସମବାୟ ସମିତିରେ ଋଣ ଜାଲିଆତି ନେଇ ଜିଲାପାଳଙ୍କୁ ଅବଗତ କରାଯିବା ପରେ ସମ୍ବଲପୁର ଏଡିଏମ ଅଜୟ ଜେନା, ଡିଆରସିଏସ ପ୍ରସନ୍ନ ବାଗ ସମବାୟ ସମିତି ପରିଦର୍ଶନ କରି ତଦନ୍ତ କରିଥିଲେ। ଏଡିଏମ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ମଧ ଦେଇଥିଲେ। ଗୁରୁବାର ଅଭିଯୋଗର ପୁନଃ ତଦନ୍ତ ପାଇଁ ବରଗଡ଼ ଅଡିଟ ଅଫିସରୁ ଅଡିଟର ମନୋଜ କୁମାର ତ୍ରିପାଠୀ ଆସିଥିଲେ। ପ୍ରଥମ ପର୍ଯ୍ୟାୟରେ ସେବା ସମବାୟ ସମିତି ଅଧୀନ ସାଲେପଡ଼ାର ବିଜୟ ଓରାମ, ବିଞ୍ଜପାଲିର ଇନ୍ଦ୍ର ମିର୍ଦ୍ଧା, ସାଲଡର ଲିଙ୍ଗରାଜ ସେଠ, ବିଞ୍ଜପାଲିର ରସାନନ୍ଦ ଭୁଏ, ପଣ୍ଡଲୋଇର ପ୍ରଶାନ୍ତ ମରେଇ, ଶୁଶିଲା କାଲୋ, ତୁରିଚିକ୍ରାର ବୈଷ୍ଣବ ପାଉଲେ, ଚିନ୍ତାମଣି ସାହୁ, ଅର୍ଜୁନ ଭୁଏ ଏବଂ କାଶିପାଲିର ଶୁକ୍ତି ଖଡିଆ ଚାଷୀଙ୍କୁ ନୋଟିସ ଯୋଗେ ଡକାଇଥିଲେ। ସେମାନଙ୍କ ଅଜାଣତରେ ଜାଲ ଦସ୍ତଖତ କରି ଋଣ ଉଠାଯାଇଥିବା ଚାଷୀମାନେ ଅଡିଟରଙ୍କୁ କହିଥିଲେ। ଏପରି କି କେତେକ ଚାଷୀ ରସିଦ୍ ପାଇନଥିବା ଜଣାଇଥିଲେ। ଯାଞ୍ଚ ରିପୋର୍ଟ ଭୁବନେଶ୍ୱର କାର୍ଯ୍ୟାଳୟକୁ ପଠାଯିବ ବୋଲି ଅଡିଟର ତ୍ରିପାଠୀ ପ୍ରକାଶ କରିଛନ୍ତି।

### ବିଷାକ୍ତ ସାପ କାମୁଡ଼ାରେ ଜଣେ ମୃତ

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ଜିଲା ବୈଦାରକଣ୍ଟା ଗ୍ରାମର କୁଳମଣୀ ମୁଣ୍ଡା (୧୬) ବିଷାକ୍ତ ସାପ କାମୁଡ଼ାରେ ମୃତ ହୋଇଥିବା ଅଭିଯୋଗ ହୋଇଛି। ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବାନୁଯାୟୀ, ବୁଧବାର ରାତିରେ କୁଳମଣୀ ଘରେ ଶୋଇଥିବାବେଳେ ଆଘାତ ପାଇଥିଲେ। ପରେ ଅସୁସ୍ଥ ହୋଇଯିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଥିବା ଜଣାପଡ଼ିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହୀରାକୁଦ ଡ୍ୟାମ୍ ସୂଚନା

ସମ୍ବଲପୁର,୨୦।୯(ବ୍ୟୁରୋ)

ହୀରାକୁଦ ଡ୍ୟାମ ଜଳସ୍ତର ଗୁରୁବାର ରାତି ୯ଟା ସୁଦ୍ଧା ୬୨୭.୦୦ ରହିଛି। ଡ୍ୟାମକୁ ପ୍ରତି ସେକେଣ୍ଡରେ ୧୫ହଜାର ୪୩୭ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ବରଗଡ଼, ଶାସନ, ପାୱାର ଚ୍ୟାନେଲ ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ମାଧମରେ ୫ହଜାର ୪୦୭ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଡ୍ୟାମର ଉପରମୁଣ୍ଡରେ ବର୍ଷା ହୋଇ ନ ଥିବା ବେଳେ ତଳମୁଣ୍ଡରେ ୦୪.୫୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସମ୍ବଲପୁର ଜିଲାରେ ୨.୨ ମିମି ବର୍ଷା ହୋଇଛି।

# ଗାଁ ସାଥୀ ସଂଘର ଆନ୍ଦୋଳନ ସଜବାଜ



ଗୁରୁବାର ଅନୁଷ୍ଠିତ ଗାଁ ସାଥୀ ସଂଘ ବୈଠକ।

ରେଢ଼ାଖୋଲ,୨୦।୯(ଡି.ଏନ.ଏ.)

୫ ଦଫା ଦାବି ନେଇ ରେଢ଼ାଖୋଲ ବ୍ଲକ ଗାଁ ସାଥୀ ସଂଘ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ମାସିକ ପ୍ରୋତ୍ସାହନ ରାଶି ୬ ହଜାର ଟଙ୍କା ସହ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନ କାର୍ଯ୍ୟରେ ଗାଁ ସାଥିମାନଙ୍କୁ ସାମିଲ, କଣ୍ଟ୍ରାକ୍ଟର ନିଯୁକ୍ତି ବନ୍ଦ, ଗାଁ ସାଥିମାନଙ୍କୁ ପରିଚୟ ପତ୍ର ପ୍ରଦାନ, ଅନ୍ୟ ବିଭାଗରେ ହେଉଥିବା ଏହି ଯୋଜନା କାର୍ଯ୍ୟରେ ନିଯୁକ୍ତ କରାଯିବା ଆଦି ୫ଦଫା ଦାବି ସମ୍ପର୍କିତ ଏକ ଦାବିପତ୍ର ରାଜ୍ୟ ସଂଘ ପକ୍ଷରୁ ସରକାରଙ୍କଠାରେ ଉପସ୍ଥାପନ କରାଯିବାକୁ ଗୁରୁବାର ଅନୁଷ୍ଠିତ ଗାଁ ସାଥି ସଂଘ ବୈଠକରେ ନିଷ୍ପତ୍ତି ହୋଇଛି। ଅକ୍ଟୋବର ମାସ ୧୦ ତାରିଖ ସୁଦ୍ଧା ଦାବି ଉପରେ ସରକାର ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇ। ସ୍ଥାନୀୟ ହାଟପଦାଠାରେ ସଂଘର ସଭାପତି ସଞ୍ଜୀବ ଯୋଶୀଙ୍କ ସଭାପତିତ୍ୱରେ ହୋଇଥିଲା ବୈଠକ। ଏଥିରେ ଗାଁ ସାଥି ସଂଘ ସମ୍ବଲପୁର ଜିଲା ସଭାପତି ରୁଦ୍ର ପ୍ରସାଦ ଦେହୁରୀ, ସମ୍ପାଦକ ଯୁଧିଷ୍ଠିର ବିଶ୍ୱାଳ, ରେଢ଼ାଖୋଲ ସମ୍ପାଦକ ଜିତେନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ୨୫୦ରୁ ଉର୍ଦ୍ଧ୍ୱ ଗାଁ ସାଥି ବୈଠକରେ ଉପସ୍ଥିତ ରହିଥିଲେ। ଛବିଳ କୁମାର ପ୍ରଧାନ, ସୁନିଲ ପ୍ରଧାନ, ଚେରେଙ୍ଗା ଦେହୁରୀ, ସୁକାନ୍ତୀ ପ୍ରଧାନ, ବିନୋଦ ପାତ୍ର, ରଞ୍ଜିତ ହାତୀ, ସୁନିଲ ପ୍ରଧାନ, ଭାଗବତ କର୍ମୀ, ନିରାକାର ପ୍ରଧାନ, ଦୁଷ୍ମନ୍ତ ବିଶ୍ୱାଳ ପ୍ରମୁଖ ଦାବି ଉପରେ ମତାମତ ରଖିଥିଲେ।

## ଆର୍‌ଡିସ୍ ସମ୍ମିଳନୀ କକ୍ଷରେ ବୈଠକ
## ସିଲିଂ ଜମି ବିବାଦ ସମାଧାନ ପାଇଁ ନିର୍ଦ୍ଦେଶ

ସମ୍ବଲପୁର,୨୦।୯(ବ୍ୟୁରୋ)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ମିଳନୀ କକ୍ଷରେ ଆରଡିସିସ୍ତରୀୟ ତହସିଲଦାର ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରଡିସି ଟି.ବି. ସ୍ୱାମୀ ଏଥିରେ ଅଧକ୍ଷତା କରି ତହସିଲରେ ସିଲିଂ ଜମି ମାମଲା ଉପରେ ଗୁରୁତ୍ୱ ଦେଇ ସମୀକ୍ଷା କରିଥିଲେ । ବର୍ଷ ବର୍ଷ ଧରି ପଡ଼ି ରହିଥିବା ସିଲିଂ ଜମି ସମସ୍ୟା ଦୂର କରିବା ପାଇଁ ସେ ଏଡିଏମ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର, କେନ୍ଦୁଝର ଓ ଅନୁଗୋଳ ଜିଲାକୁ ବାଦ୍ ଦେଇ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲାର ତହସିଲଗୁଡ଼ିକରେ ପଡି ରହିଥିବା ସିଲିଂ ଜମି ମାମଲା ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ଜିଲାର ସମ୍ବଲପୁର ସଦର, ରେଙ୍ଗାଲି, ଜୁଜୁମୁରା ଓ କୁଚିଣ୍ଡାରେ ଅଧିକ ସିଲିଂ ମାମଲା ରହିଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ବଲାଙ୍ଗୀର ରାଜ ପରିବାରର ୫୦୦ ଏକର ସିଲିଂ ଜମି ସମ୍ପର୍କିତ ମାମଲା ନଭେମ୍ବର ସୁଦ୍ଧା ସମାଧାନ କରିବାକୁ ସେ ବଲାଙ୍ଗୀର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୯୭୬ରୁ ପଡ଼ି ରହିଥିବା ମାମଲାଗୁଡ଼ିକ ପାରୁପର୍ଯ୍ୟନ୍ତ ଶୀଘ୍ର ସମାଧାନ କରିବାକୁ କହିଥିଲେ।

# ଜିଲାସ୍ତରୀୟ ଜାତୀୟ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୦।୯(ବ୍ୟୁରୋ)

ଜିଲାସ୍ତରୀୟ ଜାତୀୟ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମ ଗୁରୁବାର ସମ୍ବଲପୁର ଜିଲା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରୋଗ୍ରାମ ମ୍ୟାନେଜର ବିଚିତ୍ରା ନନ୍ଦ ଆଚାର୍ଯ୍ୟଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ମୁଖ୍ୟ ଅତିଥି, ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ ମୁଖ୍ୟବକ୍ତା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଆରଡବ୍ଲ୍ୟୁଏସଏସ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭୁପ୍ରସାଦ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗର୍ଭାବସ୍ଥାରୁ ଶିଶୁଙ୍କୁ ଦୁଇ ବର୍ଷ ହେବା ପର୍ଯ୍ୟନ୍ତ ଉତ୍ତମ ପୁଷ୍ଟିକର ଖାଦ୍ୟ ବିଷୟରେ



ଗୁରୁବାର ସମ୍ବଲପୁର ଜିଲାସ୍ତରୀୟ ଜାତୀୟ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମରେ ସିଡିପିଓ, ଅଙ୍ଗନୱାଡି, ମାତୃ କମିଟି, ଯାଞ୍ଚ କମିଟି ସଭ୍ୟମାନେ ।

ଆଲୋଚନା କରିଥିଲେ। ଲୌହ ବଟିକା, କ୍ୟାଲସିୟମ୍ ବଟିକା, ଆୟୋଡିନ୍ ଯୁକ୍ତ ଲୁଣ, ଜନ୍ମପରେ ଯେତେ ଶୀଘ୍ର ସ୍ତନ୍ୟପାନ ଆଦିର ଉପାଦେୟତା ଉପରେ ଅବଗତ କରାଯାଇଥିଲା। ଡିଏସଡବ୍ଲ୍ୟୁଓ ଗୀତାଞ୍ଜଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଜିଲାର ୯ ବ୍ଲକର ସିଡିପିଓ, ଅଙ୍ଗନୱାଡି କର୍ମୀ, ମାତୃ କମିଟି, ଯାଞ୍ଚ କମିଟି, ସୁପରଭାଇଜର୍‌ମାନେ ଉପସ୍ଥିତ ଥିଲେ। ସଚେତନତା ସଭା ପୂର୍ବରୁ ଜିଲାପାଳ ଅଫିସ ପରିସରରୁ ଏକ ରାଲି ବାହାରି ଅଞ୍ଚଳ ପରିକ୍ରମା କରିଥିଲା।



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ
ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ସଂକ୍ଷେପରେ



### ସମ୍ବଲପୁର କମିଶନର ବିମଳେନ୍ଦୁ ରାୟଙ୍କ ବଦଳି

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟଙ୍କ ବଦଳି ହୋଇଥିବା ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଜଏଣ୍ଟ କମିଶନର ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି । ପତ୍ର ସଂଖ୍ୟା ୨୭୫୪୧/ଏସସି ଯୋଗେ ସମ୍ବଲପୁର ଜିଲାପାଳଙ୍କୁ ଏ ନେଇ ଅବଗତ କରାଯାଇଛି। ବିମଳେନ୍ଦୁ ରାୟ ସମ୍ବଲପୁର ଜିଲାରେ ବିଡିଓ, ଉପଜିଲାପାଳ, ଆରଟିଓ ଓ କମିଶନର ଭାବେ ଦାୟିତ୍ୱ ତୁଲାଇଛନ୍ତି। ପ୍ରାୟ ଅଢ଼େଇ ବର୍ଷ ହେଲା ସମ୍ବଲପୁର ମହାନଗର ନିଗମ କମିଶନର ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ କାର୍ଯ୍ୟକଳାପ ସମୟରେ ସମ୍ବଲପୁରରେ ଅନେକ ଉନ୍ନୟନ କାମ ହୋଇଛି ।

### ସିଆର୍‌ପିଏଫ୍ ବି ୧୨ ବାଟାଲିଅନ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଜମନକିରା,୨୦।୯(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ଅଭିଯାନରେ ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ସିଆର୍‌ପିଏଫ୍ ବି/୧୨ ବାଟାଲିଆନ୍ ସାମିଲ୍ ହୋଇଛି। ବୁଧବାର ବାଟାଲିଆନ୍ ପକ୍ଷରୁ ଜମନକିରା ଡାକ୍ତରଖାନା ପରିସର ସଫେଇ କରାଯାଇଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ବାଟାଲିଆନ ପକ୍ଷରୁ କୁହାଯାଇଛି। ବାଟାଲିଆନ୍‌ର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ୩୦ ଯବାନ ସଫେଇ କାର୍ଯ୍ୟ କରିଥିଲେ।

### ରାଜ୍ୟ ବାସ୍କେଟ ବଲ ପ୍ରଶିକ୍ଷଣ ଶିବିର
### ବିକାଶ ସ୍କୁଲର ଆରିୟନ୍, ସଙ୍ଗମ୍ ସାମିଲ

ସମ୍ବଲପୁର,୧୯।୯(ବ୍ୟୁରୋ)

ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଉଦୟପୁରଠାରେ ୩୫ତମ ଯୁବ ଜାତୀୟ ବାସ୍କେଟବଲ ଚାମ୍ପିୟାନଶିପ ହେବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ବାସ୍କେଟ ବଲ ସଂଘ ପକ୍ଷରୁ କଟକ ବାରବାଟି ଷ୍ଟାଡିୟମଠାରେ ବାଳିକା, ବାଳକଙ୍କ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର କରାଯାଇଛି। ଏଥିରେ ସମ୍ବଲପୁର ଶାସନସ୍ଥିତ ବିକାଶ ଦ୍ କନସେପ୍ଟ ସ୍କୁଲର ଆରିୟନ୍ କୁମାର ସାହୁ ଓ ସଙ୍ଗମ କୁମାରୀ ସିଂ ସାମିଲ ହୋଇଛନ୍ତି। ଏ ନେଇ ବିକାଶ ଗ୍ରୁପର ଅଧକ୍ଷ ଡି. ମୁରଲୀକ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଡି ଭାସ୍କର ରାଓ, ବିକାଶ ଜୁନିୟର କଲେଜ ଅଧକ୍ଷ ସଞ୍ଜୀବ କୁମାର ବାବୁ, ଶାରୀରିକ ଶିକ୍ଷା ନିରୀକ୍ଷକ ଆମୋଦ ଆନନ୍ଦ, ଡା. ଦିଲୀପ କୁମାର ନନ୍ଦ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଉଭୟ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଗଣେଶ ପୂଜା ଉତ୍ସବର ଅଷ୍ଟମ ଦିନ

# ସନ୍ଧ୍ୟା ଆଳତିରେ ସାମିଲ ହେଲେ ବୈଜୟନ୍ତ

ଦେବଗଡ଼,୨୦।୯(ସ୍ୱ.ପ୍ର.)



ଦେବଗଡ଼ ପୂଜା କମିଟି ପକ୍ଷରୁ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପ୍ରସିଦ୍ଧ ଦେବଗଡ଼ ଗଣେଶ ପୂଜା ଉତ୍ସବର ଗୁରୁବାର ଥିଲା ଅଷ୍ଟମ ଦିନ । ପୂର୍ବତନ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଏହି ଉତ୍ସବରେ ଉପସ୍ଥିତ ରହି ସନ୍ଧ୍ୟା ଆଳତୀ କରିଥିଲେ । ପଣ୍ଡା ପ୍ରଥମେ କଚେରୀ ଛକରେ ଥିବା ବାମଣ୍ଡା ରାଜା ଓ ରାଣୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବଜରଙ୍ଗ କ୍ରିକେଟ କମିଟି ଏବଂ ସାହିବାସିନ୍ଦାଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଗଣେଶ ପୂଜା କମିଟି ତରଫରୁ ତାଙ୍କୁ ଏକ ସୁସଜ୍ଜିତ ଘୋଡା ଗାଡିରେ ବସାଇ ନଗର ପରିକ୍ରମା କରାଯାଇଥିଲା । ସେ ବିଭିନ୍ନ କଳାକୁଞ୍ଜକୁ ଦେଖି ପ୍ରଶଂସା କରିଥିଲେ । ଏହାପରେ ସେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ କମିଟିର ଆଇନ ପରାମର୍ଶଦାତା ପୃଥ୍ୱୀରାଜ ପଟ୍ଟନାୟକ ସଭା ପରିଚାଳନା କରିଥିଲେ । କମିଟି ପକ୍ଷରୁ ପଣ୍ଡାଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚରେ କମିଟିର ସଭାପତି ଧର୍ମେନ୍ଦ୍ର ଦେବତା ,ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ଉପ ସଭାପତି ମୋତିଲାଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପଣ୍ଡା କହିଥିଲେ, ଦୀର୍ଘ ୭୦ ବର୍ଷ ହେଲାଣି ନିରବିଚ୍ଛିନ୍ନ ଭାବେ ଗଣେଶ ପୂଜା ଆୟୋଜନ କରିଆସୁଥିବାରୁ କମିଟିର ଉଦ୍ୟମ ପ୍ରଶଂସନୀୟ । ଆପଣମାନେ ଚାହିଁଲେ ଦେବଗଡ଼ର ବିକାଶ ପାଇଁ ମୋ ଦ୍ୱାର ସବୁବେଳେ ଖୋଲା ରହିବ ବୋଲି ସେ କହିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ମିଡିଆ ସେଲ୍‌ର ମୋତିଲାଲ ଶର୍ମା, ପିଣ୍ଟୁ ଦ୍ୱିବେଦୀ,ସୁଶାନ୍ତ ନନ୍ଦ, କୋଷାଧକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ,ପିଲୁ ରାଜେଶ ନାୟକ,ପ୍ରୀତମ ବେହେରା,ଶରତ ମେହେର,ବିକାଶ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୨୦।୯-(ସ୍ୱ.ପ୍ର.)

ସ୍ଥାନୀୟ ଜଳ ବିଭାଜିକା ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା, ତାଲିମ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଏବଂ ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ବିଭିନ୍ନ ଆଇନ ସଂପର୍କୀୟ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସରେ ଜଙ୍ଗଲ ଅଧିକାର ଆଇନ ୨୦୦୬, ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ଓ ପେଶା ଆଇନ ୧୯୯୬ ଉପରେ ଆଲୋଚନା କରାଯାଇଥିଲା । ସେହିପରି ବୁଧବାର ଉଦଘାଟନୀ ଉତ୍ସବରେ ପଞ୍ଚାୟତରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନଙ୍କ ନିମନ୍ତେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପ୍ରଶିକ୍ଷଣ ଶିବିରରେ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ତାରାଶଙ୍କର ଚକ୍ରବର୍ତ୍ତୀ ଯୋଗଦେଇ ସାମାଜିକ ସୁରକ୍ଷା ଆଇନ ୧୯୫୫ ଏବଂ ନିର୍ଯାତନା ନିବାରଣ ଆଇନ ୧୯୮୯ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ କୁମାର ସାହୁ ଏହି ଆଇନର କାର୍ଯ୍ୟକାରିତା ଉପରେ ପାୱାରପଏଣ୍ଟ ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜତିନ୍ଦ୍ର ସାହୁ, ପରିବାର ମଙ୍ଗଳ କମିଟି, ଅନୁଗୋଳର ସଦସ୍ୟା ମୀନା କୁମାରୀ, ଡି.ଏସ.ପି. ଆଣ୍ଟୋନୀ ତିର୍କୀ, ଡି.ଡବଲ୍ୟୁ.ଓ. ହଳଧର ମହାନନ୍ଦ, ଅତିରିକ୍ତ ତହସିଲଦାର ସୌଦାମିନୀ ନାୟକଙ୍କ ସମେତ ବିଭିନ୍ନ ବ୍ଲକର ପଞ୍ଚାୟତସ୍ତରୀୟ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପିଟର ଟପ୍ପୋ ସ୍ୱାଗତ ଭାଷଣ ଦେଇଥିଲେ ।



ଶିବିରରେ ଉପସ୍ଥିତ ଅତିଥି।

### ରେଙ୍ଗାଲପାଲିରେ ସ୍ୱାସ୍ଥ୍ୟ ଶିବିର

ଦେବଗଡ଼,୨୦।୯(ସ୍ୱ.ପ୍ର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତ ରେଙ୍ଗାଲପାଲି ଗ୍ରାମରେ ଦେବଗଡ଼ କେନ୍ଦୁପତ୍ର ଡ଼ିଭିଜନ ଅଧୀନ କୁଣ୍ଢେଇଗୋଲା କେନ୍ଦୁପତ୍ର ବନାଞ୍ଚଳ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ କେନ୍ଦୁପତ୍ର ଡ଼ିଭିଜନର ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ, ରେଞ୍ଜର ତଥା ଭାରପ୍ରାପ୍ତ ଏସିଏଫ୍ ବିଚିତ୍ରାନନ୍ଦ ମହାନ୍ତି, ଏସିଏଫ୍ ପ୍ରକାଶଚନ୍ଦ୍ର ସେଠୀ, ରେଞ୍ଜ ଅଫିସର ଦିବ୍ୟଶଙ୍କର ବେହେରା, ସନ୍ତୋଷ ସାହୁ, ଫରେଷ୍ଟର ତପସ୍ୱିନୀ ଗଡନାୟକଙ୍କ ଉପସ୍ଥିତିରେ ଫରେଷ୍ଟଗାର୍ଡ଼ ଭରତ କୁମାର ମାଝି, ଦେବରାଜ ପ୍ରଧାନ, ଅଜୟ କୁମାର ବେହେରା ଏବଂ ସ୍ୱାସ୍ଥ୍ୟ ବିଭାଗର ଆୟୁଷ ଡ଼ାକ୍ତର ତପନ କୁମାର ସାହୁ, ସ୍ୱାସ୍ଥ୍ୟ ସେବକ ଦେବାଶିଷ ପ୍ରଧାନ, ଫାର୍ମାସିଷ୍ଟ ଟିକନ କୁମାର ବେହେରା, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ। ଶିବିରରେ ରିଆମାଳ ବ୍ଲକ ଅଧୀନ ଲୁଲଙ୍ଗ ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳର ମୋଟ ୩୭୦ ଜଣ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

### ଟିକ୍ରାପଡା-ଗୋପାଳପାଲି ଦୁର୍ଗାମନ୍ଦିର ରାସ୍ତା ଶୋଚନୀୟ

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୩ ଟିକ୍ରାପଡ଼ା-ଗୋପାଳପାଲି ଦୁର୍ଗା ମନ୍ଦିର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ବୁଢ଼ାକଟା, ବଡ଼ମୁଣ୍ଡା, ରାଣୀବନ୍ଧ, ଟିକ୍ରାପଡ଼ା, ଭୀମପଡ଼ା, ହଗରୁପଡ଼ା, ଲରପଙ୍କ, ମାହାଲିଙ୍ଗପଡ଼ା ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଆସି ପାରୁନାହିଁ। ରାସ୍ତା ଦେଇ ନିୟମିତ ସ୍କୁଲ ଯାଉଥିବା ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଟାଉନ ହାଇସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଦେବଗଡ଼,୨୦।୯(ସ୍ୱ.ପ୍ର.)

ସ୍ଥାନୀୟ ପୌରାଞ୍ଚଳ ଅଧୀନ ଟାଉନ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ଶକୁନ୍ତଳା ଟେଟେ ଯୋଗଦେଇଥିବା ବେଳେ ବିଚାରକ ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁଜିତ କୁମାର ନାଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗାଇଡ ଶିକ୍ଷକ ତପନ ଗଡନାୟକଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀ ଛାତ୍ରୀ ଝୁମାରାଣୀ ପାତ୍ର ପ୍ରଥମ, ଆର୍‌ବିଡି ହାଇସ୍କୁଲର ଗାଇଡ ଶିକ୍ଷକ ତନ୍ମୟ କୁମାରଙ୍କ ତତ୍ତ୍ୱାବଧାନରେ ନବମ ଶ୍ରେଣୀ ଛାତ୍ର ଯୁବରାଜ କୁମାର ସାହୁ ଦ୍ୱିତୀୟ ଏବଂ ଗାଇଡ ଶିକ୍ଷକ କମଳିନୀ ଗଡତିଆଙ୍କ ତତ୍ତ୍ୱାବଧାନରେ ନୂଆଁଡିହୀ ପଞ୍ଚପାଲି ନୋଡାଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞାପାବନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ସେପ୍ଟେମ୍ବର ୨୮ରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଝୁମାରାଣୀ ଅଂଶଗ୍ରହଣ କରିବେ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ନୂଆଁଖାଇ ଭେଟଘାଟ



ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟରେ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ବକ୍ତବ୍ୟ ଦେଉଛନ୍ତି ।

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅରୁଣ ପଟୱାରୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ଜିଲା ସଭାପତି ପ୍ରମୋଦ କୁମାର ରଥ, ଏସଡିଏ ପୂର୍ବତନ ଅଧକ୍ଷ ଜୟବ୍ରତ ଦେ ଓ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦାମୋଦର କର, ସତ୍ୟନାରାୟଣ ପଣ୍ଡା, ଡ. ଲମ୍ବୋଦର ପଣ୍ଡା ନିମନ୍ତ୍ରିତ ଅତିଥି ଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଯଶବୀର ସିଂ ହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଆଇନ ସେବା ପ୍ରାଧିକରଣର ସମ୍ପାଦକଙ୍କ ଶିଶୁ ଗୃହ ପରିଦର୍ଶନ

ଦେବଗଡ଼,୨୦।୯(ସ୍ୱ.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଦେବଗଡ଼ ପକ୍ଷରୁ ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟ ରଞ୍ଜନ ମିଶ୍ର ସ୍ଥାନୀୟ ପ୍ରଧାନପାଟ ବଡ ବଗିଚା ନିକଟସ୍ଥ ସପୋର୍ଟ ଶିଶୁ ଗୃହ ଗୁରୁବାର ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସପୋର୍ଟର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। କିନ୍ତୁ ହାଉସ୍ ଫାଦର ଓ ହାଉସ୍ ମଦର୍ ଅନୁପସ୍ଥିତ ଥିବାର ଉପଲବ୍ଧି କରାଯାଇଥିଲା। ଶିଶୁ ଗୃହରେ ମୋଟ୍ ୩୨ଜଣ ଶିଶୁ ଉପସ୍ଥିତ ଥିଲେ ଓ ଜଣେ ଶିଶୁ ଡାକ୍ତରଖାନାରେ ଥିବା ଶିଶୁ ଗୃହର ନିର୍ଦ୍ଦେଶକ ସୂଚନା ଦେଇଥିଲେ । କିନ୍ତୁ ଡାକ୍ତରଖାନାରେ ଥିବା ଶିଶୁ ଉପରେ କୌଣସି ଲିଖିତ ତଥ୍ୟ ଉପସ୍ଥାପନ କରି ପାରି ନ ଥିଲେ । ରୋଷେଇ ଅବ୍ୟବସ୍ଥା ଉପରେ ନିର୍ଦ୍ଦେଶକଙ୍କୁ ସୂଚନା ଦିଆଯିବା ସହ ତୁରନ୍ତ ତାହାର ସୁଧାର ଆଣିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

### ୨୨ତାରିଖ ପରୀକ୍ଷା ଅକ୍ଟୋବର ୧କୁ ଘୁଞ୍ଚିଲା

ବୁର୍ଲା,୨୦।୯(ଡି.ଏନ.ଏ.)

ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ୨ୟ ସେମିଷ୍ଟାର ପରୀକ୍ଷା ଆସନ୍ତା ୨୨ ତାରିଖରେ ହେବାକୁ ନେଇ ୧୦ଦିନ ପୂର୍ବରୁ ନୋଟିସ ଦିଆଯାଇଥିଲା । ଏହାର ପ୍ରତିବାଦରେ ବିଭିନ୍ନ କଲେଜର ଶତାଧିକ ଛାତ୍ରୀଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଆସି ପରୀକ୍ଷା ଘୁଞ୍ଚାଇବାକୁ ଦାବି କରିଥିଲେ। ବୁଧବାର ଦିନତମାମ ଧାରଣା ଦେଇଥିଲେ। ପରୀକ୍ଷା ଘୁଞ୍ଚାଯିବ ବୋଲି ସେମାନଙ୍କୁ କୁହାଯାଇଥିଲା। ଏପରି ସ୍ଥଳେ ପରୀକ୍ଷା ଆସନ୍ତା ୧ ତାରିଖକୁ ଘୁଞ୍ଚାଯାଇଥିବା ବିଧିବଦ୍ଧ ଭାବେ ଗୁରୁବାର ନୋଟିସ କରାଯାଇଥିବା ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାରାୟଣ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଉକ୍ତ ନୋଟିସରେ ଦିଆଯାଇଥିବା ସିଡ୍ୟୁଲ୍‌ରେ ଚଞ୍ଚକତା କରି ସୋଶିଆଲ ମିଡିଆରେ ଛଡ଼ାଯାଇଛି। ଏଥିରେ କୌଣସି ଛାତ୍ରୀଛାତ୍ର ଭ୍ରମିତ ନ ହେବାକୁ ପରୀକ୍ଷା ନିୟନ୍ତ୍ରକ ନାୟକ ଜଣାଇଛନ୍ତି।

### ବିକାଶ ସ୍କୁଲ ଛାତ୍ରୀଙ୍କୁ ରୌପ୍ୟ ପଦକ

ସମ୍ବଲପୁର,୨୦।୯(ବ୍ୟୁରୋ)

ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିୟାନସିପ୍‌ରେ ଶାସନସ୍ଥିତ ବିକାଶ ହାୟର୍ ସେକେଣ୍ଡାରୀ ସ୍କୁଲ ଛାତ୍ରୀ ସ୍ନିଗ୍ଧାରାଣୀ ଭାଜି ରୌପ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ବିକାଶ ଜୁନିୟର କଲେଜ ଅଧକ୍ଷ ସଞ୍ଜିବ କୁମାର ବାବୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ସ୍କୁଲର ଶାରୀରିକ ଶିକ୍ଷା ମୁଖ୍ୟ ଆମୋଦ ଆନନ୍ଦଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ନିଗ୍ଧାରାଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପାରଦୀପଠାରେ ଓଡ଼ିଶା ଜୁଡୋ ଆସୋସିଏଶନ ପକ୍ଷରୁ ଓପନ୍ ରାଜ୍ୟ ଜୁଡୋ ଚାମ୍ପିୟାନସିପ୍-୨୦୧୮ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନିଗ୍ଧାରାଣୀ ଜିଲାର ପ୍ରତିନିଧିତ୍ୱ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଦୀପକ



@ ରୋଶନ



@ ସୁକନ୍ୟା



@ ବଣ୍ଟି

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

> କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ ।
>
> - ପ୍ରଜାପିତା ବ୍ରହ୍ମାକୁମାରୀ

## ସଂକ୍ଷେପରେ

### ରିଆମାଳ ସର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ରିଆମାଳ,୨୦।୯(ଡି.ଏନ୍.ଏ.)- ରିଆମାଳ ଦୁର୍ଗାପୂଜା କମିଟି ଗୃହରେ ଗୁରୁବାର ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା କମିଟି ସଭାପତି ସତ୍ୟପୀର ଦାଶଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜା କମିଟି ସମସ୍ତ ସଦସ୍ୟ, ରିଆମାଳ ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ, ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉପଦେଷ୍ଟା କମିଟି ରମାକାନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଗତବର୍ଷ ପୂଜାର ହିସାବ ସଭାପତି ଗ୍ରାମବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଚଳିତବର୍ଷ ପୂଜାରେ ୬ ଲକ୍ଷ ପଚାଶ ହଜାର ଟଙ୍କାର ବ୍ୟୟ ଅଟକଳ ହେବ ବୋଲି ପ୍ରସ୍ତାବ ଦେଇଥିଲେ। ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହିତ ୫ଦିନ ପୂଜା ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଦୁର୍ଗାପୂଜା ଧୁମ୍‌ଧାମ୍‌ରେ ପାଳିତ କରାଯବ ବୋଲି ବୋଲି ପୂର୍ବତନ ସରପଞ୍ଚ ରସାନନ୍ଦ ବିଶ୍ୱାଳ ଓ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପୂଜା ସମୟରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସହଯୋଗ କରାଯିବ ବୋଲି ଥାନା ଅଧିକାରୀ ପାତ୍ର ପ୍ରକାଶ କରିଥିଲେ। ଶେଷରେ ସତ୍ୟପୀର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ରାନ୍ସରେ ରାଫେଲ୍‌ର ପରୀକ୍ଷା

## ଯୁଦ୍ଧବିମାନ ଉଡ଼ାଣ କଲେ ବାୟୁସେନା ଉପମୁଖ୍ୟ

ନୂଆଦିଲ୍ଲୀ, ୨୦।୯



ରାଫେଲ୍ ଚୁକ୍ତି ପ୍ରସଙ୍ଗକୁ ନେଇ ଦେଶରେ ରାଜନୈତିକ ବାତାବରଣ ଉଷ୍ମ ରହିଥିବାବେଳେ ସେପଟେ ଫ୍ରାନ୍ସରେ ଏହି ଯୁଦ୍ଧବିମାନ ଉଡ଼ାଣ କରିଛନ୍ତି ବାୟୁସେନା ଉପମୁଖ୍ୟ ଏୟାର ମାର୍ଶାଲ ରଘୁନାଥ ନାମ୍ବିଆର। ଚାରିଦିନ ପୂର୍ବେ ସେ ପ୍ୟାରିସରେ ପହଞ୍ଚିଥିଲେ। ଗୁରୁବାର ଦାସଲ୍ଟ ଆଭିଏଶନ ଦ୍ୱାରା ନିର୍ମିତ ଉଚ୍ଚ କ୍ଷମତାସମ୍ପନ୍ନ ପ୍ରଥମ ରାଫେଲ ବିମାନର ସେ ଉଡ଼ାଣ କରିଛନ୍ତି। ଫ୍ରାନ୍ସର ଇଷ୍ଟ୍ରେସ୍ ଏୟାରବେସ୍‌ରୁ ସେ ପରୀକ୍ଷାମୂଳକ ଯାତ୍ରା ଆରମ୍ଭ କରିଥିଲେ। ଆସନ୍ତାବର୍ଷ ସେପ୍ଟେମ୍ବରରୁ ଅସ୍ତ୍ର ଓ କ୍ଷେପଣାସ୍ତ୍ର ବହନକାରୀ ରାଫେଲ୍ ବିମାନ ପଠାଇବ ଭାରତ। ଏହି ଯୁଦ୍ଧବିମାନରେ ଭାରତର ଜ୍ଞାନକୌଶଳ ମଧ୍ୟ ଖଞ୍ଜାଯିବ। ତେଣୁ ବାୟୁସେନାର ଏକ ଟିମ୍ ଫ୍ରାନ୍ସରେ ଅଛନ୍ତି। ଏବେ ସୁଦ୍ଧା ପ୍ରଥମ ବିମାନ ନିର୍ମାଣ ହୋଇସାରିଛି। ଭାରତ ଅଣାଯିବା ପୂର୍ବରୁ ଏହାର କ୍ଷମତା ପରଖିଛନ୍ତି ବାୟୁସେନା ଉପମୁଖ୍ୟ। ଫ୍ରଣ୍ଟ-ସିଟରେ ବସି ସେ ଏହି ଯୁଦ୍ଧବିମାନ ଉଡ଼ାଣ କରିଥିଲେ। ନାମ୍ବିଆର ହେଉଛନ୍ତି ପ୍ରଥମ ଟେଷ୍ଟ ପାଇଲଟ ଯିଏ ଏଲ୍‌ସିଏ ତେଜସ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଏବଂ ଏହି ବିମାନ ଉଡ଼ାଣ କରିଥିଲେ। ୧୯୯୯ କାର୍‌ଗିଲ ଯୁଦ୍ଧବେଳେ ସେ ଟାଇଗର ହିଲ୍ ଆଡ଼କୁ ମାଡ଼ିଯାଇ ଆକାଶମାର୍ଗରୁ ପାକିସ୍ତାନୀ ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ। ନିକଟରେ ତିନୋଟି ରାଫେଲ୍ ଜେଟ୍ ମଧ୍ୟପ୍ରଦେଶର ଗ୍ୱାଲିୟରରେ ଥିବା ମହାରାଜପୁର ବାୟୁସେନା ଘାଟିରେ ଅବତରଣ କରିଥିଲା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ପିଚ୍ ବ୍ଲାକ୍ ଏୟାର ଶୋ'ରେ ଭାଗନେଇ ଫେରିବାବେଳେ ଫ୍ରାନ୍ସ ପାଇଲଟମାନେ ଭାରତକୁ ଏହି ଯୁଦ୍ଧବିମାନରେ ଆସିଥିଲେ। ଅଷ୍ଟ୍ରେଲିଆରେ ରାଫେଲ୍ କୌଶଳ ପ୍ରଦର୍ଶନବେଳେ ଗୋଟିଏ ଯୁଦ୍ଧବିମାନ ଭିତରେ ଜଣେ ଭାରତୀୟ ପାଇଲଟ ରହିବାର ସୁଯୋଗ ପାଇଥିଲେ। ଏପଟେ ରାଫେଲ୍ ଚୁକ୍ତିକୁ ନେଇ ବିବାଦ ଚାଲିଥିବାବେଳେ ସେପଟେ ଏହାର ନିର୍ମାଣ ପ୍ରକ୍ରିୟା ଆଗେଇଚାଲିଛି।

### ଉପା ଅମଳରେ ହାଲ୍-ଦାସଲ୍ଟ ବିବାଦ ଥିଲା

ଉପା ସରକାର ରାଫେଲ ଚୁକ୍ତି ପାଇଁ ବୁଝାମଣା କରିବାବେଳେ ହାଲ୍ ଏବଂ ଦାସଲ୍ଟ ଆଭିଏଶନ ମଧ୍ୟରେ ପ୍ରବଳ ବିବାଦ ଲାଗିରହିଥିଲା ବୋଲି ଗୁରୁବାର ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ୧୨୬ଟି ମିଡିୟମ୍ ମଲ୍ଟି-ରୋଲ୍ କମ୍ବ୍ୟାଟ୍ ଏୟାରକ୍ରାଫ୍ଟ (ଏମ୍ଏମ୍ଆର୍‌ସିଏ) କିଣିବା ଲାଗି ୨୦୧୨ରେ ଉପା ସରକାର ବୁଝାମଣା ପ୍ରକ୍ରିୟା ଆରମ୍ଭ କରିଥିଲେ। ଦାସ୍ ଆସଲ୍ଟ ୧୮ ରାଫେଲ୍ ବିମାନ ଯୋଗାଇଥାଆନ୍ତା ଏବଂ ଭାରତରେ ହାଲ୍ କମ୍ପାନୀ ଆଉ ୧୦୮ ରାଫେଲ ବିମାନ ନିର୍ମାଣ କରିବାର ଥିଲା। କିନ୍ତୁ ଚୁକ୍ତି ସିଦ୍ଧାନ୍ତ ହୋଇପାରିଲା ନାହିଁ।

# ୯ ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ରିଆମାଳ,୨୦।୯ (ଡି.ଏନ୍.ଏ.)

ଡିପ୍ଲୋମା ଇଞ୍ଜିନିୟରଙ୍କ ୯ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଜିଲା ସଭାପତି ଇଂ. ନେତ୍ରାନନ୍ଦ ସାହୁ, ସମ୍ପାଦକ ଇଂ. ଟି. ଗୋପାଳ କୃଷ୍ଣ ସରାବଙ୍କ ଆହ୍ୱାନକ୍ରମେ ରିଆମାଳ ବ୍ଲକ ସଭାପତି ଇଂ. ଭୋଳାନାଥ ମାଝିଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ରିଆମାଳ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପଦୋନ୍ନତି ହାର ଶତକଡ଼ା ୩୩ ଭାଗ ପରିବର୍ତ୍ତେ ଶତକଡ଼ା ୫୦ ବୃଦ୍ଧି, ସମସ୍ତ ଜିପିଟିଏଙ୍କୁ ଏକକାଳୀନ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ବିଭାଗର ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ସହକାରୀ ଯନ୍ତ୍ରୀ ପଦବୀକୁ ଉନ୍ନତି, ଖଣି, ଭୂତତ୍ତ୍ୱ ବିଭାଗ ସମେତ ଅନ୍ୟ ଅଣଇଞ୍ଜିନିୟରିଂ ବିଭାଗର ଡିପ୍ଲୋମା ଇଞ୍ଜିନିୟର କ୍ୟାଡର ପୁନର୍ଗଠନ କରିବା ସହ ୨୦ ବର୍ଷ ପୂରଣ କରିଥିବା କନିଷ୍ଠଯନ୍ତ୍ରୀ ସହକାରୀ ଯନ୍ତ୍ରୀଙ୍କୁ ଆର୍‌ଏସିପିରେ ୫୦୦୦ ଟଙ୍କା ଗ୍ରେଡ୍ ଦରମା ପ୍ରଦାନ, ୩୧୪ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ ନିଯୁକ୍ତି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷେ, ଅକ୍ଟୋବର ୩୧ ତାରିଖ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନ କଲେ ପୁଣି କମିଟି ବସି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବ୍ଲକ ସଭାପତି ଇଂ ଭୋଳାନାଥ ମାଝି ପ୍ରକାଶ କରିଛନ୍ତି।

### ଭୀମସାର ନିର୍ଦ୍ଦେଶକଙ୍କୁ ହତ୍ୟା ଧମକ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ବାହାରିଥିବା ଶୋଭାଯାତ୍ରାକୁ ନିନ୍ଦା

ବୁର୍ଲା, ୨୦।୯ (ଡି.ଏନ.ଏ.)

ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାରୀଙ୍କୁ ଫୋନରେ ଅଶ୍ଳୀଳ ଭାଷାରେ ଗାଳି ସହ ହତ୍ୟା ଧମକ ଦିଆଯାଇଥିବା ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ବୁର୍ଲା ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ୭ ଦିନ ମଧ୍ୟରେ ଗିରଫ କରିବାକୁ ନିର୍ଦ୍ଦେଶକ ଦାବି କରିଛନ୍ତି। ଏହାକୁ ସମର୍ଥନ କରି କଲେଜ ପରିସରରୁ ଏକ ଶୋଭାଯାତ୍ରା ବାହାରିଥିଲା। ତେବେ ଏପରି ଏକ ଶୋଭାଯାତ୍ରାକୁ ଅଣସାମ୍ବିଧାନିକ ଦର୍ଶାଯାଇଛି। ତିନ ପ୍ରିନ୍ସିପାଲ ପ୍ରଫେସର ମନୋଜ ମହାପାତ୍ର ଏଥିପାଇଁ କୌଣସି ଅନୁମତି ଦିଆଯାଇ ନଥିବା କହି ଏହା ଅଣସାମ୍ବିଧାନିକ ବୋଲି କହିଥିଲେ । ଏପରି ଏକ ବେଆଇନ ଶୋଭାଯାତ୍ରାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବିଜେପି ବୁର୍ଲା ମଣ୍ଡଳ ପକ୍ଷରୁ ନଗର ସଭାପତି ନୟସକାନ୍ତ ପଟ୍ଟନାୟକ ବୁର୍ଲା ଥାନାରେ ଅଭିଯୋଗ କରି ଭୀମସାର ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ ବେଆଇନ ଶୋଭାଯାତ୍ରା ହୋଇଥିବା ଦର୍ଶାଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅନ୍ୟପଟେ ଆଇନଜୀବୀ ପ୍ରସନ୍ନ ସାହୁ ମଧ୍ୟ ଉଦ୍‌ବେଗ ପ୍ରକାଶ କରି ଆରଡିସିଙ୍କଠାରେ ଦାବିପତ୍ର ଦେଇଛନ୍ତି ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀ ସ୍ୱଷ୍ଟୀକରଣ ରଖନ୍ତୁ

ସମ୍ବଲପୁର, ୨୦।୯ (ବ୍ୟୁରୋ)

ସମ୍ବଲପୁର ବିଜୁ ଜନତା ଦଳ ଆଇନ ସାମ୍ମୁଖ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହା ହୋଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୫ ସେପ୍ଟେମ୍ବରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ଚିଠି ପଠାଇଥିବା ସ୍ୱାଗତ କରାଯାଇଥିଲା। ତେବେ କେନ୍ଦ୍ର ସରକାର ପର୍ଯ୍ୟାୟକ୍ରମେ ରାଜ୍ୟ ସରକାରଙ୍କୁ ଚିଠି ଲେଖୁଛନ୍ତି । ହେଲେ ସ୍ୱଷ୍ଟୀକରଣ ଦେଉନାହାନ୍ତି । ୧୯୫୬ର ୫୧ମ ଧାରାର ସର୍ତ୍ତାବଳୀକୁ ଆଧାର କରି ରାଜ୍ୟ ସରକାରଙ୍କ ପତ୍ରକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରୁଥିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଥିଲା। ଆସନ୍ତା ୨୨ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଉପରେ ସେ ସ୍ୱଷ୍ଟୀକରଣ ରଖନ୍ତୁ ବୋଲି ବିଜୁ ଆଇନ ସାମ୍ମୁଖ୍ୟ ସଭାପତି ମିଶ୍ର ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

## ଅଜିତ ଯୋଗୀଙ୍କ ସହ ହାତ ମିଳାଇଲେ ମାୟାବତୀ

ଲକ୍ଷ୍ନୌ, ୨୦।୯ (ପି.ଟି.)



ବିଏସ୍‌ପି ସୁପ୍ରିମୋ ମାୟାବତୀ ଗୁରୁବାର କଂଗ୍ରେସକୁ ଶକ୍ତ ଝଟକା ଦେଇଛନ୍ତି। ଛ ତି ଶ ଗ ଡ଼ ବିଧାନସଭା ନିର୍ବାଚନ ପାଇଁ ସେ ଅଜିତ ଯୋଗୀଙ୍କ ସହ ହାତ ମିଳାଇଛନ୍ତି। ଅଜିତଙ୍କ ଦଳ ଜନତା କଂଗ୍ରେସ ଛତିଶଗଡ଼ (ଜେସିସି) ମେଣ୍ଟ କରିବେ ବୋଲି ମାୟାବତୀ ଘୋଷଣା କରିଛନ୍ତି। ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ମଧ୍ୟ ହୋଇଛି। ୯୦ ଆସନ ବିଶିଷ୍ଟ ବିଧାନସଭା ପାଇଁ ହେବାକୁ ଥିବା ନିର୍ବାଚନରେ ବିଏସ୍‌ପି ୩୫ ଏବଂ ଜେସିସି ୫୫ ଆସନରେ ଲଢ଼ିବେ। ଉଭୟ ଦଳ ଖୁବ୍‌ଶୀଘ୍ର ମିଳିତ ପ୍ରଚାର ଅଭିଯାନ ଆରମ୍ଭ କରିବେ।

# ଆତଙ୍କବାଦୀ ନିହତ

ଶ୍ରୀନଗର, ୨୦।୯ (ପି.ଟି.)

ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁମଲାର ଅଞ୍ଚଳର ଏକ ଜଙ୍ଗଲରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ସେଠାରେ ତଲାସୀ ଅଭିଯାନ ଆରମ୍ଭ କରିଦେଇଥିଲେ ସୁରକ୍ଷାକର୍ମୀ। ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିବାରୁ ଯବାନମାନେ ଏନ୍‌କାଉଣ୍ଟର ଆରମ୍ଭ କରିଦେଇଥିଲେ। ଏଥିରେ ଜଣେ ଆତଙ୍କବାଦୀ ଟଳିପଡ଼ିଛନ୍ତି। ଶେଷ ଖବର ସୁଦ୍ଧା ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିଲା।

# ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ

ପଲଶାଗୋରା, ୨୦।୯ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ପାଞ୍ଚଖଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ଜଳ ପରିମଳ ବିଭାଗର ପୂର୍ଣ୍ଣଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନଶିକ୍ଷକ ଉଦ୍ଧବ ମହାଲିକ ମୁଖ୍ୟଅତିଥି, ରାମଚନ୍ଦ୍ର ମଲିକ, ୱାର୍ଡ ସଭ୍ୟ ଦୁର୍ଯ୍ୟୋଧନ ମେଣ୍ଡିଲି, ବିଦ୍ୟାଳୟ ପରିଚାଳନା ସଭାପତି କୁଞ୍ଜବିହାରୀ ଛନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପରେ ବୁଝାଇଥିଲେ । ଶିକ୍ଷକ ଅଜିତ ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ତୃପ୍ତାରାଣୀ ସାହୁ, ଅଙ୍ଗନୱାଡି କର୍ମୀ ରଞ୍ଜିତା ପ୍ରଧାନ, ଆଶାକର୍ମୀ ସରସ୍ୱତୀ ଛନ୍ଦ, ବିକ୍ରମ ମାଝୀ, ସନ୍ତୋଷ ମହାରଣା ଯୋଗ ଦେଇଥିଲେ । ସାନୁ ସାହୁ ସହଯୋଗ କରିଥିଲେ । ପରେ ବିଦ୍ୟାଳୟ ସମ୍ମୁଖ ଓ ନଳକୂପ ପାର୍ଶ୍ୱରେ ଜମି ରହିଥିବା ମଇଳା ଆବର୍ଜନାକୁ ସଫା କରାଯାଇଥିଲା ।



ପାଞ୍ଚଖଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ସଫେଇ କରାଯାଉଛି ।

### ଲକ୍ଷାଧିକ ଟଙ୍କାର କାଠ ଜବତ

ସମ୍ବଲପୁର,୨୦।୯ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ଅଞ୍ଚଳରେ ବେଆଇନ ସ' ମିଲ ଉପରେ ଚଢାଉ ହୋଇଛି। ସେଠାରୁ ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ, ଯନ୍ତ୍ରାଂଶ ଜବତ କରାଯାଇଛି। ବନ ବିଭାଗ ସ୍ୱତନ୍ତ୍ର ସ୍କ୍ୱାର୍ଡ, ବନ ବିଭାଗର ଭିଜିଲାନ୍ସ ଟିମ ମିଳିତ ଭାବେ ଚଢାଉ କରିଥିଲେ। ସକାଳ ୫ଟାରୁ ଚଢାଉ ହୋଇଥିଲା। ଡିଏଫଓ ସଞ୍ଜିତ୍ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ପଙ୍କଜ ପ୍ରଧାନ, ଏସିଏଫ ଲକ୍ଷ୍ମଣ ମାର୍ଡି, ଟାଉନ ରେଞ୍ଜର ବିଦ୍ୟାଧର ସାହୁ, ବିଜିନେଶ ବିଭାଗର ତେଜରାଜ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ୨୪ଖଣ୍ଡ ଶାଳ କାଠ (ଯାହାକି ୭୦ ସିଏଫଟି) ଜବତ ହୋଇଥିଲା । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି ।

## ଗ୍ଲାମରର ସର୍ବାଧିକ ବିକ୍ରିକୁ ନେଇ ଉତ୍ସବ

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ଜିଲାର ହିରୋ ମୋଟର୍ସ ଅଧିକୃତ ବିକ୍ରେତା ଶ୍ରୀ ଶ୍ୟାମ ମୋଟର୍ସ ପରିସରରେ ଗୁରୁବାର ଉତ୍ସବ ଅନୁଷ୍ଠିତ ହୋଇଛି। ହିରୋ ଗ୍ଲାମର ମୋଟର ସାଇକେଲ ବିଶ୍ୱର ସର୍ବାଧିକ ବିକ୍ରି ମାନ୍ୟତା ପାଇଥିବା ଖୁସିରେ ଏହି ଉତ୍ସବ ପାଳିତ ହୋଇଥିଲା। ଶ୍ରୀ ମଙ୍ଗଳ ଚାନ୍ଦ ସଞ୍ଚିତ୍ କର୍ମଚାରୀଙ୍କ ସହ ଏହି ଉତ୍ସବର ମଜା ଉଠାଇଥିଲେ । ଏହି ଅବସରରେ ସୋ ରୁମର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।




ସମ୍ବଲପୁର ହିରୋ ସୋ ରୁମରେ ଉତ୍ସବ ମନାଯାଉଛି ।

## ତୃତୀୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ଚାଲିଥିବା କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ଗତ ୧୮ତାରିଖ ଠାରୁ ଦାବି ପୂରଣ ନେଇ ବୌଦ୍ଧ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ଛୁଟିରେ ଯିବା ସହିତ କର୍ମଚାରୀ ଭବନଠାରେ ଧାରଣାରେ ବସିରହିଛନ୍ତି । ବୌଦ୍ଧ ଶାଖା ସଭାପତି ସଭାପତି ଇଂ ସ୍ମୃତି ରଞ୍ଜନ ସେଠୀଙ୍କ ସମେତ ଜିଲାର ୭୦ ଜଣ ଡିପ୍ଲୋମା ଇଞ୍ଜିନିୟର ସାମିଲ ହୋଇଛନ୍ତି । ଫଳରେ ତିନି ଦିନ ହେବ ଜିଲାର ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି ।

# ଆଧୁନିକତା ଭିତ୍‌ରେ ବାଟ୍‌ଖୁଜୁଛେ ଲୋକ୍‌କଲା

ଜାମଟିକ୍ରା, ୨୦।୯ (ଡି.ଏନ.ଏ)

ଆଧୁନିକତାର ଛାପ୍‌ଥି ଦିନୁଦିନ୍‌କେ ଆମର ସମାଜରେ ସବୁ ବଦିଲ୍‌ବାରେ ଲାଗିଛେ। ଇଥିରେ ପର୍‌ଭାବିତ୍ ହେଉଛେ ଆମର ସମାଜ, ସଂସ୍କୃତି, ଲୋକ୍‌କଲା, ନାଚ୍‌ଗୀତ୍, ପିଁଧନ୍ ଉଢ଼ନ, ଚାଲିଚଲନ। ଦିନେ ନିଜର କଲା, ସଂସ୍କୃତିକେ ନେଇ ଗୁଟେ ଖାସ୍ ପରିଚଏ ସୁରୁଖ୍ୟିଟ କରିପାରିଥିବାର ଇ ଅଂଚଲ୍‌ର ଲୋକ୍‌କଲା ଆଏଜ୍ ନିଜର ସତା ହରାବାକେ ବସିଛେ। ଭିତିଭୂମିର ଅଭାବ ସଂଗେ ସରକାରୀ ଉଦାସିନ୍‌ତା ଇଥିର୍ ମୁଖିଆ କାରନ୍। ଆଏଜ୍‌କାଲି କାଁ ଭାଁ କେନ୍‌ନେ କେନ୍‌ତା ଦେଖିବାକେ ମିଳୁଛେ ଆଖଡାଶାଲ। ଟୀକା ଗୋବିନ୍ଦ ଚନ୍ଦ୍ରର ମନ୍ ଘିନିନେଉଥିବାର ଗୀତ୍ 'ଭଜୁକିନା ରାମ ନାମରେ କୁମର...' କେଁଦ୍‌ରା ସୁର ଆଏଜ୍‌କାଲି ଗାଁଖୁଲିମାନ୍‌କେ ନାଇଁ ଶୁଭ୍‌ବାର। ଗାଁଗଁଲିରେ ଉଛବ୍, ଜାନିଯାତ୍‌ରା, ଏକ୍‌ସିଆ ବେଲେ ଲୋକ୍ ପାଲା କରୁଥିଲେ। ଆଏଜ୍‌କାଲି ଓଡ଼ିଶାର କେତେଟା ଅଂଚଲ୍‌କେ ଛାଡିଦେଲେ ଆର୍ ଇ ପାଲା ଗାଏଗ୍‌ମାନ୍‌କର ଝାଞ୍ଜ, କାଠିର ମଡୁଆଲ୍ ଶବଦ୍ ଶୁନ୍‌ବାକେ ନାଇଁ ମିଲ୍‌ବାର। ବେଲ୍‌ବୁଡ଼ଲେ ଗାଁମାନ୍‌କେ ଭାଗବତ୍ ଟୁଁଗିରେ ଲୋକ୍ ଦୀପ୍ ଜଲେଇ ଭାଗବତ୍ ଶୁନୁଥିଲେ, ଯେନ୍‌ଟା କି ଆମର ସଂସ୍କୃତିର ଗୁଟେ ଅଂଶଥିଲା। ହେଲେ ଆଧୁନିକତାର ଛାପ୍‌ଥି ଆଏଜ୍‌କାଲି ନା ଅଛେ ଗାଁଗଁଲିରେ ଭାଗବତ୍ ଟୁଁଗି କି ଶୁଭୁଛେ ଭାଗବତ୍‌ର ଛନ୍ଦ୍। ସତେ ଯେନ୍‌ତା ସମିଆ ଆର୍ ଲୁକ୍‌କର ରୁଚି ସବୁ ବଦ୍‌ଲେଇ ଦେଇଛେ। ଦିନ୍‌ଥିଲା କଲା ସଂସ୍କୃତିରେ ଭରପୁର ଥିବାର ଓଡ଼ିଶାର ଭିନେ ଭିନେ ପରଂପରା, ଜାନିଯାତ୍‌ରାକେ ନେଇ ଗରବ୍ କରୁଥିଲା। ଇସବୁ ମନୋରଂଜନ୍ ସଂଗେ ଖାଁଟି ଓଡ଼ିଆ ଜୀବନ୍‌ଶଇଲି ଆର୍ ସାମାଜିକ୍ ଚଲ୍‌ନିକେ ଦର୍‌ଶଉଥିଲା। ହେଲେ ଆଜି ସମିଆ ବଦ୍‌ଲିଛେ, ସମିଆ ସଂଗେ ଆମର ଚଲ୍‌ନି, ସଂସ୍କୃତି, ପରଂପରାରେ ବି ଫରକ୍ ଆସିଛେ। ପାରଂପରିକ୍ ନାଚ୍‌ଗୀତ୍, କଳାକେ ପେସା କରି ବଁଚୁଥିବାର କଲାକାର ଆଜି ବାଟ୍‌ବନା ହେଇଯାଇଛେ। ଆଧୁନିକତାର ଛାପ୍‌ଥି ଇ ସବୁର ଆଦର କମିଛେ, କଲାକାର ବଁଚ୍‌ବାର ରାହା ଖୁଜୁଛେ। ହେଲେ ଆଜି ବି ରଣପା, ଘୁଡକୀ, ଭାରତଲୀଲା, ସଖିନାଚ୍, ଯୁଡିଶଁଖ୍, ପଶୁ ନାଚ୍ ଲେଖେଁ କେତେ ଲୋକ୍‌ନାଚ୍ ନିଜର ସତା ଲାଗି ଯୁଝୁଛନ୍। ସବୁଠାନୁ ଦୁଖର କଥା ହେଉଛେ ଇ ସବୁ ଲୋକ୍‌କଲା ଆମର ଇନେ ବୁଡ଼ବାର ଉପ୍‌ରେ ଥିଲା ବେଲେ ବିଦେଶରେ ଲୋକ୍‌ପିରିଅ ହେଉଛେ। ପଶ୍ଚିମ ଓଡ଼ିଶାର ଡାଲଖାଇ ହେଉଛେ ଏନ୍‌ତା ଗୁଟେ ଲୋକ୍‌କଲା ଯେନ୍‌ଥିରେ ନାଚ୍ ଆର୍ ଗୀତ୍ ଦୁହିଟା ଦେଖିବାକେ ମିଲ୍‌ସି। ହେଲେ ଇ ଲୋକ୍‌କଲାକେ ବଁଚେଇ ରଖିବାର ଲାଗି କେତେ ଅନୁଷ୍‌ଠାନ୍ ଆର୍ କଲାକାର ମଞ୍ଚର ସାହାରା ନେଇ ଯୁଝୁଥିବାର ଦେଖିବାକେ ମିଲୁଛେ। ସେନ୍‌ତା କଲାହାଣ୍ଡିର ନାଁକରା ଘୁମୁରା ବାଦ୍ୟ ହେଉଛେ ଗୁଟେ ବୀରବାଦ୍ୟ। ଯେନ୍‌ଟାକି ରାଜତନ୍ତ୍ର ଲୋପ୍ ପାଏଲା ପରେ ଏହେଦେ ଗୁଟେ ଲୋକ୍‌ନାଚ୍ ହିସାବେ ରହିଯାଇଛେ। ସେନ୍‌ତା ଧୁଡୁକି, ଶଙ୍ଖବାଦ୍ୟ ଆର୍ ଡୁଙ୍ଗଡୁଙ୍ଗା, କେଳାକେଲୁଣୀ ଲେଖେଁ ନାଚ୍ ଏହେଦେ ହଜିଗଲାନ। ଦିନୁ ଦିନ୍‌କେ ଆଧୁନିକତା ଭିତ୍‌ରେ ହଜି ଯାଉଥିବାର ଶହ ଶହ ବଛର୍ ପୁର୍‌ନା ଆମର ସଂସ୍କୃତି, ପରଂପରା, ଲୋକ୍‌ବାଦ୍ୟ, ଲୋକ୍‌ନାଚ୍, ଲୋକ୍‌ଗୀତ୍‌କେ ଆମେ ସଭେ ଚେଷ୍‌ଟା କର୍‌ବାକେ ପଡ଼ବା, ଆଦର କର୍‌ବାକେ ପଡ଼ବା, ସରକାର ବି ଇଥିର୍‌ଲାଗି ପଦକ୍ଷେପ ନେବାର କଥା। ନେହେଲେ କେତେ ବେଲେ ଇସବୁ ଇତିହାସ ହେଇଯିବା କିଛି କହି ନାଇଁହୁଏ।

## ବୌଦ୍ଧ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ଘିବେଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନେ ଆଗ୍ରହ ରଖିବାକୁ ଏଡିଇଓ କୁଜୁର ମତ ଦେଇଥିବାବେଳେ ଡିଇଓ ଭୁଏ ଜୀବନରେ ବିଜ୍ଞାନର ଆବ୍ୟଶକତା ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନାଚକ୍ରରେ ବିଚାରକ ଭାବେ ହର୍ଷ ବାଲ୍‌ହା, ଅନନ୍ତ ମହାନ୍ତ ଓ ଓମ ପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ । ବୌଦ୍ଧ ଜିଲାରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଭାଗ ନେବା ପାଇଁ ରାମଗଡ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପଦ୍ମାବତୀ ଗାଇଗୌରିଆ ମନୋନୀତ ହୋଇଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ରାଜ୍ୟ ସ୍ତରରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କୁ ଅଧିକ ଅଭ୍ୟାସ ଓ ପ୍ରସ୍ତୁତ ହେବାକୁ ପଡିଥାଏ ବୋଲି ମତ ରଖିଥିଲେ । ଶେଷରେ ଶିକ୍ଷକ ସତ୍ୟନାରାୟଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୧/୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



# ବୋର୍ଡ ସାର୍ଟିଫିକେଟ ଥିଲେ ଆବାସିକ ପ୍ରମାଣପତ୍ର ଅନାବଶ୍ୟକ

ଭୁବନେଶ୍ୱର୨୦।୯(ବ୍ୟୁରୋ)

ରାଜସ୍ୱ ପ୍ରଶାସନ ଏବଂ ସେବାକୁ ଅଧିକ ଲୋକାଭିମୁଖୀ ସହ ଲୋକମାନଙ୍କ ନିକଟତର କରିବା ପାଇଁ ଆବାସିକ ଓ ଆୟ ପ୍ରମାଣପତ୍ର ପ୍ରଦାନରେ ସଂଶୋଧନ କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନଙ୍କ ପାଖରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ହାଇସ୍କୁଲ ସାର୍ଟିଫିକେଟ୍ ଉପଲବ୍ଧ କିମ୍ବା ତତ୍ତୁଲ୍ୟ ସାର୍ଟିଫିକେଟ ରହିଛି ସେମାନଙ୍କୁ ଆବାସିକ ପ୍ରମାଣପତ୍ରର ଆବଶ୍ୟକତା ପଡିବ ନାହିଁ। ହାଇସ୍କୁଲ ସାର୍ଟିଫିକେଟରେ ପ୍ରଦତ୍ତ ସ୍ଥାନୀୟ ଠିକଣା ହିଁ ସେମାନଙ୍କର ଆବାସିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବ। ଯେଉଁମାନେ ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ ପରୀକ୍ଷା ପାସ୍ କରି ନାହାନ୍ତି କିମ୍ବା ବୋର୍ଡ ସାର୍ଟିଫିକେଟ ନ ଥିଲେ ସେମାନଙ୍କ ପାଇଁ ଆବାସିକ ପ୍ରମାଣପତ୍ର ଆବଶ୍ୟକ। ଏବେଠୁ ଆବାସିକ ପ୍ରମାଣପତ୍ରର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଆୟ ପ୍ରମାଣପତ୍ରର ବୈଧତା ଏଣିକି ଏକବର୍ଷ ପରିବର୍ତ୍ତେ ୩ବର୍ଷ ପର୍ଯ୍ୟନ୍ତ ରହିବ। ଆବାସିକ ଏବଂ ଆୟ ପ୍ରମାଣପତ୍ର ଓ ଏହାର ବୈଧତା ବୃଦ୍ଧି ସଂକ୍ରାନ୍ତରେ ଓଡିଶା ମିସେଲେନିୟସ ସାର୍ଟିଫିକେଟ ରୁଲ୍, ୨୦୧୭ରେ ଆବଶ୍ୟକ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେବାକୁ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ନିର୍ଦ୍ଦେଶରେ ଗଠିତ କମିଟି ସୁପାରିସ ଅନୁମୋଦିତ ହୋଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନେ ବହୁଳ ଭାବେ ଉପକୃତ ହେବେ ଏବଂ ସେମାନଙ୍କୁ ଆଉ ବାରମ୍ବାର ତହସିଲ କାର୍ଯ୍ୟାଳୟ ଯିବାକୁ ପଡିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଯେଉଁମାନେ ଇଞ୍ଜିନିୟରିଂ, ଡାକ୍ତରୀ, ମ୍ୟାନେଜମେଣ୍ଟ କିମ୍ବା ଅନ୍ୟ କୌଣସି ପେସାଦାର ପାଠ୍ୟକ୍ରମରେ ନାମ ଲେଖାଇବେ ସେମାନଙ୍କୁ ଆବାସିକ ପ୍ରମାଣପତ୍ର ଦିଆଯିବ। ସେହି ଆବାସିକ ପ୍ରମାଣପତ୍ର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ସେହିଭଳି ସରକାରୀ ଚାକିରି ନିମନ୍ତେ ପ୍ରାର୍ଥୀଙ୍କୁ ନିୟମାନୁଯାୟୀ ଆବାସିକ ପ୍ରମାଣପତ୍ର ମିଳିବ। ଏହାର ମାନ୍ୟତା ଏବର୍ଷ ବଦଳରେ ୫ବର୍ଷ ପର୍ଯ୍ୟନ୍ତ ରହିବ। ଏହି ଆବାସିକ ପ୍ରମାଣପତ୍ର ରାଜସ୍ୱ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଫର୍ମାଟ୍‌ରେ ଜମିପଟ୍ଟା, ନିର୍ଦ୍ଦିଷ୍ଟ ସ୍ଥାନରେ ଏକକାଳୀନ ଏକବର୍ଷ ପର୍ଯ୍ୟନ୍ତ ବସବାସ କରିବା, ଭୋଟର ତାଲିକାର ନକଲ, ଭୋଟର ପରିଚୟ ପତ୍ର, ରାଶନ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ପାନ୍‌କାର୍ଡ, ପାସପୋର୍ଟ, ଘରଭଡା ଚୁକ୍ତିର ନକଲ ଆଦି ପ୍ରାମାଣିକ ତଥ୍ୟ ଆଧାରରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯିବ।

ସୂଚନାଯୋଗ୍ୟ ଯେ, ୨୦୧୩ରେ ରାଜସ୍ୱ ବିଭାଗ ପକ୍ଷରୁ ୧,୫୩,୦୦୦ ଆବାସିକ ପ୍ରମାଣପତ୍ର ଓ ୯୯,୭୫୮ ଆୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୧୭ରେ ଏହା ବହୁଗୁଣ ବୃଦ୍ଧି ପାଇ ଆବାସିକ ପ୍ରମାଣପତ୍ର ୧୩ଲକ୍ଷ ୨୦ହଜାର ୭୩୩ ଏବଂ ଆୟ ପ୍ରମାଣପତ୍ର ୧୦ଲକ୍ଷ ୩୭ହଜାର ୨୬୭ରେ ପହଞ୍ଚିଥିଲା।

# ଆୟରଙ୍କ ପାଇଁ ଶାସକ-ବିରୋଧୀ ଏକାଠି

ଭୁବନେଶ୍ୱର,୨୦।୯(ବ୍ୟୁରୋ)

- ପ୍ରଶ୍ନକାଳ ବାତିଲ, ଘମାଘୋଟ ଆଲୋଚନା
- ଗଠନ ହେଲା ଗୃହ କମିଟି
- ଆସନ୍ତା ଅଧିବେଶନରେ ରିପୋର୍ଟ ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୯(ବ୍ୟୁରୋ)- ସୋସିଆଲ ମିଡିଆରେ ଅଭିଜିତ୍ ଆୟର ମିତ୍ର ପୁରୀ ଓ କୋଣାର୍କ ଉପରେ ଦେଇଥିବା ବୟାନକୁ ନେଇ ବିଧାନସଭାରେ ଏକଜୁଟ ହୋଇଛନ୍ତି ଶାସକ ଓ ବିରୋଧୀ। ଏକ ସ୍ୱରରେ କହିଛନ୍ତି ଓଡ଼ିଶାର ସ୍ୱାଭିମାନ ପ୍ରତି ଆଞ୍ଚ ଆଣିଥିବା ଅଭିଜିତଙ୍କୁ ତୁରନ୍ତ ବନ୍ଧାଯାଉ। ତାଙ୍କୁ ବିଧାନସଭାକୁ ଡକାଯାଇ ଦଣ୍ଡବିଧାନ କରାଯାଉ। ୪ କୋଟି ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଥିବା ସେହି ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଦରକାର। ଏଭଳି ରଣହୁଙ୍କାର ଦେଇ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ବିଧାନସଭାର ପୂର୍ବ ନିର୍ଦ୍ଧାରିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଉଡାଇ ଦେଇଥିଲେ। ବିରୋଧୀଙ୍କ ଦାବି ଆଗରେ ମୁଣ୍ଡନୁଆଁଇ ବାଚସ୍ପତି ପ୍ରଦୀପ କୁମାର ଅମାତ୍ ପ୍ରଶ୍ନକାଳକୁ ବାତିଲ କରି ଆୟରଙ୍କ ମନ୍ତବ୍ୟ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଆଣିଥିବା ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଅନୁମତି ଦେଇଥିଲେ। ଦୀର୍ଘ ୪୫ ମିନିଟ୍ ଧରି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ତାଙ୍କ ସହିତ ହେଲିକପ୍ଟରରେ ପୁରୀ, କୋଣାର୍କ ଓ ଚିଲିକା ବୁଲିଥିବା ଅଭିଜିତଙ୍କ ବିରୋଧରେ ବିଷୋଦଗାର କରିଥିଲେ। ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବା ପାଇଁ ବାଚସ୍ପତି ଏକ ୬ ଜଣିଆ ଗୃହ କମିଟି ଗଠନ କରିଛନ୍ତି। ଏହି କମିଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ବିଧାନସଭାର ଆସନ୍ତା ଅଧିବେଶନରେ ରିପୋର୍ଟ ପ୍ରଦାନ କରିବ।

ଗୁରୁବାର ୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ଗୃହକୁ ପ୍ରବେଶ କଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ କହିବା ପାଇଁ ସୁଯୋଗ ଦେଇଥିଲେ। ନରସିଂହ କହିଥିଲେ ଯେ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ବିଧାୟକମାନଙ୍କ ତଥା ଓଡ଼ିଶାର କଳା ସଂସ୍କୃତି ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଜିତଙ୍କ ବିରୋଧରେ ଗୃହରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣି ଆଲୋଚନା କରାଯାଉ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବାତିଲ କରି ନରସିଂହ ଆଣିଥିବା ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ଅନୁମତି ଦେଇଥିଲେ। ନରସିଂହ କହିଥିଲେ ଯେ, ସମ୍ପୃକ୍ତ ବ୍ୟକ୍ତି କେବଳ ଶ୍ରୀଜଗନ୍ନାଥ ମନ୍ଦିର କିମ୍ବା କୋଣାର୍କ ମନ୍ଦିର ପ୍ରତି ଖରାପ ମନ୍ତବ୍ୟ ଦେଇନାହାନ୍ତି, ବରଂ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ବୁଦ୍ଧୁ ବୋଲି ଆଖ୍ୟା ଦେଇଛନ୍ତି। ସେହି ବ୍ୟକ୍ତିଙ୍କ ବିରୋଧରେ ଗୃହ ପକ୍ଷରୁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦିଆଯିବା ଜରୁରୀ। ବିଧାନସଭା ୪ କୋଟି ଓଡ଼ିଆଙ୍କ ପ୍ରତିନିଧିତ୍ୱ କରୁଥିବା ଗଣତନ୍ତ୍ରର ଏକ ମନ୍ଦିର। କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଏହା ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇପାରିବେ ନାହିଁ। ସେହି ବ୍ୟକ୍ତି ଜଣକ କୋଣାର୍କ ଓ ଜଗନ୍ନାଥ ମନ୍ଦିର ପ୍ରତି ଯେଉଁଭଳି ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ଧାରା-୧୫୩(ଏ) ଅନୁଯାୟୀ ଦଣ୍ଡବିଧାନ କରାଯାଇପାରିବ। ଗୃହର ଅଖଣ୍ଡ କ୍ଷମତା ରହିଛି। ଏଥିରେ କାହାର ବ୍ୟକ୍ତିଗତ ସ୍ୱାର୍ଥ ନାହିଁ। ସେ ବ୍ୟକ୍ତିଙ୍କ ସହିତ କାହାର ବ୍ୟକ୍ତିଗତ ସମ୍ପର୍କ ଥାଇପାରେ। କିନ୍ତୁ ଓଡ଼ିଶାକୁ ଅପମାନିତ କରିଥିବାରୁ ଦଳଗତ ନିର୍ବିଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସହମତି ପ୍ରକାଶ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଅରୁଣ ସାହୁ କହିଥିଲେ, ଆୟରଙ୍କ ମନ୍ତବ୍ୟ ସାଢେ ୪ କୋଟି ଓଡ଼ିଆଙ୍କୁ ବାଧିଛି। ଓଡ଼ିଶାର ସଂସ୍କୃତି ଓ କଳାକୁ ସେ କୁଠାରାଘାତ କରିଛନ୍ତି। ବିରୋଧୀ ଦଳ ନେତା ଯେଉଁ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି, ମୁଁ ତାକୁ ସମର୍ଥନ କରୁଛି। ଆଜି ଆମେ ଏକ ନ ହେଲେ ଇତିହାସ କେବେହେଲେ ଆମକୁ କ୍ଷମାଦେବ ନାହିଁ। ଓଡ଼ିଶା ମାଟିରେ ଛିଡାହୋଇ କୋଣାର୍କ, ଜଗନ୍ନାଥ ମନ୍ଦିର ଓ ଗଣତନ୍ତ୍ର ମନ୍ଦିରକୁ ଅପମାନିତ କରିଥିବା ବ୍ୟକ୍ତିଙ୍କୁ ଚରମ ଶାସ୍ତି ଦେବା ଦରକାର। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ ଉକ୍ତ ପ୍ରସ୍ତାବକୁ ସମର୍ଥନ କରି କହିଥିଲେ, ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କୁ ଅପମାନିତ କରିଥିବା କୌଣସି ବ୍ୟକ୍ତିକୁ ଛଡାଯିବା ଉଚିତ ନୁହେଁ। କେହି ଥଟ୍ଟାମଜାରେ କୌଣସି ଜାତି ପ୍ରତି ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। କ୍ଷମା ମାଗିବା ପରିବର୍ତ୍ତେ ବିଧାୟକମାନଙ୍କୁ ବୁଦ୍ଧୁ କହିବା ଅତ୍ୟନ୍ତ ନିନ୍ଦନୀୟ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ସଭ୍ୟ ଅମର ଶତପଥୀ, ସମୀର ରଞ୍ଜନ ଦାଶ, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ସମର୍ଥନ କରିବା ସହିତ କଡ଼ା ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଆଲୋଚନା ଶେଷରେ ନରସିଂହ ଆଣିଥିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ପୂର୍ବାହ୍ନ ୧୧ଟା ୧୯ରୁ ୧୨ଟା ୪୯ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହାପରେ ଗୃହରେ ବାଚସ୍ପତି ସୂଚନା ଦେଇଥିଲେ ଯେ, ଏହି ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯିବ। ବିରୋଧୀ ଦଳ ନେତା ଆଣିଥିବା ପ୍ରସ୍ତାବକୁ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ସମର୍ଥନ କରିବା ସହ ବିଧାନସଭାର ଆଚରଣ ବିଧି ନିୟମ ୧୪୨ ଅନୁଯାୟୀ ଗ୍ରହଣ କରାଯାଉ ଓ ସେହି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଥିଲେ। ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ସମସ୍ତ ସଭ୍ୟ ଏକସଙ୍ଗେ ଛିଡାହୋଇ ସମର୍ଥନ ଜଣାଇଥିଲେ ଓ ଏହା ବିଧାନସଭାରେ ଗୃହୀତ ହୋଇଥିଲା। ବାଚସ୍ପତି ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ୬ ଜଣିଆ ଗୃହ କମିଟି ଗଠନ କରିଛନ୍ତି। କମିଟିରେ କନକବର୍ଦ୍ଧନ ସିଂଦେଓ, ଦେବୀପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ଅରୁଣ ସାହୁ ଓ ସଞ୍ଜୟ ଦାସବର୍ମା ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ଆସନ୍ତା ବିଧାନସଭା ଅଧିବେଶନରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ■ ମୟୂରଭଞ୍ଜ ଚାରା ଦୁର୍ନୀତି ମାମଲା

# ପୁଣି ତଦନ୍ତ କରିବାକୁ ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୯(ବ୍ୟୁରୋ)



ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଆଣିଥିବା ମୟୂରଭଞ୍ଜ ଜିଲାରେ ଚାରା ରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେଇଛି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ। ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ପାଇବା ପରେ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକ ପଡିଲେ ଫୌଜଦାରି ମାମଲା ରୁଜୁ କରାଯିବ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ଚାରା ଦୁର୍ନୀତିକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ବିଧାନସଭାକୁ ଅଚଳ କରିଥିଲେ। ଏହା ଉପରେ ଗୃହରେ ବିବୃତି ଦେବାକୁ ସେମାନେ ଦାବି କରିଥିଲେ। ବାଚସ୍ପତି କୃଷି ମନ୍ତ୍ରୀଙ୍କୁ ଏ ନେଇ ମୌସୁମୀ ଅଧିବେଶନ କାଳରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ କୃଷି ମନ୍ତ୍ରୀ ଅଧିବେଶନର ଶେଷ ଦିବସରେ ଗୃହରେ ଚାରା ଦୁର୍ନୀତି ସମ୍ପର୍କରେ ବିବୃତି ଦେଇଥିଲେ।

ସେ କହିଥିଲେ ଯେ ଆର୍ଥିକ ଅନିୟମିତତା କରିଥିବା ଏବଂ ଅନୈତିକ କାର୍ଯ୍ୟରେ ଜଡିତ ଥିବାର କେତେଗୁଡିଏ ଲିଖିତ (ନାମିତ ଓ ବେନାମୀ) ଅଭିଯୋଗ ଓ ଫଟୋଗ୍ରାଫକୁ ଆଧାର କରି ଧରଣୀଧର ପାତ୍ର, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ (ଭାରପ୍ରାପ୍ତ ଉପନିର୍ଦ୍ଦେଶକ)ଙ୍କୁ ବାରିପଦାରୁ ବଦଳି କରିବା ପାଇଁ ୨୦୧୭ ଅଗଷ୍ଟ ୨୧ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ଏହାର ଏକ ନିରପେକ୍ଷ ତଦନ୍ତ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୩ଜଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦାସ, ସହକାରୀ ଉଦ୍ୟାନ ଅଧିକାରୀ ସୁଶାନ୍ତ ରଞ୍ଜନ ଦାସ ଏବଂ ସହକାରୀ ସମୀକ୍ଷା ଅଧିକାରୀ ଲକ୍ଷ୍ମୀଧର ଦଳେଇ ସଦସ୍ୟ ଥିଲେ। ଧରଣୀଧରଙ୍କୁ ବାରିପଦାରୁ ୨୦୧୭ ସେପ୍ଟେମ୍ବର ୪ ତାରିଖରେ ବାଲେଶ୍ୱର ବଦଳି କରାଯାଇଥିଲା। ତଦନ୍ତକାରୀ ଟିମ୍ ୨୦୧୭ ସେପ୍ଟେମ୍ବର ୨୦ରୁ ୨୩ ତାରିଖ ମଧ୍ୟରେ ବାରିପଦା ଗସ୍ତ କରି ସମ୍ପୃକ୍ତ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ଏବଂ ଏ ସମ୍ବନ୍ଧୀୟ ଆବଶ୍ୟକ ନଥିପତ୍ର ତଦାରଖ କରିସାରିବା ପରେ ମଧ୍ୟବର୍ତ୍ତୀ କାଳୀନ ତଦନ୍ତ ରିପୋର୍ଟ ୨୦୧୭ ଅକ୍ଟୋବର ୪ ତାରିଖରେ ବିଭାଗକୁ ପ୍ରଦାନ କଲେ। ଏହି ରିପୋର୍ଟକୁ ଆଧାର କରି ଧରଣୀଧର ପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

ମୟୂରଭଞ୍ଜ ଜିଲାରେ ଉଦ୍ୟାନ କୃଷିର ବିଭିନ୍ନ ଯୋଜନାରେ ୨୦୧୩-୧୪ ରୁ ୨୦୧୬-୧୭ ମଧ୍ୟରେ ୧୭,୩୩,୦୩,୨୭୫ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାରୁ ଧରଣୀଧର ପାତ୍ର ଓ ସଂପୃକ୍ତ ଅନ୍ୟ ୧୬ ଜଣ ଅଧିକାରୀଙ୍କ ବିରୁଦ୍ଧରେ ପୂର୍ଣାଙ୍ଗ ରିପୋର୍ଟ ତା.୨୦୧୭ ଡିସେମ୍ବର ୧୨ ତାରିଖରେ ପ୍ରଦାନ କରିଥିଲେ। ନିଲମ୍ବନର ପ୍ରାୟ ୫ ମାସ ପରେ ଓଡିଶା ପ୍ରଶାସନିକ ପ୍ରାଧିକରଣଙ୍କ ୨୦୧୮ ଫେବୟାରୀ ୭ ତିରଖ ଆଦେଶକୁ ଭିତ୍ତି କରି ନୟାଗଡ ଜିଲାକୁ ବଦଳି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଦିଲୀପ ରାୟ ସବୁଠାରୁ ଧନୀ ବିଧାୟକ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମ (ଏଡିଆର୍) ପକ୍ଷରୁ ବିଧାୟକଙ୍କ ସମ୍ପତ୍ତି ତାଲିକା ପ୍ରକାଶ ପାଇଛି। ଏହି ତଥ୍ୟରୁ ଜଣାପଡିଛି ଯେ ରାଉରକେଲାର ଭାଜପା ବିଧାୟକ ଦିଲୀପ ରାୟଙ୍କ ସମ୍ପତ୍ତି ମୂଲ୍ୟ ୧ କୋଟି ୩୪ ଲକ୍ଷ ୩୬ ହଜାର ୫୮୮ ଟଙ୍କା ହୋଇଥିବା ବେଳେ ସେ ୧ ନମ୍ବରରେ ରହିଛନ୍ତି। ଧର୍ମଶାଳାର ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ ଦ୍ୱିତୀୟରେ ଥିବା ବେଳେ ତାଙ୍କ ସମ୍ପତ୍ତି ମୂଲ୍ୟ ୭୨ ଲକ୍ଷ ୫୪ ହଜାର ୮୦ ଟଙ୍କା। ତୃତୀୟରେ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ସନା ମହାକୁଡ଼। ତାଙ୍କ ସମ୍ପତ୍ତିର ମୂଲ୍ୟ ୬୬ଲକ୍ଷ ୬୧ ହଜାର ୪୨୦ଟଙ୍କା। ସେହିପରି କଟକ- ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସମ୍ପତ୍ତି ୯୦ ହଜାର ୨୭ଟଙ୍କା ରହିଥିବା ବେଳେ ଅନ୍ୟମାନେ ସମ୍ପତ୍ତି ତାଲିକାରେ ନିଜ ସମ୍ବନ୍ଧୀୟ ତଥ୍ୟ ଦେଇନାହାନ୍ତି।

## ■ ସରକାରଙ୍କ ସହିତ ଆଲୋଚନା ବିଫଳ

# ବିଧାୟକଙ୍କୁ ଟାର୍ଗେଟ କଲେ ଶିକ୍ଷକ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

- ଗାଁକୁ ଯାଇ ଗଢ଼ିବେ ଜନତା ଦରବାର
- ନିର୍ବାଚନମଣ୍ଡଳୀରେ ପ୍ରବେଶ କରାଇ ଦେବେନି

ଅଭିଜିତ ଆୟର ମିତ୍ରଙ୍କ ଗିରଫଦାରି ଲାଗି ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏକତ୍ରିତ ହୋଇ ବିଧାନସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ। କିନ୍ତୁ ହଜାର ହଜାର ଶିକ୍ଷକ ୩୬ ଦିନ ହେଲା ଖରା ବର୍ଷାରେ ଗାନ୍ଧୀମାର୍ଗରେ ପଡ଼ିରହିଥିଲେ ମଧ୍ୟ ସେମାନଙ୍କ ଲାଗି ଏକାଠି ହେଲେନି। ଏହାକୁ ସହଜରେ ଗ୍ରହଣ କରିପାରିନି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ। ଏଥର ମିଳିତ ମଞ୍ଚ ସିଧାସଳଖ ବିଧାୟକମାନଙ୍କୁ ଟାର୍ଗେଟ କରିଛି। ବିଧାୟକମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ପ୍ରବେଶ କରାଇ ଦେବେନି ଶିକ୍ଷକ। ପ୍ରତି ନିର୍ବାଚନ ମଣ୍ଡଳୀକୁ ଶିକ୍ଷକମାନେ ଯାଇ ଜନତା ଦରବାର ଗଢ଼ିବେ। ସରକାର ଏବଂ ବିଧାୟକଙ୍କ ଅସଲ ମୁଖା ଲୋକଙ୍କ ସାମ୍ନାରେ ଖୋଲିବେ ଚେତାବନୀ ଦେଇଛି ମିଳିତ ମଞ୍ଚ। ବିଧାୟକଙ୍କ ଏଭଳି ମନୋବୃତ୍ତିରୁ ଶିକ୍ଷା ବ୍ୟବସ୍ଥା ପ୍ରତି ସେମାନଙ୍କ ଆସ୍ଥା କିଭଳି ଅଛି ତାହା ବାରି ହୋଇପଡୁଛି ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲୋକ ନାୟକ ଏବଂ ପବିତ୍ର ମାହାଲା କହିଛନ୍ତି।

ଗୁରୁବାର ବିଧାନସଭା ଅଧିବେଶନର ଥିଲା ଶେଷ ଦିନ। ଏହାକୁ ଲକ୍ଷ୍ୟ କରି ମିଳିତ ମଞ୍ଚ ପକ୍ଷରୁ ମହାସମାବେଶ କରାଯାଇଥିଲା। ଲଘୁଚାପ ବର୍ଷାରେ ଶିକ୍ଷକମାନେ ଭିଜି ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚି ସରକାରଙ୍କ ବିରୋଧରେ ନାରା ଦେଇଥିଲେ। ଅପରାହ୍ନରେ ଆଲୋଚନା ପାଇଁ ସଚିବାଳୟରୁ ଡକରା ଆସିଲା। ମିଳିତ ମଞ୍ଚର ୧୧ ଜଣିଆ ପ୍ରତିନିଧି ଦଳ ସଚିବାଳୟ ବାହାରିଲେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରତିନିଧି ଦଳ ସହିତ ଆଲୋଚନା ହୋଇଥିଲା। ଆଲୋଚନାବେଳେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ଅର୍ଥ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ। କିନ୍ତୁ ପୂର୍ବ ଆଲୋଚନା ଭଳି ଏହି ଆଲୋଚନା ମଧ୍ୟ ସଫଳ ହେଲାନାହିଁ। ସରକାର ଏବଂ ଶିକ୍ଷକ ନିଜ ଜିଦ୍‌ରେ ଅଟଳ ରହିଲେ। ଆବାହକ ମହାନ୍ତି କହିଛନ୍ତି, ସରକାର ପୂର୍ବପରି ନୂଆ ବୋତଲରେ ପୁରୁଣା ମଦ ଭର୍ତ୍ତି କରି ଶିକ୍ଷକମାନଙ୍କୁ ଦେଉଛନ୍ତି। ଆଲୋଚନାରେ ସରକାର କହିଥିଲେ ୨୦୧୭ ଜିଆଇଏକୁ ଶିକ୍ଷକ ଗ୍ରହଣ କରନ୍ତୁ। ପରେ ଅନ୍ୟ ଦାବିଗୁଡିକ ଉପରେ ବିଚାର କରାଯିବ। ହେଲେ ଶିକ୍ଷକମାନେ ୨୦୧୭ ଜିଆଇଏ ଗ୍ରହଣ କରିବାକୁ ନାରାଜ। କାରଣ ଜିଆଇଏ ଗ୍ରହଣ କଲେ ଶିକ୍ଷକମାନେ ସରକାରଙ୍କ ପାଖରେ ସତ୍ୟପାଠ ଦାଖଲ କରିବେ। ଫଳରେ ଶିକ୍ଷକଙ୍କ ଦାବି ପୂରଣ ପାଇଁ ଏହି ଆଲୋଚନାରେ କିଛି ନିର୍ଯାସ ବାହାରି ପାରିଲା ନାହିଁ। ସରକାର ଆହୁରି ୩ ମାସ ସମୟ ମାଗିଲେ। ଏହାକୁ ମିଳିତ ମଞ୍ଚ ଅଗ୍ରାହ୍ୟ କରିଛି। ସରକାରଙ୍କୁ ୩ ଦିନ ସମୟ ଦିଆଯାଇଛି। ଏହା ଭିତରେ ଦାବି ପୂରଣ ନ ହେଲେ ଶିକ୍ଷକମାନେ ପୁଣି ଥରେ ଗାଁକୁ ଯାଇ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ମହାନ୍ତି କହିଛନ୍ତି।

## ■ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା

# ୨୪ରେ ସୁପ୍ରିମ୍‌କୋର୍ଟରେ ଶୁଣାଣି

ପୁରୀ ଅଫିସ, ୨୦।୯

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଆସନ୍ତା ୨୪ ତାରିଖରେ ସୁପ୍ରିମ୍‌କୋର୍ଟରେ ହେବ। କୋର୍ଟ ନମ୍ବର ୧ରେ ଏହି କେସ୍‌ର ଶୁଣାଣି ରହିଛି। ହେଲେ କେତେଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ, ତାହା ସ୍ପଷ୍ଟ ହୋଇନାହିଁ।
ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ମୃଣାଳିନୀ ପାଢ଼ୀ ନାମ୍ନୀ ମହିଳା ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁପ୍ରିମ୍‌କୋର୍ଟ ପୁରୀ ଜିଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ପୁରୀ ଜିଲାଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାର ତିନିଜଣିଆ କମିଟି ଗଠନ କରିଛନ୍ତି। ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର କମିଟି ଅଧ୍ୟକ୍ଷ ରହିଥିବା ବେଳେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ ସଦସ୍ୟ ଅଛନ୍ତି। ଏହି କମିଟି ଶ୍ରୀମନ୍ଦିରରେ ସଂସ୍କାର ସମ୍ପର୍କିତ ରିପୋର୍ଟ ଆଇନ ବିଭାଗକୁ ହସ୍ତାନ୍ତର କରିସାରିଛି। ରାଜ୍ୟ ସରକାର ମଧ୍ୟ କମିଟି ରିପୋର୍ଟକୁ ସୁପ୍ରିମକୋର୍ଟରେ ଦାଖଲ କରିସାରିଛନ୍ତି। ପୂର୍ବରୁ ୨ ଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେଉଥିଲା। ସେପ୍ଟେମ୍ବର ୫ ତାରିଖରେ ତିନିଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହି ଶୁଣାଣି ବାତିଲ ହୋଇଥିଲା।

# ଅଭାବରେ ଆଦିବାସୀ ପଡ଼ାର ଲକ୍ଷ୍ମୀ

ପବନ ପାଣିଗ୍ରାହୀ
ଜୟପୁର,୨୦।୯



ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣ ପାଇଁ କୋରାପୁଟ ଜିଲା ଜୟପୁର ବ୍ଲକ ଉଙ୍ଗରଛିଞ୍ଚି ପଞ୍ଚାୟତ ପାତ୍ରପୁଟ ଗାଁ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗାଁକୁ ଏହି ପରିଚୟ ଆଣିଦେଇଥିବା ମହିଳା ଚାଷୀ ଜଣକ ହେଉଛନ୍ତି କମଳା ପୂଜାରୀ। ଶତାଧିକ ଦେଶୀ ବିହନର ସଂରକ୍ଷକ ଭାବେ ପରିଚିତ କମଳାଙ୍କୁ ରାଜ୍ୟ ସରକାର ୫ ମାସ ତଳେ ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ କରିଥିଲେ। କିନ୍ତୁ ବିଡ଼ମ୍ବନା ହେଉଛି, ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ସାଜିଥିବା ଏଭଳି ଜଣେ ମହିଳାଙ୍କୁ ସରକାର ଯୋଜନା ବୋର୍ଡ଼ର ସଦସ୍ୟ ଭାବେ କେବଳ ଘୋଷଣାରେ ହିଁ ସୀମିତ ରଖିଦେଇଛନ୍ତି। କମଳା ଯେତେବେଳେ 'ଚା ପିଇବାକୁ ବି ପଇସା ନଥିବା' କଥା ଆବେଗ ଛଳଛଳ ହୋଇ କୁହନ୍ତି, ଯେକେହି ବି ଏଥିରେ ତରଳିଯିବ। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ସତ, କିନ୍ତୁ ଘରେ ଝରକା କି ବିଜୁଳି ନାହିଁ। ଲୋକଙ୍କ ବିକାଶ ପାଇଁ ଥିବା ଯୋଜନା ବୋର୍ଡ଼ର ଯିଏ ସଦସ୍ୟ, ତାଙ୍କ ପାଖରେ ହିଁ ଖାଇବା ପାଇଁ ସମ୍ବଳ ନାହିଁ। ଏସବୁ ପଦବୀ, ନାମକରଣ, ସମ୍ମାନ ବଦଳରେ ମାସକୁ ହଜାରେ କି ୧୫ ଶହ ଟଙ୍କା ମିଳିଥିଲେ ଶେଷ ନିଃଶ୍ୱାସ ଯାଏଁ ଭଲରେ ଥାଆନ୍ତି ବୋଲି କହିଛନ୍ତି କମଳା। ଲକ୍ଷ୍ମୀଙ୍କ ଅନ୍ୟ ନାମ ହେଉଛି କମଳା। ଶତାଧିକ ପାରମ୍ପରିକ ଦେଶୀ ବିହନକୁ ଜୀବନ୍ୟାସ ଦେଇ କମଳା ବାସ୍ତବରେ ଉପାନ୍ତ ଗାଁର ଲକ୍ଷ୍ମୀ ପାଲଟି ଯାଇଛନ୍ତି। କିନ୍ତୁ ସେଇ ଲକ୍ଷ୍ମୀ ଏବେ ଅଭାବରେ ଘାରି ହେଉଛନ୍ତି।

ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀ ସମାଜର ବିଭିନ୍ନ ବର୍ଗର ୧୦ ଜଣ ବୁଦ୍ଧିଜୀବୀଙ୍କୁ ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ କରନ୍ତି। ସେହି କ୍ରମରେ କମଳା ପୂଜାରୀଙ୍କୁ ମଧ୍ୟ ବୋର୍ଡ଼ର ଅନ୍ୟତମ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। କିନ୍ତୁ ସୌଜନ୍ୟତା ସ୍ୱରୂପ ତାଙ୍କ ପାଖକୁ ଏଯାବତ୍ ମନୋନୟନର କାଗଜ ଖଣ୍ଡିଏ ପହଞ୍ଚିନାହିଁ। ଯୋଜନା ବୋର୍ଡ କ'ଣ ଓ ଏହାର କାମ ବାବଦରେ ସେ ଆଦୌ ସଚେତନ ହୋଇପାରି ନାହାନ୍ତି। କୌଣସି ଅଧିକାରୀ ମଧ୍ୟ ତାଙ୍କୁ ଏ ବାବଦରେ ଜଣାଇନାହାନ୍ତି। ଗତ ସ୍ୱାଧୀନତା ଦିବସରେ ଓଡ଼ିଶା ରାଜ ଭବନରୁ ଡାକଯୋଗେ ଚିଠି ଆସିଥିଲା। ଚିଠିରେ କମଳାଙ୍କ ନାମ ତଳେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା ଲେଖା ଥିଲା ବୋଲି ଗ୍ରାମବାସୀ ପଢ଼ି ଶୁଣାଇଥିଲେ। ରାଜଭବନରେ ଆୟୋଜିତ ହେଉଥିବା 'ଏଟ୍ ହୋମ୍' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏହି ଚିଠି ଆସିଥିଲା। ଏହାକୁ କମଳା ବୁଝିପାରି ନଥିଲେ ଏବଂ ଭୁବନେଶ୍ୱରକୁ ଯିବାଆସିବା ଖର୍ଚ୍ଚ ମଧ୍ୟ ତୁଲାଇବା ଅକ୍ଷମତାରୁ ଯାଇପାରି ନଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନାରୀ ସଶକ୍ତିକରଣ ସହିତ ଜଙ୍ଗଲ ସୁରକ୍ଷା ପାଇଁ କମଳା ପ୍ରାରମ୍ଭିକ ପର୍ଯ୍ୟାୟରେ ୨୧ ଜଣ ଉତ୍ସର୍ଗୀକୃତ ତଥା କର୍ମଠ ମହିଳାଙ୍କୁ ନେଇ ନିଜ ଗାଁରେ 'ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ଗଢ଼ିଥିଲେ। ସେହିପରି ଲୋପ ପାଇ ଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ ଚାଷକୁ ବଞ୍ଚାଇ ରଖିବାରେ କମଳା ପୂଜାରୀଙ୍କ ବିଶେଷ ଅବଦାନ ରହିଛି। ଏହି ଅବଦାନ ପାଇଁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ୨୦୦୨ରେ ତାଙ୍କୁ ସମ୍ମାନିତ କରିଥିବା ବେଳେ ୨୦୦୩ରେ ଭାରତ ସରକାର ତାଙ୍କୁ 'କୃଷି ବିଶାରଦ' ସମ୍ମାନ ଦେଇଥିଲେ। ଏପରିକି ଓଡ଼ିଶା ସରକାର ମଧ୍ୟ କମଳାଙ୍କୁ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି । କିନ୍ତୁ ଏସବୁ ତାଙ୍କ ପାଇଁ ଏବେ ମୂଲ୍ୟହୀନ ହୋଇପଡ଼ିଛି।

**ଯୋଜନା ବୋର୍ଡ଼ ସଦସ୍ୟାଙ୍କ ଦୁଃଖ**
- ଶତାଧିକ ଦେଶୀ ବିହନର ସଂରକ୍ଷକ ହେଉଛନ୍ତି କମଳା
- ଆବାସ ଘରେ ଝରକା, ବିଜୁଳି ନାହିଁ
- ଯୋଜନା ବୋର୍ଡ଼ ପାଇଁ ମିଳିନି ମନୋନୟନ ପତ୍ର



“ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ନିଜକୁ ଦେଶର ‘ଚୌକିଦାର’ ବୋଲି ଅଭିହିତ କରିଥିଲେ । ରାଫେଲ ଦୁର୍ନୀତି ପ୍ରସଙ୍ଗରେ ନୀରବତା ଓ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଫେରାଇଆଣିବାରେ ବିଫଳତାକୁ ନେଇ ଦେଶବାସୀ ଏବେ ମୋଦିଙ୍କୁ ‘ଚୋର’ କହିବା ଆରମ୍ଭ କଲେଣି ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### ଆବେ ପୁନଃ ନିର୍ବାଚିତ




**ଟୋକିଓ,୨୦।୯(ପି.ଟି.)**-ଜାପାନର ଶାସକ ଦଳ ଲିବରାଲ ଡେମୋକ୍ରାଟିକ୍ ପାର୍ଟିର ମୁଖ୍ୟ ଭାବେ ଗୁରୁବାର ପୁନଃ ନିର୍ବାଚିତ ହୋଇଛନ୍ତି ଦେଶର ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ। ଦଳର ସର୍ବୋଚ୍ଚ ପଦ ଲାଗି ହୋଇଥିବା ନିର୍ବାଚନରେ ସେ ବୃହତ୍ ବିଜୟଲାଭ କରିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପଦରେ ଆଉ ୩ ବର୍ଷ ରହିବା ଲାଗି ତାଙ୍କ ପଥ ପରିଷ୍କାର ହୋଇଯାଇଛି। ଜାପାନର ସମ୍ବିଧାନର ସମୀକ୍ଷା କରିବାର ସମୟ ଉପନୀତ ହୋଇଛି ବୋଲି ପ୍ରଥମ ଉଦ୍‌ବୋଧନରେ ଆବେ କହିଛନ୍ତି। ୨୦୧୨ ଡିସେମ୍ବରରୁ ଆବେ ଜାପାନର ପ୍ରଧାନମନ୍ତ୍ରୀ ଅଛନ୍ତି। ୨୦୨୧ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ସେ ହେବେ ଦେଶର ସର୍ବାଧିକ କାଳ ଶାସନ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ।

### ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତେଜିଲା

**ନୂଆଦିଲ୍ଲୀ,୨୦।୯(ପି.ଟି.)**-ରାଫେଲ୍ ଯୁଦ୍ଧବିମାନ କ୍ରୟନେଇ ହୋଇଥିବା ଚୁକ୍ତି ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ମିଛ କହିଛନ୍ତି। ଦେଶବାସୀଙ୍କୁ ଭୁଆଁ ବୁଲାଇଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଗୁରୁବାର କଂଗ୍ରେସ ଦୃଢ଼ଦାବି ଉପସ୍ଥାପନ କରିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚ୍ଏଏଲ୍)ର ଉଚ୍ଚ କ୍ଷମତାସମ୍ପନ୍ନ ଯୁଦ୍ଧବିମାନ ନିର୍ମାଣ କ୍ଷମତା ନାହିଁ ବୋଲି କେନ୍ଦ୍ର ସରକାର କହୁଛନ୍ତି। କିନ୍ତୁ ଏଚ୍ଏଏଲ୍‌ର ଜଣେ ପୂର୍ବତନ ମୁଖ୍ୟଙ୍କ ମନ୍ତବ୍ୟ ପ୍ରକାଶ ପାଇବା ପରେ ସରକାରଙ୍କ ମିଛ ପ୍ରସାର ଉଦ୍ୟମ ଧୂଳିସାତ୍ ହୋଇଯାଇଛି ବୋଲି ବିରୋଧୀ ଦଳ କହିଛି। ରାଫେଲ ଯୁଦ୍ଧବିମାନ ନିର୍ମାଣ ପାଇଁ ଫ୍ରାନ୍ସ ଫାର୍ମ ଦାସଲ୍ଟ ଆଭିଏଶନ ସହ ଆଲୋଚନା ଚଳାଇଥିବାବେଳେ ସରକାରୀ କମ୍ପାନୀ ଏଚ୍ଏଏଲ୍‌କୁ ତତ୍କାଳୀନ ଉପା ସରକାର ସହଯୋଗ କରି ନ ଥିଲେ। ପ୍ରତିରକ୍ଷାମନ୍ତ୍ରୀ ଏହି ଅଭିଯୋଗ ଆଣିଥିବାରୁ କଂଗ୍ରେସ ମୁଖପାତ୍ର ମନୀଷ୍ ତିୱାରୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏଚ୍ଏଏଲ୍‌ର ପୂର୍ବତନ ମୁଖ୍ୟ ଟି. ସୁବର୍ଣ୍ଣ ରାଜୁଙ୍କ ଟିପ୍ପଣୀକୁ ଭିତ୍ତିକରି ସେ ସୀଥାରାମନ୍‌ଙ୍କୁ ଶବ୍ଦବାଣରେ ଛନ୍ଦିଦେଇଛନ୍ତି। ତିୱାରୀ କହିଛନ୍ତି ଯେ, ରାଫେଲ ପ୍ରସଙ୍ଗରେ ଏନ୍‌ଡିଏ ସରକାର ମିଛକଥା ପ୍ରସାର କରୁଛନ୍ତି। କିନ୍ତୁ ରାଜୁଙ୍କ ମନ୍ତବ୍ୟ ପରେ ସବୁ ଫସର ଫାଟିଛି। ଏଚ୍ଏଏଲ୍ ଏବଂ ଦାସଲ୍ଟ ମଧ୍ୟରେ ପାରସ୍ପରିକ ସହଯୋଗ ନେଇ ଚୁକ୍ତି ହୋଇଥିଲା ଏବଂ ସରକାରଙ୍କୁ ଚୁକ୍ତିପତ୍ର ଦିଆଯାଇଥିଲା ବୋଲି ରାଜୁ ସ୍ପଷ୍ଟ କରିଛନ୍ତି। ତେଣୁ ପ୍ରତିରକ୍ଷାମନ୍ତ୍ରୀ ଲୋକଙ୍କୁ ଭୁଆଁ ବୁଲାଉଥିବା ଜଣାପଡ଼ିଯାଇଛି। ଏଥିପାଇଁ ସୀମାରାମନ୍ ଇସ୍ତଫା ଦେବା ଉଚିତ ବୋଲି ତିୱାରୀ କହିଛନ୍ତି।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୨୧ର ପ୍ରମୁଖ ଘଟଣା**

#### ସ୍ୱାଧୀନ ହେଲା ମାଲ୍‌ଟା

୧୯୬୪, ସେପ୍ଟେମ୍ବର ୨୧ରେ ୟୁରୋପୀୟ ଦେଶ ମାଲ୍‌ଟା ବ୍ରିଟେନ୍‌ଠାରୁ ସ୍ୱାଧୀନତା ହାସଲ କରିଥିଲା। ଭୂମଧ୍ୟସାଗର କେନ୍ଦ୍ର ଭାଗରେ ଅବସ୍ଥିତ ମାଲ୍‌ଟା ଦେଶକୁ ପ୍ରଥମେ ଫିନିସୀୟମାନେ ଶାସନ କରୁଥିଲେ। ପରେ ଗ୍ରୀକ୍, ରୋମାନ୍, ଆରବ, ନର୍ମାନ୍, ଆରାଗୋନିସା, ହବ୍ସବର୍ଗ, ସ୍ପେନ୍, ସେଣ୍ଟ ଜନ୍ ନାଇଟ୍‌ସ, ଫରାସୀମାନେ ଶାସନ କରିଥିଲେ। ଶେଷରେ ବ୍ରିଟିଶ୍‌ମାନେ ଏହାକୁ ଶାସନ କଲେ।

#### ତାଇୱାନ୍‌ର ଜିଜି ଭୂକମ୍ପ

୧୯୯୯, ସେପ୍ଟେମ୍ବର ୨୧ରେ କେନ୍ଦ୍ରୀୟ ତାଇୱାନ୍‌ରେ ଘଟିଥିଲା ଏକ ବଡ଼ ଧରଣର ଭୂକମ୍ପ। ଏହାକୁ ଜିଜି ଭୂକମ୍ପ କିମ୍ବା ୯୨୧ ଭୂକମ୍ପ ବୋଲି କୁହାଯାଏ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଏହାର ପ୍ରଭାବରେ ତାଇୱାନ୍‌ର ନାନଟୌ ସ୍କେଲ୍‌ରେ ଏହାର କାଉଣ୍ଟି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଭୂକମ୍ପ ପରେ ପରେ ଭୂସ୍ଖଳନ ମଧ୍ୟ ଘଟିଥିଲା। ଏଥିରେ ୨ହଜାର ୪୧୫ ଜଣ ପ୍ରାଣ ହରାଇଥିବାବେଳେ ୧୧ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ।

## ■ ମୋଦିଙ୍କୁ ଚିଠି ଲେଖିଲେ ଇମ୍ରାନ

# ଆଲୋଚନା ପାଇଁ ଆଗ୍ରହୀ

**ନୂଆଦିଲ୍ଲୀ,୨୦।୯(ପି.ଟି.)**



ଭାରତ ଓ ପାକିସ୍ତାନ ମଧ୍ୟରେ ଅଚଳାବସ୍ଥା ଦୂରହୋଇ ପୁଣିଥରେ ଆଲୋଚନାର ବାଟ ଫିଟିବ। ଦୁଇଦେଶ ଶାନ୍ତିର ଟେବୁଲରେ ବସି ଆଗକୁ ପାରସ୍ପରିକ ସହଯୋଗର ହାତବଢ଼ାଇବେ। ଆତଙ୍କବାଦର ମୂଳୋତ୍ପାଟନ କରି ସୀମାରେ ଉତ୍ତେଜନା ହ୍ରାସ ପାଇବ ଓ ସ୍ଥିତି ସ୍ୱାଭାବିକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍ ଆଲୋଚନା ପାଇଁ ପ୍ରସ୍ତାବ ଦେବା ପରେ ଗୁରୁବାର ଏଭଳି ଆଶା ଉଜ୍ଜୀବିତ ହୋଇଛି।

ଗୋଟିଏପଟେ ରଣବୋଝରେ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅନ୍ୟପଟେ ଆତଙ୍କବାଦକୁ ନେଇ ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସମାଲୋଚିତ ଓ ଭର୍ତ୍ସିତ। ଆତଙ୍କବାଦୀଙ୍କୁ ଲଗାମ ନ ଲଗାଇଲେ ଆମେରିକାରୁ ମିଳିବ ନାହିଁ ଆର୍ଥିକ ସହାୟତା। ପାକିସ୍ତାନ ଉପରେ ଏବେ ପଡ଼ିଛି ଏପରି ରାହୁ ଦଶା। ଏଭଳି ସମୟରେ ଦେଶର ଶାସନ ମଙ୍ଗ ଧରିଛନ୍ତି କ୍ରିକେଟରରୁ ରାଜନେତା ପାଲଟିଥିବା ପିଟିଆଇ ନେତା ଇମ୍ରାନ ଖାନ୍। ଇମ୍ରାନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ଭବତଃ ଦେଶର ବାସ୍ତବ ସ୍ଥିତିକୁ ହୃଦୟଙ୍ଗମ କରିଛନ୍ତି। ଏଥିପାଇଁ ସେ ଭାରତକୁ ଦେଇଛନ୍ତି ଶାନ୍ତିର ପ୍ରସ୍ତାବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ସେ ଗତ ୧୪ ତାରିଖରେ ଏକ ପତ୍ର ଲେଖିଛନ୍ତି। ସେଥିରେ ଇମ୍ରାନ ଉଲ୍ଲେଖ କରିଛନ୍ତି ଯେ, ଆତଙ୍କବାଦ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସେ ଆଗ୍ରହୀ। ଏଥିପାଇଁ ଆସନ୍ତା ୨୫ରେ ନ୍ୟୁୟର୍କରେ ହେବାକୁ ଥିବା ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ଅଧିବେଶନ ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ୍ କୁରେଶୀ ପରସ୍ପରକୁ ଭେଟିବେ। ଉଭୟେ ଏହି ଶାନ୍ତିବାର୍ତ୍ତାକୁ ଆଗକୁ ବଢ଼ାଇବା ଲାଗି ଉଦ୍ୟମ କରିବେ। କଶ୍ମୀର ସମେତ ଅନ୍ୟ ସମସ୍ତ ପ୍ରସଙ୍ଗର ସମାଧାନ ଆପୋସ ବୁଝାମଣା ଭିତ୍ତିରେ କରାଯାଉ। ସେହିପରି ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବାକୁ ଇସ୍‌ଲାମାବାଦରେ ସାର୍କ ସମ୍ମିଳନୀ କରାଯାଉ। ମୋଦି ଏଥିରେ ଯୋଗଦିଅନ୍ତୁ ବୋଲି ଇମ୍ରାନ ନିମନ୍ତ୍ରଣ କରିଛନ୍ତି। ଭାରତ-ପାକିସ୍ତାନ ସମ୍ପର୍କରେ ସକାରାତ୍ମକ ପରିବର୍ତ୍ତନ ସକାଶେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଉଲ୍ଲେଖନୀୟ ଅବଦାନକୁ ମଧ୍ୟ ସେ ଏହି ଅବସରରେ ସ୍ମରଣ କରିଛନ୍ତି। ପ୍ରକାଶ ଯେ, ଇମ୍ରାନ ଜୁଲାଇରେ ନିର୍ବାଚନରେ ବିଜୟୀ ହେବା ପରେ ଭାରତ ସହ ଆଲୋଚନା ଲାଗି ତୃତୀୟଥର ପାଇଁ ପ୍ରସ୍ତାବ ଦେଇଛନ୍ତି।

**ପଡ଼ୋଶୀର ପ୍ରସ୍ତାବ**

- ପାକିସ୍ତାନ ଯିବାକୁ ମୋଦିଙ୍କୁ ନିମନ୍ତ୍ରଣ
- ଆତଙ୍କବାଦ ନେଇ ଆଲୋଚନା ପାଇଁ ପ୍ରସ୍ତୁତ
- ସମ୍ପର୍କ ସୁଦୃଢ଼ କରିବାକୁ ଇସ୍‌ଲାମାବାଦରେ ହେଉ ସାର୍କ ସମ୍ମିଳନୀ
- ନ୍ୟୁୟର୍କରେ ୨ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ସାକ୍ଷାତ୍ ହେଉ
- ଉଭୟେ ଶାନ୍ତିବାର୍ତ୍ତା ପ୍ରସ୍ତାବ ଆଗକୁ ବଢ଼ାଇବେ
- କଶ୍ମୀର ସମେତ ସବୁ ପ୍ରସଙ୍ଗର ସମାଧାନ ଜରୁରୀ

## ସ୍କୁଲରେ ଛାତ୍ରୀଙ୍କୁ ୯ ମାସ ବଳାତ୍କାର କଲେ ପ୍ରିନ୍ସିପାଲ

**ପାଟନା, ୨୦।୯**

- ସ୍କୁଲ କିରାଣି ମଧ୍ୟ ସମ୍ପୃକ୍ତ
- ଗର୍ଭବତୀ ହେଲେ ପୀଡ଼ିତା
- ଦୁଇ ଅଭିଯୁକ୍ତ ଗିରଫ



ବିହାର ପାଟନା ଅନ୍ତର୍ଗତ ଫୁଲୱାରି ଶରିଫସ୍ଥିତ ଏକ ସ୍କୁଲର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ପ୍ରିନ୍ସିପାଲ (ଅଧ୍ୟକ୍ଷ) ଏବଂ କିରାଣି ଉକ୍ତ ନାବାଳିକାଙ୍କୁ ୯ ମାସ କାଳ ଯୌନ ଶୋଷଣ କରିଛନ୍ତି। ଇତିମଧ୍ୟରେ ସେ ଗର୍ଭବତୀ ହୋଇଯାଇଥିଲେ ବୋଲି ଜଣାପଡ଼ିଛି। ଏହି ଜଘନ୍ୟ କାଣ୍ଡ ପ୍ରଘଟ ହେବା ପରେ ପ୍ରିନ୍ସିପାଲ ଏବଂ କିରାଣିଙ୍କୁ ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କୁ ବଳାତ୍କାର କରିବା ବେଳେ କିରାଣି ଭିଡିଓ ରେକର୍ଡିଂ କରିଥିଲେ। ଏହାପରେ ତାଙ୍କୁ ବ୍ଲାକ୍‌ମେଲ କରି ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିବାକୁ ବାଧ୍ୟ କରିଥିଲେ। ଦୀର୍ଘଦିନ ଯୌନ ନିର୍ଯାତନାର ଶିକାର ହୋଇ ସୁଦ୍ଧା ନାବାଳିକା ଜଣକ ଭୟରେ ଚୁପ୍ ରହୁଥିଲେ। ଦିନେ ସ୍କୁଲରୁ ଫେରି ଘରେ ସେ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଗଲେ। ପରୀକ୍ଷା ପରେ ଡାକ୍ତର କହିଲେ, ଛାତ୍ରୀ ଜଣକ ଗର୍ଭବତୀ ଅଛନ୍ତି ଏବଂ ତାଙ୍କ ଗର୍ଭରେ ଦୁଇମାସର ଭ୍ରୂଣ ବଢ଼ୁଛି। ଏହାପରେ ତାଙ୍କ ଉପରେ ବିତିଥିବା ୯ ମାସର ଯୌନ ନିର୍ଯାତନା ଘଟଣା ପଦାରେ ପଡ଼ିଗଲା। ସ୍କୁଲ ପ୍ରିନ୍ସିପାଲ ଏବଂ କିରାଣି ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତା କହିବା ପରେ ପରିବାର ଲୋକେ ଥାନାରେ ଏତଲା ଦାଏର କରିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଥିବା ପାଟନାର ବରିଷ୍ଠ ଏସ୍‌ପି ମନୁ ମହାରାଜ କହିଛନ୍ତି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରିମାଇନା ହୋଇଛି। ତାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଯିବା ପରେ ଅଭିଯୁକ୍ତ ପ୍ରିନ୍ସିପାଲ ଏବଂ କିରାଣିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇଛି ବୋଲି ମହାରାଜ କହିଛନ୍ତି।

## ୟୁଏନ୍‌ଜିଏରେ ହେବ ସୁଷମା-କୁରେଶୀ ଭେଟ

**ନୂଆଦିଲ୍ଲୀ,୨୦।୯(ପି.ଟି.)**



ସେପ୍ଟେମ୍ବର ୨୫ରେ ନ୍ୟୁୟର୍କରେ ୟୁଏନ୍‌ଜିଏ ବୈଠକ ହେବ। ଏହି ଅଧିବେଶନ ୯ ଦିନ ଧରି ଚାଲିବ। ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ସେ ଏହି ପରିପ୍ରେକ୍ଷୀରେ ପାକିସ୍ତାନର ଅନୁରୋଧ ରକ୍ଷାକରି ପ୍ରତିପକ୍ଷ ଶାହ ମେହମୁଦ୍ କ୍ୟୁରେଶୀଙ୍କୁ ଭେଟିବେ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେବେ ଉଭୟଙ୍କ ମଧ୍ୟରେ ସାକ୍ଷାତ୍ ହେବ ତାହା ସ୍ଥିର ହୋଇନାହିଁ ବୋଲି ଭାରତର ବହିର୍ବ୍ୟାପାର ମୁଖପାତ୍ର ରବୀଶ କୁମାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ଆଲୋଚନା ପ୍ରସ୍ତାବ ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଗ୍ରହଣ କରି ଦ୍ୱିପାକ୍ଷିକ ବାର୍ତ୍ତା ଦିଗରେ ଅଗ୍ରସର ହେବେ ବୋଲି ପିଡିପି ଅଧ୍ୟକ୍ଷା ମେହବୁବା ଆଶାବ୍ୟକ୍ତ କରିଛନ୍ତି।

## ସେପ୍ଟେମ୍ବର ୨୯ ହେବ ‘ସର୍ଜିକାଲ ଷ୍ଟ୍ରାଇକ୍ ଦିବସ’

**ନୂଆଦିଲ୍ଲୀ,୨୦।୯(ପି.ଟି.)**

ଦେଶବ୍ୟାପୀ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଣିକି ସେପ୍ଟେମ୍ବର ୨୯କୁ ‘ସର୍ଜିକାଲ ଷ୍ଟ୍ରାଇକ୍ ଦିବସ’ ଭାବେ ପାଳନ କରାଯିବ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଦିବସ ପାଳନ ପାଇଁ କେତେକ କାର୍ଯ୍ୟକ୍ରମର ଆୟୋଜନ ହେବ।

## ମହିଳାଙ୍କୁ ବଳାତ୍କାର କଲେ ପୋଲିସ ବାବୁ

**ନୂଆଦିଲ୍ଲୀ, ୨୦।୯(ପି.ଟି.)**

ରାଜଧାନୀ ଦିଲ୍ଲୀରେ ଜଣେ ସହକାରୀ ପୋଲିସ କମିଶନର (ଏସିପି)ଙ୍କ ବିରୋଧରେ ଆସିଛି ସଙ୍ଗିନ ଅଭିଯୋଗ। ଜଣେ ମହିଳା ଏବଂ ତାଙ୍କ ନାବାଳିକା ଝିଅଙ୍କୁ ଏହି ପୋଲିସ ବାବୁ ବଳାତ୍କାର କରିଥିବା ଆରୋପ ହୋଇଛି। ଏନେଇ ଗୁରୁବାର ପୋଲିସ ସୂଚନା ଦେଇଛି।

ଗତ ଜୁଲାଇରେ ଏସିପି ରମେଶ ଦହିୟାଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିଲେ ପୀଡ଼ିତା ମହିଳା। ସେଥିରେ ସେ ଦର୍ଶାଇଥିଲେ ଯେ, ଅପରାଧୀ କାର୍ଯ୍ୟକଳାପ ସହ ଜଡ଼ିତ ସ୍ୱାମୀଙ୍କ ମୃତ୍ୟୁ ପରେ ଏହି ପୋଲିସ ବାବୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ତାଙ୍କୁ ଦହିୟା ହଇରାଣ କରୁଥିବା ସେ କହିଥିଲେ। ପୁନର୍ବାର ସେପ୍ଟେମ୍ବର ୧୮ରେ ପୀଡ଼ିତା ମହିଳା ଆଉ ଏକ ଏତଲା ଦାଏର କରିଛନ୍ତି। ଏଥର ତାଙ୍କ ଅଭିଯୋଗ ହେଲା, ସମ୍ପୃକ୍ତ ପୋଲିସ ଅଫିସର ତାଙ୍କୁ ଏବଂ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିବା ସହ ପୁଅକୁ ଅପହରଣ କରିଛନ୍ତି। ଅଭିଯୋଗର ଦିନକ ପରେ ଅର୍ଥାତ୍ ବୁଧବାର ଏନେଇ ମାମଲା ରୁଜୁ ହୋଇଛି। ଏହା ଏକ ସଙ୍ଗିନ ମାମଲା ହୋଇଥିବାରୁ ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚକୁ ନ୍ୟସ୍ତ କରାଯାଇଛି। ତେବେ ଅଭିଯୁକ୍ତ ପୋଲିସ ବାବୁ ମହିଳାଙ୍କ ଆରୋପକୁ ଖଣ୍ଡନ କରିଛନ୍ତି।

## ଫୁର୍‌ସତ

### ବୃଷ୍ଟିପାତ ଧାରାର ସୂଚନା ମିଳିବ



**କୋଲକାତା:** ଆଇଆଇଟି ଖଡ଼ଗପୁର (ଆଇଆଇଟି-କେଜିପି)ର ଗବେଷକମାନେ ଏକ ନୂଆ ପରିସଂଖ୍ୟାନ ଭିତ୍ତିକ ମଡେଲ୍ ବିକାଶ କରିଛନ୍ତି। ଭାରତର ବିଭିନ୍ନ ଅଞ୍ଚଳରେ ବୃଷ୍ଟିପାତ ଧାରା ଏବଂ ଏହାର ଗତିପଥ ସମ୍ପର୍କରେ ଏହା ପୂର୍ବାନୁମାନ କରିପାରିବ। ସେଣ୍ଟର ଫର ଓସନ୍ସ, ରିଭର୍ସ, ଆଟମସ୍‌ଫିୟର ଆଣ୍ଡ ଲ୍ୟାଣ୍ଡ ସାଇନ୍ସ (ସିଓଆରଏଏଲ୍)ର ଗବେଷକଙ୍କ ଦ୍ୱାରା ଏହି ମଡେଲ ବିକଶିତ ହୋଇଛି। ସ୍ଥାନୀୟ ସ୍ଥିତି ଓ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ ଏହା ପାଣିପାଗ ପରିବର୍ତ୍ତନର କାରଣ ସମ୍ପର୍କରେ ଅନୁମାନ କରିବ। ଏହାଦ୍ୱାରା ବୃଷ୍ଟିପାତ ଧାରା ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତରେ ବିଭିନ୍ନ ଅଞ୍ଚଳରେ ବୃଷ୍ଟିପାତରେ କିପରି ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି, ତାହା ଉପରେ ଦୀର୍ଘ ୩୮ବର୍ଷର ପାଣିପାଗ ତଥ୍ୟକୁ ବ୍ୟବହାର କରି ଉକ୍ତ ମଡେଲ୍ ବିକାଶ କରାଯାଇଛି।

### ହିନ୍ଦୀ ଟୁଇଟ୍ ଲୋକପ୍ରିୟତା ବଢ଼ୁଛି

**ୱାଶିଂଟନ୍:**




ଭାରତରେ ହିନ୍ଦୀରେ ଟୁଇଟ୍ କରିବାର ଲୋକପ୍ରିୟତା ବୃଦ୍ଧିପାଇବାରେ ଲାଗିଛି। ଆମେରିକାରେ ଜଣେ ଭାରତୀୟଙ୍କ ସମେତ କେତେକ ଗବେଷକଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ୨୦୧୪ରୁ ଭାରତରେ ସୋସିଆଲ୍ ମିଡିଆର ପ୍ରସାର ହେବା ପରଠାରୁ ଇଂଲିଶ ଭାଷାଭାଷୀ ସହରାଞ୍ଚଳରୁ ସର୍ବାଧିକ ଟୁଇଟ୍ କରାଯାଉଛି ବୋଲି ଏହା ଉପରେ ଅଧ୍ୟୟନ କରିଥିବା ମିଶିଗାନ୍ ୟୁନିଭର୍ସିଟି ଗବେଷକ ଜୋୟୋଜିତ୍ ପଲ୍ ଏବଂ ଲିଜ୍ ବୋଜାର୍ଥ ପ୍ରକାଶ କରିଛନ୍ତି।

ଇଂଲିଶ୍ ତୁଳନାରେ ହିନ୍ଦୀ ଭାଷାରେ ଟୁଇଟ୍ ଭାରତରେ ଅଧିକ ପସନ୍ଦଯୋଗ୍ୟ ହେବା ସହିତ ଅଧିକ ମାତ୍ରାରେ ଏହାକୁ ଶେୟାର କରାଯାଉଛି। ୨୦୧୭ରେ ବହୁଳ ଭାବରେ କରାଯାଇଥିବା ୧୫ଟି ରିଟୁଇଟ୍ ମେସେଜ୍ ମଧ୍ୟରୁ ୧୧ଟି ହିନ୍ଦୀ ଭାଷାରେ ଭାରତୀୟ ରାଜନେତାଙ୍କ ଦ୍ୱାରା ହୋଇଥିବା ସୂଚନା ମିଳିଛି। ସୋସିଆଲ୍ ମିଡିଆକୁ ଅନୁସରଣ କରିବାରେ ଭାରତୀୟ ଜନତା ପାର୍ଟି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଉକ୍ତ ଅଧ୍ୟୟନ ଅନୁଯାୟୀ, ୨୦୧୬ ପରଠାରୁ ଭାଜପା, କଂଗ୍ରେସ ଏବଂ ଆଞ୍ଚଳିକ ଦଳଗୁଡ଼ିକ ହିନ୍ଦୀ ଭାଷାରେ ଅପେକ୍ଷାକୃତ ଭଲ ଟୁଇଟ୍ କରୁଛନ୍ତି। ଇଂଲିଶ୍ ଓ ହିନ୍ଦୀ ତୁଳନାରେ ଅଣ-ହିନ୍ଦୀ ଆଞ୍ଚଳିକ ଭାଷାରେ ସେପରି ଭଲ ଟୁଇଟ୍ କରାଯାଇ ପାରୁ ନ ଥିବା ଗବେଷକ ପଲ୍ ପ୍ରକାଶ କରିଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଘଣ୍ଟା ପ୍ରତି ୮୦ କି.ମି. ବେଗରେ ପବନ ବହିପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ଓ ପ୍ରବଳ ବର୍ଷା ହେବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୬ | ୨୨.୬ |
| ଚାନ୍ଦବାଲି | ୨୯.୮ | ୨୪.୦ |
| କଟକ | ୨୭.୫ | ୨୨.୬ |
| ପାରାଦ୍ୱୀପ | ୨୯.୨ | ୨୫.୦ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୩୦.୦ | ୨୪.୮ |
| ପୁରୀ | ୨୯.୪ | ୨୩.୬ |
| ଅନୁଗୋଳ | ୨୮.୧ | ୨୦.୬ |
| ବାରିପଦା | ୨୭.୫ | ୨୪.୫ |
| ଝାରସୁଗୁଡ଼ା | ୨୯.୪ | ୨୫.୯ |
| କେନ୍ଦୁଝର | ୨୪.୭ | ୨୩.୦ |
| ସମ୍ବଲପୁର | ୨୯.୧ | ୨୬.୦ |
| ସୁନ୍ଦରଗଡ଼ | ୩୨.୦ | ୨୨.୦ |
| ହୀରାକୁଦ | ୨୯.୨ | ୨୬.୪ |
| ତାଳଚେର | --- | ୨୫.୩ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | ୩୦.୦ | ୨୪.୨ |
| କୋରାପୁଟ | ୨୪.୦ | ୨୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୭.୦ | --- |
| ସୋନପୁର | ୨୯.୮ | ୨୫.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସ୍ମିତା ପାଟିଲ୍ ପୁରସ୍କାର ଯଥାର୍ଥ

**ମୁମ୍ବାଇ:**




ଅଭିନେତ୍ରୀ ଅନୁଷ୍କା ଶର୍ମା ସର୍ବଶ୍ରେଷ୍ଠ ଅଭିନୟ ଲାଗି ସ୍ମିତା ପାଟିଲ୍ ପୁରସ୍କାର ପାଇଥିବା ବେଳେ ଏହା ତାଙ୍କ କ୍ୟାରିୟର ପାଇଁ ଯଥାର୍ଥ ବୋଲି ବର୍ଣ୍ଣନା କରିଛନ୍ତି। ବୁଧବାର ପ୍ରିୟଦର୍ଶିନୀ ଏକାଡେମୀ ଗ୍ଲୋବାଲ ଆୱାର୍ଡସ-୨୦୧୮ ଅବସରରେ ଖବରଦାତାଙ୍କୁ ସମ୍ବୋଧନ କରି ଅନୁଷ୍କା କହିଲେ, ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ଦିନ। କାରଣ ଏହି ଦିନ ଫିଲ୍ମ ଇଣ୍ଡଷ୍ଟ୍ରିରେ ମୋ କ୍ୟାରିୟର୍‌ର ୧୦ବର୍ଷ ପୂରଣ ହେଉଛି। ମୋ ପସନ୍ଦ ମୁତାବକ କ୍ୟାରିୟରକୁ ଏହା ବିଧିସିଦ୍ଧ କରୁଛି।

ମୁଁ ଫିଲ୍ମ ପୃଷ୍ଠଭୂମିରୁ ଆସିନାହିଁ। ମୋ ଅଭିନୟ ଯାତ୍ରାପଥରେ କୌଣସି ଜଣେ ମାର୍ଗଦର୍ଶିକା ନାହାନ୍ତି। ଅନୁଷ୍କାଙ୍କ ଅଭିନୀତ ଫିଲ୍ମ ‘ସୁଇ ଧାଗା’ ସେପ୍ଟେମ୍ବର ୨୮ରେ ରିଲିଜ୍ ହେବାକୁ ଯାଉଛି। ୨୦୧୪ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲଞ୍ଚ କରାଯାଇଥିବା ‘ମେକ୍ ଇନ୍ ଇଣ୍ଡିଆ କ୍ୟାମ୍ପେନ୍’ ଦ୍ୱାରା ଏହା ଅନୁପ୍ରେରିତ। ବୟନ ଶିଳ୍ପ ସମେତ ଭାରତର ସ୍ୱଦେଶୀ ଶିଳ୍ପର ପ୍ରସାର କରିବା ଏହାର ଉଦ୍ଦେଶ୍ୟ।

ଉକ୍ତ ଫିଲ୍ମରେ ଅନୁଷ୍କାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବରୁଣ ଧାୱନ୍। ଯଶ୍‌ରାଜ ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ମନୀଷ୍ ଶର୍ମା ଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶରତ କଟାରିୟା।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ସନ୍ତରଣର ଦ୍ରୋଣ





ସୁରେନ୍ଦ୍ର ନାଏକ

**ପିଲା ଦିନରୁ ପାଣିପ୍ରତି ଅହେତୁକ ମୋହ। ମହାନଦୀ କୂଳରେ ଘର, ସ୍କୁଲ ଛୁଟି ହେଲମାତ୍ରେ ପାଣିରେ ନ ପହଁରିଲେ ମନ ସାଧ ମେଣ୍ଟେନି। ଛୁଟି ଦିନ ପାଣିରେ ହିଁ କଟିଯାଏ। ଛୋଟବେଳେ ଏଥିପାଇଁ ଘରୁ ଅନେକ ଗାଳି ଓ ମାଡ଼ ଖାଇବାକୁ ପଡ଼ିଛି। ସଂଯୋଗ ବଶତଃ ବୟସ ବଢ଼ିବା ସହିତ ପାଣି ସହ ସମ୍ପର୍କ ଅଧିକ ଘନିଷ୍ଠ ହୋଇଛି। ୩୦ ବର୍ଷର ଚାକିରି ଜୀବନ ପାଣିରେ ହିଁ କଟିଛି। ସନ୍ତରଣର ଏହି ଦ୍ରୋଣାଚାର୍ଯ୍ୟ ଜଣକ ହେଲେ ସୁରେନ୍ଦ୍ର ନାଏକ। ୧୯୫୮ ଅଗଷ୍ଟ ୧୫ରେ ଜନ୍ମିତ ସୁରେନ୍ଦ୍ର ୨୦୧୮ ଅଗଷ୍ଟ ୩୧ରେ କୋଚିଂ ଜୀବନରୁ ଅବସର ନେଇଛନ୍ତି ସତ, ମାତ୍ର ପାଣିକୁ ନେଇ ସ୍ୱପ୍ନ ଦେଖିବା ଛାଡ଼ି ନାହାନ୍ତି। ଧରିତ୍ରୀ ସହ କଥା ହେବାବେଳେ ନିଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇଛନ୍ତି ଏହି ସନ୍ତରଣ ଗୁରୁ...**

**ପ୍ରଃ କୋଚିଂ କ୍ୟାରିୟର କେବେ ଆରମ୍ଭ ହୋଇଥିଲା ?**

**ଉଃ** ମୁଁ ୧୯୮୭-୮୮ରେ କଲିକତାରେ ସାଇ ଇଷ୍ଟର୍ନ ସେଣ୍ଟରରେ ୧ ବର୍ଷ ଟ୍ରେନିଂ ନେଇଥିଲି। ସେଠି ଡିପ୍ଲୋମା କଲା ପରେ ମୁଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରେ ଇଣ୍ଟରଭ୍ୟୁ ଦେଇଥିଲି। ସେଥିରେ ମୁଁ ଉତ୍ତୀର୍ଣ୍ଣ ହୋଇଥିଲି ଏବଂ ୧୯୮୮ରେ କ୍ରୀଡ଼ା ନିର୍ଦ୍ଦେଶକ ଅନାଦି ସାହୁଙ୍କ ସମୟରେ ପ୍ରଥମେ ବୌଦ୍ଧରେ ମୋର ନିଯୁକ୍ତି ହୋଇଥିଲା। ସେତେବେଳେ ବୌଦ୍ଧ ଜିଲା ହୋଇ ନ ଥିଲା, ସବ୍‌ଡିଭିଜନ ଥିଲା। ବୌଦ୍ଧରେ ପ୍ରକୃତରେ ସୁଇମିଂ ପୁଲ୍ ନାହିଁ। ମାତ୍ର ସୁଇମିଂରେ ଯେଉଁ କେତୋଟି ଜିଲା ଭଲ କରୁଛନ୍ତି ତା ମଧ୍ୟରୁ ବୌଦ୍ଧ ଅନ୍ୟତମ। ସୁଇମିଂ ପୁଲ୍ ନ ଥିବାରୁ ନଈ ଏବଂ ପୋଖରୀରେ ଆମେ ଅଭ୍ୟାସ କରୁଥିଲୁ। ମୋ ପ୍ରଶିକ୍ଷଣରେ ବୌଦ୍ଧରୁ ବହୁତ ପିଲା ବାହାରି ନ୍ୟାଶନାଲ ପର୍ଯ୍ୟନ୍ତ ଯାଇଛନ୍ତି।

**ପ୍ରଃ ଅବସର କେବେ ?**

**ଉଃ** ମୁଁ ୨୦୧୮ ଅଗଷ୍ଟ ୩୧ରେ ଅବସର ନେଲି। ୩୦ ବର୍ଷର ଚାକିରି ଭିତରେ ମୁଁ ବୌଦ୍ଧ, ସମ୍ବଲପୁର ଓ ଭୁବନେଶ୍ୱରରେ କୋଚିଂ ଜୀବନ କଟାଇଛି।

**ପ୍ରଃ ଦୀର୍ଘ ଦିନର କୋଚିଂ ଭିତରେ କେତେ ମାନସିକ ଶାନ୍ତି ମିଳିଛି।**

**ଉଃ** ଜଣେ କୋଚ୍ ଭାବେ ସୁଇମିଂ କ୍ୟାରିୟରକୁ ନେଇ ମୁଁ ବହୁତ ଖୁସି। ସୁଇମିଂ ଏପରି ଏକ ଖେଳ ଯେଉଁଥିରେ କି ସବୁବେଳେ କିଛି ନା କିଛି ନୂଆ ଖେଳାଳିଙ୍କ ସହ ମିଶିବାର ସୁଯୋଗ ମିଳିଥାଏ। ମୋ ପ୍ରଶିକ୍ଷଣରେ ବହୁତ ପିଲା ଜାତୀୟ ସ୍ତରରେ ନାଁ କରିଛନ୍ତି, ଚାକିରି କରିଛନ୍ତି, କୋଚ୍ ମଧ୍ୟ ହୋଇଛନ୍ତି। ହଷ୍ଟେଲ ପିଲା ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ରାୟ ବାହାରୁ ଆସି ମଧ ବହୁତ ଭଲ କରୁଛନ୍ତି। କୋଚିଂ ଜୀବନରେ ମୁଁ କୌଣସି ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇନାହିଁ। ମୋର ସମସ୍ତ ସହଯୋଗୀ କିମ୍ବା ଯାହା ସଂସ୍ପର୍ଶରେ ଆସିଛି ସମସ୍ତଙ୍କର ବଢ଼ିଆ ସମର୍ଥନ ପାଇଛି।

**ପ୍ରଃ କୋଚିଂ ଜୀବନକୁ ନେଇ କିଛି ଅବସୋସ ରହିଛି କି ?**

**ଉଃ** ମୋର ସେମିତି କିଛି ଅବସୋସ ନାହିଁ। ମୁଁ ଏବେ ବି ସକ୍ରିୟ ଅଛି। ଅବସର ନେଇଥିଲେ ହେଁ କୋଚିଂକୁ ଛାଡ଼ିନାହିଁ। ଯେଉଁଠାରୁ ଅଫର ଆସିବ ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ। ମୁଁ ଆହୁରି ୩-୪ ବର୍ଷ ଫୁଲ୍ ଦମ୍‌ରେ କୋଚିଂ ଦେଇପାରିବି।

**ପ୍ରଃ ଆପଣଙ୍କ ଶ୍ରେଷ୍ଠ ସୃଷ୍ଟି କିଏ?**

**ଉଃ** ଦେଖିବାକୁ ଗଲେ ପ୍ରତ୍ୟାଶା ରାୟ ନମ୍ବର ୱାନରେ ଆସିବେ। ସେ ସୁଇମିଂ ପାଇଁ ଉତ୍ସର୍ଗୀକୃତଥାଏ ଏବଂ ତା ମଧ୍ୟରେ ଲଢ଼ୁଆ ମନୋବୃତ୍ତି ରହିଛି। ତାକୁ ମୁଁ ଯାହା କରିବାକୁ କହିଥାଏ ତାହା ସେ ନିଶ୍ଚିତ କରିଥାଏ। କୋଚିଂ ମାନୁଆଲ ଅନୁସାରେ କୋଚ୍ ୨୦ ପ୍ରତିଶତ ବୁଦ୍ଧି ଖଟାଇଲେ ପିଲାକୁ ୮୦ ପ୍ରତିଶତ ପରିଶ୍ରମ କରି ଆଗକୁ ବଢ଼ିବାକୁ ପଡ଼େ। ୨୦ ପ୍ରତିଶତ ମୁଣ୍ଡ ଖଟାଇ ପିଲାଠାରୁ ୮୦ ପ୍ରତିଶତ ବାହାର କରିବା କୋଚ୍‌ର କାମ। ଗୋଟେ ପିଲାର ଯେଉଁ ଗୁଣ ରହିବା କଥା ତାହା ପ୍ରତ୍ୟାଶା ନିକଟରେ ରହିଛି। ସେ ଭବିଷ୍ୟତରେ ଓଡ଼ିଶା ସୁଇମିଂ ପାଇଁ ଆଦର୍ଶ ହୋଇ ପାରିବ।

**ପ୍ରଃ ଦୀର୍ଘ ଦିନର କୋଚିଂରେ କ'ଣ ଆପଣଙ୍କୁ ବେଶି ଆତ୍ମସନ୍ତୋଷ ଆଣି ଦେଇଛି ?**

**ଉଃ** ସାଫ୍ ଗେମ୍ସରେ ପ୍ରତ୍ୟାଶା ପଦକ ଜିତିବା ମୋ ପାଇଁ ବହୁତ ଖୁସିର କଥା ଥିଲା। ଟ୍ରେନିଂ ବେଳେ ମୁଁ ମେଡାଲକୁ ଦୃଷ୍ଟିରେ ରଖି ନୁହେଁ ଟାଇମିଂରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେଇଥାଏ। ଟାଇମିଂରେ ଉନ୍ନତି ଆସିଲେ ପଦକ ସମ୍ଭବ ହୋଇ ପାରିବ। ପ୍ରତ୍ୟାଶା କ୍ଷେତ୍ରରେ ତାହା ଦେଖିବାକୁ ମିଳୁଛି।

**ପ୍ରଃ ପାଣିରେ ଆପଣଙ୍କ ଜୀବନ କଟିଗଲା। ସେଇ ପାଣି ଆପଣଙ୍କ ଜୀବନରେ କେତେ ଖୁସି ଆଣିଛି।**

**ଉଃ** ପିଲାଦିନରୁ ମୋର ପାଣି ପ୍ରତି ଆଗ୍ରହ। କାରଣ ଆମ ଘର ଦଳେଇପଡ଼ା ନଦୀର ଅତି ନିକଟରେ। ମାଛ ଧରିବା ଆମର କୌଳିକ ବୃତ୍ତି। ପିଲା ଦିନରୁ ମୁଁ ସମୟ ପାଇଲା ମାତ୍ରେ ନଈକୁ ଯାଇଥାଏ। ଛୋଟବେଳେ ମା' ବାପାଙ୍କ ସହ ନଈକୁ ଯାଉଥିଲି। ତେଣୁ ଛୋଟ ବେଳରୁ ହିଁ ମୋର ପାଣିରେ ଅଧିକାଂଶ ସମୟ କଟିଛି। ସକାଳେ ଓ ସନ୍ଧ୍ୟାରେ ନଈକୁ ନ ଗଲେ ମନ ମାନେନି। ପାଣିକୁ ଦେଖିଲେ ସ୍ୱତଃପ୍ରବୃତ୍ତଭାବେ ଆଗ୍ରହ ଆସିଥାଏ। ପିଲାବେଳେ ବହୁତ ପାଣିରେ ପହଁରୁଥିଲି। ଆମର ସମସ୍ତ ନିତ୍ୟକର୍ମ ହିଁ ମହାନଦୀରେ ହୋଇଥାଏ। ଘରଠାରୁ ୧୦୦ ମିଟର ଏବଂ ସ୍କୁଲଠାରୁ ୨୦ ମିଟର ଦୂରରେ ମହାନଦୀ। ସ୍କୁଲରେ ସାର୍ ପାଠ ପଢ଼ାଉଥିବାବେଳେ ମୋର ନଜର ନଈ ଉପରେ ଥାଏ। କେତେବେଳେ ସ୍କୁଲ ଛୁଟି ହେବ ଏବଂ ମୁଁ ନଈକୁ ଦୌଡ଼ିବି। ସେତେବେଳେ ସୁଇମିଂ କ'ଣ ଜାଣି ନ ଥିଲୁ, ମାତ୍ର ପାଣିରେ ପହଁରିବା ହିଁ ଆତ୍ମସନ୍ତୋଷ ଆଣି ଦେଇଥାଏ। ଛୁଟିଦିନରେ ମା' ନ ଡାକିବା ଯାଏ ପାଣିରେ ସମୟ କଟିଥାଏ। ସେଥିପାଇଁ ଘରୁ ବହୁତ ଗାଳି ଓ ମାଡ଼ ଖାଇଛି। ମାତ୍ର ପାଣିରେ ପହଁରିବାପରେ ସେ ସବୁକୁ ଭୁଲିଯାଇଛି।

**ପ୍ରଃ ଆପଣଙ୍କ ପରିବାରରେ କିଏ ଅଛନ୍ତି ?**

**ଉଃ** ପରିବାର କହିଲେ ପୁଅ ଚିନ୍ତନ କୁମାର ନାଏକ, ଝିଅ ଈଶା ଓ ପତ୍ନୀ ପୁଷ୍ପାଞ୍ଜଳି। ଅମର ବଡ଼ ପରିବାର। ଏହା ବ୍ୟତୀତ ଘରେ ଦାଦା, କାକା, ବଡ଼ଭାଇ ଓ ଭଉଣୀମାନେ ମଧ ଅଛନ୍ତି। ଚିନ୍ତନ ଏବେ ବାଙ୍ଗାଲୋରରେ ସୁଇମିଂରେ ଏନଆଇଏସ ଡିପ୍ଲୋମା କରି ଆସିଛି। ଏବେ ସେ ସମ୍ବଲପୁରସ୍ଥିତ ଡ.ଝସକେତନ ସାହୁ ସୁଇମିଂ ପୁଲ୍‌ରେ ଟ୍ରେନରଭାବେ ଯୋଗ ଦେଇଛି।

**ପ୍ରଃ ଅବସର ପରବର୍ତ୍ତୀ ଅବସ୍ଥାରେ ଆପଣଙ୍କର କ'ଣ ଯୋଜନା ରହିଛି।**

**ଉଃ** ସତକଥା କହିବାକୁ ଗଲେ ମୁଁ ଅବସର ନେଇଛି ବୋଲି ଏବେ ମଧ ଅନୁଭବ କରି ପାରିନି। ମୋତେ ବୟସ ହୋଇଗଲାଣି, ଆଉ କିଛି କରି ପାରିବିନି ବୋଲି କେବେ ଭାବିନି। ମୁଁ ପୂର୍ବରୁ ଯେପରି ଦୈନନ୍ଦିନ ଜୀବନ କଟାଉଥିଲି ଏବେ ମଧ ତାହା ଜାରି ରହିଛି। କିଛି ପରିବର୍ତ୍ତନ ହୋଇଥିବା ଅନୁଭବ କରି ପାରିନି। ଏବେ ମୁଁ ନିଜେ ସୁଇମିଂ ଅଭ୍ୟାସ ଉପରେ ଟିକେ ଗୁରୁତ୍ୱ ଦେଉଛି। କାରଣ ମାଷ୍ଟର୍ସ ସୁଇମିଂ ପ୍ରତିଯୋଗିତାରେ ଭାଗ ନେବାକୁ ମୋର ଇଚ୍ଛା। ପୂର୍ବରୁ ୨୦୧୬ରେ ସର୍ବଭାରତୀୟ ସ୍ତରରେ ଆମେ ରିଲେରେ ସ୍ୱର୍ଣ୍ଣ ପଦକ ପାଇଥିଲୁ। ମୁଁ ଏବେ ଅଭ୍ୟାସ ଜାରି ରଖି ଓଡ଼ିଶା ପାଇଁ ପଦକ ଆଣିବାକୁ ପୁଣି ଉଦ୍ୟମ କରିବି।

**ପ୍ରଃ ଓଭରଅଲ୍ ଓଡ଼ିଶାରେ ସନ୍ତରଣର ଭିତ୍ତିଭୂମୀ କିପରି ରହିଛି।**

**ଉଃ** ଆମ ସମୟରେ ସମ୍ବଲପୁରରେ କେବଳ ଗୋଟିଏ ସୁଇମିଂ ପୁଲ୍ ଥିଲା। ଏବେ ଭୁବନେଶ୍ୱର, କଟକ, ରାଉରକେଲାରେ ଏହା ଉପଲବ୍ଧ। ବିଭିନ୍ନ ସ୍ଥାନରେ ଯଦି ସୁଇମିଂ ପୁଲ୍ ହେବ ତେବେ ପିଲା ଯଦି ଅଧିକ ସଂଖ୍ୟାରେ ଆସିବେ ତେବେ ରାଜ୍ୟ ସୁଇମିଂରେ ନିଶ୍ଚିତ ଉନ୍ନତି ଆସିବ। ସୁଇମିଂ ଶିଖିଲେ କୌଣସି ନଈ କିମ୍ବା ପୋଖରୀରେ ବୁଡ଼ି ଯିବାର ସମ୍ଭାବନା କମ୍ ରହିବ। ପ୍ରତି ଜିଲାରେ ସୁଇମିଂ ପୁଲ୍ କରାଗଲେ ଏବଂ ଏହି ଖେଳ ପ୍ରତି ପିଲାମାନଙ୍କୁ ଆକୃଷ୍ଟ ପାଇଁ ଉଦ୍ୟମ ହେବା ଆବଶ୍ୟକ।

**ପ୍ରଃ ଓଡ଼ିଶାର କିଛି ହାତଗଣତି ପିଲା ସଫଳତା ପାଉଛନ୍ତି, କାରଣ କ'ଣ ?**

**ଉଃ** ଆମେ ବହୁତ କମ୍ ପିଲା ପାଉଛୁ। ତା' ଭିତରୁ ଶ୍ରେଷ୍ଠ ବାହାର କରିବାକୁ ଚେଷ୍ଟା କରୁଛୁ। ଯଦି ଆମର ବେସ୍ ବଡ଼ ରହିବ ତେବେ ନିଶ୍ଚିତ ପ୍ରଦର୍ଶନ ଆହୁରି ଭଲ ହେବ ଏବଂ ଅଧିକ ଭଲ ପିଲା ବାହାରି ପାରିବେ। କୋରାପୁଟ, ବ୍ରହ୍ମପୁର, କଟକ ଆଦି ସବୁ ଅଞ୍ଚଳରୁ ପିଲା ଆସି ପ୍ରତିଯୋଗିତାରେ ଭାଗନେଲେ ନିଶ୍ଚିତ ଉପକାର ମିଳିବ। ଅଧିକ ସୁଇମିଂ ପୁଲ ଆବଶ୍ୟକ। ନ ହେଲେ ଆମେ ସର୍ବଭାରତୀୟ ସ୍ତରରେ ଟକ୍କର ଦେଇ ପାରିବା ନାହିଁ। ବାଙ୍ଗାଲୋରରେ ୧୮ରୁ ଊର୍ଦ୍ଧ୍ୱ ସୁଇମିଂ ପୁଲ୍ ଅଛି, ମହାରାଷ୍ଟ୍ରରେ ମଧ ଅଧିକ ସୁଇମିଂ ପୁଲ୍ ଉପଲବ୍ଧ। ଆମର ବେଶି ସୁଇମିଂ ପୁଲ ନାହିଁ। ନଈ ପହଁରା ଏବଂ ସୁଇମିଂ ପୁଲ୍‌ରେ ପହଁରିବାରେ ବହୁତ ପ୍ରଭେଦ ରହିଛି। ନଈ କିମ୍ବା ପୋଖରୀରେ ପହଁରିଲେ ତରଙ୍ଗର ମାଡ଼ କ'ଣ ଜାଣି ହେବନି। ମାତ୍ର ସୁଇମିଂ ପୁଲ୍‌ରେ ଯେତେବେଳେ ଏକସଙ୍ଗେ ୮ କିମ୍ବା ତଦୂର୍ଦ୍ଧ୍ୱ ପିଲା ପହଁରିବେ ସ୍ୱାଭାବିକଭାବେ ତରଙ୍ଗ ମାଡ଼ ହେବ। ଫଳରେ ଯିଏ ଠିକ୍ ଟେକ୍ନିକ ଜାଣି ନ ଥିବ ନିଶ୍ଚିତ ପଛରେ ପଡ଼ିଯିବ। ଆମ ନିକଟରେ ଯାହା ସମ୍ବଳ ଅଛି ଆମେ ତାହାକୁ ନେଇ ଆଗକୁ ଯାଉଛୁ। ରାଜ୍ୟରେ ଅଧିକରୁ ଅଧିକ ଟୁର୍ନାମେଣ୍ଟ ଆବଶ୍ୟକ ଅଛି। ଆମପିଲାମାନେ କେବଳ ଜୁନିୟର ନ୍ୟାଶନାଲ, ସବ୍‌ଜୁନିୟର ନ୍ୟାଶନାଲ ଏବଂ ରାଜ୍ୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଉଛନ୍ତି। ସ୍କୁଲ ସ୍ତରରେ କିଛି ପ୍ରତିଯୋଗିତା ନାହିଁ। ବାଙ୍ଗାଲୋରରେ ପ୍ରାୟ ପ୍ରତି ମାସେ କିମ୍ବା ୨ ମାସରେ କିଛି ନାଁ କିଛି ପ୍ରତିଯୋଗିତା ହେଉଛି। ତେଣୁ ସେଠାରୁ ଭଲ ଖେଳାଳି ବାହାରିବା ସ୍ୱାଭାବିକ। ଏବେ ସର୍ବଭାରତୀୟ ସ୍ତରରେ ଇଣ୍ଟର କ୍ଲବ ଟୁର୍ନାମେଣ୍ଟ ହେଉଛି। ଓଡ଼ିଶାରେ ସେ ସବୁ ନାହିଁ, ତେଣୁ ସ୍କୁଲ, କ୍ଲବ ସ୍ତରରେ ପ୍ରତିଯୋଗିତାମାନ ହେବା ଆବଶ୍ୟକ।

**ପ୍ରଃ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର କେତୋଟି ସୁଇମିଂ ପୁଲ୍ ଅଛି**

**ଉଃ** ଏବେ ସମ୍ବଲପୁର, କଟକ, ଭୁବନେଶ୍ୱର ଏବଂ ଆଇଏନଏସ ଚିଲିକାରେ ଅନ୍ତର୍ଜାତୀୟ ମାନର ସୁଇମିଂ ପୁଲ୍ ଅଛି।

**ପ୍ରଃ ଭୁବନେଶ୍ୱର ସୁଇମିଂ ପୁଲ୍ ସମ୍ପର୍କରେ କ'ଣ କହିବେ ?**

**ଉଃ** ମୋତେ ଛାଡ଼ି ବିଜୁପଟ୍ଟନାୟକ ସୁଇମିଂ ପୁଲ୍‌ରେ ଆଉ ଜଣେ କୋଚ୍ ପୁରୀର ମନମୋହନ ମିଶ୍ର ଅଛନ୍ତି। ସେ ଜଣେ ଏନଆଇଏସ କୋଚ୍। ଭୁବନେଶ୍ୱରରେ ଭଲ ଜିମ୍ ଅଛି, ସୁଇମିଂ ପୁଲ୍ ମଧ ବହୁତ ଭଲ। କେବଳ ଅଧିକରୁ ଅଧିକ ପିଲା ଆସିବା ଆବଶ୍ୟକ ଅଛି। ଭୁବନେଶ୍ୱର ହଷ୍ଟେଲରେ ଏବେ ୧୦ ପିଲା ଅଛନ୍ତି, ବାହାରୁ ୧୦-୧୫ ପିଲା ଆସୁଛନ୍ତି। ସେଥିରୁ ଅଧିକାଂଶ ସବ୍‌ଜୁନିୟର ଓ ଜୁନିୟର ସ୍ତରରେ ରାଜ୍ୟରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ଏବେ ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଏସଜିଏଫଆଇ, ଆଇସିଆଇସି ସ୍ତରରେ ପ୍ରତିଯୋଗିତା ହେଉଛି। ତେଣୁ ଅଭିଭାବକମାନେ ସଚେତନ ହୋଇ ନିଜ ପିଲାଙ୍କୁ ଅଧିକ ସଂଖ୍ୟାରେ ସୁଇମିଂରେ ଛାଡ଼ିଲେ ଆମ ରାଜ୍ୟ ନିଶ୍ଚିତ ଏଥିରେ ଆଗକୁ ବଢ଼ିବ।

**ପ୍ରଃ ଓଡ଼ିଶାରେ ସୁଇମିଂକୁ କ୍ୟାରିୟର କରି ପ୍ରତିଷ୍ଠା ଲାଭ କରିହେବ କି ?**

**ଉଃ** ନିଶ୍ଚିତ। ଏବେ ୩-୪ ଜଣ ପିଲା ଏନଆଇଏସ କୋର୍ସ କରି ଆସିଲେଣି। ଅନେକ ପିଲା ପୋଲିସରେ ଚାକିରି କରିଛନ୍ତି। କେତେକ ବିଭିନ୍ନ ସ୍କୁଲ ଏବଂ କଲେଜରେ ଭଲ ପ୍ୟାକେଜରେ ମଧ ଟ୍ରେନର ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ଏହାକୁ କ୍ୟାରିୟର କରିହେବ ବୋଲି ମୁଁ ଭାବୁଛି।

**ପ୍ରଃ ନୂଆ ପିଲାଙ୍କୁ କ'ଣ କହିବେ**

**ଉଃ** ସେମାନେ ଆସନ୍ତୁ, ସୁଇମିଂ ଶିଖନ୍ତୁ। ସବୁଠାରୁ ବଡ଼ କଥା ହେଲା ସନ୍ତରଣକୁ ଭଲ ପାଆନ୍ତୁ। କୌଣସି ଗେମ୍‌କୁ ଭଲ ପାଇଲେ ଯାଇ ସେଥିରେ ଆଗକୁ ବଢ଼ିହେବ। କଷ୍ଟ ତ ହେବ ମାତ୍ର ତା'ର ଫଳ ନିଶ୍ଚିତ ମିଳିବ।

**ପ୍ରଃ ଆଗାମୀ ପ୍ରତିଯୋଗିତା କ'ଣ ?**

**ଉଃ** ତ୍ରିଭେନ୍ଦ୍ରମ ସିନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଆମର ୫ ଖେଳାଳି ପ୍ରତ୍ୟାଶା, ସୋନିଆ ପଟେଲ, ତୁଳସୀ କିସାନ, ହରିପାଲ ଓ ଯଦୁ ବୁଡେକ୍ ଭାଗନେଉଛନ୍ତି। ପ୍ରତ୍ୟାଶାର ଟାଇମିଂ ଭଲ ଅଛି, ତେଣୁ ସେ ଏହି ଟୁର୍ନାମେଣ୍ଟରେ ପଦକ ଜିତିପାରିବ ବୋଲି ଆଶା ରହିଛି।

**ପ୍ରଃ ବାହାରେ ଯାଇ ଶିଖିବାରେ ଫାଇଦା ଅଛି କି**

**ଉଃ** ବାହାରକୁ ଗଲେ ପରିବେଶ ବଦଳି ଯାଇଥାଏ। ସେଠାରେ କୋଚ୍‌ଙ୍କର ଟେକ୍ନିକ ଭିନ୍ନ ଥାଏ। ଭଲ ପ୍ରତିଦ୍ୱନ୍ଦ୍ୱୀ ମଧ ମିଳି ଯାଇଥାନ୍ତି। ବାହାର ପରିବେଶରେ ଭଲ ସୁଇମରଙ୍କ ସହିତ ସୁଇମିଂ କଲେ ନିଶ୍ଚିତ ପ୍ରଦର୍ଶନରେ ଉନ୍ନତି ଆସିଥାଏ।

**ସାକ୍ଷାତ: ତପନ ସ୍ୱାଇଁ**
**ଫଟୋ: ମୌସମ ନନ୍ଦ**

## କ୍ୟାରିୟର

ହାଇପରଆଣ୍ଡ୍ରୋଜେନିଜମ୍ ବିବାଦ
ବାଧାବିଘ୍ନ ପ୍ରତିକୂଳ
ପରିସ୍ଥିତି କ୍ୟାରିୟରକୁ ନେଇକି
ଲେଖା ହେବ ତିଳ ତିଳ
କେମିତିକା ଶ୍ରମ ଫଳ
ମିଠା ହୋଇଥାଏ ଦୂତୀଙ୍କ ଜୀବନୀ
ଜାଣିବୁ ପଢ଼ିଲେ ଭୋଳ।
ଭାରତର ଯୋଦ୍ଧା ସାଜନ ଭାନୁଆଲ
ଜୁନିୟର ହୋଇ ବଡ଼
ଐତିହାସିକ ପଦକ ଜିତିଛି
ବିପକ୍ଷକୁ ମାରି ମାଡ଼
କେଡ଼େ ଦମ୍ଭ ତା'ର ହାଡ଼
ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ
କ୍ୟାରିୟର ଦେଖ ରଡ଼।
ଇଂଲଣ୍ଡରେ ଫ୍ଲପ୍ ଟିମ୍ ଟୋକା ଏବେ
ଖେଳୁଛନ୍ତି ଭଲ ପାଳି
ଅପ୍‌ରେ ୱିଶ୍ ଡାଉନ୍‌ରେ ଫ୍ୟାନ
ଦେଉଥାନ୍ତି ସଦା ଗାଳି
ଭଲ ପାଇଁ ବାଜେ ତାଳି
ସଂଘର୍ଷରେ ଯା'ର କ୍ୟାରିୟର ଗଢ଼ା
(ସିଏ) ଅଲଓ୍ୱେଜ ବାହୁବଳୀ।

-ସୁବାସ ଚନ୍ଦ୍ର ପ୍ରଧାନ

ହାର୍ଟ ବିଟ୍ସ ଫର ହକି

# ଏକ ଅଭିଯାନ ନୁହେଁ, ଆନ୍ଦୋଳନ



ନୂପୁର ମହାଜନ

**ପୁରୀ ମୋର ଅନ୍ୟତମ ପ୍ରିୟ ସହର। ଓଡ଼ିଶା ଆସିଲେ ନିଶ୍ଚିତ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରେ।**

ଭୁବନେଶ୍ୱରରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପ ପାଇଁ ତାତି କ୍ରମେ ବଢ଼ିବାରେ ଲାଗିଛି। ହକି ପ୍ରତି ସଚେତନତା ଏବଂ ବିଶ୍ୱକପ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ନୂଆ ରୂପ ନେଉଛି ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ। ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ମଧ ପ୍ରତିଶ୍ରୁତିବଦ୍ଧ। ୨୭ ତାରିଖରେ ଉଦ୍‌ଘାଟନୀ ଉତ୍ସବଠାରୁ ୧୬ରେ ଉଦ୍‌ଯାପନୀ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଭିନ୍ନ ଢଙ୍ଗରେ କରିବା ପାଇଁ ପ୍ରୟାସ ଚାଲିଛି। ହକି ବିଶ୍ୱକପ ପ୍ରତି ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ସହ ଏହାର ଉଦ୍‌ଘାଟନୀ ଉତ୍ସବକୁ ମନମୁଗ୍ଧକର କରିବା ଦାୟିତ୍ୱରେ ଯିଏ ଅଛନ୍ତି ସେ ହେଉଛନ୍ତି ହାର୍ଟ ବିଟ୍ସ ଫର ହକି ଅଭିଯାନର ସ୍ରଷ୍ଟା ଏବଂ ଉଦ୍‌ଘାଟନୀ ଉତ୍ସବର କ୍ରିଏଟିଭ୍ ଡାଇରେକ୍ଟର ତଥା ଲେଖିକା/କୋରିଓଗ୍ରାଫର ନୂପୁର ମହାଜନ। 'ହାର୍ଟ ବି ଟ୍ସ ଫର ହକି' (ହକି ପାଇଁ ହୃଦ୍ ସ୍ପନ୍ଦନ) କେବଳ ଏକ ଅଭିଯାନ ନୁହେଁ ଏହା ଏକ ଆନ୍ଦୋଳନ, ଯାହାକି ବିଭିନ୍ନ ଭୌଗୋଳିକ ଅଞ୍ଚଳର ଲୋକଙ୍କୁ ହକି ପାଇଁ ଜାଗ୍ରତ କରିବ ଏବଂ ଏହି ଖେଳପ୍ରତି ନିବିଡ଼ତା ସୃଷ୍ଟି କରିବ ବୋଲି ନୂପୁର କହିଛନ୍ତି। ଏହା ପୂର୍ବରୁ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ ମଧ ଥିଲା ତାଙ୍କର ପରିକଳ୍ପନା। "ଓଡ଼ିଶାକୁ ଭଲ ପାଇବା ମୋତେ ଏଠାରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ କରିବାକୁ ଉତ୍ସାହିତ କରିଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ ମୋତେ ମାତ୍ର ୩ ସପ୍ତାହ ସମୟ ମିଳିଥିଲା। ଏବେ ସମୟ ଥିବାରୁ ମୁଁ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ନିଆରା ଢଙ୍ଗରେ କରିବାକୁ ଯୋଜନା ରଖିଛି। ଗତ ଜୁଲାଇରେ ମୋତେ ଦାୟିତ୍ୱ ମିଳିଥିଲା। ମୁଁ ମୋର ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ରଖିଥିଲି ଏବଂ ମୋତେ ଇଚ୍ଛା ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁମତି ମିଳିଥିଲା'' ବୋଲି ଗୁରୁବାର ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ନୂପୁର। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ୨ ଘଣ୍ଟା ସମ୍ବଳିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇ ନ ଥିବାରୁ ସମାରୋହ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ମନା କରିଥିଲେ ହେଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳିବ ବୋଲି ପ୍ରକାଶ କରିଛନ୍ତି। ଏହି ଶୋ' ସମ୍ପର୍କରେ ପରିକଳ୍ପନା କରିବା, ଲେଖିବା ଓ ନିର୍ଦ୍ଦେଶନା ଦେବା ପାଇଁ ଦାୟିତ୍ୱ ଦିଆ ଯାଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଉଦ୍‌ଘାଟନୀ ଉତ୍ସବର କାର୍ଯ୍ୟକ୍ରମ ହକିକୁ ପୁନଃ ପରିଭାଷିତ କରିବ ଏବଂ ବିଶ୍ୱସ୍ତରରେ ଏକ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବା ସହ ନୂତନ ଓ ପୁନରୁତ୍ଥାନ ଓଡ଼ିଶାର ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଛନ୍ତି।

ନବ ନିର୍ମିତ ହକି ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବ ଦିନ ଭାରତ ଓ ଓଡ଼ିଶା ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ। ଭାରତର ଶ୍ରେଷ୍ଠ ସଙ୍ଗୀତକାରଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱକପର ଅଫିସିଆଲ ଗୀତ, ଭାରତର ଅଗ୍ରଣୀ କୋରିଓଗ୍ରାଫର ଏବଂ ସଙ୍ଗୀତ ଜଗତର କିମ୍ବଦନ୍ତୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ମ୍ୟୁଜିକ୍ ଭିଡିଓକୁ ଉନ୍ମୋଚନ କରାଯିବ। ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ନୂପୁରଙ୍କ ପରିକଳ୍ପନାରେ ବିଶିଷ୍ଟ ପୁରୁଷ ଡ୍ରେସ୍ ଡିଜାଇନର ନରେନ୍ଦ୍ର କୁମାରଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱକପ କିଟ୍‌କୁ ସେପ୍ଟେମ୍ବର ୭ରେ ମୁମ୍ବାଇଠାରେ ଉନ୍ମୋଚନ କରା ଯାଇଥିଲା। ଏଥିରେ ଟିମ୍ କିଟ୍ ସହିତ ବ୍ଲେଜର ମଧ ସାମିଲ। ଡିଜାଇନ୍‌ର କେନ୍ଦ୍ରସ୍ଥଳରେ ଥିବା କୋଣାର୍କ ସୂର୍ଯ୍ୟଙ୍କ ପ୍ରତୀକ ଏବଂ କୋଣାର୍କ ଚକ୍ର ଉଦୟ ହେଉଥିବା ସୂର୍ଯ୍ୟ ଉତ୍‌ଥାନର ପ୍ରତୀକ। ବିଶ୍ୱକପ ପାଇଁ ସ୍ୱତନ୍ତ୍ର ଜର୍ସିର ଡିଜାଇନ୍ ହୋଇସାରିଛି। ଟିମ୍ ଘୋଷଣା ଅବସରରେ ଏହା ପ୍ରଦାନ କରାଯିବ।

ହାର୍ଟ ବିଟ୍ସ ଫର ହକି ଅଭିଯାନ ଭୁବନେଶ୍ୱରରୁ ଗୁରୁବାର ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ଥାୟୀଭାବେ ଏହାକୁ ସ୍ଥାପନ କରାଯାଇଛି। ହାର୍ଟ ବିଟ୍ ନାମରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଏକ ହକି ବାଡ଼ିକୁ ଯେ କେହି ଧରିଲେ ହକିକୁ ସମର୍ଥନ ସ୍ୱରୂପ ତାଙ୍କ ହୃଦ ସ୍ପନ୍ଦନ ରେକର୍ଡ ହୋଇଯିବ। ଓଡ଼ିଶା ଓ ସାରା ଭାରତର କ୍ରୀଡ଼ାପ୍ରେମୀ ଡିଜିଟାଲ ପ୍ଲାଟ୍‌ଫର୍ମରେ www.heartbeatsforhockey.comରେ ଲଗ୍ ଅନ୍ କରି ସେମାନଙ୍କ ହୃଦ୍ ସ୍ପନ୍ଦନ ରେକର୍ଡ କରି ପାରିବେ ଏବଂ ହକି ପାଇଁ ସେମାନଙ୍କର ହୃଦ୍ ସ୍ପନ୍ଦନର ସମର୍ଥନ ଦେଇ ପାରିବେ। ଚଳିତମାସ ୨୫ରୁ ୧୦୦ ସହର ପାଇଁ ହାର୍ଟ ବିଟ୍ସ ଫର ହକି କଲେଜ୍ ଟୁର୍ ଭୁବନେଶ୍ୱରରୁ ଆରମ୍ଭ ହେବ। କିଛି ମାସ ମଧ୍ୟରେ ଫିଟ୍ ଦି ଷ୍ଟ୍ରିଟ୍ କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର କୋଣ ଅନୁକୋଣରୁ ହୃଦ୍ ସ୍ପନ୍ଦନ ସଂଗ୍ରହ କରାଯିବ। ଉଭୟ କ୍ଷେତ୍ରଭିତ୍ତିକ ଅଭିଯାନ ଓ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଯେଉଁ ହୃଦ୍ ସ୍ପନ୍ଦନ ସଂଗୃହୀତ ହୋଇଥିବ ତାହାକୁ ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହରେ ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ। ପୁରୀ ମୋର ଅନ୍ୟତମ ପ୍ରିୟ ସହର, ମୁଁ ଯେତେଥର ଓଡ଼ିଶା ଆସିଛି ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଛି ବୋଲି ନୂପୁର ପ୍ରକାଶ କରିଛନ୍ତି।

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

# ଘୋଷଣାରେ ଅଟକିଛି ଉତ୍କେଳା 'ଉଡାନ୍' ଯୋଜନା

ଭବାନୀପାଟଣା,୨୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ସରକାରୀ ମେଡିକାଲ କଲେଜ ଜିଲାବାସୀଙ୍କର ଲାଗି ସପନ୍ ହେଇ ରହିଥିଲା ବେଳେ ଏହେଦେ ଉତ୍କେଲା ବିମାନ ବନ୍ଦରର ଉଦଘାଟନ୍‌କେ ନେଇ ବି ସଁଧେ ସୁରୁଖ୍‌ଟି ହେଇଛେ। ବଲାଙ୍ଗୀର ସରକାରୀ ମେଡିକାଲ କଲେଜର ଉଦ୍‌ଘାଟନ ସରିଥିଲା ବେଲେ କଳାହାଣ୍ଡି ସରକାରୀ ମେଡିକାଲ କଲେଜ ତିଆରି ଲାଗି ଇଟା ଖଁଡେ ନୁହେ ପଡିପାରେ। ସେନ୍‌ତା ଆଏବାର ୨୨ ତାରିଖ୍ ପ୍ରଧାନମନ୍ତ୍ରୀ ଝାରସୁଗୁଡା ବିମାନ ବନ୍ଦର ଉଦଘାଟନ୍ କର୍‌ବାକେ ଥିଲାବେଲେ ଉତ୍କେଲା ବିମାନ ବନ୍ଦର କେଭେ ଉଦଘାଟନ୍ ହେବା ସେଟାକେ ଜିଲାବାସୀ ଟାକି ରହିଛନ୍। କଳାହାଣ୍ଡି ଜିଲାର ଉତ୍କେଲା ଏୟାରଷ୍ଟ୍ରିପ ୧୯୬୨ ସାଲେ ଥାପନ୍ କରାଯାଇଥିଲା। ୨୦୧୬-୧୭ରେ ଉଡାନ ଯୋଜ୍‌ନାରେ ୩ କୋଟି ଟଁକା ଅନୁଦାନ ମିଲିଥିଲା। ଇ ଏୟାରଷ୍ଟ୍ରିପର ପାଖାପାଖି ୨୮ ଏକର ଜମିରେ କଳାହାଣ୍ଡି ପୂର୍ତ୍ତ ବିଭାଗ ତର୍‌ଫୁ ଏୟାରଷ୍ଟ୍ରିପ ଉନ୍‌ନତିକରନ୍, ରନ୍‌ୱେ, ବାଡା, ଡ୍ରେନ, ଦୁଇଫାଲେ ରାସ୍‌ତା, ସିଗନାଲ ରୁମ, କନଟ୍ରୋଲ ରୁମ, ରେଷ୍ଟ ହାଉସ, ଗେଷ୍ଟ ହାଉସର ତିଆରି ଆର୍ ଉନ୍‌ନତି କରନ୍



ଉତ୍କେଲା ଏୟାରଷ୍ଟ୍ରିପର ମୁଖିଆ ରାସ୍‌ତା।

କରାଯାଇଥିଲା। ଇ ଏୟାରଷ୍ଟ୍ରିପରୁ ଭୁବନେଶ୍ୱର, ରାୟପୁର, ବିଶାଖାପାଟଣା, ଚେନ୍ନାଇ, ନୂଆଦିଲ୍ଲୀ, ମୁମ୍ବାଇ ଆର୍ କଲିକତାରୁ ଫିଦିନ୍ ବିମାନ ଯିବାର ଆଏବାର ଲାଗି ସୁବିଧା କରାଯାଇଥିଲା। ୨୦୧୭ ସେପ୍ଟେମ୍ବରରେ ଏୟାର ଏସିଆ ଭୁବନେଶ୍ୱର ସଂଗେ ବିମାନ ଚଲାଚଲ ଲାଗି ଘୋଷ୍‌ନା କରିଥିଲା। ହେଲେ ଇ ଘୋଷ୍‌ନାଟା ଘୋଷ୍‌ନାରେ ନ ଅଟ୍‌କି ଗଲା। ଏହେଦ୍‌କା ପ୍ରଧାନମନ୍ତ୍ରୀ ଝାରସୁଗୁଡା ବିମାନ ବନ୍ଦର ଉଦଘାଟନ୍ କର୍‌ବାର କାର୍ଯ୍ୟକରମ୍ ଥିଲାବେଲେ ଉତ୍କେଲା ବିମାନ ବନ୍ଦରର ଉଦଘାଟନ୍ ନେଇ ସଁଧେ ସୁରୁଖ୍‌ଟି ହେଇଛେ। ଉତ୍କେଲା ବିମାନ ବନ୍ଦର ଲାଗି ଟର୍ମିନାଲ ବିଲ୍ଡିଂ, ଟେକ୍ସିଇନ, ଫ୍ୟୁଏଲ ଷ୍ଟେଶନ ସଂଗେ ଉନିଆ ସୁବିଧା ଲାଗି ୧୦ ଏକରରୁ ଅଧିକା ଜମି ଆର୍ ପାଖାପାଖି ୧୬ କୋଟିରୁ ଅଧିକା ଟଁକାର ଅନୁଦାନର ଦରକାର ଅଛେ। ପାଖାପାଖି ୧୦ ଏକର ଜାଗା ଅଧିଗ୍ରହନ ଲାଗି ଜିଲା ପର୍‌ଶାସନ ତର୍‌ଫୁ ରାଏଜ୍ ସରକାରକୁଁ ଇତାର ଅନୁମୋଦନ ଲାଗି ସର୍ଭେ ରିପୋର୍ଟ ପଠାଯାଇଛେ। ଜିଲା ଭୂ-ଅର୍ଜନ ଅଧିକାରୀକୁଁ ପଚ୍‌ରାବାରେ ସର୍ଭେ ରିପୋର୍ଟ ପଠାଯାଇଛେ। ଜମି ଅଧିଗ୍ରହନ୍ ଲାଗି ଅନୁମୋଦନ ମିଲ୍‌ଲେ ପଦକ୍ଷେପ ନିଆଯିବା ବଲି କହିଥିଲେ।

## ସଂକ୍ଷେପରେ

### ୨୩ରୁ ପୁରୀରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

**ଉଦ୍‌ଘାଟନ କରିବେ ଅମିତ ଶାହ**

**ପୁରୀ ଅଫିସ, ୨୦।୯:** ଆସନ୍ତା ୨୩ରୁ ୨୫ତାରିଖ ଯାଏ ପୁରୀରେ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, କାର୍ଯ୍ୟକାରିଣୀକୁ ୨୪ତାରିଖରେ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଉଦ୍‌ଘାଟନ କରିବେ। ଓଡ଼ିଶା ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହେବ। ଉକ୍ତ ବୈଠକରେ ମଧ୍ୟ ରାଷ୍ଟ୍ରୀୟ ସଭାପତି ଉଦ୍‌ବୋଧନ ଦେବେ। ରାଷ୍ଟ୍ରୀୟ ସଭାପତିଙ୍କ ପୁରୀ ଗସ୍ତ ବେଳେ ଉତ୍ତରାଠାରୁ ପୁରୀ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯିବ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ ଦିବସରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସିଥାରମଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗତ ସାଢେ ୪ ବର୍ଷ ମଧ୍ୟରେ ମୋଦି ସରକାର ଅନେକ ମହିଳା କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଉକ୍ତ ଯୋଜନା ସବୁକୁ ଆଗାମୀ ନିର୍ବାଚନରେ ଭାଜପା ଲୋକଙ୍କ ନିକଟକୁ ନେଇକି ଯିବ। ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସର୍ବାଗ୍ରେ ରହିବ। ନରେନ୍ଦ୍ର ମୋଦି ଯେତେବେଳେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଲେ ସେ ତାଙ୍କର ପ୍ରଥମ ଭାଷଣରେ ମହିଳାମାନଙ୍କ ପାଇଁ ମୋ ସରକାର ସମର୍ପିତ ବୋଲି କହିଥିଲେ। ଟ୍ରିପଲ ତଲାକ ସମ୍ପର୍କରେ କେନ୍ଦ୍ର କ୍ୟାବିନେଟ ବୁଧବାର ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛି। ନିଷ୍ପେଷିତ ମହିଳାଙ୍କୁ ନ୍ୟାୟ ଦେବା ଲାଗି ମୋଦିଙ୍କ ସରକାର ବଦ୍ଧପରିକର। ମୋର ଯାହା ମନେ ପଡୁଛି ଟ୍ରିପଲ ତଲାକ କଥାରେ ବିଜେଡି ମୌଳବାଦୀଙ୍କ କଥାକୁ ସମର୍ଥନ କରୁଛି। ପ୍ରଗତିଶୀଳ କଥାକୁ ବିରୋଧ କରୁଛି। ଭାଜପା ପକ୍ଷରୁ ଓଡ଼ିଶା ସୁରକ୍ଷା ଯାତ୍ରା ଆୟୋଜନ କରାଯାଇଥିଲା। ସେଥିରୁ ଆମର ଯାହା ଅନୁଭବ ହେଲା ଏ ରାଜ୍ୟର ମହିଳାଙ୍କ ଅବସ୍ଥା ବହୁତ ଦୟନୀୟ। ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ଅଛନ୍ତି। ସଂଗଠନ ସ୍ତରରେ ମହିଳାମାନଙ୍କ ନେତୃତ୍ୱକୁ ଆହୁରି ଦୃଢ଼ୀକରଣ କରି ଲୋକଙ୍କ ପାଖକୁ ଯିବ ଭାଜପା। ଦେଶତମାମ ମହିଳା ଭୋଟ୍ ଏକତରଫା ଭାବେ ଭାଜପା ସପକ୍ଷରେ ଯିବ ବୋଲି ଆମର ବିଶ୍ୱାସ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସହରାଞ୍ଚଳରେ ଆଉ ୧୨ ହଜାର ପକ୍କାଗୃହ ନିର୍ମାଣ ହେବ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ବିଭିନ୍ନ ସହରାଞ୍ଚଳରେ ଆଉ ୧୨୮୬୫ ପକ୍କାଘର ନିର୍ମାଣ ହେବ। ଏଥିପାଇଁ ୩୮୩.୨୯ କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମନିଟରିଂ କମିଟି ବୈଠକରେ ୪୭ଟି ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)କୁ ଅନୁମୋଦନ କରାଯାଇଛି। ଏଥିସହିତ ରାଜ୍ୟସ୍ତରୀୟ ବୈଷୟିକ ସେଲ୍ ଗଠନ କରିବା ପ୍ରସ୍ତାବକୁ ମଧ୍ୟ କମିଟି ଅନୁମୋଦନ ଦେଇଛି। ଏହି ସେଲ୍ ଆକ୍ସନ ପ୍ଲାନ ପ୍ରସ୍ତୁତିରେ ବୈଷୟିକ ସହାୟତା ଦେବ। ଗୃହଗୁଡିକର ତୃତୀୟ ପକ୍ଷ ଦ୍ୱାରା ଯାଞ୍ଚ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୩୩ ହଜାର ଗୃହ ଓଡିଶା ସହରାଞ୍ଚଳ ଆବାସ ଯୋଜନାରେ ନିର୍ମାଣ କରାଯାଉଛି। ସେଥିରୁ ୧୦ ହଜାର ଗୃହ ନିର୍ମାଣ ଶେଷ ହୋଇଥିବା ବେଳେ ୨୩ ହଜାର ଗୃହ ବିଭିନ୍ନ ପର୍ଯ୍ୟାୟରେ ରହିଛି। ୧୧୪ଟି ପୌର ସଂସ୍ଥା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୧୧ ପୌର ସଂସ୍ଥା ପାଇଁ ୨୦୪ଟି ଡିପିଆରକୁ କମିଟି ଅନୁମୋଦନ ଦେଇଥିଲା। ୫୯ ହଜାର ୧୨୧ ବାସଗୃହ ନିର୍ମାଣ କରିବାକୁ ଯୋଜନା କରାଯାଇଥିବା ବେଳେ ୪୨ ହଜାରକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ମିଶନ ଜରିଆରେ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେଥିରୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୧.୫ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ଯୋଗାଇ ଦେଉଛନ୍ତି। ଏହି ବୈଠକରେ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥି ଭାଥନନ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


### ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର-୭୫୧୦୧୩
website – chseodisha.nic.in
ସଂଖ୍ୟା – ଦୂ.ଶି–୧.୦୭.୨୦୧୮/୪୬୪୨/ଉମାଶିପ/ତା. ୨୦.୦୯.୧୮

No. 36-N

**୨୦୧୮–୧୯ ଶିକ୍ଷାବର୍ଷରେ +୨ ପତ୍ର ବିନିମୟ ପାଠ୍ୟକ୍ରମ**
(Correspondence Course 1st Year) ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ

(i) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (+୨ ଶିକ୍ଷା ପରିଷଦ), ଓଡ଼ିଶା, ଭୁବନେଶ୍ୱର ପତ୍ର ବିନିମୟ (Correspondence Course 1st Year)ରେ ୨୦୧୮–୧୯ ଶିକ୍ଷା ବର୍ଷ ନିମନ୍ତେ କଳା ଓ ବାଣିଜ୍ୟ ବିଭାଗରେ +୨ ପ୍ରଥମ ବର୍ଷ ନାମ ଲେଖା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ ଅନୁରୋଧ।
(ii) ଦୂରନିରନ୍ତର ଶିକ୍ଷା (Distance Education) ବ୍ୟବସ୍ଥାରେ ଏହି ଶିକ୍ଷାଦାନ ହେଉଥିବାରୁ କର୍ମଜୀବି (Employed) ପ୍ରାର୍ଥୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ନେବାକୁ ଅନୁରୋଧ।
(iii) ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

**କାର୍ଯ୍ୟସୂଚୀ**

**ପ୍ରଥମ ବର୍ଷ ନାମଲେଖା (For 1st Year Admission)**
୧. ଅନ୍‌ଲାଇନ୍‌ରେ Common Application Form (CAF) ଉପଲବ୍ଧ – ତା. ୨୨.୦୯.୨୦୧୮ ଠାରୁ ୨୯.୦୯.୨୦୧୮
୨. Common Application form (CAF) Fee ଜମା କରିବା – ତା ୨୨.୦୯.୨୦୧୮ ଠାରୁ ତା. ୦୧.୧୦.୨୦୧୮.
୩. CAF Fee ଦେୟ– ଟ ୩୦୦/– (ସାଧାରଣ ବର୍ଗ) ଓ ଟ. ୨୦୦/– (ସଂରକ୍ଷିତ ବର୍ଗ)
୪. SRCରେ Common Application Form (CAF) ଦାଖଲ ଓ validation (ବୈଧୀକରଣ) – ତା. ୨୨.୦୯.୨୦୧୮ ଠାରୁ ୦୧.୧୦.୨୦୧୮.
୫. ଯୋଗ୍ୟ ଦରଖାସ୍ତକାରୀଙ୍କ ତାଲିକା ପ୍ରକାଶନ – ତା. ୦୩.୧୦.୨୦୧୮
୬. ପାଠ୍ୟକ୍ରମ ଦେୟ ଫି (Course Fee)– ଟ. ୩୧୬୦/– (ତିନି ହଜାର ଏକ ଶହ ଷାଠିଏ)। ତା ୦୩.୧୦.୨୦୧୮ ରୁ ତା ୦୬.୧୦.୨୦୧୮.
୭. ଅନ୍ୟ ବୋର୍ଡରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ (other than B.S.E., Odisha) ଅତିରିକ୍ତ ଦେୟ ଟ. ୨୦/– (କୋଡିଏ ଟଙ୍କା)
୮. ନାମ ଲେଖାଇବା – ତା.୦୩.୧୦.୧୮ ରୁ ତା. ୦୬.୧୦.୨୦୧୮

**ଦେୟ (Fee) ପ୍ରଦାନ ନିମନ୍ତେ –**
CAF (Fee) ଦେୟ ଓ ପାଠ୍ୟକ୍ରମ ଦେୟ ଫି (Course Fee) : ଉପରଲିଖିତ CAF Fee ଓ ନାମଲେଖା ଦେୟ ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କ (SBI Collect) ମାଧ୍ୟମରେ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଦେୟ ପ୍ରଦାନ କରିବାକୁ ଅନୁରୋଧ।
ଅଧିକ ବିବରଣୀ ୱେବ୍‌ସାଇଟ୍ – (www.samsodisha.gov.in)ରୁ ପାଇପାରିବେ।

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ
11003/11/0006/1819 ସ୍ୱା./– ସଚିବ



### OFFICE OF THE MUNICIPAL COUNCIL, GUNUPUR
### E-PROCUREMENT NOTICE
**Tender Reference No. GUN-MUN-38/2018-19**
**No. 1853** **Dated : 20.09.2018**

The Executive Officer, Gunupur Municipality invites percentage rate of tenders through e-Procurement for civil & electrical works (available in website). The BID sould be submitted through on-line in the website www.tendersorissa.gov.in by eligible class of contractors for construction of civil work & electrical works. The bidder should have necessary portal enrolment (with his own digital signature certificate).
01. Tender Opening on 04.10.2018 at 11.00 AM.
02. No. of works : 21 Nos
03. The BID document will be available in the website www.tendersorissa.gov.in from 5.00 PM of 20.09.2018 to 5.00 PM of 30.09.2018 for on-line bidding.
04. Bids shall be received only on-line on or before 5.00 PM of 30.09.2018. Detail can be seen from the sites www.tendersorissa.gov.in.

**Sd./- Executive Officer, Gunupur Municipality**



### ORISSA WATER SUPPLY & SEWERAGE BOARD
**Office of the Project Director, PMC, OWSSB, Cuttack-753008, Ph.: 0671-2303317, Fax: 0671-2300381, Email: pdowssbctc@gmail.com**

**Bid Identification No.: 01/PMC/OWSSB/CTC 2/2018-19**
**Name of Work:** Construction of Septage Treatment Facility at Balasore Town.
The notice can be viewed / downloaded from e-Procurement Portal of the State Govt. i.e. **https://tendersodisha.gov.in** from **22.09.2018 (12.00 hrs. IST) to 15.10.2018 (17.00 hrs. IST).**

**Sd/- Project Director**



### OFFICE OF THE COACH IN CHARGE, SPORTS HOSTEL, BRAHMAPUR
Letter No.215/SHB Dated 19.09.2018

**TENDER CALL NOTICE**

Sealed quotations are invited from the manufacture / authorized dealers / registered firms for supply of Dress & Shoes materials for use of the inmates of Sports Hostel, Brahmapur. The last date of receipt of quotation is **03.10.2018 at 05.00 PM** and will be opened on **04.10.2018** at **03.00 PM** at Sports Hostel, Brahmapur. The details in this regard can be downloaded from the website of Ganjam Collectorate i.e. **ganjam.nic.in** or obtain from the Office of Sports Hostel, Brahmapur Stadium Brahmapur.
The authority reserves the right to reject any or all quotations or cancel the entire process without assigning any reason therof.

**By order of A.D.M, Ganjam**



### OFFICE OF THE SR. GENERAL MANAGER (ELECTRICAL)
**UPPER INDRAVATI HYDRO ELECTRIC PROJECT, MUKHIGUDA, DIST: KALAHANDI-766026, Ph.No. 9437073301, Fax:06673-252253, E-mail: sgmel_uihep@ohpcltd.com**
**ODISHA HYDRO POWER CORPORATION LTD.**
**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963**

No.CAD-862

**1st CORRIGENDUM TO**
**Tender Call Notice No. 28/2018-19 Dated 31.08.2018**

Name of work: **Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years.**
The period of sale / submission and opening of this office Tender Call Notice No.28/2018-19 Dtd.31.08.2018 for – **"Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years"** is extended as follows -
1. Sale of tender paper – Up to 13:00 Hrs. of 04.10.2018
2. Last date and time of Receipt of tender paper – Up to 13:00 Hrs. of 04.10.2018
3. Date and time of Opening of tender – On 09.10.2018 (at 12:30 Hrs.)
All other terms and conditions of the original tender call notice remain unaltered.
Please visit us at www.ohpcltd.com

32136/11/0050/1819 **Sd./- Sr. General Manager (El.), UIHEP, Mukhiguda**



### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM
**DEPARTMENT OF HEALTH AND FAMILY WELFARE**
**Letter No.: 14704** **Date: 17.09.2018**

**CORRIGENDUM**

Ref. Advt. No.-01 / Dt.21.08.2018 for submission of proposals as per the prescribed BID document are invited from interested eligible bidders for Transportation of **"KHUSHI"** - Sanitary Napkin in Ganjam district is hereby extend from Dt.10.09.2018 at 04.00 P.M. to Dt.29.09.2018 at 04.00 P.M.
The eligibility criteria, the terms of reference and the formats for submission of bid are remain unchanged. This can be downloaded from the district website: **https://ganjam.nic.in**.
The undersigned reserves the right to reject any or all proposals without assigning any reason thereof.

**Sd/- Chief District Medical & Public Health Officer, Ganjam**



### GOVERNMENT OF ODISHA
### ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT
**No. 18006 / SSD, Bhubaneswar,** **Date 20.09.2018**
**STSCD-WOEP-CASE 3-0007-2015**

## SECOND SHOW CAUSE NOTICE

No. 05-VV : Whereas a disciplinary proceeding under Rule 15 of the O.C.S.(C.C&A) Rules, 1962 was initiated against Sri Manas Ranjan Pattanaik, Ex-WEO, Rayagada Block, Gajapati vide the ST&SC Development Department Memorandum No.13706/SSD Dtd: 27-04-2011.
And whereas the Disciplinary Authority considered it necessary to appoint an Inquiring Officer to enquire into the charges framed against Sri Manas Ranjan Pattanaik, Ex-WEO, Rayagada Block, Gajapati and appointed the Sub-Collector, Parlakemundi as the Inquiring Officer and nominated the B.D.O., Rayagada Block as the Marshalling officer under sub-rule 4 & 5 of Rule-15 of OCS(CC&A) Rules, 1962 vide Office Order No. 34347 dt.31.12.2014.
And whereas the Inquiring Officer submitted his enquiry report vide his letter no.2536, dated 04-09-2018.
And whereas the 1st Show Cause Notice along with the enquiry report was issued to the Delinquent Officer vide this Department no.17314/SSD, dated 06.09.2018. He was also intimated through a notice published in two local dailies viz, "The Samaj" and "The Dharitri" (dtd. 08.09.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer.
And whereas the Delinquent Officer has not received the 1st Show Cause Notice and has not submitted his representation within the stipulated time.
And whereas after careful consideration of article of charges, enquiry report of the Inquiring Officer, the Disciplinary Authority has proposed to award the following punishment on the Delinquent Officer.
1. The Delinquent Officer be removed from Government service.
Therefore, in pursuance of Rule-15 (10) (i) (b) of OCS (CC&A) Rules of 1962, the findings of the Disciplinary Authority is furnished herewith to the Delinquent Officer calling upon him to submit any representation as he may wish to make against the proposed punishment within 7 days from the date of issue of this notice, failing which the matter will be decided on its own merit as per the existing rules.

45001/11/0006/1819 **Sd./- Director (ST)-cum-Special Secretary to Govt.**



### BHUBANESWAR MUNICIPAL CORPORATION
**No.31130 COMPETITIVE BIDDING THROUGH e-Procurement Dt.18/09/18**

**NOTICE INVITING TENDER**
**Bid Reference No. BMC-EE DIV-1-16/2018-19, Dt.18.09.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.
Only the Bid Reference No. (BMC-EE DIV-I-16/2018-19) should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name and/or its Sl. No., failing which, such bids shall be rejected outrightly and will not be opened for evaluation. Such non-opened envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited: **54** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 142226/- to Rs. 4462315/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of 20.09.2018 to 5 P.M of 29.09.2018** for online bidding.
7. Bids received will be opened at **4.30 P.M onwards on 03.10.2018.**
8. The bidder must possess valid and Compatible **Digital Signature Certificate (DSC).**
9. Further details are available in the DTCN. The DTCN **for 54 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**
**Executive Engineer, BMC Division No.-I**
Progress Through Partnership for a Better Bhubaneswar



### OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA
AAYAKAR BHAWAN, RAJASWA VIHAR, BHUBANESWAR - 751007
F.No.Pr.CCIT/Admn.(GI)/VII-16/2018-19
Dated: 21.09.2018

**TENDER NOTICE FOR PRIVATE SECURITY GUARDS, COOKS AND LIFT OPERATOR**

Sealed quotations are invited from Registered Agencies for supply of efficient security guards, cooks and lift operator on contract basis for jobs to be performed in the office, residential premises, departmental canteen and other properties of Income Tax Department in Bhubaneswar.
The eligibility criteria, terms & conditions and other particulars etc. as laid down in the tender documents may be obtained from the Assistant Commissioner of Income Tax (Hqrs.) (Admn.), O/o the Principal Chief Commissioner of Income Tax, Odisha, 1st Floor, Aayakar Bhawan, Rajaswa Vihar, Bhubaneswar - 751007 from **21.09.2018** to **11.10.2018** (between **11.00 AM** and **03.00 PM**). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in**. The sealed quotations should reach this office latest by 11th October, 2018 (15.00 hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- ACIT (Hqrs.) (Admn.)**
**Office of the Pr. CCIT, Odisha, Bhubaneswar**



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

# ଯାତ୍ରୀବାହୀ ବସ୍ ଓଲଟିଲା। ୩୦ଆହତ, ୨ଗୁରୁତର



ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ବଲାଣିଘାଟ ଛକଠାରେ ଓଲଟି ପଡିଥିବା ବସ୍।

ବଣାଇଁ,୨୦।୯(ସ୍ୱ.ପ୍ର.)

୧୪୩ ନମ୍ବର ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ବଲାଣିଘାଟ ଛକରେ ଗୁରୁବାର ଭୋର ସମୟରେ ଏକ ରାତ୍ରିକାଳୀନ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ସ୍ଥାନୀୟ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗଙ୍ଗା ନାମକ ଘରୋଇ ବସ୍(ନଂ.ଓଡ଼ି୦୫ଏଏ-୫୪୩୫) ପାରାଦୀପରୁ ରାଉରକେଲା ଆସୁଥିବା ବେଳେ ହଠାତ୍ ଚକର ଟ୍ୟୁବ୍ ଫାଟି ଯାଇଥିଲା । ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା। ଖବର ପାଇ ଟିକାୟତପାଲି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# କଚେରି ଛକରେ ପିକେଟିଂ, ଫେରିଲେ ବିଚାରପତି





ଆନ୍ଦୋଳନରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଜିଲା ଓକିଲ ସଂଘ ପ୍ରତିନିଧିମାନେ ସ୍ୱାଗତ କରୁଛନ୍ତି ।

ସମ୍ବଲପୁର,୨୦।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି ଜୋର୍ ଧରିଛି। ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓକିଲମାନେ ଚଳାଇଥିବା ବିକ୍ଷୋଭକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ଗୁରୁବାର କଚେରି ଛକଠାରେ ପୂର୍ବାହ୍ନ ୧୦ଟାରେ ଓକିଲ ଓ ଅନୁଷ୍ଠାନ କର୍ମକର୍ତ୍ତାମାନେ ପିକେଟିଂ କରିଥିଲେ। ଏଣୁ ବିଚାରପତିମାନେ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରି ଯାଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଚଷା ସମାଜ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ନାଗରିକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ସଭ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ହୀରାକୁଦ ହିଣ୍ଡାଲକୋ ମଜଦୁର ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ବାଇକ୍ ରାଲିରେ ସହର ପରିକ୍ରମା କରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ସଭ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବହିଦାରଙ୍କ ସମେତ ବରିଷ୍ଠ ଓ କନିଷ୍ଠ ଓକିଲମାନେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜନସମର୍ଥନ ହାସଲ କରି ଚାଲିଥିବା ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯେ ମୁଣ୍ଡବ୍ୟଥା ବଢ଼ାଇବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ଗୁରୁବାର ସମ୍ବଲପୁର ଶ୍ରୀଅରବିନ୍ଦ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି।





ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ପ୍ଲାଷ୍ଟିକ ମୁକ୍ତ ଓଡିଶା ଅଭିଯାନ ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ବସ୍ତି ପରିକ୍ରମା କରୁଛନ୍ତି।

### ଶିକ୍ଷକ ପଦବୀ ପୂରଣ ଦାବି

# ସ୍କୁଲ ଫାଟକରେ ତାଲା ପକାଇ ଧାରଣା

ବଲାଙ୍ଗୀର ଅଫିସ, ୨୦।୯

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ପଞ୍ଚାୟତ ହାଇସ୍କୁଲରେ ପ୍ରଧାନଶିକ୍ଷକ, ବିଜ୍ଞାନ ଶିକ୍ଷକ ଏବଂ ପ୍ରଶିକ୍ଷଣପ୍ରାପ୍ତ ସହକାରୀ ଶିକ୍ଷକ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ ଦାବି ତେଜିଛି। ଗୁରୁବାର ସ୍କୁଲ ପରିଚାଳନା କମିଟି ଏବଂ ଶିକ୍ଷକ-ଅଭିଭାବକ ସଂଘ ପକ୍ଷରୁ ମିଳିତ ଭାବେ ସ୍କୁଲ ଗେଟ୍‌ରେ ତାଲା ପକାଯାଇ ଧାରଣା ଦିଆଯାଇଥିଲା । ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକ, କର୍ମଚାରୀ ସ୍କୁଲ ଭିତରକୁ ଯାଇ ନ ପାରି ସେଠାରେ ଦୀର୍ଘ ସମୟ ଅଟକି ରହିବା ପରେ ଘରକୁ ଫେରିଥିଲେ ।

ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ସ୍କୁଲରେ ତାଲା ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ରାମ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ଧାରଣାରେ ବସିଥିଲେ । କମିଟି ସଦସ୍ୟ ଶ୍ୟାମ ସୁନ୍ଦର ପଧାନ, ଶ୍ରବଣ ଖମାରୀ, ପ୍ରକାଶ ବରାଇ, ସଂକୀର୍ତ୍ତନ ମେହେର, ଦେବଦତ୍ତ ପଧାନ, ପୂର୍ଣ୍ଣଚନ୍ଦ୍ର ଯୋଷୀ ଧାରଣାରେ ବସି ନାରାବାଜି କରିଥିଲେ । ଦିନ ପ୍ରାୟ ୧ଟା ପର୍ଯ୍ୟନ୍ତ ଶିକ୍ଷା ବିଭାଗର କୌଣସି ଅଧିକାରୀ ସ୍କୁଲରେ ପହଞ୍ଚି ନ ଥିଲେ। ପରେ ବଲାଙ୍ଗୀର ସଦର ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ବିଶ୍ୱାଳ, ଏବିଇଓ ଉତ୍ତମ କୁମାର ନାୟକ, ଜିଲା ବିଜ୍ଞାନ ଶିକ୍ଷା ସଂଯୋଜକ ନୀଳମଣି ପଟେଲ ସ୍କୁଲ ସମ୍ମୁଖରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ।



ଚନ୍ଦନଭାଟି ହାଇସ୍କୁଲ ସମ୍ମୁଖରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ତାଲା ପକାଯାଇ ଧାରଣା ଦିଆଯାଉଛି ।

ଏହି ସ୍କୁଲରେ ଏବେ ୫୩୫ ଜଣ ଛାତ୍ରୀଛାତ୍ର ରହିଛନ୍ତି । ହେଲେ ରେଗୁଲାର ହାଇସ୍କୁଲ ପ୍ରଧାନଶିକ୍ଷକ, ଟ୍ରେନ୍ ଗ୍ରାଜୁଏଟ୍ ଶିକ୍ଷକ, ଟ୍ରେନ୍ ଇଣ୍ଟରମିଡିଏଟ୍ ଶିକ୍ଷକ ଓ ୨ଟି ପିଅନ୍ ପଦବୀ ଖାଲି ପଡିଛି । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ଅବ୍ୟବସ୍ଥା ସୃଷ୍ଟି ହେଉଛି । ଦୀର୍ଘଦିନ ହେଲା ଅଭିଭାବକମାନେ ଏ ଦିଗରେ ଅଭିଯୋଗ କରୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି । ଏହାର ପ୍ରତିବାଦରେ ଗତ ଜୁଲାଇ ୧୮ତାରିଖ ସ୍କୁଲ ପରିଚାଳନା କମିଟି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ତୁରନ୍ତ ଶିକ୍ଷକ ଓ ପିଅନ ଯୋଗାଇ ଦେବାକୁ ଦାବି କରିଥିଲେ । ସେତେବେଳେ ଡିଇଓ ଅଫିସ ତରଫରୁ ଏକମାସ ମଧ୍ୟରେ ସ୍କୁଲକୁ ବିଜ୍ଞାନ ଶିକ୍ଷକ ଓ ଅନ୍ୟ ତାଲିମପ୍ରାପ୍ତ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପ୍ରାୟ ଦୁଇମାସ ହେଲା ଏହି ପ୍ରତିଶ୍ରୁତି ପାଳନ ନ ହେବାରୁ ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକ-ଅଭିଭାବକ ସଂଘ ପକ୍ଷରୁ ସ୍କୁଲରେ ତାଲା ପକାଯାଇ ଧାରଣା ଦିଆଯାଇଥିଲା। ବିଓଓ, ଏବିଇଓ ଏବଂ ବିଜ୍ଞାନ ସଂଯୋଜକଙ୍କ ସହ ଆଲୋଚନା ସଫଳ ହୋଇ ନ ଥିଲା । ଇତିମଧ୍ୟରେ ସ୍କୁଲରେ ଜଣେ ଶିକ୍ଷକ ଯୋଗଦାନ କରିଛନ୍ତି। ଅନ୍ୟ ଦୁଇଜଣ ଶିକ୍ଷକଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ତେବେ ବିଜ୍ଞାନ ଶିକ୍ଷକ ଯୋଗ ଦେଇ ନ ଥିବାରୁ ଆନ୍ଦୋଳନକାରୀମାନେ ମାନି ନ ଥିଲେ । ରେଗୁଲାର ଶିକ୍ଷକ, ପ୍ରଧାନଶିକ୍ଷକ ଏବଂ ଜଣେ ମହିଳା ପିଅନ ଯୋଗ ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଆଲୋଚନା ବିଫଳ ହେବାରୁ ଶିକ୍ଷକା ବିଭାଗ ଅଧିକାରୀମାନେ ସେଠାରୁ ଫେରି ଆସିଥିବା ଜଣାପଡିଛି । ଶୁକ୍ରବାର ମଧ୍ୟ ସ୍କୁଲରେ ତାଲା ପକାଯିବ ବୋଲି ଏସ୍ଏମ୍ସି ସଭାପତି ମିଶ୍ର ସୂଚନା ଦେଇଛନ୍ତି ।

**ଚନ୍ଦନଭାଟି ପଞ୍ଚାୟତ ହାଇସ୍କୁଲ**

- ବିଇଓ, ଏବିଇଓ, ବିଜ୍ଞାନ ସଂଯୋଜକଙ୍କ ସହ ଏସ୍ଏମ୍ସିର ଆଲୋଚନା
- ଦୀର୍ଘ ସମୟ ସ୍କୁଲ ସମ୍ମୁଖରେ ଅଟକି ଫେରିଲେ ଛାତ୍ରୀଛାତ୍ର
- ଆନ୍ଦୋଳନ ଚାଲୁ ରଖିବାକୁ କମିଟି ସଦସ୍ୟଙ୍କ ନିଷ୍ପତ୍ତି

## ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୯(ବ୍ୟୁରୋ): ଯେଉଁ ଦିବ୍ୟାଙ୍ଗମାନଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇନାହିଁ ସେମାନଙ୍କ ନାମ ଆସନ୍ତା ଅକ୍ଟୋବର ୫ସୁଦ୍ଧା ପଞ୍ଜୀକୃତ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ପ୍ରକାଶ କରିଛନ୍ତି। ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକରେ ଅଧ୍ୟକ୍ଷତା କରି ସୁରେନ୍ଦ୍ର କୁମାର କହିଛନ୍ତି, ଏ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ଖବରକାଗଜ, ଟେଲିଭିଜନ ଓ ରେଡିଓରେ ବିଜ୍ଞାପନ ଦିଆଯାଇ ପ୍ରଚାର କରାଯିବ। ଏହି ପ୍ରକ୍ରିୟାରୁ ଯେପରି କୌଣସି ଦିବ୍ୟାଙ୍ଗ ଭୋଟର ବାଦ୍ ନ ପଡିବେ ତା'ଉପରେ ଗୁରୁତ୍ୱ ଦେବାକୁ ସୁରେନ୍ଦ୍ର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ଜିଲାପାଳ ଜିଲାସ୍ତରରେ ଷ୍ଟିୟରିଂ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ଦିଗରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ ସମୟରେ ପ୍ରତ୍ୟେକ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ଲାଗି ସୁଗମ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ର୍‍ୟାମ୍ପ, ଗାଡି ପାର୍କିଂର ବ୍ୟବସ୍ଥା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ସ୍ଥିର ହୋଇଛି।

"ବର୍ତ୍ତମାନ ଅଧିକ ବ୍ୟାଙ୍କକୁ ମିଶ୍ରଣ କରିବା ସ୍ଥିତିରେ ନାହୁଁ। ଗତବର୍ଷ ନିଆଯାଇଥିବା ପଦକ୍ଷେପ ଯୋଗୁ ୨ରୁ ୩ ବର୍ଷରେ କ'ଣ ଫାଇଦା ହେଉଛି ସେ ଉପରେ ନଜର ରଖାଯାଇଛି।
– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



"ନୂଆ ସି କ୍ଲାସ ମଡେଲ ସହ ଆକର୍ଷଣୀୟ ପ୍ରଡକ୍ଟ ତଥା ନିରନ୍ତର ପରିବର୍ତ୍ତନ ଧାରା ଯୋଗୁ ବଜାରରେ ସଫଳ ହେବାକୁ ସକ୍ଷମ ହୋଇଛୁ।
– ମାଇକେଲ ଜୋପ୍‌, ସେଲସ, ମାର୍କେଟିଂ ଉପସଭାପତି, ମର୍ସିଡିଜ ବେଞ୍ଜ ଇଣ୍ଡିଆ



## ସଂକ୍ଷେପରେ

### ସ୍ୱଳ୍ପ ସଞ୍ଚୟ ସ୍କିମ୍‌ ସୁଧ ବଢ଼ିଲା




**ନୂଆଦିଲ୍ଲୀ,୨୦-୯:** ସ୍ୱଳ୍ପ ସଞ୍ଚୟ ନିବେଶକାରୀଙ୍କ ଲାଗି ଖୁସି ଖବର। କେନ୍ଦ୍ର ସରକାର ରାଷ୍ଟ୍ରୀୟ ସଞ୍ଚୟ ପ୍ରମାଣପତ୍ର(ଏନ୍‌ଏସ୍‌ସି), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍‌),ସୁକନ୍ୟା ଯୋଜନା ସମେତ ସମସ୍ତ ପ୍ରକାର ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାରକୁ ବଢ଼ାଇ ଦେଇଛନ୍ତି। ଅକ୍ଟୋବର-ଡିସେମ୍ବର ତ୍ରୈମାସ ପାଇଁ ସୁଧରେ ୦.୪% ପର୍ଯ୍ୟନ୍ତ ସୁଧ ହାର ବଢ଼ାଯାଇଛି। ସୂଚନାଥାଉକି, ତ୍ରୈମାସ ଆଧାରରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ସଂଶୋଧିତ ହୋଇଥାଏ। ସ୍ଥାୟୀ ଆୟ ଲାଗି ଏଭଳି ଯୋଜନାରେ ନିବେଶ ପ୍ରତି କ୍ଷୁଦ୍ର ନିବେଶକାରୀଙ୍କ ଆଗ୍ରହ ରହିଛି। ଦୀର୍ଘ ଦିନ ହେଲା ଏହି ସମସ୍ତ ଯୋଜନାର ସୁଧ ହାର ବଢ଼ି ନ ଥିଲା। ଗତ ୨ଟି ତ୍ରୈମାସରେ ସୁଧ ହାର ସ୍ଥିର ରହିଥିଲା। ଚଳିତ ବର୍ଷ ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ସୁଧ ହାର ହ୍ରାସ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆର୍ଥିକ ବର୍ଷ ୨୦୧୮-୧୯ର ତୃତୀୟ ତ୍ରୈମାସ ଲାଗି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାରକୁ ସଂଶୋଧନ କରାଯାଉଛି। ୫ ବର୍ଷର ସ୍ଥାୟୀ ଜମା ସାବଧି ଜମା, ଆବର୍ତ୍ତୀ ଜମା ଓ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସୁଧ ହାରକୁ ବଢ଼ାଇ ଯଥାକ୍ରମେ ୭.୮%, ୭.୩% ଓ ୮.୭% କରାଯାଇଛି। ସେହିପରି ପିପିଏଫ ଓ ଏନ୍‌ଏସ୍‌ସିର ବର୍ତ୍ତମାନର ସୁଧ ହାର ସ୍ଥାନରେ ଏବେ ୮ ପ୍ରତିଶତ ସୁଧ ମିଳିବ। ଅନୁରୂପ ଭାବେ ସୁକନ୍ୟା ଯୋଜନାରେ ୮.୫%,କିଷାନ ବିକାଶ ପତ୍ରରେ ୭.୭%,ପୋଷ୍ଟ ଅଫିସ ମାସିକ ଆୟ ଯୋଜନାରେ ୭.୭% ସୁଧ ମିଳିବ।

### ୨୫ରେ ପିଏମ୍‌ଜେଏୱାଇ ଯୋଜନା ଲାଗୁ କରିବେ ୨୭ ରାଜ୍ୟ

**ନୂଆଦିଲ୍ଲୀ,୨୦-୯:** ଆସନ୍ତା ୨୫ରୁ ଦେଶର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ହୋଇଯିବ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ନାମରେ ଏହା ପ୍ରଚଳିତ ହେବାକୁ ଯାଉଥିବା ବେଳେ ୨୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ଲାଗୁ କରିବାକୁ ଯାଉଛନ୍ତି। ନୀତି ଆୟୋଗ ସଦସ୍ୟ ତଥା ଏହି ଯୋଜନାର ରୂପକାର ଭି.କେ. ପଲ୍‌ ଏହା କହିଛନ୍ତି। ଏହି ଯୋଜନାରେ ସାମିଲ ହେବାକୁ ପ୍ରାୟ ୧ ଲକ୍ଷ ୫୦ ହଜାର ସରକାରୀ ଓ ଘରୋଇ ହସ୍ପିଟାଲ ରାଜି ହୋଇଛନ୍ତି। ଏହି ଯୋଜନାରେ ପ୍ରାୟ ୧୦ କୋଟି ହିତାଧିକାରୀ ଉପକୃତ ହେବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ୨୩ରେ ଏହି ଯୋଜନାର ଶୁଭାରମ୍ଭ କରିବେ। କିନ୍ତୁ ଏହାକୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୫ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିଯୋଗୁ କେନ୍ଦ୍ର ସରକାରଙ୍କୁ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୩୫୦୦ କୋଟି ଟଙ୍କାର ଆର୍ଥିକ ବୋଝ ମୁଣ୍ଡାଇବାକୁ ପଡିବ। ସେ କହିଛନ୍ତି ଯେ, ୫-୬ଟି ରାଜ୍ୟ ଏହି ଯୋଜନା ଲାଗୁ କରିବା ନେଇ କେନ୍ଦ୍ର ସରକାରଙ୍କ ସହ ଚୁକ୍ତି କରିନାହାନ୍ତି। ଏହି କାରଣରୁ ସେ ସବୁ ରାଜ୍ୟରେ ଉକ୍ତ ଯୋଜନା ଲାଗୁ କରାଯିବ ନାହିଁ।

### ଏୟାରସେଲ୍‌-ମ୍ୟାକ୍ସିସ୍‌ ଚୁକ୍ତି ଯାଞ୍ଚ ସାରିବାକୁ ୩ ମାସ ଅଧିକ ସମୟ

**ନୂଆଦିଲ୍ଲୀ,୨୦-୯:** ସୁପ୍ରିମକୋର୍ଟ ଗୁରୁବାର ଏୟାରସେଲ-ମ୍ୟାକ୍ସିସ ଚୁକ୍ତିରେ ହୋଇଥିବା କଥିତ ଦୁର୍ନୀତିର ତଦନ୍ତ ସମୟସୀମାକୁ ଆହୁରି ୩ ମାସ ବଢ଼ାଇ ଦେଇଛନ୍ତି। ଏହି ସମୟ ମଧ୍ୟରେ ତଦନ୍ତ ସାରିବାକୁ ବିଚାରପତି ଏ.କେ.ସିକ୍ରି ଓ ବିଚାରପତି ଅଶୋକ ଭୂଷଣଙ୍କୁ ନେଇ ଗଠିତ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ଖଣ୍ଡପୀଠ ମାର୍ଚ୍ଚ ୧୨ରେ ତାଙ୍କ ନିର୍ଦ୍ଦେଶରେ ସେପ୍ଟେମ୍ବର ୧୨ ସୁଦ୍ଧା ତଦନ୍ତ ସାରିବାକୁ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଙ୍କୁ କହିଥିଲେ। ଗୁରୁବାର ଇଡି ପକ୍ଷରୁ ହାଜର ହୋଇ ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ତଦନ୍ତ ସାରିବାକୁ ଆହୁରି ୨-୩ ମାସ ସମୟ ଆବଶ୍ୟକ ବୋଲି କହିଥିଲେ। କାରଣ କିଛି ଅଭିଯୁକ୍ତଙ୍କ ସହ ଇ-ମେଲ୍‌ ଜରିଆରେ ଯୋଗାଯୋଗ କରିବାକୁ ପଡିବ। ଉଲ୍ଲେଖଥାଉ କି, ୨ଜି ସ୍ପେକ୍ଟ୍ରମ ମାମଲାରେ ଏୟାରସେଲ-ମ୍ୟାକ୍ସିସ୍‌ ବିରୋଧରେ ଆସିଥିବା ମନି ଲଣ୍ଡରିଂ ଅଭିଯୋଗର ଇଡି ତଦନ୍ତ କରୁଛି।

## ଜେଟ୍‌ ଏୟାରୱେଜ ବିମାନରେ ଅସ୍ୱାଭାବିକ ଘଟଣା

# ଯାତ୍ରୀଙ୍କ ନାକ-କାନରୁ ରକ୍ତସ୍ରାବ

**ନୂଆଦିଲ୍ଲୀ,୨୦-୯**

୧୪ ହଜାର ଫୁଟ୍‌ ଉପରେ ବିମାନରେ ଉଡୁଥିବା ବେଳେ ଅକ୍ସିଜେନର ଅଭାବ ହେଲେ କ'ଣ ହୋଇପାରେ ଜେଟ୍‌ ଏୟାରୱେଜର ୧୬୬ ଯାତ୍ରୀ ଗୁରୁବାର ତାହା ମର୍ମେ ମର୍ମେ ଅନୁଭବ କରିଛନ୍ତି। ଗୁରୁବାର ଜେଟ୍‌ ଏୟାରୱେଜର ମୁମ୍ବାଇ-ଜୟପୁର ବିମାନର ଉଡାଣ ବେଳେ ବିମାନ କର୍ମଚାରୀଙ୍କ ଗୋଟିଏ ଭୁଲ୍‌ରୁ ସମସ୍ତ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଥିଲା। ଆକାଶକୁ ଉଠିବା ମାତ୍ରେ ବିମାନର ଅକ୍ସିଜେନ ଚାପ ବଜାୟ ରଖୁଥିବା ସୁଇଚ୍‌ ମାରିବାକୁ କର୍ମଚାରୀ ଭୁଲି ଯାଇଥିଲେ। ଫଳରେ ଅକ୍ସିଜେନ ଅଭାବରୁ ବିମାନରେ ଥିବା ସମସ୍ତ ଯାତ୍ରୀ ଏକ ସମୟରେ ଅଣନିଃଶ୍ୱାସୀ ହୋଇ ପଡିଥିଲେ। ତେବେ ତୁରନ୍ତ ପଦକ୍ଷେପ ନିଆଯିବା ଯୋଗୁ କିଛି ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୋଇଥିଲା ସତ ଏହି ସ୍ୱଳ୍ପ ସମୟର ଅବଧି ଭିତରେ ୩୦ ଜଣ ଯାତ୍ରୀଙ୍କ ନାକ ଓ କାନରୁ ରକ୍ତସ୍ରାବ ଆରମ୍ଭ ହୋଇଯାଇଥିଲା। ଏହି ଅସ୍ୱାଭାବିକ ଘଟଣା ପରେ ବିମାନକୁ ତୁରନ୍ତ ମୁମ୍ବାଇ ଫେରାଇ ଅଣାଯାଇଥିଲା। ସମସ୍ତଙ୍କୁ ବିମାନ ବନ୍ଦରସ୍ଥିତ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ନାନାବତୀ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ଛାଡି ଦିଆଯାଇଥିଲା। ସେମାନଙ୍କ କାନ ପରଦା ସାମୟିକ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି। ଏହି ଘଟଣା ପରେ ଡିଜିସିଏ ସମ୍ପୃକ୍ତ ବିମାନ କର୍ମଚାରୀ ଓ ପାଇଲଟଙ୍କୁ କାର୍ଯ୍ୟରୁ ହଟାଇ ଦେଇଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୁରୁବାର ଜେଟ୍‌ ଏୟାରୱେଜର ବୋଇଂ ୭୩୭ର ୯ଡବ୍ଲ୍ୟୁ ୬୯୭ରେ ଏହି ଅସ୍ୱାଭାବିକ ଘଟଣାଟି ଘଟିଥିଲା। ଏଥିରେ ୧୬୬ ଯାତ୍ରୀ ଓ ୫ ଜଣ ବିମାନ କର୍ମଚାରୀ ଯାତ୍ରା କରିଥିଲେ। ବିମାନଟି ମୁମ୍ବାଇରୁ ଜୟପୁର ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବାର କିଛି ସମୟ ପରେ ଉକ୍ତ ଘଟଣା ଘଟିଥିଲା। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେଶନ ବ୍ୟୁରୋ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ସୂଚନାଥାଉ କି, ଆୟରଲାଣ୍ଡର ବିମାନ କମ୍ପାନୀ 'ରେୟାନଏୟାର'ର ବିମାନ ଯାତ୍ରୀମାନେ ସମଦଶା ଭୋଗିଥିଲେ। ଜରୁରିକାଳୀନ ଅବତରଣ ପରେ ୩୩ ଯାତ୍ରୀଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ଏହି ବିମାନଟି ଡବଲିନରୁ କ୍ରୋଏସିଆ ଯାଉଥିଲା। ବିମାନ କର୍ମଚାରୀଙ୍କ ଭୁଲ୍‌ କାରଣରୁ ଜେଟ୍‌ ଏୟାରୱେଜର ୩୦ଜଣ ଯାତ୍ରୀଙ୍କ ନାକ-କାନରୁ ରକ୍ତ ବୋହିବା ଘଟଣାକୁ ଗୁରୁତ୍ୱର ସହ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ସମସ୍ତ ଘଟଣା ତଦନ୍ତ କରିବାକୁ ଡିଜିସିଏଙ୍କୁ ନିର୍ଦ୍ଦେଶ ଦେବା ସହ ୩୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

**୧୪ ହଜାର ଫୁଟ୍‌ ଉପରେ ଆତଙ୍କ**

- ଅକ୍ସିଜେନ ଅଭାବରୁ ଅଣନିଃଶ୍ୱାସୀ ହେଲେ ସମସ୍ତ ଯାତ୍ରୀ
- ବିମାନ କର୍ମଚାରୀ ସୁଇଚ୍‌ ଟିପିବାକୁ ଭୁଲିଯାଇଥିଲେ
- ରିପୋର୍ଟ ଦେବାକୁ ଡିଜିସିଏଙ୍କୁ ପ୍ରଭୁଙ୍କ ନିର୍ଦ୍ଦେଶ



## ସିଏଚ୍‌. ଏସ୍‌.ଏସ୍‌. ମଲ୍ଲିକାର୍ଜୁନ ରାଓ ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି, ସିଇଓ

**ନୂଆଦିଲ୍ଲୀ,୨୦-୯**



ଆଲ୍ଲାହାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ସିଇଓ ଭାବେ ସିଏଚ୍‌. ଏସ୍‌.ଏସ୍‌. ମଲ୍ଲିକାର୍ଜୁନ ରାଓ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିଣ୍ଡିକେଟ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ସେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍‌ କମର୍ସର ଜେନେରାଲ ମ୍ୟାନେଜର ଏବଂ ସିଏଫ୍‌ଓ, ଗ୍ଲୋବାଲ ଟ୍ରଷ୍ଟ ବ୍ୟାଙ୍କର ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୧୯୮୫ରେ ବ୍ୟାଙ୍କ ଅଫ୍‌ ମହାରାଷ୍ଟ୍ରରେ ପ୍ରୋବେଶନାରୀ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଓରିଏଣ୍ଟାଲ ବ୍ୟାଙ୍କ ଅଫ୍‌ କମର୍ସରେ ସେ ଆଞ୍ଚଳିକ ମୁଖ୍ୟ ରହିବା ସହ ବ୍ୟାଙ୍କର ବିଭିନ୍ନ ବିଭାଗ ତଥା ଜେନେରାଲ ମ୍ୟାନେଜର ଦାୟିତ୍ୱରେ କାର୍ଯ୍ୟ କରିଛନ୍ତି। କ୍ରେଡିଟ, ରିକଭରି, ଟ୍ରେଜେରି, ରିସ୍କ ପରିଚାଳନା, ଇନଫରମେଶନ ଟେକ୍ନୋଲୋଜି,ଇନଫରମେଶନ ସିଷ୍ଟମ ମ୍ୟାନେଜମେଣ୍ଟ, ରିଟେଲ ବ୍ୟାଙ୍କିଙ୍ଗ, ମାର୍କେଟିଂ, ପବ୍ଲିସିଟି ଏବଂ ଅଲଟରନେଟିଭ୍‌ ଡେଲିଭରି ଚ୍ୟାନେଲ୍‌ ଭଳି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି।

## ୨୮ରେ ଜିଏସ୍‌ଟି କାଉନସିଲ ବୈଠକ

# ସିମେଣ୍ଟ, ଏସି, ବଡ଼ ପରଦା ଟିଭି ଦାମ କମିପାରେ

**ନୂଆଦିଲ୍ଲୀ,୨୦-୯**

ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ର ୩୦ ତମ ବୈଠକ ଆସନ୍ତା ୨୮ରେ ଏଠାରେ ବସିବାକୁ ଯାଉଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବାକୁ ଥିବା ଏହି ବୈଠକରେ ସିମେଣ୍ଟ, ଏସି ଏବଂ ବଡ଼ ପରଦାର ଟିଭି ଉପରୁ ଟିକସ ହ୍ରାସ କରାଯାଇପାରେ। ଜୁଲାଇରେ ଅନୁଷ୍ଠିତ ବୈଠକରେ ଜିଏସ୍‌ଟି କାଉନସିଲ ୧୦୦ରୁ ଉର୍ଦ୍ଧ୍ୱ ସାମଗ୍ରୀ ଉପରୁ ଟିକସ ହ୍ରାସ କରିଥିଲେ। ସେହିଭଳି ୨୮% ସ୍ଲାବରେ ଥିବା ଫ୍ରିଜ୍‌, ଛୋଟ ପରଦାର ଟିଭି, ୱାଶିଂ ମେଶିନର ଟିକସ ହ୍ରାସ କରାଯାଇଥିଲା। ଅନାବଶ୍ୟକ ତଥା ସାମଗ୍ରୀଗୁଡିକୁ ଛାଡି ଦେଲେ ଅବଶିଷ୍ଟ ସାମଗ୍ରୀଗୁଡିକର ଟିକସ ହ୍ରାସ କରାଯିବ ବୋଲି ପୂର୍ବରୁ କେନ୍ଦ୍ର ସରକାର କହିଥିଲେ। କେରଳ ବନ୍ୟାକୁ ଦୃଷ୍ଟିରେ ରଖି ବନ୍ୟା ପୀଡିତଙ୍କ କଲ୍ୟାଣାର୍ଥେ ସେସ୍‌ ଲାଗୁ କରିବାକୁ କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍‌ କାଉନସିଲରେ ପ୍ରସ୍ତାବ ଦେଇପାରନ୍ତି। ସେହିପରି ଏସ୍‌ଏମଇ କ୍ଷେତ୍ରକୁ ଆଶ୍ୱସ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇପାରେ।

# ଟଙ୍କା ବଦଳରେ ଇରାନରୁ ତେଲ କିଣିବ ଭାରତ

**ନୂଆଦିଲ୍ଲୀ,୨୦-୯**



ନଭେମ୍ବର ୪ରେ ଇରାନ ବିରୋଧରେ ଆମେରିକାର ଦ୍ୱିତୀୟ ଚରଣ କଟକଣା ଲାଗୁ ହୋଇଯିବ। ସେବେ ଠାରୁ ଇରାନରୁ ଡଲାର ବିନିମୟରେ ଅଶୋଧିତ ତେଲ କିଣିବା ପ୍ରାୟ ଅସମ୍ଭବ ହୋଇଯିବ। ଏହି କାରଣରୁ ଆସନ୍ତା ନଭେମ୍ବରରୁ ଭାରତୀୟ ବ୍ୟାଙ୍କ ଜରିଆରେ ଟଙ୍କା ବିନିମୟରେ ଇରାନରୁ ଭାରତ ଅଶୋଧିତ ତେଲ କିଣିବ। ଜଣେ ସରକାରୀ ଅଧିକାରୀ କହିଛନ୍ତି, ଇରାନରୁ ତେଲ କିଭଳି ଉପାୟରେ କିଣାଯିବ ସେ ନେଇ ବିଭିନ୍ନ ବିକଳ୍ପ ବିଚାର କରାଯାଉଛି। ୟୁକୋ ବ୍ୟାଙ୍କ ଏବଂ ଆଇଡିବିଆଇ ବ୍ୟାଙ୍କ ଜରିଆରେ ଇରାନକୁ ତେଲ ବାବଦରେ ପୈଠ କରିବାକୁ ଭାରତ ସ୍ଥିର କରିଛି। ବର୍ତ୍ତମାନ ଅଶୋଧିତ ତେଲ ବାବଦରେ ଭାରତୀୟ ଷ୍ଟେଟ୍‌ ବ୍ୟାଙ୍କ ଏବଂ ଜର୍ମାନୀର ଏକ ବ୍ୟାଙ୍କ ଜରିଆରେ ଇରାନକୁ ୟୁରୋ ଜରିଆରେ ଦେୟ ପୈଠ କରାଯାଏ।

## ଇନ୍ଦିରା ଆଇଭିଏଫ୍‌ର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୦-୯**

ଇନ୍ଦିରା ଆଇଭିଏଫ୍‌ ଗ୍ରୁପ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିଃସନ୍ତାନ ଦମ୍ପତିଙ୍କୁ ରିହାତିରେ ଚିକିତ୍ସା ସୁବିଧା ଯୋଗାଣ ଲକ୍ଷ୍ୟରେ ଗ୍ରୁପ ପକ୍ଷରୁ ଏହି ସେଣ୍ଟର ସ୍ଥାପନ କରାଯାଇଥିଲା। ନିରନ୍ତର ସେବା ଲାଗି ଗ୍ରୁପର ଅଧ୍ୟକ୍ଷ ଡ. ଅଜୟ ମୁର୍ଡିୟା ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ତଥା ଡାକ୍ତରଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ 'ବେଟି ପଢାଓ ବେଟି ବଚାଓ' ଅଭିଯାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଇନ୍ଦିରା ଆଇଭିଏଫ୍‌ ଭୁବନେଶ୍ୱରର ଡାକ୍ତର ଅକ୍ଷୟ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେଣ୍ଟରରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଉଥିବା ଆଇଭିଏଫ୍‌ ସ୍ପେଶିଆଲିଷ୍ଟ ଡାକ୍ତର ସସ୍ମିତା କହିଛନ୍ତି। ଏଠାରେ ଆଇଭିଏଫ୍‌, ଇକ୍ସି, ବ୍ଲାଷ୍ଟୋସିଷ୍ଟ ଏବଂ କଲଚର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ସେବା ଉପଲବ୍ଧ। ଇନ୍ଦିରା ଆଇଭିଏଫ୍‌ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୩୫ ହଜାରରୁ ଅଧିକ ନିଃସନ୍ତାନ ଦମ୍ପତି ଲାଭବାନ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଭୁବନେଶ୍ୱର ସେଣ୍ଟର ପକ୍ଷରୁ ସନ୍ତାନସନ୍ତତି ନ ଥିବା ଦମ୍ପତିଙ୍କ ସଚେତନତା ଲାଗି ମାଗଣା ପରାମର୍ଶ ଶିବିର ଆୟୋଜନ କରାଯାଉଥିବା ଆଇଭିଏଫ୍‌ ବିଶେଷଜ୍ଞ ଡା. ଲିପ୍ସା ମିଶ୍ର ସୂଚନା ଦେଇଛନ୍ତି। ଏହା ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସ୍ଥା ପ୍ରକାଶ କରିଛି।

## ଏସ୍‌ବିଆଇ ଗ୍ରୀନ ମାରାଥନ୍‌ର ଦ୍ୱିତୀୟ ସଂସ୍କରଣ ଘୋଷଣା

**ନୂଆଦିଲ୍ଲୀ,୨୦-୯**

ଷ୍ଟେଟ ବ୍ୟାଙ୍କ ଅଫ୍‌ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଦେଶର ୧୫ ସହରରେ 'ଏସ୍‌ବିଆଇ ଗ୍ରୀନ ମାରାଥନ' ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରଥମ ସଂସ୍କରଣର ସଫଳତା ପରେ ଏଭଳି ଆୟୋଜନ କରାଯାଉଛି। ଭୁବନେଶ୍ୱରଠାରେ ଏହାକୁ ୨୦୧୯ ଫେବୃୟାରୀ ୩ରେ ଆୟୋଜନ କରାଯିବ। ଏଥିରେ ପ୍ରାୟ ୨୧ ହଜାର ଅଂଶ ଗ୍ରହଣକାରୀ ଏଥିରେ ଯୋଗ ଦେବେ। ସ୍ୱଚ୍ଛ ତଥା ସବୁଜ ଦୁନିଆ ବିଷୟରେ ସଚେତନତା ଲାଗି ଏସ୍‌ବିଆଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ, ଏସ୍‌ବିଆଇ ଲାଇଫ, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ଏସ୍‌ବିଆଇ କାର୍ଡର ଯୋଗଦାନ ରହିବ। ଏସ୍‌ବିଆଇ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣରେ ପ୍ରବେଶ କରି ଅତ୍ୟନ୍ତ ଖୁସି ବୋଲି ଏସ୍‌ବିଆଇର ଡିଏମ୍‌ଡି-ସିଏଫ୍‌ଓ ତଥା ସିଡିଓ ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି।

## ସାମ୍‌ସଙ୍ଗର ୨୦୧୮ ମୋବାଇଲ ସଲ୍ୟୁଶନ ଫୋରମ୍‌

**ନୂଆଦିଲ୍ଲୀ,୨୦-୯**

ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ପକ୍ଷରୁ ନୂଆଦିଲ୍ଲୀଠାରେ ସାମ୍‌ସଙ୍ଗ ମୋବାଇଲ ସଲ୍ୟୁଶନ ଫୋରମ୍‌ ୨୦୧୮ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ମାର୍ଟଫୋନ ବଜାର ପାଇଁ କମ୍ପାନୀର ନୂତନ ପ୍ରଯୁକ୍ତି ଓ ଅତ୍ୟାଧୁନିକ ଉପକରଣକୁ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଶିଳ୍ପ ବିଶେଷଜ୍ଞ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ମୋବାଇଲ ନିର୍ମାତା, ଓଇଏମ୍‌, ଉପକରଣ ପାର୍ଟନର, ଆନାଲିଷ୍ଟ ସାମିଲ ଥିଲେ। ସାମ୍‌ସଙ୍ଗ ଅତ୍ୟାଧୁନିକ ତଥା ପ୍ରଯୁକ୍ତି ଭିତ୍ତିକ ସମାଧାନ ପ୍ରଦାନ କରୁଥିବା ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସର ଦକ୍ଷିଣପୂର୍ବ ଏସିଆ ଉପସଭାପତି ଓ ମୁଖ୍ୟ ଡିଭାଇସ ସଲ୍ୟୁଶନ ହାଏଜିନ୍‌ ପାର୍କ ସୂଚନା ଦେଇଛନ୍ତି। ଏଥିରେ ସାମ୍‌ସଙ୍ଗର ଏକ୍ସିନସ ପରିବାରର ବିଭିନ୍ନ ଚିପ୍‌ ବ୍ୟତୀତ ଏକ୍ସିନସ ମୋଡେମ୫,୧୦୦, ଇଣ୍ଟରନେଟ ଅଫ୍‌ ଥିଙ୍ଗସ ସମାଧାନ ଭଳି ପ୍ରଡକ୍ଟ ପ୍ରଦର୍ଶନ କରାଯାଇଥିଲା।


# ODISHA STATE HOUSING BOARD

## Sale of Flats, Core Houses at Bhubaneswar, Nayagarh And Dhenkanal

OSHB Offers LIG/MIG Apartment in its Nandighosa Enclave (Apartment Complex) at Bhubaneswar,EWS Flats in Pathani Samanta Housing Scheme at Nayagarh and Simplex Core Houses (LIG/MIG/HIG) & EWS Flats in its Bajirout Social Housing Scheme at Phase:I & II at Dhenkanal

**(1) NANDIGHOSH ENCLAVE, BHUBANESWAR (READY FOR HANDOVER)**

| Category | No. of Vacant Units | Flat No. | Carpet area unit (in SqFt.) | Built up area (sft.) / Unit | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|---|
| MIG Flat | 02 | 1/05 | 761.45 | 980 | 1062.227 | 50,62,000/- | 5,10,000/- |
| | | 3/17 | 761.45 | 980 | 1062.227 | 49,67,000/- | 5,00,000/- |
| LIG Flat | 03 | | 383.48 | 513 | 581.255 | 24,67,000/- | 2,50,000/- |

**(2) PATHANI SAMANTA HOUSING SCHEME,NAYAGARH (READY FOR HANDOVER)**

| Category | No. of Vacant Units | Carpet area unit (in SqFt.) | Built up area (sft.) / Unit | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|
| EWS Flat | 37 | – | 276 | 307 | 4,92,000/- | 50,000/- |

**ON-GOING SCHEMES**

**(1) BAJIROUT SOCIAL HOUSING SCHEME, MAHISAPAT, DHENKANAL, PHASE: I**

| Category (Core Houses) | No. of Vacant Units | Plot area unit (in SqFt.) | Plinth Area (in sft.) | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|
| HIG | 01 | 2000 | 1000 | — | 24,53,200/- | 2,50,000/- |
| MIG | 07 | 1500 | 715 | — | 16,94,400/- | 1,70,000/- |

**(2) BAJIROUT SOCIAL HOUSING SCHEME, MAHISAPAT, DHENKANAL, PHASE: II**

| Category (Core Houses) | No. of Vacant Units | Plot area unit (in SqFt.) | Plinth Area (in sft.) | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|
| HIG | 30 | 2000 | 1000 | – | 24,44,600/- | 2,45,000/- |
| MIG | 16 | 1500 | 715 | – | 17,74,200/- | 1,80,000/- |
| LIG | 05 | 1040 | 445 | – | 9,04,700/- | 90,000/- |
| EWS Flat | 10 | – | – | 284 | 4,65,600/- | 50,000/- |

- **The schemes at Dhenkanal likely to be completed soon.**
- MIG Flats in Nandighosa Enclave, Bhubaneswar will be sold through auction.
- GST and other statutory dues as applicable to be charged extra.
- EMD is to be paid along with application and will be adjusted towards cost. After selection, allottees will have to pay balance cost as would be intimated by OSHB.
- The intending applicants are requested to purchase the Brochure along with the prescribed Application form on payment of Rs.1000/- in cash (non-refundable) from OSHB Head Office, Sachivalaya Marg, Bhubaneswar-751001.
- Applicants interested to obtain the Brochure and Application Form through post, may send their request to Chief Accounts Officer before dt.10.10.2018 along with a Demand Draft of Rs.1150/- favouring "Orissa Housing Board Fund", payable at Bhubaneswar.
- The Brochure and Application Form can also be downloaded from the Website of OSHB, www.oshb.org and the cost of the Brochure can be paid along with EMD and other dues separately.
- There is also provision for submission of online application through website www.oshb .org

**Booking Opens from : 22.09.2018 to 22.10.2018**

Booking Open Hurry !!

Housing Commissioner-cum-Secretary
**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587
Epbax (0674)2391542, 2390141 – Extn. 134/ 142/ 127/ 155

OSHB : AT YOUR SERVICE FOR LAST 50 SUCCESSFUL YEARS SINCE 1968

## ସଂକ୍ଷେପରେ

### କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

ଚାଙ୍ଗଝୋଉ, ୨୦।୯(ପି.ଟି.)- ଦୁଇ ଭାରତୀୟ ଷ୍ଟାର ଶଟ୍‌ଲର ପି.ଭି. ସିନ୍ଧୁ ଓ କିଦାମ୍ବୀ ଶ୍ରୀକାନ୍ତ ଏଠାରେ ଚାଲିଥିବା ଏକ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୩ୟ ସିଡ୍ ସିନ୍ଧୁ ୨୧-୨୩, ୨୧-୧୩, ୨୧-୧୮ ଗେମ୍‌ରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ୨୧-୧୨, ୧୫-୨୧, ୨୪-୨୨ ଗେମ୍‌ରେ ଥାଇଲାଣ୍ଡର ସୁପାନ୍ୟୁ ଅଭିହିଙ୍ଗସାନନ୍‌ଙ୍କୁ ମାତ୍ ଦେଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ପ୍ରି-କ୍ୱାର୍ଟରଫାଇନାଲରେ ଅଶ୍ୱିନି ପୋନାପ୍ପା ଓ ସାତ୍ୱିକସାଇରାଜ ରାନକିରେଡ୍ଡୀ ଯୋଡ଼ି ୧୪-୨୧, ୧୧-୨୧ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ଚାଇନାର ସିୱି ଝେଙ୍ଗ୍ ଓ ହୁଆଙ୍ଗ୍ ୟାକିଓଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ଏନ୍. ସିକ୍କି ରେଡ୍ଡୀ ଓ ପ୍ରଣବ ଜେରୀ ଚୋପ୍ରା ମଧ ପରାଜୟର ସାମ୍ନା କରି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ମନୁ ଅତ୍ରି ଓ ବି. ସୁମିଥ୍ ଯୋଡ଼ି ମଧ ନିରାଶ କରିଛନ୍ତି।

### ରୋନାଲ୍ଡୋଙ୍କୁ ରେଡ୍ କାର୍ଡ



ଭାଲେନସିଆ (ସ୍ପେନ), ୨୦।୯- ତାରକା ପର୍ତ୍ତୁଗାଲ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ରେଡ୍ କାର୍ଡ ମିଳିଛି। ଏଠାରେ ଖେଳାଯାଇଥିବା ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍-ଏଚ୍'ର ଭାଲେନସିଆ ବିପକ୍ଷ ମ୍ୟାଚ୍‌ରେ ଜୁଭେଣ୍ଟସ୍‌ର ଦାମୀ ଖେଳାଳି ରୋନାଲ୍ଡୋଙ୍କୁ ରେଫରି ରେଡ୍ କାର୍ଡ ଦେଖାଇବାରୁ ମ୍ୟାଚ୍ ଅଧାରୁ ସେ ପଡ଼ିଆ ଛାଡ଼ିଥିଲେ। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ଏହି ଅଘଟଣ ଦେଖିବାକୁ ମିଳିଥିଲା। ରୋନାଲ୍ଡୋ ଘରୋଇ ଭାଲେନସିଆ ଡିଫେଣ୍ଡର ଜିସନ ମୁରିଲୋଙ୍କୁ ଟ୍ୟାକେଲ କରି ତଳେ ପକାଇ ଦେଇଥିଲେ। ଏହାପରେ ମ୍ୟାଚ୍ ରେଫରି ଫେଲିକ୍ସ ବ୍ରିଚ୍ ସହାୟକ ରେଫରିଙ୍କ ପରାମର୍ଶ ନେଇ ରୋନାଲ୍ଡୋଙ୍କୁ ରେଡ୍ କାର୍ଡ ପ୍ରଦାନ କରିଥିଲେ। ୧୫୪ଟି ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍ ଖେଳିବା ପରେ ପ୍ରଥମଥର ଲାଗି ଏହି ପୂର୍ବତନ ମାଡ୍ରିଡ୍ ତାରକା ରେଡ୍ କାର୍ଡ ପାଇଛନ୍ତି। ଏବେ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବାକୁ ପଡ଼ିପାରେ। ରୋନାଲ୍ଡୋ ଆରମ୍ଭରୁ ପଡ଼ିଆ ଛାଡ଼ିଥିଲେ ମଧ ଜୁଭେଣ୍ଟସ୍ ୨-୦ରେ ଏହି ମ୍ୟାଚ୍‌କୁ ଜିତିଥିଲା।

### ବ୍ୟାଟ୍ସମ୍ୟାନଙ୍କୁ ଦୋଷ ଦେଲେ ଆର୍ଥର

ଦୁବାଇ, ୨୦।୯(ପି.ଟି.)- ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଭାରତ ନିକଟରୁ ଶୋଚନୀୟଭାବେ ପରାସ୍ତ ହେବା ପରେ ପାକିସ୍ତାନ କୋଚ୍ ମିକି ଆର୍ଥର ଦଳର ବ୍ୟାଟ୍ସମ୍ୟାନଙ୍କୁ ଦାୟୀ କରିଛନ୍ତି। ବ୍ୟାଟ୍ସମ୍ୟାନମାନେ ଚାପର ସମ୍ମୁଖୀନ ହୋଇପାରିଲେ ନାହିଁ ବୋଲି ଆର୍ଥର କହିଛନ୍ତି। 'ଦକ୍ଷତା ଅନୁସାରେ ଆମେ ଖେଳିପାରିଲୁ ନାହିଁ, ଯାହା ଆମକୁ ନିରାଶ କରିଥିଲା। ଇମାମ-ଉଲ୍-ହକ୍ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ଅସମର୍ଥ ହୋଇ ଭୁବନେଶ୍ୱର କୁମାରଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ଶୀର୍ଷକ୍ରମରେ ବଡ଼ ଶର୍ଟ ଖେଳିବା ସର୍ଫରାଜଙ୍କ ରୋଲ୍ ନୁହେଁ। ଯଦି ଫଂକର ଜମାନ ଓ ଆସିଫ୍ ଅଲି ବଡ଼ ଶର୍ଟ ଖେଳି ଆଉଟ୍ ହୁଅନ୍ତି ତାହାଲେ ଠିକ୍ ଅଛି। ଏହା ତାଙ୍କ ରୋଲ୍, କିନ୍ତୁ ଅନ୍ୟ ୪ଜଣ ବ୍ୟାଟ୍ସମ୍ୟାନ ତାଙ୍କ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି' ବୋଲି ଆର୍ଥର ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ହଂକଂ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଭାରତୀୟ ଖେଳାଳି ଅଧିକ ଆକ୍ରମଣାତ୍ମକ ଖେଳିଥିଲେ ବୋଲି ପାକିସ୍ତାନ କୋଚ୍ ଏହି ଅବସରରେ କହିଛନ୍ତି। ପ୍ରକାଶଯୋଗ୍ୟ, ବୁଧବାର ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୬୨ ରନ କରିଥିବାବେଳେ ଭାରତ ୨୯ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସୁପର୍-୪'ର ଏକ ମ୍ୟାଚ୍‌ରେ ଭାରତ ରବିବାର ପୁଣିଥରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

---

କୋଚ୍ ଭାବେ ଚାମ୍ପିୟନ୍ସ ଲିଗରେ ମୋ ଡେବ୍ୟୁ ମ୍ୟାଚରେ ଜଣେ ଭିଡିଓ ଆସିଷ୍ଟାଣ୍ଟ ରେଫରି ନ ଥିବା ଏବଂ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ରେଡ୍ କାର୍ଡ ପାଇବା ମୋତେ ବ୍ୟଥିତ କରିଛି।
—ମାସିମିଲିଆନୋ ଆଲ୍‌ଜେରି, ଜୁଭେଣ୍ଟସ କୋଚ୍



ମ୍ୟାଚ ପୂର୍ବରୁ ନେଟ୍ସରେ କମ୍ ବୋଲିଂ ଅଭ୍ୟାସ କରୁଥିବାରୁ ଖେଳ ସମୟରେ ମୁଁ ବିପକ୍ଷ ଦଳର ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେବାରେ ସଫଳ ହୋଇ ପାରୁଛି।
—କେଦାର ଯାଦବ, ବ୍ୟାଟ୍ସମ୍ୟାନ ଓ ପାର୍ଟଟାଇମ୍ ବୋଲର



# କୋହଲି, ଚାନୁ ପାଇବେ ଖେଳରତ୍ନ

ନୂଆଦିଲ୍ଲୀ,୨୦।୯(ପି.ଟି.)

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଏବଂ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମୀରବାଈ ଚାନୁ ସେପ୍ଟେମ୍ବର ୨୫ରେ ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପାଇବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ତାଲିକା ଇତିମଧ୍ୟରେ ଚୂଡ଼ାନ୍ତ ହୋଇ ସାରିଥିଲା। ମାତ୍ର ଗୁରୁବାର ବିଧିବଦ୍ଧ ଭାବେ ଏହା ପ୍ରକାଶ କରାଯାଇଛି। ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ସମେତ ୨୦ଜଣ ଅର୍ଜୁନ ପୁରସ୍କାର ପାଇବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଏମାନଙ୍କୁ ସମ୍ମାନିତ କରିବେ। ଅତୀତର ଏକ ବିଶୃଙ୍ଖଳା ଘଟଣା ପାଇଁ ବୁଧବାର କୋଚ୍ ଜୀବନଜୋତ ସିଂ ତେଜାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ତାଲିକାରୁ ବାଦ୍ ଦିଆଯାଇଛି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସିଲେକ୍ସନ କମିଟି ତେଜାଙ୍କ ସମେତ ୫ଜଣ କୋଚ୍‌ଙ୍କ ନାମ ସୁପାରିସ କରିଥିଲା। କିନ୍ତୁ ୨୦୧୫ରେ କୋରିଆରେ ବିଶ୍ୱ ୟୁନିଭର୍ସିଟି ଗେମ୍ସ ବେଳେ ଏକ ବିଶୃଙ୍ଖଳା ଘଟଣାରେ ତାଙ୍କୁ ୧ବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଆଇସିସି ର୍ୟାଙ୍କିଂ ଅନୁସାରେ କୋହଲି ହେଉଛନ୍ତି ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଟେଷ୍ଟ ବ୍ୟାଟ୍ସମ୍ୟାନ। ୩ ବର୍ଷ ହେଲା ସେ ଭଲ ଫର୍ମରେ ଅଛନ୍ତି। ୨୦୧୬ ଓ ୨୦୧୭ରେ ତାଙ୍କ ନାମ ଶ୍ରେଷ୍ଠ ପୁରସ୍କାର ପାଇଁ ସୁପାରିସ ହୋଇଥିଲେ ମଧ ତାଙ୍କୁ ମିଳି ନ ଥିଲା। ୨୯ ବର୍ଷୀୟ କୋହଲି ୨୩ ଶତକ ସହ ୭୧ ଟେଷ୍ଟରେ ୬୧୪୭ ରନ କରିଛନ୍ତି। ୨୧୧ ଅନ୍ତର୍ଜାତୀୟ ଦିନିକିଆରେ ସେ ୩୫ ଶତକ ସହ ୯୭୭୯ ରନ କରିସାରିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ୪୮କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ଲାଗି ଚାନୁ ସମ୍ମାନଜନକ ପୁରସ୍କାର ପାଇବା ପାଇଁ ହକ୍‌ଦାର ହୋଇପାରିଛନ୍ତି। ସେ ଆହୁରି ମଧ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଆଘାତଜନିତ ସମସ୍ୟା ପାଇଁ ସେ ଏସିଆନ ଗେମ୍ସରେ ଭାଗ ନେଇପାରି ନ ଥିଲେ।



ବିରାଟ କୋହଲି ଓ ମୀରବାଈ ଚାନୁ

ପୁରସ୍କାର ବିଜେତାଙ୍କ ତାଲିକା–

**ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର:** ବିରାଟ ଓ ମୀରବାଈ ଚାନୁ।

**ଅର୍ଜୁନ ପୁରସ୍କାର:** ନୀରଜ ଚୋପ୍ରା, ଜିନସନ ଜନସନ ଓ ହିମା ଦାସ (ଆଥଲେଟିକ୍ସ); ଏନ. ସିକ୍କି ରେଡ୍ଡୀ (ବ୍ୟାଡ୍‌ମିଣ୍ଟନ); ସତୀଶ କୁମାର (ବକ୍ସି); ସ୍ମୃତି ମନ୍ଧାନା (କ୍ରିକେଟ); ଶୁଭଙ୍କର ଶର୍ମା(ଗଲ୍ଫ); ମନପ୍ରୀତ ସିଂ, ସବିତା (ହକି), ରବି ରାଠୋର (ପୋଲୋ); ରାହି ସାର୍ନୋବତ୍, ଅଙ୍କୁର ମିତ୍ତଲ, ଶ୍ରେୟାଶି ସିଂ (ଶୁଟିଂ); ମାନିକା ବାତ୍ରେ, ଜି. ସାଥିୟା (ଟେବୁଲ ଟେନିସ); ରୋହନ ବୋପାନ୍ନା (ଟେନିସ); ସୁମିତ (ରେସ୍‌ଲିଂ); ପୂଜା କାଡିଆନ (ଉଷୁ); ଅଙ୍କୁର ଧାମା (ପାରା ଆଥଲେଟିକ୍ସ); ମନୋଜ ସରକାର (ପାରା–ବ୍ୟାଡ୍‌ମିଣ୍ଟନ)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ସି.ଏ. କୁଟାପ୍ପା (ବକ୍ସିଂ); ବିଜୟ ଶର୍ମା (ଭାରୋତ୍ତୋଳନ); ଏ. ଶ୍ରୀନିବାସ ରାଓ (ଟେବୁଲ ଟେନିସ); ସୁଖଦେବ ସିଂ ପନ୍ନୁ (ଆଥଲେଟିକ୍ସ); କ୍ଲାରେନ୍ସ ଲୋବୋ (ହକି, ଲାଇଫ୍ ଟାଇମ୍); ତାରକ ସିହ୍ନା (କ୍ରିକେଟ, ଲାଇଫ୍ ଟାଇମ୍); ଜୀବନ କୁମାର ଶର୍ମା (ଜୁଡ଼ୋ, ଲାଇଫ୍ ଟାଇମ୍); ଭି.ଆର୍. ବିଦୁ (ଆଥଲେଟିକ୍ସ, ଲାଇଫ୍‌ଟାଇମ୍)।

**ଧ୍ୟାନଚାନ୍ଦ ପୁରସ୍କାର:** ସତ୍ୟଦେବ ପ୍ରସାଦ (ତୀରନ୍ଦାଜୀ); ଭରତ କୁମାର ଛେତ୍ରୀ (ହକି); ବବି ଆଲୟସିଅସ୍ (ଆଥଲେଟିକ୍ସ); ଚୋଗ୍‌ଲେ ଦାଦୁ ଦତ୍ତତ୍ରୟ (କୁସ୍ତି)।

# ଦୁଇ ଦଶନ୍ଧି ତଳର ବିଶ୍ୱରେକର୍ଡ ଭାଙ୍ଗିଲେ ନଦୀମ

ଚେନ୍ନାଇ, ୨୦।୯(ପି.ଟି.)

ଝାଡ଼ଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦୀମ ଦୁଇ ଦଶନ୍ଧି ତଳର ବିଶ୍ୱରେକର୍ଡ ଭାଙ୍ଗି ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗୁରୁବାର ଏଠାରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ନଦୀମ ୧୦ ରନ ବିନିମୟରେ ୮ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ଲିଷ୍ଟ–ଏ କ୍ରିକେଟରେ ସେ ନୂତନ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଅନ୍ୟତମ ଭାରତୀୟ କ୍ରିକେଟର ତଥା ଦିଲ୍ଲୀର ବାମହାତୀ ସ୍ପିନର ରାହୁଲ ଶିବାଙ୍ଗିଙ୍କ ନାମରେ ରହିଥିଲା। ୧୯୯୭–୯୮ ସିଜନରେ ଶିବାଙ୍ଗି ହିମାଚଳ ପ୍ରଦେଶ ବିପକ୍ଷରେ ୧୫ ରନ ବ୍ୟୟ କରି ୮ଟି ଉଇକେଟ୍ ନେଇଥିଲେ। ଶିବାଙ୍ଗି ଭାରତ ପକ୍ଷରୁ ୨୦୦୧ରେ ଅଷ୍ଟ୍ରେଲିଆ ବିପକ୍ଷରେ କେବଳ ଗୋଟିଏ ମ୍ୟାଚ୍ ଖେଳିଛନ୍ତି। ୨୯ ବର୍ଷୀୟ ନଦୀମ ୯୯ଟି ପ୍ରଥମ ଶ୍ରେଣୀ ଓ ୮୭ଟି ଲିଷ୍ଟ–ଏ ମ୍ୟାଚ ଖେଳି ଯଥାକ୍ରମେ ୩୭୫ ଓ ୧୨୪ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୧୦୯ଟି ଟି୨୦ ମ୍ୟାଚ୍‌ରୁ ୮୯ଟି ଉଇକେଟ୍ ନେଇଛନ୍ତି।



ଶାହବାଜ ନଦୀମ

ଚେନ୍ନାଇର ମୁରୁଗାପ୍ପାଠାରେ ଗୁରୁବାର ଝାଡ଼ଖଣ୍ଡ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ୨୮.୩ ଓଭରରେ ମାତ୍ର ୭୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ନଦୀମ ୧୦ ଓଭର ବୋଲିଂ କରି ୪ ମେଡେନ ସହ ୧୦ ରନ ବ୍ୟୟରେ ୮ଟି ଉଇକେଟ୍ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ୧୪.୩ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ,୨୦।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଗୁରୁବାର ଖେଳାଯାଇଥିବା ଗୋଟିଏ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧–୦ ଗୋଲରେ ସନ୍‌ରାଇଜ୍ କ୍ଲବକୁ ପରାସ୍ତ କରିଛି। ଦ୍ୱିତୀୟାର୍ଦ୍ଧର ୪୪ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଲାଖାଇ ମୁର୍ମୁ ଏହି ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ପୂର୍ବତଟ ରେଳୱେ ଓ ଓଡ଼ିଶା ପୋଲିସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ କରାଯାଇଛି।



ସନ୍‌ରାଇଜ୍ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସଭାପତି ଆସନ ପାଇଁ ଦ୍ୱିମୁଖୀ ଲଢ଼େଇ

**ଓଭିଏ ନିର୍ବାଚନ: ଗଗନେନ୍ଦୁ ନୂଆ ସମ୍ପାଦକ**

କଟକ ଅଫିସ,୨୦।୯

ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ)ର କର୍ମକର୍ତ୍ତା ନିର୍ବାଚନ ନେଇ ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ରହିଥିଲା। କେବଳ ସଭାପତି ପଦବୀକୁ ବାଦ୍ ଦେଇ ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ଆସନ୍ତା ୨୩ ତାରିଖରେ ନିର୍ବାଚନ ହେବା ବେଳେ ସଭାପତି ପଦବୀ ନିମନ୍ତେ ସମ୍ପ୍ରତି ସଭାପତି ଦାୟିତ୍ୱରେ ଥିବା ସୁବୋଧ କୁମାର ରାଉତରାୟ ଓ ସମ୍ପାଦକ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। ଅନ୍ୟପକ୍ଷରେ ଜଗତସିଂପୁର ଜିଲା ସଂଘର ଗଗନେନ୍ଦୁ ଦାସ ଓଭିଏର ନୂତନ ସମ୍ପାଦକ ହୋଇଛନ୍ତି। ସଭାପତି ଆଶାୟୀ ପ୍ରାର୍ଥୀ ରହିଥିବା ପାରାଦୀପ ପୋର୍ଟର ସଞ୍ଜୟ କୁମାର ଦାସ ଓ କେନ୍ଦ୍ରାପଡ଼ାର ସୟଦ ଆକ୍ରମ ଅଲ୍ଲୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ଯାହା ଫଳରେ ସୁବୋଧ ଓ ପ୍ରଦୀପଙ୍କ ମଧ୍ୟରେ ସଭାପତି ପଦବୀ ନେଇ ଦ୍ୱିମୁଖୀ ଲଢ଼େଇ ହେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ କାର୍ଯ୍ୟକାରୀ ସଭାପତି ଆଶାୟୀ ପ୍ରାର୍ଥୀ ବଲାଙ୍ଗୀରର ସୁକାନ୍ତ ପାଣିଗ୍ରାହୀ ଓ କେନ୍ଦ୍ରାପଡ଼ାର ସୟଦ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଯୋଗୁ ପାରାଦୀପ ପୋର୍ଟର ସଞ୍ଜୟ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର ରବି ନାରାୟଣ ରାଉତରାୟ ଉପସଭାପତି ପ୍ରାର୍ଥିପତ୍ର ଫେରାଇ ନେବା ପରେ ୬ ଜଣିଆ ଉପସଭାପତି କର୍ମକର୍ତ୍ତାଙ୍କ ନାମ ଚୂଡ଼ାନ୍ତ ହୋଇଛି। କେନ୍ଦ୍ରାପଡ଼ାର ସୟଦ, କେନ୍ଦୁଝରର ଜନାର୍ଦ୍ଦନ ଦାସ, କୋରାପୁଟର ଭବାନୀ ପ୍ରସାଦ ପଣ୍ଡା, ମୟୂରଭଞ୍ଜର କିଶୋର କୁମାର ବିଶ୍ୱାଳ, ଫୁଲବାଣୀର ଶିବପ୍ରସାଦ ତ୍ରିପାଠୀ, ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ ଉପସଭାପତି ହୋଇଛନ୍ତି। ପୂର୍ବରୁ ଯୁଗ୍ମ ସମ୍ପାଦକ ଭାବେ ଢେଙ୍କାନାଳର ଆଦିତ୍ୟ କୁମାର ଆଚାର୍ଯ୍ୟ ଓ ବାଲେଶ୍ୱରର ଜଗଦୀଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭାବେ ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ।

## ୫-ଏ-ସାଇଡ୍ ସିନିୟର ଜାତୀୟ ମହିଳା ହକି ଚାମ୍ପିୟନଶିପ୍

# ଓଡ଼ିଶା– ଝାଡ଼ଖଣ୍ଡ କ୍ୱାର୍ଟର ଫାଇନାଲ

ବେଙ୍ଗାଲୁରୁ, ୨୦।୯ (ପି.ଟି.) ଏଠାରେ ଚାଲିଥିବା ତୃତୀୟ ହକି ଇଣ୍ଡିଆ ୫–ଏ– ସାଇଡ ସିନିୟର ଜାତୀୟ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ ଅପ୍ ସ୍ପଷ୍ଟ ହୋଇଛି। ଅଂଶଗ୍ରହଣ କରିଥିବା ୮ଟି ଦଳ କ୍ୱାର୍ଟର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପ୍ରଥମ କ୍ୱାର୍ଟର ଫାଇନାଲରେ ହରିୟାଣା ଓ ଉତ୍ତରପ୍ରଦେଶ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। ଅନ୍ୟପଟେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଞ୍ଜାବ ପ୍ରତିପକ୍ଷ କର୍ଣ୍ଣାଟକକୁ ଭେଟିବ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ଓ ମହାରାଷ୍ଟ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଗୁରୁବାର ପୁଲ୍ 'ଏ' ମ୍ୟାଚ୍‌ରେ ହରିୟାଣା ୫–୨ ଗୋଲରେ ଓଡ଼ିଶାକୁ ହରାଇ କ୍ରମାଗତ ତୃତୀୟ ବିଜୟ ହାସଲ କରି ଶୀର୍ଷରେ ରହିଛି। ହରିୟାଣା ବିପକ୍ଷରେ ଓଡ଼ିଶା ପ୍ରଥମ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ଓଡ଼ିଶା ତରଫରୁ ଆଜମିନା କୁଜୁର ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ତେବେ ଏହାପରେ ହରିୟାଣା ପ୍ରତ୍ୟାବର୍ତ୍ତନ କରି ୪ଟି ଗୋଲ ଦେଇଥିଲା। ହରିୟାଣା ତରଫରୁ ଅମନଦୀପ କୌର (ପଞ୍ଚମ), ସରିତା (ନବମ), ପୂଜା (ଦଶମ) ଓ ସୋନିକା ୧୪ତମ ମିନିଟରେ ଗୋଲ ସ୍କୋର କରିଥିଲେ। ୧୬ତମ ମିନିଟରେ ଓଡ଼ିଶା ତରଫରୁ ମାରିଆନ କୁଜୁର ଦ୍ୱିତୀୟ ଗୋଲ ଦେଇଥିଲେ। ତେବେ ଶେଷର ୧୮ତମ ମିନିଟ୍‌ରେ ହରିୟାଣାର ମନପ୍ରୀତ କୌର ଦଳ ତରଫରୁ ପଞ୍ଚମ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ। ଏହା ପୂର୍ବରୁ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବକୁ ୬–୩ ଗୋଲରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁକୁ ୯–୧ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି।

ଗୁରୁବାର ଅନୁଷ୍ଠିତ ଅନ୍ୟତମ ପୁଲ୍ 'ଏ' ମ୍ୟାଚ୍‌ରେ ପଞ୍ଜାବ ୭–୩ ଗୋଲରେ ତାମିଲନାଡୁକୁ ହରାଇ ପ୍ରଥମ ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି। ଅନ୍ୟପଟେ ପୁଲ- 'ବି'ରେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୪–୪ ଗୋଲରେ ଅମୀମାଂସିତ ରହିଥିଲା। ଏହି ପୁଲ୍‌ର ଉତ୍ତରପ୍ରଦେଶ ଓ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧–୧ ଗୋଲରେ ଅମୀମାଂସିତ ରହିଥିଲା।

# ଆନ୍ଧ୍ରଠାରୁ ୬ ଉଇକେଟରେ ହାରିଲା ଓଡ଼ିଶା

କଟକ ଅଫିସ,୨୦।୯

ନୂଆଦିଲ୍ଲୀ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ–ବି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଛି। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଧାର୍ଯ୍ୟ ଓଭରରେ ୯ ଉଇକେଟ ହରାଇ ୧୮୪ ରନ୍ କରିପାରିଥିଲା। ୧୮୫ରନ୍‌ର ବିଜୟ ଲକ୍ଷ୍ୟକୁ ୪ ଉଇକେଟ ବିନିମୟରେ ଆନ୍ଧ୍ରପ୍ରଦେଶ ହାସଲ କରିଥିଲା। ଆନ୍ଧ୍ରପ୍ରଦେଶ ଓପନର ଅଶ୍ୱିନ ହେବର ଅପରାଜିତ ୯୨ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ପପୁ ରାୟ ୨ଟି ଉଇକେଟ ଦଖଲ କରିଥିବା ବେଳେ ଉଇକେଟକିପର ସୁଜିତ ଲେଙ୍କା ସଂଘର୍ଷପୂର୍ଣ୍ଣ ୫୫ରନ୍ କରିଥିଲେ। ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳରେ ଏହି ମ୍ୟାଚ୍ ନିମନ୍ତେ ୩ଜଣ ନବାଗତଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ଦ୍ରୁତ ବୋଲର ରାଜେଶ ମହାନ୍ତି, ପ୍ରୀତ କନୱର ସିଂ ଚୌହ୍ୱାନ ଓ ସ୍ପିନର ପପୁ ରାୟଙ୍କୁ ପଦାର୍ପଣ ମ୍ୟାଚ୍ ଖେଳିବାର ସୁଯୋଗ ଦିଆଯାଇଥିଲା। ଓଡ଼ିଶା ଶୁକ୍ରବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ କେରଳକୁ ଭେଟିବ।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ରାଜେଶ ଧୂପର ଓ ଅନୁରାଗ ଷଡ଼ଙ୍ଗୀ ୭.୫ ଓଭରରେ ୩୫ରନ୍ ସଂଗ୍ରହ କରିଥିବା ବେଳେ ଓଡ଼ିଶା ପ୍ରଥମ ଉଇକେଟ ହରାଇଥିଲା। ରାଜେଶ ୨୪ଟି ବଲରୁ ୨୨ରନ କରି ସୋଏବ ମହମ୍ମଦ ଖାନ୍‌ଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ୩ନଂ ବ୍ୟାଟିଂ କ୍ରମରେ ଆସିଥିବା ଅଧିନାୟକ ଗୋବିନ୍ଦ ଓ ଅନୁରାଗ ମଧ ବଡ଼ ଭାଗୀଦାରି ସୃଷ୍ଟି କରିବା ପୂର୍ବରୁ ଆଉଟ୍ ହୋଇଥିଲେ। ଗୋବିନ୍ଦ ମାତ୍ର ୨ରନ୍ କରି ସୋଏବଙ୍କ ଦ୍ୱିତୀୟ ଶିକାର ହୋଇଥିବା ବେଳେ ଅନୁରାଗ ୨୦ରନ୍‌ରେ ମନୀଷ ଗୋଲମାରୁଙ୍କ ବଲରେ କ୍ଲିନବୋଲ୍ଡ ହୋଇଥିଲେ। ୪୫ରନ୍‌ରେ ଓଡ଼ିଶା ୩ ଉଇକେଟ ହରାଇଥିଲା। ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି ଓ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ୪ର୍ଥ ଉଇକେଟ ଭାଗୀଦାରିରେ ମାତ୍ର ୩୦ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲେ। ବିପ୍ଳବ ୧୬ ରନ୍‌ରେ ଓ ଶୁଭ୍ରାଂଶୁ ୧୮ରନ୍‌ରେ ଆଉଟ ହେବା ପରେ ଓଡ଼ିଶାର ଇନିଂସ୍ ଖୁବ୍ କମ୍ ସ୍କୋରରେ ସୀମିତ ରହିବ ବୋଲି ଆଶା କରାଯାଉଥିଲା। ମାତ୍ର ୮୮ରନ୍‌ରେ ଦଳର ୫ଜଣ ପ୍ରମୁଖ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରି ସାରିଥିଲେ। ପରେ ଉଇକେଟ କିପର ସୁଜିତ ଲେଙ୍କା ଓ ଅଲରାଉଣ୍ଡର ଅଭିଷେକ ରାଉତ ସମ୍ମାନଜନକ ସ୍କୋର ସଂଗ୍ରହ ପାଇଁ ସଂଘର୍ଷ କରିଥିଲେ। ୨୮.୨ ଓଭରରେ ଦଳର ୧୦୦ରନ୍ ଓ ୪୨.୫ ଓଭରରେ ୧୫୦ରନ୍ ପୂରଣ ହୋଇଥିଲା। ଉଭୟଙ୍କ ମଧ୍ୟରେ ୭୩ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ୬୫ବଲରୁ ୪୧ ରନ୍ କରିଥିବା ଅଭିଶେକ କର୍ନ ଶର୍ମାଙ୍କ ଶିକାର ହୋଇଥିଲେ। ଅଭିଷେକ ଆଉଟ ହେବା ବେଳକୁ ଓଡ଼ିଶାର ସ୍କୋର ଥିଲା ୧୬୧। ପରବର୍ତ୍ତୀ ବଲରେ ଦୀପକ ବେହେରାଙ୍କୁ ଆଉଟ୍ କରି କର୍ନ ପୁର୍ନବାର ଓଡ଼ିଶା ଶିବିରରେ ନିରାଶ କରିଦେଇଥିଲେ। ୮୬ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ସୁଜିତ ମଧ ୫୫ରନ୍ କରିଥିବା ବେଳେ ରନ୍‌ଆଉଟ୍ ହୋଇଥିଲେ। ଲିଷ୍ଟ–ଏ କ୍ୟାରିୟରରେ ସୁଜିତଙ୍କର ଏହା ଦ୍ୱିତୀୟ ଅର୍ଦ୍ଧଶତକ। ନବାଗତ ରାଜେଶ ୮ରନ୍‌ରେ ଅପରାଜିତ ଥିବା ବେଳେ ପପୁ ରାୟ ଖାତା ଖୋଲିବା ପୂର୍ବରୁ ରନ୍‌ଆଉଟ ହୋଇଥିଲେ। ନିର୍ଦ୍ଧାରିତ ୫୦ ଓଭରରେ ଓଡ଼ିଶା ୯ ଉଇକେଟ ହରାଇ ୧୮୪ରନ୍ କରିଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ କର୍ନ ଶର୍ମା ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୮୫ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଆନ୍ଧ୍ରପ୍ରଦେଶ ମଧ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର କେ.ଏସ୍. ଭାରତ ଶୂନରେ ରନ୍‌ଆଉଟ ହେବା ପରେ ସ୍ପିନର ପପୁ ରାୟ ଆନ୍ଧ୍ରପ୍ରଦେଶ ଅଧିନାୟକ ହନୁମା ବିହାରୀ(୯ରନ୍) ଓ ରିକି ଭୁଇ(୦ରନ୍)ଙ୍କୁ ଆଉଟ କରିଥିଲେ। ୩୩ରନ୍‌ରେ ଆନ୍ଧ୍ରପ୍ରଦେଶ ୩ଟି ଉଇକେଟ ହରାଇବା ଫଳରେ ଓଡ଼ିଶା ମ୍ୟାଚ୍‌କୁ ନିଜ କବ୍‌ଜାରେ ରଖି ପାରିବ ବୋଲି ଆଶା କରାଯାଇଥିଲା। ପରେ ଅନ୍ୟତମ ଓପନର ଅଶ୍ୱିନ ହେବର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ବୋଦାପତି ସୁମନ୍ଥ ୫୨ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ସୁମନ୍ଥ(୨୪ରନ୍)ରେ ଅଭିଶେକ ରାଉତଙ୍କ ଦ୍ୱାରା କିପର କ୍ୟାଚ୍ ହୋଇ କ୍ରିଜ ଛାଡ଼ିଥିଲେ। ୮୫ରନ୍‌ରେ ଆନ୍ଧ୍ରପ୍ରଦେଶ ୪ଟି ଉଇକେଟ ହରାଇଥିଲା। ମାତ୍ର ଏହାପରେ ଓପନର ଅଶ୍ୱିନ ଓ ଡି.ବି ରବି ତେଜା ଦଳକୁ ସହଜରେ ବିଜୟୀ କରାଇଥିଲେ। ଅଶ୍ୱିନ ୬୦ବଲରୁ ଓ ରବି ୮୩ବଲରୁ ବ୍ୟକ୍ତିଗତ ଅର୍ଦ୍ଧଶତକ ପୂରଣ କରିଥିଲେ। ୪୭.୧ ଓଭରରେ ଆନ୍ଧ୍ରପ୍ରଦେଶ ମ୍ୟାଚ୍‌କୁ ଜିତିନେଇଥିଲା। ଅଶ୍ୱିନ ୯୨ ଓ ରବି ୫୩ ରନ୍ କରି ଅପରାଜିତ ଥିଲେ।

**ବିଜୟ ହଜାରେ ଟ୍ରଫି**

- ପଦାର୍ପଣ ମ୍ୟାଚ୍‌ରେ ପପୁଙ୍କୁ ୨ ଉଇକେଟ
- ସୁଜିତଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ
- ଆଜି କେରଳକୁ ଭେଟିବ



ପପୁ ରାୟ

**ସଂକ୍ଷିପ୍ତ ସ୍କୋର:** ଓଡ଼ିଶା ୫୦ ଓଭରରେ ୧୮୪–୯ (ସୁଜିତ ଲେଙ୍କା ୫୫, ଅଭିଷେକ ରାଉତ ୪୧, କର୍ନ ଶର୍ମା ୩/୨୯, ଶୋଏବ ମହମ୍ମଦ ଖାଁ ୨/୩୨)। ଆନ୍ଧ୍ର ପ୍ରଦେଶ ୪୭.୧ ଓଭର୍‌ରେ ୧୮୬–୪ (ଅଶ୍ୱିନ ହେବାର ୯୨*, ଦ୍ୱାରକା ରବି ତେଜା ୫୩*, ପପୁ ରୟ ୨/୧୬, ଅଭିଷେକ ରାଉତ ୧/୪୨)।

“ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ମୋ ନାମ ବିଚାରକୁ ନିଆଯାଇ ନ ଥିବାରୁ ମୁଁ ସରକାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ।

–ବଜରଙ୍ଗ ପୁନିଆ, ଷ୍ଟାର ରେସ୍‌ଲର



“ଅର୍ଜୁନ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଥିବାରୁ ମୁଁ ଖୁସି କିନ୍ତୁ ମୋ କୋଚ ସନ୍ଦୀପ ଗୁପ୍ତା ଦ୍ରୋଣାଚାର୍ଯ୍ୟ ପୁରସ୍କାର ନ ପାଇବା ମୋତେ ବ୍ୟଥିତ କରିଛି ।

–ମାନିକା ବାତ୍ରା, ଟେବୁଲ ଟେନିସ୍ ଖେଳାଳି



## ସଂକ୍ଷେପରେ

### ପାଣ୍ଡ୍ୟା ଆଉଟ୍: ଚହରଙ୍କୁ ଡାକରା

ଦୁବାଇ, ୨୦ା୯(ପି.ଟି.)- ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅଧାରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳକୁ ଶକ୍ତ ଧକ୍କା ଲାଗିଛି। ଆହତ ସମସ୍ୟା ଲାଗି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅନ୍ୟତମ ଅଲ୍‌ରାଉଣ୍ଡର ଦୀପକ ଚହରଙ୍କୁ ଦଳ ସହ ଯୋଗଦେବାକୁ ଡାକରା ମିଳିଛି। ଗୁରୁବାର ଚହର ଏଠାରେ ଦଳ ସହ ଯୋଗଦେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜଣାପଡ଼ିଛି। ଚଳିତ ଏସିଆ କପ୍‌ରେ ବୁଧବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲଟେଜ ମ୍ୟାଚ୍ ଅବସରରେ ବୋଲିଂ କରୁଥିବାବେଳେ ପାଣ୍ଡ୍ୟା ଆହତ ହୋଇଥିଲେ। ଗୁରୁତର ବ୍ୟାକ୍ ପେନ୍ ଯୋଗୁ ପାଣ୍ଡ୍ୟା ବୋଲିଂ କରୁଥିବାବେଳେ ଫଲୋ ଥ୍ରୋରେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଷ୍ଟ୍ରେଚରରେ ପଡ଼ିଆ ବାହାରକୁ ନିଆଯାଇଥିଲା ଏବଂ ସେ ଆଉ ଫିଲ୍ଡକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ।

### ବେଜିଂ, ସାଂଘାଇ ଟୁର୍ନାମେଣ୍ଟରୁ ନାଡାଲ ଓହରିଲେ

ବାର୍ସିଲୋନା, ୨୦ା୯(ଏଏଫ୍‌ପି)- ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ତଥା ସ୍ପାନିଶ ତାରକା ରାଫାଲ ନାଡାଲ ଆଘାତ ସମସ୍ୟା ଲାଗି ଆଗାମୀ ଚାଇନା ଓପନ୍ ଓ ସାଂଘାଇ ମାଷ୍ଟର୍ସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଚାଇନା ଓପନ୍ ଚଳିତ ମାସ ୨୯ରୁ ଆରମ୍ଭ ହେବ। ଚଳିତ ମାସରେ ଆଣ୍ଠୁଜନିତ ସମସ୍ୟା ଲାଗି ନାଡାଲ ୟୁଏସ୍ ଓପନ୍ ସେମିଫାଇନାଲରୁ ବାହାରିଯାଇଥିଲେ। ଫଳରେ ନାଡାଲଙ୍କ ପ୍ରତିପକ୍ଷ ଜୁଆନ ମାର୍ଟିନ ଡେଲ୍‌ପୋଟ୍ରୋ ଫାଇନାଲରେ ପ୍ରବେଶ କରିଥିଲେ। ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ମଧ ସ୍ପେନର ଡେଭିସ୍ କପ୍ ସେମିଫାଇନାଲ ମ୍ୟାଚ୍ ଖେଳିପାରି ନ ଥିଲେ। ଏଥିରେ ଫ୍ରାନ୍ସ ନିକଟରୁ ସ୍ପେନ ପରାସ୍ତ ହୋଇଥିଲା। ଅକ୍ଟୋବର ଶେଷଭାଗରେ ହେବାକୁ ଥିବା ପ୍ୟାରିସ ମାଷ୍ଟର୍ସ ପ୍ରତିଯୋଗିତାରେ ନାଡାଲ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।

### ଛତିଶଗଡ଼, ଗୋଆ ବିଜୟୀ

କଟକ ଅଫିସ,୨୦ା୯- କଟକରେ ଚାଲିଥିବା ୨୪ତମ ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଛତିଶଗଡ଼ ୯-୦ ଗୋଲରେ ତେଲେଙ୍ଗାନାକୁ, ଗୋଆ ୭-୦ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଛି। କର୍ଣ୍ଣାଟକ-ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ୨-୨ ଗୋଲରେ ଓ ଆନ୍ଧ୍ରପ୍ରଦେଶ-ଗୁଜରାଟ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି ।

# ଆଫଗାନିସ୍ତାନର ବୃହତ୍ ବିଜୟ

ଆବୁଧାବି, ୨୦ା୯ (ପି.ଟି.)

ଜନ୍ମଦିନରେ ରସିଦ ଖାଁଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଚଳିତ ଏସିଆ କପ୍ ଗ୍ରୁପ୍ ବି' ଲିଗ୍ ମ୍ୟାଚରେ ଆଫଗାନିସ୍ତାନ ୧୩୬ ରନରେ ବାଂଲାଦେଶକୁ ହରାଇଛି। ଗୁରୁବାର ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୫ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୨.୧ ଓଭରରେ ୧୧୯ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ୨୫୬ରନ ଟାର୍ଗେଟର ପିଛା କରି ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାଂଲାଦେଶ ତରଫରୁ ସାକିବ ଅଲ ହାସନ ୩୨, ମହମୁଦୁଲ୍ଲା ୨୭ ରନ କରି ଆଉଟ ହୋଇଥିବା ବେଳେ ମୋସାଡେକ ହୋସେନ ୨୬ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ମୁଜିବ ଉର ରହମାନ, ଗୁଲବଦିନ ନାଇବ, ରସିଦ ଖାଁ ୨ଟି ଲେଖାଏ, ଅଫତାମ ଆଲମ, ମହମ୍ମଦ ନବି ଓ ରହମତ ଶାହ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ରସିଦ ଖାଁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ଓପନର ଇସାନୁଲ୍ଲା ଜନତ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଜନତ୍ ୮ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହା ପରେ ରହମତ ଶାହ ୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ମହମ୍ମଦ ଶାହଜାଦ ୩୭ ରନ କରି ଆଉଟ ହୋଇଥିଲେ। ଅଧିନାୟକ ଅସଘର ଆଫଗାନ ୮ ରନ କରିଥିବା ବେଳେ ସାକିବଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶାହିଦି ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରୁବେଲ ହୋସେନଙ୍କ ଶିକାର ହୋଇଥିଲେ। ସମିଉଲ୍ଲ ସେନୱାରୀ ଓ ମହମ୍ମଦ ନବି ଯଥାକ୍ରମେ ୧୮ ଓ ୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ରସିଦ ୩୨ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୫୭ ରନ କରି ଅପରାଜିତ ରହିଥିଲେ। ସେହିପରି ଗୁଲବଦିନ ୩୮ଟି ବଲ୍ ଖେଳି ୫ ଚୌକା ସହ ୪୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସାକିବ ୪, ଅବୁ ହାଇଦର ୨ ଓ ରୁବେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ହାଶମାତୁଲ୍ଲା ଶାହିଦି।

**ଏସିଆ କପ୍ କ୍ରିକେଟ**

**ସଂକ୍ଷିପ୍ତ ସ୍କୋର:**

ଆଫଗାନିସ୍ତାନ ୫୦ ଓଭରରେ ୨୫୫/୭ (ଶାହିଦି- ୫୮, ରସିଦ- ୫୭*, ଗୁଲବଦିନ- ୪୨*, ଶାହଜାଦ- ୩୭, ସାକିବ- ୪/୪୨, ହାଇଦର- ୨/୫୦, ରୁବେଲ- ୧/୩୨)।

ବାଂଲାଦେଶ ୪୨.୧ ଓଭରରେ ୧୧୯ ଅଲଆଉଟ (ସାକିବ- ୩୨, ମହମୁଦୁଲ୍ଲା- ୨୭, ମୋସାଡେକ- ୨୬*, ରହମାନ- ୨/୨୨, ନାଇବ- ୨/୩୦, ରସିଦ- ୨/୧୩)।

# ଭାରତ- ବାଂଲାଦେଶ ମୁକାବିଲା ଆଜି

ଦୁବାଇ,୨୦ା୯(ପି.ଟି.)

ଏସିଆ କପ୍ କ୍ରିକେଟର ୧୪ତମ ସଂସ୍କରଣରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ହଂକଂ ଓ ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ସୁପର- ୪ରେ ପ୍ରବେଶ କରିଛି। ସୁପର- ୪ ପର୍ଯ୍ୟାୟରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଶୁକ୍ରବାର ବାଂଲାଦେଶକୁ ଭେଟିବ। କ୍ରମାଗତ ଦୁଇଟି ବିଜୟ ହାସଲ କରିଥିଲେ ମଧ ଭାରତ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ଇଞ୍ଜୁରି କାରଣରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟ ଦଳରୁ ବାଦ୍ ପଡିଛନ୍ତି ଓ ଦୁଇଟି ମ୍ୟାଚ୍ ଖେଳିଥିବା ମୁଖ୍ୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ବିଶ୍ରାମ ଦିଆଯିବ। ଫଳରେ ଦଳର ସନ୍ତୁଳନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ଭୁବନେଶ୍ୱରଙ୍କ ବଦଳରେ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ସ୍ଥାନ ମିଳିବା ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ବଦଳରେ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ମନେହେଉଛି। ରାଜସ୍ଥାନ ଯୁବ ଦ୍ରୁତ ବୋଲର ଦୀପକ ଚହରଙ୍କୁ ବଦଳ ଖେଳାଳି ଭାବେ ସାମିଲ କରାଯାଇଥିଲେ ମଧ ସେ ଅନ୍ତିମ ଏକାଦଶରେ ସାମିଲ ହେବା ମନେ ହେଉ ନାହିଁ। ମନୀଷ ପାଣ୍ଡେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ପାଣ୍ଡ୍ୟାଙ୍କ କୋଟା ଓଭର କାମଚଳା ସ୍ପିନର କେଦାର ଯାଦବ ପକାଇବା ଆଶା କରାଯାଉଛି।

ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ସମେତ ଅମ୍ବାତି ରାୟୁଡୁ ଓ ଦୀନେଶ କାର୍ତ୍ତିକ ପୂରା ଲୟରେ ଥିବା ପରି ମନେହେଉଛନ୍ତି ଓ ଏହି ୪ ବ୍ୟାଟ୍ସମ୍ୟାନଙ୍କ ଉପରେ ଭାରତୀୟ ଟପ୍ ଅର୍ଡର ସଫଳତା ନିର୍ଭର କରୁଛି। ପାକିସ୍ତାନ ବିପକ୍ଷ ମ୍ୟାଚରେ ଦମ୍ ଦେଖାଇଥିବା ଏହି ବ୍ୟାଟ୍ସମ୍ୟାନମାନେ ବାଂଲାଦେଶ ବିପକ୍ଷରେ ମଧ ଆହୁରି ସଫଳ ହେବ ବୋଲି ଆଶା କରାଯାଉଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମକୁ ନେଇ ମଧ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଫର୍ମ ଫେରିପାଇବା ପାଇଁ ରୋହିତ ଧୋନୀଙ୍କ ବ୍ୟାଟିଂ କ୍ରମରେ ଉନ୍ନତି ଆଣି ପାରନ୍ତି।

ଅନ୍ୟପଟେ ବାଂଲାଦେଶକୁ ଏବେ ଏକ କ୍ୱାଲିଟି ଦିନିକିଆ ଦଳରେ ପରିଣତ ହୋଇପାରିଛି। ତେଣୁ କୌଣସି ମତେ ବାଂଲାଦେଶକୁ ହେୟ ମନେ କରାଯାଇପାରିବ ନାହିଁ। ବିଭିନ୍ନ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଇଭେଣ୍ଟରେ ବାଂଲାଦେଶ ଦମ୍ ଦେଖାଇବାରେ ସଫଳ ହୋଇଛି। ୨୦୧୨ ଏସିଆ କପ୍ ଫାଇନାଲରେ ବାଂଲାଦେଶ ପ୍ରବେଶ କରିଥିଲା। ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ବେଶ୍ ଉନ୍ନତି କରିଛି। ଦଳରେ ମୁସଫିକର ରହିମ, ସାକିବ ଅଲ ହାସନ, ମହମୁଦୁଲ୍ଲା ରିୟାଦଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ବୋଲିଂ ଡିପାର୍ଟମେଣ୍ଟରେ ମୋର୍ତ୍ତାଜା, ମୁସ୍ତାଫିଜୁର ରହମାନ ଓ ରୁବେଲ ହୋସେନଙ୍କ ଭଳି କ୍ୱାଲିଟି ଦ୍ରୁତ ବୋଲର ରହିଛନ୍ତି। ତେଣୁ ମିଡିଲ ଓଭରରେ ରନ୍ ସ୍କୋର କରିବାରେ ଭାରତ ସମସ୍ୟାର ସମ୍ମୁଖୀନ ହେବ। ଗୁରୁବାର ଆବୁଧାବିରେ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବା ପରେ ବାଂଲାଦେଶ ଭାରତ ବିପକ୍ଷରେ ଦୁବାଇରେ ପଡିଆକୁ ଓହ୍ଲାଇବ। ଦୁଇ ଦିନରେ ଦୁଇଟି ମ୍ୟାଚ ଖେଳିବା ଦ୍ୱାରା ବାଂଲାଦେଶ ପାଇଁ ସାମାନ୍ୟ ସମସ୍ୟା ଉପୁଜିବ।

ସମୟ: **ସନ୍ଧ୍ୟା ୫ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ-୧**

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, ମନୀଷ ପାଣ୍ଡେ, କେଦାର ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, ଖଲିଲ ଅହମ୍ମଦ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ ଓ ଦୀପକ ଚହର।

**ବାଂଲାଦେଶ ଦଳ:** ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ସାକିବ ଅଲ ହାସନ (ଉପ- ଅଧିନାୟକ), ତାମିମ ଇକବାଲ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ମୁସଫିକର ରହିମ, ଆରିଫୁଲ ହକ୍, ମହମ୍ମଦୁଲ୍ଲା, ମୋସାଡେକ ହୋସେନ ସାଇକତ, ନାଜମୁଲ ହୋସେନ ଶାଣ୍ଟୋ, ମେହଦୀ ହାସନ ମିର୍ଜା, ନାଜମୁଲ ଇସ୍ଲାମ ଅପୁ, ରୁବେଲ ହୋସେନ, ମୁସ୍ତାଫିଜୁର ରହମାନ ଓ ଆବୁ ହାଇଦର ରୋନୀ।

### ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍: ଭାରତ ପଞ୍ଚମ

# ସିଦ୍ଧାନ୍ତଙ୍କୁ ୧୬, କବିଙ୍କୁ ୧୯ତମ ସ୍ଥାନ

ଭୁବନେଶ୍ୱର, ୨୦ା୯(ସ୍ପୋର୍ଟ୍ସ ବ୍ୟୁରୋ)

ବ୍ରାଜିଲ ସ୍ପୋର୍ଟ୍ସ ଫେଡେରେଶନ ଓ ଆନ୍ତର୍ଜାତିକ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ ମିଳିତ ଆନୁକୂଲ୍ୟରେ ବ୍ରାଜିଲର ଆରାକାଜୁଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍‌ରେ ଭାରତକୁ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ସେହିପରି ଏହି ମେଗା ଇଭେଣ୍ଟରେ ଚାଇନା ପ୍ରଥମ, ପୋଲାଣ୍ଡ ଦ୍ୱିତୀୟ, ଆୟୋଜକ ବ୍ରାଜିଲ ତୃତୀୟ, ସର୍ବିଆ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ୧୩ଟି ଦେଶରୁ ମୋଟ ୫୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ଅନ୍ୟ ଦେଶଗୁଡିକ ହେଲେ ପର୍ସିଆ, ଶ୍ରୀଲଙ୍କା, ସର୍ବିଆ, ଚେକ୍ ଗଣରାଜ୍ୟ, ସୁଇଜରଲାଣ୍ଡ, ସ୍ଲୋଭେନିଆ, ଫ୍ରାନ୍ସ, ଆର୍ଜେଣ୍ଟିନା ଓ ସ୍ଲୋଭାକିଆ। ଭାରତ ତରଫରୁ ଅଂଶଗ୍ରହଣ କରିଥିବା ୮ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପୁଣେ ବିଶ୍ୱବିଦ୍ୟାଳୟର ରନବୀର ମୋହିତ ୯ ରାଉଣ୍ଡ ଖେଳି ୫ ପଏଣ୍ଟ ହାସଲ କରି ଫାଇନାଲ ର୍ୟାଙ୍କିଂ‌ରେ ୧୩ତମ ସ୍ଥାନରେ ରହିଥିଲେ। ସେହିପରି ଓଡ଼ିଶାର ସିଦ୍ଧାନ୍ତ ମହାପାତ୍ର ୫ ଓ ଆକାଂକ୍ଷା କବି ୩.୫ ପଏଣ୍ଟ ହାସଲ କରି ଯଥାକ୍ରମେ ୧୬ ଓ ୧୯ତମ ସ୍ଥାନରେ ରହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଅପରାଜିତା ଗୋଚ୍ଛିକାର ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଦମ୍‌ଦାର ପ୍ରଦର୍ଶନ ପାଇଁ ଭାରତୀୟ ପ୍ରତିଯୋଗୀମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଅକ୍ଟୋବର ୧ରୁ ଆର୍.ଏନ୍. ସିଂଦେଓ ସ୍ମାରକୀ ଟିଟି

କଟକ ଅଫିସ, ୨୦ା୯

ବଲାଙ୍ଗୀରର ମନୋହରପୁର ସ୍ଥିତ ରିଜର୍ଭ ପୋଲିସ ଇନ୍‌ଡୋର ହଲରେ ଅକ୍ଟୋବର ୧ରୁ ୩ୟ ଆର୍.ଏନ ସିଂ ଦେଓ ସ୍ମାରକୀ ରାଜ୍ୟ ଓପନ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଓ ବଲାଙ୍ଗୀର ଜିଲା ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଚାମ୍ପିୟନଶିପରେ ମୋଟ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଚଳିତ ସିଜିନରେ ଏହା ରାଜ୍ୟର ଦ୍ୱିତୀୟ ର୍ୟାଙ୍କିଂ ଟୁର୍ନାମେଣ୍ଟ। ଆଗାମୀ ଜାତୀୟ ଚାମ୍ପିୟନଶିପ ନିମନ୍ତେ ଉକ୍ତ ପ୍ରତିଯୋଗିତାରୁ ଖେଳାଳି ଚୟନ କରାଯିବ। ତେବେ ଇଚ୍ଛୁକ ଖେଳାଳି ତଥା ଅନୁଷ୍ଠାନ ନାମ ପଞ୍ଜୀକରଣ ନିମନ୍ତେ ସେପ୍ଟେମ୍ବର ୨୮ ସୁଦ୍ଧା ରାଜ୍ୟ ଆସୋସିଏଶନ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି ।

# ଅନ୍ତର୍ଜାତୀୟ ରେଫରି ସେମିନାରରେ ସୁଦୀପ୍ତା

କଟକ ଅଫିସ,୨୦ା୯

ବମ୍ବେ ଠାରେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଟାଏକୋଣ୍ଡୋ ଓ ଟାଏକୋଣ୍ଡୋ ଫେଡେରେଶନ୍ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ୧୦୭ତମ ଅନ୍ତର୍ଜାତୀୟ କାଏରୁଗୀ ରେଫ୍‌ରୀ ସେମିନାର ଅନୁଷ୍ଠିତ ହେବ। ଏହି ବିଶ୍ୱ ସ୍ତରୀୟ ସେମିନାରରେ ଓଡ଼ିଶାର ପ୍ରଥମ ମହିଳା ରେଫରୀ ଭାବେ ସୁଦୀପ୍ତା ନନ୍ଦ ଅଂଶ ଗ୍ରହଣ କରିବାକୁ ନିମନ୍ତ୍ରିତ ହୋଇଛନ୍ତି। ସୁଦୀପ୍ତା ଜଣେ ଜାତୀୟ ସ୍ତରର ରେଫ୍‌ରୀ ଅଟନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ସୁଦୀପ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।











Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ


MARUTI SUZUKI
NEXA
BE DRIVEN BY TECHNOLOGY.
CREATE. INSPIRE.
S-CROSS
THE ALL-NEW S-CROSS
LED Projector Headlamps with LED DRLs
Machined Alloy Wheels
DDiS 200 Smart Hybrid Diesel Engine
SmartPlay Infotainment System with Android Auto
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR
NEXA Twin City
(SKY AUTOMOBILES)
Ph: 9776497764/7064400101
NEXA Raj Bhavan Road
(NARAYANI MOTORS)
Ph: 7381000102
NEXA Cyber City
(JYOTE MOTORS)
Ph: 8338033884
CUTTACK
NEXA Stadium Rd
(JYOTE MOTORS)
Ph: 8338033889
BALASORE
NEXA Balasore Highway
(JYOTE MOTORS)
Ph: 8338033994
SAMBALPUR
NEXA Sambalpur Highway
(ODYSSEY MOTORS)
Ph: 8599039994
ROURKELA
NEXA Civil Town
(ORBIT MOTORS)
Ph: 8337900222, 7077727977


HONDA
The Power of Dreams
ହୋଣ୍ଡା ଶୁଭ ଅଫର୍ ₹1100* କ୍ୟାସ୍ ବ୍ୟାକ୍
ପ୍ରୋସେସିଙ୍ଗ୍ ଫି 0#
ଡକ୍ୟୁମେଣ୍ଟେସନ୍ ଚାର୍ଜ 0#
HET BS-IV
Scheme Partners:
HDFC BANK We understand your world
L&T Financial Services
muthoot CAPITAL
IndusInd Bank
SHRIRAM City MONEY WHEN YOU NEED IT MOST
*Rs 1100 Cashback Scheme is available till 30th September 2018 & Cashback is a sole discretion of the dealers & is not available on Activa 5G. #Finance scheme available with select financiers at their sole discretion. Scheme is available for limited time period only and can be withdrawn from market without any prior notice. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 9437938985, 06670-235633; BOLANGIR: Amarnath Honda - 06652-233155, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 06645-214569, 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 06678-222949, 9737643030; KUCHINDA: Krishna Honda - 06642-220346, 7894277470; PADAMPUR: Bindhyabasini Honda - 9437051078, 9937788078; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314.
For Bulk/Institutional enquiries, please write us at: institutionalsales@honda2wheelersindia.com



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ନାବାଳିକା ଅପହରଣ ମାମଲାରେ ଟ୍ୟୁଶନ ମାଷ୍ଟର ଗିରଫ

**ବୀରମହାରାଜପୁର, ୨୦ା୯ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ଜନୈକା ୧୪ବର୍ଷିୟା ସ୍କୁଲ ଛାତ୍ରୀଙ୍କୁ ଅପହରଣ ଘଟଣାରେ ସ୍ଥାନୀୟ ଜଣେ ଟ୍ୟୁସନ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଗିରଫ ପରେ ଜେଲ ହାଜତକୁ ଯାଇଥିବା ଏହି ଅଭିଯୁକ୍ତ ଯୁବକଙ୍କ ନାମ ଚିନ୍ମୟ ଶତପଥୀ। ତାଙ୍କ ଘର ବୀରମହାରାଜପୁର ଉପକଣ୍ଠ ଚମ୍ପାପୁର। ଅଭିଯୋଗ ଅନୁସାରେ ନବମ ଶ୍ରେଣୀରେ ପାଠ ପଢୁଥିବା ଏହି ପୀଡିତା ଛାତ୍ରୀଙ୍କୁ ଗତ ୧୭ତାରିଖଠାରୁ ଯୋଜନାବଦ୍ଧ ଭାବେ ଅପହରଣ କରି ନିଆଯାଇ ପ୍ରଥମେ ଝାରସୁଗୁଡାଠାରେ ରାଖାଯାଇଥିଲା। ତେବେ ଟ୍ୟୁସନ ଶିକ୍ଷକ ଏଠାକୁ ଆସିଥିବା ଖବର ପାଇ ପୀଡିତାଙ୍କ ବାପା ତାଙ୍କ ଚମ୍ପାନଗରସ୍ଥିତ ବାସଭବନକୁ ଯାଇଥିଲେ । ସେଠାରେ ଅଭିଯୁକ୍ତ ଚିନ୍ମୟ ଓ ତାଙ୍କ ବାପା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକ ଦେଇଥିଲେ। ଏନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିବା ପରେ ବୀରମହାରାଜପୁର ଥାନା ପକ୍ଷରୁ ଆଇପିସି ୩୬୩, ୨୯୪, ୫୦୬, ୩୪ ଏବଂ ପକସୋ ଆଇନ ଅନୁଯାୟୀ ଏକ ମାମଲା(ନଂ. ୧୩୫/୧୮) ରୁଜୁ କରାଯାଇଥିଲା। ତତ୍ସହିତ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ସ୍ପର୍ଶକାତର ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି କୁଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

### ଫ୍ରେଣ୍ଡସ କ୍ଲବର ନୂତନ କମିଟି ଚୟନ

**ଅମରପାଲି,୨୦ା୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଫ୍ରେଣ୍ଡସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। କ୍ଲବର ବରିଷ୍ଠ ସଦସ୍ୟ ବସନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବର ପ୍ରାୟ ୧୦୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ। କମିଟିର କର୍ମକର୍ତ୍ତା ଚୟନ ପୂର୍ବରୁ ପ୍ରାଣବନ୍ଧୁ ସାହୁ ଚଳିତ ବର୍ଷ ପାଇଁ କ୍ଲବର ଆଭିମୁଖ୍ୟ କଣ ରହିବ ସେ ଉପରେ ମତପ୍ରକାଶ କରିଥିଲେ। ନିଷ୍ପତ୍ତି ଅନୁଯାୟୀ କ୍ଲବର ନୂତନ ପରିଚାଳନା କମିଟି ଗଠନ, ଗ୍ରାମରେ ବ୍ୟାପୁଥିବା କିଡନୀ ରୋଗର ନିରାକରଣ ପାଇଁ ପଦକ୍ଷେପ ଓ ଆକ୍ରାନ୍ତ ରୋଗୀଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥା, ଅଞ୍ଚଳର ଅଣଜଳସେଚିତ ଜମିକୁ ଜଳସେଚନ ପାଇଁ ଏକ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ପରେ କ୍ଲବର ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ପୀତାମ୍ବର ସାହୁଙ୍କୁ ସଭାପତି, ଭବାନୀଶଙ୍କର ସାହୁଙ୍କୁ ସମ୍ପାଦକ, ବରୁଣ ନାଏକଙ୍କୁ ଉପସଭାପତି, ଶ୍ରୀତମ ପ୍ରଧାନଙ୍କୁ ସହ ସମ୍ପାଦକ ଓ ତଥାଗତ ସାହୁଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଏହା ସହିତ ପ୍ରଫୁଲ୍ଲ ସାହୁ, ଜନ୍ମେଜୟ ସାହୁ, ଜୟପ୍ରକାଶ ସାହୁ, ଚନ୍ଦ୍ରଶେଖର ପତି, ଅଶୋକ ସାହୁ, ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ସେହିପରି କମିଟିର ଉପଦେଷ୍ଟାଭାବେ ବସନ୍ତ ସାହୁ, ପ୍ରାଣବନ୍ଧୁ ସାହୁ, ଭକ୍ତରାମ ସାହୁ, ବିଦ୍ୟାଧର ସାହୁ, କହ୍ନେଇଚରଣ ପ୍ରଧାନ, ଅଜିତ ସାହୁ, କନ୍ଦର୍ପ ସେଠୀଙ୍କୁ ଚୟନ କରାଯାଇଛି। ଶେଷରେ ବନମାଳୀ ଗୌନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫସଲ ନଷ୍ଟ କଲେ ହାତୀପଲ

**ଅମରପାଲି, ୨୦ା୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ସୋନପୁର ବନାଞ୍ଚଳ ଅଧିନ ବୀରମହାରାଜପୁର ରେଞ୍ଜର ହାତିଲିମୁଣ୍ଡା ବନଖଣ୍ଡ ଅଞ୍ଚଳରେ ଏବେଠୁ ହାତୀପଲର ଉତ୍ପାତ ଦେଖିବାକୁ ମିଳିଛି। ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମରେ ଗତ ରାତିରେ ହାତୀପଲ ଆସି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି । ରାତି ପ୍ରାୟ ୩ଟା ବେଳେ ୩ରୁ ୪ଟି ହାତୀଥିବା ଏକ ହାତୀପଲ ହାତିଲିମୁଣ୍ଡା ଓ ଭାଲୁଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରୁ ଆସି ଗ୍ରାମ ପାଖରେ ଥିବା ଧାନ କ୍ଷେତରେ ପଶିଥିଲେ। ଧାନ ଫସଲକୁ ଦଳି ଚକଟି ନଷ୍ଟ କରିବା ସହିତ ପ୍ରାୟ ୩ଏକର ଜମିର ଫସଲ ଖାଇ ଦେଇଛନ୍ତି। ଗ୍ରାମର ଲକ୍ଷ୍ମୀକାନ୍ତ ସାହୁ, ଶତ୍ରୁଘନ ସାହୁ ଓ ମିତୃ ସାହୁ ପ୍ରଭୃତି ଚାଷୀଙ୍କର ବ୍ୟାପକ ଫସଲ ନଷ୍ଟ ହୋଇଛି।



ଭାଲୁଡୁଙ୍ଗୁରୀରେ ହାତୀପଲ ଫସଲ ନଷ୍ଟ କରିଛନ୍ତି ।

ଅନୁକୂଳ ପାଗ ଯୋଗୁ ଚଳିତ ବର୍ଷ ଭଲ ବର୍ଷା ଫସଲ ହୋଇଛି। ଏହା ଦେଖି ଚାଷୀ ଚଳିତ ବର୍ଷ ଭଲ ଫସଲ ଅମଳର ଆଶା ରଖିଥିବା ବେଳେ ଏବେ ହାତୀପଲ କାଳ ସାଜିଛନ୍ତି। ସୂଚନାଯୋଗ୍ୟ ଗତ କିଛି ମାସ ହେଲା ସୀମାବର୍ତ୍ତି ରେଢ଼ାଖୋଲ ବନାଞ୍ଚଳ ଅଧିନ ବଡମାଲ, ରେଙ୍ଗାଲି, ଗରଗଡବାହାଲ ଅଞ୍ଚଳରୁ ହାତୀ ପଲ ଯାଉ ନ ଥିବା ବେଳେ ଗାଁକୁ ମଧ ଆସି ବ୍ୟାପକ ଧନଜୀବନ ନଷ୍ଟ କରୁଥିଲେ। ଉକ୍ତ ଅଞ୍ଚଳରୁ ହାତୀପଲ ଆସିଥିବାର ଅନୁମାନ କରାଯାଉଛି। ଭାଲୁଡୁଙ୍ଗୁରୀ ସମେତ ବିଶାଳପାଲି ଗ୍ରାମରେ ମଧ କିଛି ଜମିରେ ଫସଲ ନଷ୍ଟ କରିଥିବାର ଜଣାପଡିଛି। ଏବେବି ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଏନେଇ ହାତିଲିମୁଣ୍ଡା ବନଖଣ୍ଡ ଅଧିକାରୀ ପ୍ରଶନ୍ନ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଭବାନିପାଟଣାରେ ଟ୍ରେନିଂରେ ଥିବା କହିଥିଲେ। ସେ ଅନ୍ୟ ବନ କର୍ମଚାରୀଙ୍କୁ ପଠାଇ କ୍ଷୟକ୍ଷତିର ଆକଳନ କରିବା ସହିତ ହାତୀ ଘଉଡାଇବା ପାଇଁ ବ୍ୟବସ୍ଥା କରାଇବେ ବୋଲି ପ୍ରକାଶ କରିଛନ୍ତି।

## ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନରେ ବୀରମହାରାଜପୁର କଲେଜ ସାମିଲ

**ବୀରମହାରାଜପୁର, ୨୦ା୯(ଡି.ଏନ.ଏ.)**

ପ୍ଲାଷ୍ଟିକ ମୁକ୍ତ ଓଡିଶା ନିର୍ମାଣ ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜଠାରେ ଗୁରୁବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧକ୍ଷ ମୂରଲୀଧର ହୋତା ସଭାପତିତ୍ୱ କରିଥିଲେ । ଏଥିରେ ଅଧାପକ ବିଜୟ କୁମାର ପୁରୋହିତ, ଅଧାପକ ଶିବ କୁମାର ପୁରୋହିତ, ଅଧାପକ ସୁନୀଲ କୁମାର ତ୍ରିପାଠୀ, ଅଧାପକ ବିଜୟ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣ ଓ ଜୈବ ବିବିଧତା ଉପରେ ତାହାର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନ ପାଇଁ ଶପଥ ନେଇଥିଲେ। ଏହାପରେ ଡ. ହିମାଂଶୁ ଶେଖର ପାଢ଼ୀ, ଅଧାପକ ପ୍ରକାଶ କୁମାର ସେଠ ଓ ଅଧାପକ ବିରଞ୍ଚି ମିଶ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଲେଜ ପରିସରରୁ ବାହାରି ବସ୍ତି ପରିକ୍ରମା କରଇଥିଲା। ଉକ୍ତ କାର୍ଯ୍ୟକ୍ରମ କଲେଜର ଜାତୀୟ ସେବା ସଂସ୍ଥା (ଏନଏସଏସ) ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ।

## ଗଠିତ ହେଲା ସ୍କୁଲ କ୍ୟାବିନେଟ

**ଅମରପାଲି, ୨୦ା୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ମତଦାନ ମାଧମରେ ଗଠନ କରିଛନ୍ତି ସ୍କୁଲ କ୍ୟାବିନେଟ। ଛାତ୍ରୀଛାତ୍ରମାନଙ୍କୁ ଗଣତନ୍ତ୍ର ଓ ପ୍ରତ୍ୟକ୍ଷ ନିର୍ବାଚନର ଧାରଣା ଦେବାକୁ ଯାଇ ଏହି ନିର୍ବାଚନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ମତଦାନ ଦେଇ ନିଜ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥିଲେ। ପୂର୍ବରୁ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷକ ମନୋଜ କୁମାର ନାୟକ ଓ ବିଶେଶ୍ୱର ପଣ୍ଡା ପିଲାଙ୍କୁ କାଯର୍ୟକ୍ରମର ଉଦ୍ଦେଶ୍ୟ ତଥା ନିର୍ବାଚନ ଓ ଗଣତନ୍ତ୍ର ସମ୍ପର୍କିତ ଧାରଣା ପ୍ରଦାନ କରିଥିଲେ। ପରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଛାତ୍ରୀଛାତ୍ର ସେମାନେ କାହିଁକି ପ୍ରାର୍ଥୀ ହୋଇଛନ୍ତି ସେ ସମ୍ପର୍କରେ ନିଜ ନିଜର ମତରଖି ନିଜ ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ନିର୍ବାଚନରେ ରେଶମା ପଧାନ ମୁଖ୍ୟମନ୍ତ୍ରୀ, ନିକିତା ବିଭାରଗ ଉପମୁଖ୍ୟମନ୍ତ୍ରୀ, ସାଲିନୀ ସାହୁ ଶିକ୍ଷାମନ୍ତ୍ରୀ, ମୋନାଲିସା ପୁରୋହିତ ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ, ଶୁଭଶ୍ରୀ ସାହୁ ପରିବେଶ ମନ୍ତ୍ରୀ, ମିଲୁ ସାହୁ ଖାଦ୍ୟମନ୍ତ୍ରୀ, ସାହିଲ ନାଏକ ଖେଳ ଓ ସାଂସ୍କୃତିକ ମନ୍ତ୍ରୀ ଏବଂ ଓମ୍ ପ୍ରକାଶ ପୁରୋହିତଙ୍କୁ ସୂଚନା, ପ୍ରସାରଣ ଓ ଶିଶୁ ସାମ୍ବାଦିକ ମନ୍ତ୍ରୀ ଭାବେ ନିର୍ବାଚନ ହୋଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ପ୍ରଧାନଶିକ୍ଷକ ଦେବକାନ୍ତ ପଧାନ ନିର୍ବାଚନ କମିଶନର, ମନୋଜ କୁମାର ନାୟକ ନିର୍ବାଚନ ଅଧିକାରୀ, ମମତା ବେହେରା ପ୍ରିଜାଇଡିଂ ଅଫିସର, ମନରଞ୍ଜନ ସେଠୀ ଓ ଶ୍ରୀଧର ମହାନନ୍ଦ ପୁଲିଂ ଅଫିସର ଦାୟୀତ୍ୱ ତୁଲାଇଥିଲେ। ଶେଷରେ ନବନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଯାଇଥିଲା ।



ନବନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଯାଉଛି।

## କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା,୨୦ା୯(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବାଦିମୁଣ୍ଡା ଗ୍ରାମ ବିଶ୍ୱ କର୍ମାପୂଜା କମିଟି ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଓ ବିଭିନ୍ନ ପ୍ରତିଯୋଗୀତା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ନୃତ ପ୍ରତିଯୋଗୀତାର ସଞ୍ଜନାରାଣୀ ସିଂ, ସ୍ୱାଗତିକା ବାଗ ଓ ସ୍ୱପ୍ନାରାଣୀ ସାହୁଙ୍କ ସମେତ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବିଜେଡି ପର୍ଯ୍ୟବେକ୍ଷିକା ମାମି ମିଶ୍ର, ନାଏବ ସରପଞ୍ଚ କିରଣ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମିଟି ସଭାପତି ହରିଶ୍ଚନ୍ଦ୍ର ସାହୁ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଇଂ. ମହେଶ ପ୍ରସାଦ ନନ୍ଦ ସଭା ପରିଚାଳନା କରିଥିଲେ । ଧରଣୀଧର ସାହୁ ଦୀନବନ୍ଧୁ ସାହୁ ସମେତ କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।



ସୁବଳୟା ଗଡଭିତରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବିଭିନ୍ନ ବେଶରେ ସଜ୍ଜିତ ହୋଇ କଳାକାରମାନେ ସଚେତନତାର ବାର୍ତ୍ତା ପ୍ରଦାନ କରୁଛନ୍ତି।

## ଭସାଣି ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତାର ବାର୍ତ୍ତା

**ବୀରମହାରାଜପୁର, ୨୦ା୯ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ସୁବଳୟା ଗଡଭିତରେ ଚାଲିଥିବା ଶ୍ରୀଗଣେଶଙ୍କ ପୂଜନୋତ୍ସବ ବୁଧବାର ମୂର୍ତ୍ତି ବିସର୍ଜନ ସହ ସମ୍ପନ୍ନ ହୋଇଛି। ଏଥର ଭସାଣି ଶୋଭଯାତ୍ରା ଖୁବ୍ ଆକର୍ଷଣୀୟ ହୋଇଥିବା ବେଳେ ଏହାରି ମାଧମରେ ଦିଆଯାଇଥିଲା ସଚେତନତାର ବାର୍ତ୍ତା। ବିଶେଷ କରି ଡେଙ୍ଗୁ, ମ୍ୟାଲେରିଆ ଓ ଝାଡାବାନ୍ତି ଭଳି ରୋଗରେ ନିରାକରଣ ପାଇଁ ସ୍ୱଚ୍ଛତା ସମ୍ପର୍କିତ ସଚେତନଧର୍ମୀ ବାର୍ତ୍ତା ପ୍ଲାକାର୍ଡ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ତାଛଡା ପିଲାମାନେ ବିଭିନ୍ନ ରଙ୍ଗରେ ସଜାଇ ହୋଇ ଗଣେଶଙ୍କ ମେଢ଼ରେ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଆୟୋଜକ ତଥା ପୂଜା କମିଟିର ଏଭଳି ଅଭିନବ ପ୍ରୟାସ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି।

## ଗଞ୍ଜେଇ ଜବତ, ମହିଳା ଗିରଫ

**ବଲାଙ୍ଗୀର ଅଫିସ, ୨୦ା୯**

ଡୁଷରା ଥାନା ଅନ୍ତର୍ଗତ ସତୀଘାଟ ଗାଁରେ ଅବକାରୀ ବିଭାଗର ମୋବାଇଲ ଟିମ୍ ଗୁରୁବାର ଚଢ଼ାଉ କରି ୨.୮କେଜିଗଞ୍ଜେଇ ଜବତ୍ କରଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ମହିଳା ଜଣକ ହେଲେ ବିଲେଇ ଗଡତ୍ୟା । ତାଙ୍କ କିରାନା ଦୋକାନରୁ ସେ ଏକ ପ୍ଲାଷ୍ଟିକ୍ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବାବେଳେ ଅବକାରୀ ମୋବାଇଲ ଟିମ୍ ହାବୁଡରେ ପଡିଥିଲେ । ଦୁଇବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ ମଧ ଗଞ୍ଜେଇ ସହ ଗିରଫ ହୋଇଥିଲେ । ଏ ନେଇ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରାଯାଇଛି ।

## ଟାଏକୋଣ୍ଡୋରେ ଦୁଇଭାଇଙ୍କ ସଫଳତା

**ବୀରମହାରାଜପୁର,୨୦ା୯ (ଡି.ଏନ.ଏ.)**

ବୀରମହାରାଜପୁର ମାଟିର ୨ପ୍ରତିଭାବାନ କ୍ରୀଡାବିତ୍ ଏବେ ଜାତୀୟସ୍ତରରେ ତାଙ୍କର ପ୍ରତିଭା ଦେଖାଇବାର ସୁଯୋଗ ପାଇଛନ୍ତି। ଟାଏକୋଣ୍ଡୋରେ ବିଭିନ୍ନ ସମୟରେ ରାଜ୍ୟ, ଜାତୀୟ ଏବଂ ଅର୍ନ୍ତଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ଏହେସାସ ହୋତା ପୁଣି ଥରେ ଜାତୀୟ ସ୍ତରରେ ଭାଗନେବାର ସୁଯୋଗ ପାଇଛନ୍ତି। ସେପ୍ଟେମ୍ବର ୧୯ ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ମଧପ୍ରଦେଶର ଜବଲପୁରରେ ଅନୁଷ୍ଠିତ ହେଉଥିବା ୩୭ତମ ଜାତୀୟ ସିନିୟର ଏବଂ ୧୦ମ ଜାତୀୟ ଜୁନିୟର ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶାର ୨୪ଜଣିଆ ଟିମରେ ସାମିଲ ହୋଇଛନ୍ତି। ଏହେସାସ ୬ମାସ ପାଇଁ ଅଗ୍ରଣୀ ପିସ୍ ଟାଏକୋଣ୍ଡୋ ତାଲିମ କେନ୍ଦ୍ର ଦିଲୀରେ ତାଲିମ ନେଉଥିବାବେଳେ ସେ ସେଇଠୁ ଜବଲପୁର ଯାତ୍ରା କରିଛନ୍ତି। ସେହିଭଳି ଏହେସାସଙ୍କ ସାନ ଭାଇ ଅନ୍ୱେଶ ହୋତା ମଧ ଗତବର୍ଷ ଜାତୀୟସ୍ତରରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଏବେ ପୁଣିଥରେ ସିବିଏସଇ ଦ୍ୱାରା ହେବାକୁ ଥିବା ଜୋନାଲସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଆସାମର ଗୌହାଟୀରେ ଆସନ୍ତା ୩୦ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗତ କିଛି ମାସ ହେବ ଉଭୟ ଏହେସାସ ଓ ଅନ୍ୱେଶ କଠିନ ପରିଶ୍ରମ କରି ତାଲିମ ଗ୍ରହଣ କରିଛନ୍ତି। ଏଣୁ ଉଭୟଙ୍କୁ ନିଶ୍ଚିତ ଭାବେ ଜାତୀୟସ୍ତରରେ ପୁନର୍ବାର ସଫଳତା ମିଳିବ ବୋଲି ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା ଆଶା ବାନ୍ଧିଛନ୍ତି ।



ଏହେସାସ ଓ ଅନ୍ୱେଶ।

ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀଙ୍କ ମିଳିତ ମଞ୍ଚର ଆନ୍ଦୋଳନ

## ପଦଯାତ୍ରାରେ ଗାଁ ବୁଲିଲେ

**ବୀରମହାରାଜପୁର,୨୦ା୯ (ଡି.ଏନ.ଏ.)**

ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣଅନୁଦାନ ଓ ଚାକିରି ସର୍ତ୍ତାବଳୀ ଲାଗୁ ଭଳି ୫ଦଫା ଦାବି ନେଇ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଜାରି ରହିଛି। ଫଳରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୭ଟି ହାଇସ୍କୁଲ ଏବଂ ଭୁଡିଆପାଲିସ୍ଥିତ ପରମେଶ୍ୱରୀ କଲେଜରେ ଏବେ ତାଲା ଝୁଲୁଛି। ଫଳରେ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କର ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତେଣେ ଏସବୁ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରା ଆରମ୍ଭ କରିଛନ୍ତି। ମଙ୍ଗଳବାର ଆରମ୍ଭ କରାଯାଇଥିବା ପଦଯାତ୍ରାରେ ଏହି ବ୍ଲକର ଡୁଲେଶ୍ୱର, କମିରା, ଜଟେସିଂଘା, ବାଗବର, କେନଝରିଆପାଲି, ଅମରପାଲି ଓ ଉଫୁଲା ଗ୍ରାମସ୍ଥିତ ହାଇସ୍କୁଲ ଏବଂ ଭୁଡିଆପାଲି ଜୁନିୟର କଲେଜର ଶିକ୍ଷକ ଓ କର୍ମଚାରୀ ସାମିଲ ଥିବା ଜଣାପଡିଛି। ପ୍ରାୟ ୯୦ଜଣ ଆନ୍ଦୋଳନକାରୀ ପିତାମହୁଲ, କମିରା, ଜଟେସିଂଘା ଓ ବାଗବର ପଞ୍ଚାୟତ ଅଞ୍ଚଳ ପରିକ୍ରମା କରିଥିବାବେଳେ ସଚେତନତା ସଭାର ଆୟୋଜନ କରିଥିଲେ। ଡୁଲେଶ୍ୱର ଗ୍ରାମର ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ସୁବଳ ଖଣ୍ଡଗିରି ସଭାପତିତ୍ୱ କରିଥିଲେ। ମିଳିତ ମଞ୍ଚର ଜିଲା ସଭାପତି ରମେଶ ଚନ୍ଦ୍ରପଣ୍ଡା ଓ ୬୬୨ବର୍ଗର କଲେଜ ସଂଘ ସଭାପତି ସୁବାଷ ଚନ୍ଦ୍ର ପଣ୍ଡା ଉଦ୍‌ବୋଧନ ଦେଇ ମଞ୍ଚର ଦାବି ସମ୍ପର୍କରେ ଆଲୋକପାତ କରିବା ସହ ତାହାର ଯଥାର୍ଥତା ପ୍ରତିପାଦନ କରିଥିଲେ। ଅନ୍ୟମାନଙ୍କ ମଧରେ ଡୁଲେଶ୍ୱର ହାଇସ୍କୁଲର ପ୍ରତିଷ୍ଠାତା ସଭାପତି ଓ ସମ୍ପାଦକ ରୁଦ୍ରନାରାୟଣ ସିଂହ ସାମନ୍ତ ଓ ଲବ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। କମିରା, ଜଟେସିଂଘା ଓ ବାଗବରଠାରେ ମଧ ଅନୁରୂପ ସଭାମାନ ଅନୁଷ୍ଠିତ ହୋଇଥିଲା।



ଡୁଲେଶ୍ୱର ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଚେତନତା ସଭା।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ

## ଜମି ଅଧିଗ୍ରହଣ କାମ ତ୍ୱରାନ୍ୱିତ ପାଇଁ ଦାବିପତ୍ର

**ସୋନପୁର,୨୦ା୯(ନି.ପ୍ର.)**

ବହୁ ପ୍ରତିକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ରେଳପ୍ରକଳ୍ପ କାର୍ଯ୍ୟ ବଲାଙ୍ଗୀର ପଟୁ ୨୦୧୭ରେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୧ ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ରେଳ ବିଭାଗ ଓ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି। ତେବେ ଜମି ଅଧିଗ୍ରହଣ ବିଳମ୍ବ ହେଉଥିବାରୁ ଧାର୍ଯ୍ୟ ସମୟ ମଧରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା କ୍ରିୟାନୁଷ୍ଠାନ କମିଟି ଓ ଜନସାଧାରଣଙ୍କ ପକ୍ଷରୁ ଏଥିନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁବାର କମିଟି ପକ୍ଷରୁ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୪ଦଫା ଦାବି ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସ୍ଥାୟୀ ଜମି ଅଧିଗ୍ରହଣ ଅଧିକାରୀ ଓ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତ, ମୁଖ୍ୟମନ୍ତ୍ରୀ ନିଜେ ତିନି ମାସରେ ଥରେ ଜମି ଅଧିଗ୍ରହଣ କାର୍ଯ୍ୟର ସମୀକ୍ଷା କରିବା, ରେଳବାଇ ବିଭାଗକୁ ଜଙ୍ଗଲ ଓ ସରକାରୀ ଜମି ପ୍ରଦାନ ଏବଂ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ନିଜ ନିର୍ବାଚନମଣ୍ଡଳୀ ସ୍ତରରେ ଏହି ପ୍ରକଳ୍ପର ଜମି ଅଧିଗ୍ରହଣ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ଗୋବିନ୍ଦ ମହାରଣା, ସଭ୍ୟ ଅଭିମନ୍ୟୁ କୁଶଳ, ବଳଦେବ ପ୍ରସାଦ ବେଦ୍‌ବାକ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ପୁରୁଷୋତ୍ତମ ପାଣିଗ୍ରାହୀ, ଜନ୍ମେଜୟ ପାତ୍ର, ଦିଲ୍ଲିପ ପାତ୍ର, ମାଧବ କୁମ୍ଭାର, ସୁମିତ ପୂଜାରୀ, ସୁଧୀର ପଣ୍ଡା ଓ ପିନାକି ପଣ୍ଡା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ ।



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ସେପ୍ଟେମ୍ବର, ୨୦୧୮



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବାଞ୍ଜିପାଲିରେ କରମସାନୀ ପୂଜା

**ଜାମଟିକ୍ରା, ୨୦।୯(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ପଞ୍ଚାୟତର ବାଞ୍ଜିପାଲି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକାଦଶୀ କରମସାନୀ ପୂଜା ମହୋତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଗାଁ ଦାଣ୍ଡରେ କରମାଡାଳକୁ ରଖି ପୂଜାର୍ଚ୍ଚନା କରାଯାଇଥିଲା । ଗାଁର ଝାଙ୍କର ମାଁ କରମସାନୀର ଜନ୍ମ କାହାଣୀ ଶୁଣାଇଥିଲେ । ପରେ ଏକାଦଶୀ ଫୁଲ ଗୁଟେ ବାରମାସି... ଗୀତର ତାଳେ ତାଳେ କଳାକାରମାନେ କରମା ନୃତ୍ୟ ପରିବେଷଣ କରିଥିଲେ। ନାରାୟଣ ବୁଡେକ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୁରେନ୍ଦ୍ର ବାଗ, ଭୁବନ ନାୟକ, କଳାକାରୁ ଭୁଏ ସହଯୋଗ କରିଥିଲେ ।




### ପାଇକମାଲ ପିଏଚ୍‌ସିକୁ ସିଏଚ୍‌ସି ପାଇଁ ଦାବି

**ପାଇକମାଲ, ୨୦।୯(ଡି.ଏନ.ଏ.):** ପାଇକମାଲ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏଡି ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତର ପ୍ରାୟ ୭୦ହଜାର ଲୋକ ନିର୍ଭର କରନ୍ତି। ଏଠାକୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ମାତ୍ର ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ଥିବାରୁ ସ୍ୱାସ୍ଥ୍ୟ ସେବା ବ୍ୟାହତ ହୋଇଥାଏ । ସେହିପରି ପ୍ରତିମାସରେ ୩୦ରୁ ଊର୍ଦ୍ଧ୍ୱ ଗର୍ଭବତୀମାନଙ୍କୁ ପ୍ରସୂତି କରାଯାଇଥାଏ। ଏହା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ପାଇକମାଳ ପ୍ରଶମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କରାଗଲେ ଆଦିବାସୀ ମାନେ ଚିକିତ୍ସା ସହ ବିଭିନ୍ନ ପରୀକ୍ଷା ମାଗଣାରେ ପାଇପାରିବେ। ସେହିପରି ଦୈନିକ ଛୋଟ ବଡ ଦୁର୍ଘଟଣାରେ ଗୁରୁତରମାନେ ଚିକିତ୍ସା ନ ପାଇ ପଦ୍ମପୁରକୁ ସ୍ଥାନାନ୍ତର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି । ଏ ନେଇ ଅନେକ ଥର ଆନ୍ଦୋଳନ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ତୁରନ୍ତ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି ପାଇକମାଳ ସଚେତକ ନାଗରିକ, ବଣିକ ସଂଘ, କୃଷକ ସଂଘ, ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।





ମଦମୁକ୍ତ ପାଇଁ ଗୁରୁବାର ମହିଳାମାନେ ଝାରବନ୍ଧ ବ୍ଲକ କନ୍ଧାଡଙ୍ଗର ପଞ୍ଚାୟତର ବିଭିନ୍ନ ଗାଁକୁ ପରିକ୍ରମା କରୁଛନ୍ତି (ବାମ) । ବରଗଡ଼ ଜିଲାପାଳ ଅଫିସ ଆଗରେ ଭେଡ଼େନ ବ୍ଲକ ରେଶମ ହରିଜନପଡ଼ାର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ମଦ ବିରୋଧରେ ତେଜିଲେ ମହିଳା

**ବରଗଡ଼ ଅଫିସ/ଝାରବନ୍ଧ,୨୦।୯(ଡି.ଏନ.ଏ.)**

ବରଗଡ଼ ଜିଲାରେ ଗାଁଠୁ ସହର ଗଳିକନ୍ଦିରେ ଅବାଧରେ ଚୋରାମଦ କାରବାର ଚାଲୁଛି । ଏଥିପାଇଁ ମଦଜନିତ ହିଂସା ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପଟେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉଭୟ ଅବକାରୀ, ପୋଲିସ ସେଥିପ୍ରତି ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମର ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ଗୁରୁବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ହରିଜନପଡ଼ାର ଶତାଧିକ ମହିଳା ମଦ ବିରୋଧୀ ଅଭିଯାନରେ ବାହାରି ଜିଲାପାଳଙ୍କ ଅଫିସକୁ ଆସିଥିଲେ । ସେମାନଙ୍କ ଗ୍ରାମରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ଦାବି ନେଇ ସେମାନେ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୀର୍ଘଦିନ ଧରି ଚୋରାମଦ ତଥା ରନ୍ଧା ମଦ କାରବାର ଚାଲୁଥିବାରୁ ପଡ଼ାରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟିବା ସହିତ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ତେଣୁ ଗ୍ରାମର ହରିଜନ ପଡ଼ାରେ ଚୋରାମଦ କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପଡ଼ାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ। ପଡ଼ାର କୟା ଲୁହା, କୁନ୍ତୀ ଶିକା, ସୌଦାମିନୀ ଛତର, ଲକ୍ଷ୍ମୀ ହରିପାଲ, ବିଶାଖା ଛତରଙ୍କ ସମେତ ଶତାଧିକ ମହିଳା ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

**ଝାରବନ୍ଧ, (ଡି.ଏନ.ଏ):** ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କନ୍ଧାଡଙ୍ଗର ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ଅଞ୍ଚଳର ମହିଳାମାନେ ସଙ୍ଗଠିତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ଉକ୍ତ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ମହିଳାମାନେ ମଦମୁକ୍ତ ଅଭିଯାନରେ ବାହାରି ପ୍ରତ୍ୟେକ ଗ୍ରାମ ପରିକ୍ରମା କରିଛନ୍ତି । ସେମାନେ ପଞ୍ଚାୟତ ଅନ୍ତର୍ଗତ ଡୁଡୁକିଦାଦର, ସରଗୁଲ, ବିଜାଢ଼ୋଲ, କନ୍ଧାଡଙ୍ଗର, କୁସମଦର୍ହା, ବଣ୍ଡାମୁଣ୍ଡା ଗ୍ରାମକୁ ଯାଇ ମଦ ବିରୋଧରେ ସଚେତନତା ସୃଷ୍ଟି କରିବା ସହିତ କୁଟିଆ ମଦ ଦୋକାନକୁ ଯାଇ ମଦ ନ ବିକିବା ପାଇଁ ଦୋକାନୀଙ୍କୁ ତାଗିଦ୍ କରିଛନ୍ତି । କନ୍ଧାଡଙ୍ଗର ସରପଞ୍ଚ ଲାଲେଶ୍ୱରୀ ପଟେଲ ଏହାର ନେତୃତ୍ୱ ନେଇଥିଲେ । ଏହି ଅଭିଯାନରେ ହଜାର ହଜାର ମହିଳା ସାମିଲ ହୋଇଛନ୍ତି ।

**ବରଗଡ଼ ଜିଲା**
- ଭେଡେନ ବ୍ଲକ ରେଶମ ଓ ଝାରବନ୍ଧ ବ୍ଲକ କନ୍ଧାଡଙ୍ଗର ଗାଁ
- ମଦମୁକ୍ତ କରିବାକୁ ଅଣ୍ଟା ଭିଡିଲେ ମହିଳା
- ମଦ ନ ବିକିବାକୁ କୁଟିଆ ବେପାରୀଙ୍କୁ ତାଗିଦ କଲେ

## କଲେଜ ବସ୍ ଧକ୍କାରେ ରିକ୍ସା ଚାଳକ ମୃତ

### ମୃତ ଦେହରଖି ରାସ୍ତାରୋକୋ

**ବରପାଲି, ୨୦।୯ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ବସ୍‌ଷ୍ଟାଣ୍ଡରେ ଗୁରୁବାର ସକାଳେ ଏକ କଲେଜ ବସ୍ ଧକ୍କା ଦେବାରୁ ନିଜ ରିକ୍ସାରେ ବସିଥିବା ପର୍ଶୁରାମ ସାହୁ(୫୫)ଙ୍କ ମୃତ୍ୟୁ ଘଟିଛି। ଏହିଦୁର୍ଘଟଣାରେ ୩ଟି ବାଇକ ସହ ରିକ୍ସା ଭାଙ୍ଗି ନଷ୍ଟ ହୋଇଛି । ଖବର ପାଇ ବରପାଲି ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନା ଅନୁସାରେ, ବରପାଲି ଫାର୍ମାସି କଲେଜ ବସ୍ (ନଂ.ଓଆର୍୧୭ଜି/୨୦୯୧) ସବୁଦିନ ପରି ଛାତ୍ରୀଛାତ୍ରମାନଙ୍କୁ ନେବାକୁ ନିକଟସ୍ଥ ହଷ୍ଟେଲକୁ ଯାଉଥିବା ବେଳେ ବାଟରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ରିକ୍ସା ଓ କେତେକ ପାଇକ୍ ଉପରେ ଚଢ଼ିଯାଇଥିଲା । ସ୍ଥାନୀୟ ଲୋକେ ରିକ୍ସାରେ ବସିଥିବା ପର୍ଶୁରାମଙ୍କୁ ପ୍ରଥମେ ବରପାଲି ଡାକ୍ତରଖାନା ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିଲା। ବରପାଲି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ବସ୍‌କୁ ଜବତ କରି ଥାନାରେ ରଖିଛି । ଅନ୍ୟପଟେ ରିକ୍ସା ଚାଳକଙ୍କ ଶବ ବରପାଲିରେ ପହଞ୍ଚିବା ପରେ ପଡାବାସୀ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ଖବର ପାଇ ତହସିଲଦାର ଯୁଧିଷ୍ଠିର ମେହେର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ କଲେଜ କମିଟି ପକ୍ଷରୁ କର୍ମକର୍ତ୍ତା ଆସି ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହିଥିଲେ । ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା ।

## ଖଲିଆପାଲି, ବାଉଁଶବେର୍ଣ୍ଣାରେ ନୂଆଁଖାଇ ଭେଟଘାଟ

**ସୋହେଲା,୨୦।୯(ଡି.ଏନ.ଏ.)**

ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଗୁରୁବାର ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ପଧାନ ମୁଖ୍ୟଅତିଥି, ଯୁଗଳ କିଶୋର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପାଳନ ଉପରେ ତଥ୍ୟ ସମ୍ବଳିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ହରିହର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଗଳ୍ପ କଥନ, ସଂଗୀତ, ବକ୍ତୃତା, ନୃତ୍ୟ, କୁଇଜ ଓ ପୁଚିଖେଳ ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମଞ୍ଚ କଳାକାର କଳାକାରୁ ଚୌହାନ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମରେ କବି ରଞ୍ଜିତ ପଧାନ, ଛବିଳ ଭୁଏ, ନନ୍ଦିକିଶୋର ସାହୁ ଓ ସୁରେଶ ଚୌହାନ କବିତା ପାଠ କରିଥିଲେ । ଗ୍ରାମର ଗୌନ୍ତିଆ ଜୟଦେବ ଭୁଏଙ୍କ ତତ୍ତ୍ୱାବଧାନରେ ମନୋହର ସାହୁ, ବେଣୁଧର ସାହୁ, ଜତୀନ୍ଦ୍ର ସାହୁ, ବିମ୍ବାଧର ନାୟକ ଓ ସୁବୋଧ ପଧାନ ସହଯୋଗ କରିଥିଲେ । ମନୋରଞ୍ଜନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରେଙ୍ଗାଲ ପଞ୍ଚାୟତ ଅନ୍ତର୍ଗତ ବାଉଁଶବେର୍ଣ୍ଣା ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ ଉତ୍ସବରେ ପଣ୍ଡକିପାଲି ଏମ୍ଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷମାନିଧି ବାରିକ ମୁଖ୍ୟବକ୍ତା, ପୂର୍ବତନ ଚେୟାରମ୍ୟାନ ସୁବ୍ରତ ବେହେରା, ଘନଶ୍ୟାମ ସାହୁ ଓ ଚୂଡ଼ାମଣି ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ସଭାପତିତ୍ୱ କରିଥିଲେ ପୂର୍ବତନ ସରପଞ୍ଚ ଚୌବର୍ଗ ସାହୁ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।



ବରଗଡ଼ ଜିଲା ପାଇକମାଳରେ ହେବାକୁ ଥିବା ଆସନ୍ତା ସାର୍ବଜନୀନ ଦୁର୍ଗାପୂଜା ପାଇଁ ଗୁରୁବାର ରାବଣ କଳାକାର ବରଣ କରାଯାଉଛି ।

## ଦୁର୍ଗାପୂଜା ପାଇଁ ରାବଣ କଳାକାର ବରଣ

**ପାଇକମାଲ,୨୦।୯(ଡି.ଏନ.ଏ.)**

ପାଇକମାଳ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଦୁର୍ଗାମନ୍ଦିର ପରିସରରେ ଗୁରୁବାର ରାବଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଏକ କମିଟି ଗଠନ କରାଯାଇଛି । ପୂଜା କମିଟି ସଭାପତି ଧବଳେଶ୍ୱର ସାହୁ, ସମ୍ପାଦକ ପ୍ରଶାନ୍ତ ମିଶ୍ରଙ୍କ ତତ୍ତ୍ୱାଧାନରେ ରାବଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଗାମନ୍ଦିର ପୂଜକ ଦିଗମ୍ବର ଦେବତାଙ୍କ ପୂଜାର୍ଚ୍ଚନା ପରେ ପ୍ରମୋଦ ସିଂ ବାନ୍ଦୁପାଲି ଗ୍ରାମର ପ୍ରହ୍ଲାଦ ସାହୁଙ୍କୁ ଉପଢୌକନ ଦେଇ ରାବଣ ଅଭିନେତା ଭାବେ ବରଣ କରିଥିଲେ। ଏଥିସହ ଯୁଗଳ କିଶୋର ସାହୁଙ୍କୁ ମନ୍ତ୍ରୀ ଭାବେ ବରଣ କରାଯାଇଥିଲା। ମାତୃପ୍ରସାଦ ରଥ, ଯୋଗେନ୍ଦ୍ର ଭୋଇ, ଇନ୍ଦ୍ରଜିତ ଭୋଇ, ଦନାର ବରିହା ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ଲରମ୍ଭା କଲେଜ ଛାତ୍ରାବାସରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଅତାବିରା, ୨୦।୯ (ଡି.ଏନ.ଏ)**

ଛାତ୍ରବାସ ଜୀବନରେ ଛାତ୍ରର ଭୂମିକା ଚିରସ୍ମରଣୀୟ। ଶୃଙ୍ଖଳାଜ୍ଞାନ ଭବିଷ୍ୟତରେ ଛାତ୍ର ଜୀବନକୁ ଉଜ୍ଜ୍ୱଳ କରିଥାଏ ବୋଲି ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟ ବ୍ରଜବିହାର ଲରମ୍ଭା ପୁରୁଷ ଛାତ୍ରାବାସରେ ଅନୁଷ୍ଠିତ ହୋଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବକ୍ତାମାନେ କହିଥିଲେ । ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଧନେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନୋରଞ୍ଜନ ତ୍ରିପାଠୀ, ରବିନ୍ଦ୍ର କୁମାର ନାୟକ, ଓଡିଆ ବିଭାଗ ବରିଷ୍ଠ ଅଧ୍ୟାପକ ପ୍ରଫେସର ପୁଷ୍ପ କୁମାର ମେହେର, ଅଧ୍ୟାପିକା ଜୟକୁମାରୀ ମେହେର, ପୂର୍ବତନ କଲେଜ ଅଧ୍ୟକ୍ଷ ଡ. ଅଶୋକ ସାହୁ, ଶାନ୍ତିଲତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରାବାସର ଯୁକ୍ତ ତିନି ପ୍ରଥମ ବର୍ଷ ଓ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୁରାତନ ଛାତ୍ର ଜିତେନ୍ଦ୍ରୀୟ ପ୍ରଧାନ, ସୁରଜ ହରିପାଲ, ଅଭିଷେକ ପ୍ରଧାନ, ପ୍ରଭାଷିସ ପୁରୋହିତ, ଗୋବିନ୍ଦ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓକିଲଙ୍କ ନୀରବ ଶୋଭାଯାତ୍ରା

**ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗ**

**ବରଗଡ଼ ଅଫିସ୍,୨୦।୯**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ପୁଣି ଜୋର ଧରିଛି। ଏହି କ୍ରମରେ ମଙ୍ଗଳବାରଠାରୁ ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି । ଗୁରୁବାର ଓକିଲମାନେ ସଂଘ ଅଫିସ୍‌ରୁ ନୀରବ ଶୋଭାଯାତ୍ରାରେ ଜିଲାପାଳ ଅଫିସକୁ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ରିପୋର୍ଟ ଭିତ୍ତିରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ଯୋଶୀ, ସମ୍ପାଦକ ଲିପସିତ୍ ମିଶ୍ରଙ୍କ ନେତୃତ୍ୱରେ ସଂଘର ଅନ୍ୟ କର୍ମକର୍ତ୍ତା, ଶତାଧିକ ସଭ୍ୟାସଭ୍ୟ ନୀରବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କିରଣ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଆଦିତ୍ୟ ପାଢ଼ୀ, କାର୍ଯ୍ୟକାରୀ କମିଟି ସଭ୍ୟ ଅନନ୍ତ ମଜୁମଦାର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଉଲ୍ଲେଖନୀୟ, ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି)ରୁ ବରଗଡ଼ ଜିଲା ଓହରି ଯାଇଛି। ବରଗଡ଼ ଜିଲା ଓକିଲ ସଂଘ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ପୃଥକ ଭାବେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରି ଆନ୍ଦୋଳନକୁ ବ୍ୟାପକ କରଛି । ସଂଘର ନିଷ୍ପତ୍ତିକ୍ରମେ ଗତ ୧୮ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି । ଆନ୍ଦୋଳନ ଯୋଗୁ କୋର୍ଟକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଆସନ୍ତା ୨ତାରିଖରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକର ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେବା କାର୍ଯ୍ୟକ୍ରମ ମଧ୍ୟ ରହିଥିବା ସୂଚନା ମିଳିଛି ।



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ

**ଭଟଲି,୨୦।୯(ଡି.ଏନ୍.ଏ)**

ଭଟଲି ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ହିନ୍ଦୀ ଦିବସ ସମାରୋହରେ ପାଳିତ ହୋଇଛି । ଭଟଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଲାବଣ୍ୟବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିସମାରୋହରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଭଗବାନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୀ ଦିବସର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଶ୍ରୀବତ୍ସ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିଲେ । ସେହିପରି ଲଳିତ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବକ୍ତୃତା ଏବଂ ହିନ୍ଦୀ ସଙ୍ଗୀତ ଗାନ ପ୍ରତିଯୋଗିତା ହୋଇଥିଲା । ବକ୍ତୃତା ପ୍ରତିଯୋଗିତାରେ ରିତିକା ଦୀପ ପ୍ରଥମ, ରଞ୍ଜୁଲତା ପଧାନ ଦ୍ୱିତୀୟ ଏବଂ ପ୍ରିୟଦର୍ଶିନୀ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ହିନ୍ଦୀ ସଙ୍ଗୀତ ପ୍ରତିଯୋଗିତାରେ ସ୍ନେହା ପଣ୍ଡା, ଆଜାଦ କୁମାର କଳାରୀ ଏବଂ ମୀତା ରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ନୋଦିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଭଟଲି ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳନ କରାଯାଉଛି ।

## ବ୍ଲକସ୍ତରୀୟ ଖୋଖୋ, ଫୁଟବଲ ପ୍ରତିଯୋଗିତା

**ବିଜେପୁର, ୨୦।୯ (ଡି.ଏନ.ଏ)**

ବିଜେପୁର ବ୍ଲକ ଅନ୍ତର୍ଗତ ଯୋଖିପାଲି ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପଡିଆରେ ଗୁରୁବାର ବ୍ଲକସ୍ତରୀୟ ଖୋଖୋ ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ଧର୍ମରାଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଇଓ ରାଧାକାନ୍ତ ଗଡତିଆ, ସିଆରସିସି ଦିଲୀପ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ କ୍ରୀଡା ସଂସଦର ସମ୍ପାଦକ ସୁରେନ୍ଦ୍ର ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ସମାରୋହ ସଂଯୋଜନା କରିଥିଲେ କ୍ରୀଡା ଶିକ୍ଷକ ସରୋଜ କୁମାର ପୁରୋହିତ । ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲର ୨୪୦ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଦଶରଥ ଗଡତିଆ, ଅମୂଲ୍ୟ ସେଠୀ, ସଚ୍ଚିଦାନନ୍ଦ ପଧାନ, ଲିଙ୍ଗରାଜ ଖମାରୀ, ହୃଦମଣି ସାହୁ, ହରେକୃଷ୍ଣ ସାହୁ, ସଞ୍ଜୟ ସାହୁ ପ୍ରମୁଖ କ୍ରୀଡା ଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।



ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ ।
- ପ୍ରଜାପିତା ବ୍ରହ୍ମାକୁମାରୀ

**ସଂକ୍ଷେପରେ**

## ଜୁନାନୀରେ ନଳକୂପ ଅଚଳ

ପଲଶାଗୋରା, ୨୦।୯ (ଡି.ଏନ.ଏ): କନ୍ଧମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଜୁନାନୀ ଗ୍ରାମରେ ୨ଟି ନଳକୂପ ଅଚଳ ହୋଇପଡିଛି । ଫଳରେ ଲୋକେ ଜଳକଷ୍ଟ ହୋଗୁଛନ୍ତି । ୧ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଜୁନାନୀରେ ୪ଟି ନଳକୂପ ଥିବା ବେଳେ ସେଥିରୁ ୨ଟି ୩ମାସରୁ ଅଧିକ ହେବ ଅଚଳ ହୋଇପଡିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ୨ଟି ନଳକୂପକୁ ସଚଳ କରିବା ପାଇଁ ଦାବି ହେଉଛି ।

## ଭାଜପା ଏସ୍‌ସି ମୋର୍ଚ୍ଚା ଗଠିତ

ବୌଦ୍ଧ,୨୦।୯(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ୯ ନଂ ଜୋନରେ ଭାଜପା ଏସ୍‌ସି ମୋର୍ଚ୍ଚା ମଣ୍ଡଳ କମିଟି ଗଠନ କରାଯାଇଛି । ମୋର୍ଚ୍ଚା ସଭାପତି ରବି ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଛତରଙ୍ଗ ଧାନମଣ୍ଡିଠାରେ ଅନୁଷ୍ଠିତ ହୋଇଥିଲା । ନଅ ନମ୍ବର ଜୋନର ୨୧ ଜଣ ସଭ୍ୟଙ୍କୁ ନେଇ ମଣ୍ଡଳ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଅରୂପା ଦୀପ, ଉପସଭାପତି ପବିତ୍ର ଦୀପ, ସାଧାରଣ ସମ୍ପାଦକ ବିଜୟ କୁମାର କଲତା, ସମ୍ପାଦକ ରମାକାନ୍ତ ବେହେରା, ଅକ୍ଷୟ ଦୀପ, ଆଦିତ୍ୟ ବେହେରା, ନରେନ୍ଦ୍ର କହଁର ମନୋନିତ ହୋଇଥିଲେ ।

# ଆଜିଠୁ ରାଜ୍ୟସ୍ତରୀୟ କବାଡ଼ି

**ବରଗଡ଼ ଜିଲା**



ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉପରେ ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଉଛନ୍ତି ।

- ବାଳିକା, ବାଳକ ବିଭାଗରେ ୩୧ ଲେଖାଏଁ ଦଳ
- ପ୍ରତ୍ୟେକ ଦଳରେ ୧୨ଜଣ ଲେଖାଏଁ ପ୍ରତିଯୋଗୀ
- ୧ହଜାର ଛାତ୍ରୀଛାତ୍ରଙ୍କୁ ନେଇ ହେବ ମାର୍ଚ୍ଚପାଷ୍ଟ
- କଳା, ସଂସ୍କୃତି ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୦।୯

ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ଶୁକ୍ରବାରଠାରୁ ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ବାଳିକା, ବାଳକ କବାଡ଼ି ପ୍ରତିଯୋଗିତା ଆରମ୍ଭ ହେବ। ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ କହିଥିଲେ, ବରଗଡ଼ ଜିଲାରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ହେଉଛି । ପ୍ରତିଯୋଗିତାକୁ ସରସ, ସୁନ୍ଦର ତଥା ଶୃଙ୍ଖଳିତ ଓ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଇଛି । ଉକ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଆସନ୍ତା ଅକ୍ଟୋବର ୧ରୁ ୫ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ଖେଳାଳି ମନୋନୀତ କରାଯିବ ।

ଡିଇଓ ସୂଚନା ଦେଇଥିଲେ, ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବିଭାଗରେ ରାଜ୍ୟର ୩୧ଟି ଲେଖାଏଁ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ପ୍ରତି ଜିଲାର ଖେଳାଳିମାନେ ଅଛନ୍ତି । ପ୍ରତି ଦଳରେ ୧୨ବାଳିକା ଓ ୧୨ବାଳକ ଅଛନ୍ତି। ଅର୍ଥାତ ବାଳିକା ଉଭୟ ବାଳିକା ଓ ବାଳକ ବିଭାଗରେ ୩୭୨ଜଣ ଲେଖାଏଁ ଖେଳାଳି ରହିଛନ୍ତି । ପ୍ରତ୍ୟେକ ଦଳ ସହିତ କୋଚ୍ ଏବଂ ଟିମ୍ ମ୍ୟାନେଜର ଆସିବେ । ସେହିପରି ପ୍ରତିଯୋଗିତାର ପରିଚାଳନା ତଥା ତଦାରଖ ପାଇଁ ରାଜ୍ୟର କେନ୍ଦ୍ରୀୟ ପ୍ରତିନିଧି ଭାବେ ୪୦ଜଣ ଏବଂ ଜିଲାସ୍ତରର ୬୦ଜଣଙ୍କୁ ନିଯୋଜିତ କରାଯିବ । ଜର୍ଜ ହାଇସ୍କୁଲ ପଡ଼ିଆର ୪ଟି ସ୍ଥାନରେ ପୃଥକ ଦଳ ମଧ୍ୟରେ ଏକକାଳୀନ ପ୍ରତିଯୋଗିତା ଚାଲିବ । ଦଳ ଗୁଡ଼ିକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବରଗଡ଼ ଅଭିମୁଖେ ବାହାରି ସାରିଛନ୍ତି । ରାତି ସୁଦ୍ଧା ୨୪ଟି ଦଳ ଏବଂ ଶନିବାର ପୁରୀ-ଦୁର୍ଗ ଇଣ୍ଟରସିଟିରେ ୭ଟି ଦଳ ଏଠାକୁ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟେକ ଦଳର ଖେଳାଳି, କୋଚ ଏବଂ ଟିମ ମ୍ୟାନେଜରଙ୍କ ରହଣୀ ପାଇଁ ଜର୍ଜ ହାଇସ୍କୁଲ, ହିନ୍ଦୀ ବାଳକ ହାଇସ୍କୁଲ, ହିନ୍ଦୀ ବାଳିକା ପ୍ରାଥମିକ ବିଦ୍ୟାଳୟ, ସରକାରୀ ବାଳିକା ହାଇସ୍କୁଲ, ନିଶାମଣି ହାଇସ୍କୁଲ, ଖଜୁରତିକ୍ରା ପ୍ରାଥମିକ ବିଦ୍ୟାଳୟ ଏବଂ ହିନ୍ଦୀ ବାଳିକା ହାଇସ୍କୁଲରେ ବ୍ୟବସ୍ଥା କରାଯାଇଛି ।

ବରଗଡ଼ ରୋଡ ରେଳଷ୍ଟେଶନ, ସରକାରୀ ଓ ଘରୋଇ ବସ୍‌ଷ୍ଟାଣ୍ଡରୁ ପ୍ରତ୍ୟେକ ଦଳକୁ ସେମାନଙ୍କ ରହଣୀ ସ୍ଥାନକୁ ଆଣିବା ପାଇଁ ବସ୍ ବ୍ୟବସ୍ଥା କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଯୋଶୀ କହିଥିଲେ। ଏହି ଅବସରରେ ଜିଲାର ୧ହଜାର ଛାତ୍ରୀଛାତ୍ରଙ୍କୁ ନେଇ ମାର୍ଚ୍ଚପାଷ୍ଟ ଏବଂ ଜିଲାର କଳା, ସଂସ୍କୃତି, ବୈଭବକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥ, ସହକାରୀ ବିଜ୍ଞାନ ନିରୀକ୍ଷକ ଭାର୍ଗବ ନାଏକ, ବିରେନ୍ଦ୍ର ଦାଶ, ଶିକ୍ଷକ ସଦାନନ୍ଦ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଓ ଡଃ ଡୋଲାମଣି ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ବିଜ୍ଞାନ ନିରୀକ୍ଷକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଖବରଦାତା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପରଲୋକରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।


ଜୀରା ନଦୀକୂଳ ବେଣୁବାବା ମଠରେ ପୂଜାର୍ଚ୍ଚନା ଚାଲିଛି ।

## ହରିନାମରେ ବେଣୁବାବା ମଠ ଭକ୍ତିମୟ

ବରଗଡ଼ ଅଫିସ୍,୨୦।୯

ବରଗଡ଼ ସହର ଉପକଣ୍ଠ ଜୀରାନଦୀ କୂଳସ୍ଥିତ ଶ୍ରୀ ଶ୍ରୀ ରାଧାମାଧବ ମନ୍ଦିର (ବେଣୁବାବା ମଠ)ରେ ଶ୍ରୀରାଧାଷ୍ଟମୀ ଉପଲକ୍ଷେ ନବଦିନ ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲିଛି । ଏହି ଅବସରରେ ଗୁରୁବାର ମହାପ୍ରଭୁଙ୍କଠାରେ ଛପନ ଭୋଗ ଲାଗି ହୋଇ ଥିବାବେଳେ ମହାଆଳତୀ କରାଯାଇଥିଲା । ଶନିବାର ନାମ ସମାପନ, ନଗର ସଂକୀର୍ତ୍ତନ ଏବଂ ମହାପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ଗତ ୧୭ତାରିଖରେ ଶ୍ରୀରାଧାରାଣୀଙ୍କ ଜନ୍ମୋତ୍ସବ ପାଳନ ଏବଂ ଶ୍ରୀରାଧାଙ୍କ ଅଭିଷେକ ହୋଇଥିଲା । ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଏଠାକୁ ଆସି ଭଜନ, ସଂକୀର୍ତ୍ତନ କରୁଛନ୍ତି । ଉଲ୍ଲେଖନୀୟ, ଗତ ୧୯୮୨ ମସିହାରୁ ଉକ୍ତ ମଠରେ ଅଖଣ୍ଡ ଶ୍ରୀ ହରିନାମ ସଂକୀର୍ତ୍ତନ କରାଯାଉଛି। ମହନ୍ତ ମହାରାଜ ହରି ଚରଣ ଦାସ ଏବଂ ତାଙ୍କ ଉତ୍ତରାଧିକାରୀ ଭଗବାନ ଦାସ ଏହି ଅନୁଷ୍ଠାନକୁ ପରିଚାଳନା କରୁଥିବାବେଳେ ପ୍ରତିଦିନ ୩୦/୪୦ଜଣ ସାଧୁସନ୍ଥ ଏଠାରେ ପ୍ରସାଦ ସେବନ କରୁଛନ୍ତି । ସେହିପରି ନିୟମିତ ସାଧୁସେବା, ନାମ ସେବା, ଗୋ ସେବା ଚାଲି ଆସୁଛି ।

## ଯାତ୍ରୀ ବିଶ୍ରାମାଗାର ଦାବି

ଜହ୍ନାପଙ୍କ, ୨୦।୯ (ଡି.ଏନ.ଏ)

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥରେ ଜହ୍ନାପଙ୍କ ଏକ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଭାବେ ପରିଚିତ । ଏଠାରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ଦୁଗ୍ଧ ସମବାୟ ସମିତି, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ଅନୁଷ୍ଠାନ ଥିବାବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବସ୍ ଏହି ବାଟଦେଇ ଯାତାୟାତ କରିଥାନ୍ତି । କିନ୍ତୁ ଜହ୍ନାପଙ୍କ ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ବିଶ୍ରାମାଗାର ଓ ପରିସ୍ରାଗାର ନ ଥିବାରୁ ଅପେକ୍ଷାରତ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି । ଏ ସମ୍ପର୍କରେ ମାରୁତି ଯୁବକ ସଂଘ ଓ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଏ ନେଇ ମାରୁତି ଯୁବକ ସଂଘର ଏକ ପ୍ରତିନିଧି ଦଳ ୨୦୧୭ ସେପ୍ଟେମ୍ବର ୨୦ ତାରିଖରେ ସ୍ଥାନୀୟ ବିଧାୟକଙ୍କୁ ଭେଟି ଯାତ୍ରୀ ବିଶ୍ରାମାଗାର ପାଇଁ କହିବାରୁ ଅକ୍ଟୋବର ୪ରେ ଶୁଭଖମ୍ଭ ସ୍ଥାପିତ ହୋଇଥିଲା । ମାତ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇବାରୁ କାର୍ଯ୍ୟଟି ଏଆରଏସଏସକୁ ଦିଆଯାଇଛି । ସେ ଏଠାରେ ଏକ ମଡେଲ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବ ବୋଲି କହିଥିଲେ । ବୌଦ୍ଧ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବସଷ୍ଟାଣ୍ଡ ପରିସରରେ ଯାତ୍ରୀଙ୍କ ପାଇଁ ଏକ ବିଶ୍ରାମାଗାର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଧାୟକଙ୍କ ମତାମତ ମିଳିପାରିନାହିଁ ।

## ଚଣ୍ଡୀପୂଜା ପାଇଁ କର୍ତ୍ତା ବରଣ

ସୋହେଲା,୨୦।୯(ଡି.ଏନ.ଏ.)

ସୋହେଲା ବ୍ଲକ ଲମ୍ବରୁପାଲିସ୍ଥିତ ଶ୍ରୀ ରାମଚଣ୍ଡୀ ମନ୍ଦିରରେ ଗୁରୁବାର ଆସନ୍ତା ଶାରଦୀୟ ଚଣ୍ଡୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାମେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ପୂଜା କର୍ତ୍ତା ଭାବେ ଇଚ୍ଛାପାଲି ଗ୍ରାମର ଷଡାନନ ଭୋଇ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିବାକୁ ନିଷ୍ପତି ହୋଇଥିଲା । ସେହି ଅନୁସାରେ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଇଚ୍ଛାପାଲି ଗ୍ରାମକୁ ଯାଇ ଷଡାନନଙ୍କୁ ବରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କମିଟିର ଗଣତନ୍ତ୍ର ପଧାନ, ଶ୍ରୀମନ୍ତ ଗୋପାଳ ନାୟକ, ଗୋବିନ୍ଦ ସାହୁ, ବିଜୟ ଖମାରୀ, ଯୁଧିଷ୍ଠିର ନାୟକ, ନବୀନ ଗଡତିଆ, ରାଧାକାନ୍ତ ଭୋଇ, ସାନନ୍ଦ ସାହୁ, ଅନୀଲ ପଧାନ, ବାମଦେବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ମାସ ୨୧ ତାରିଖରେ କଳସ ଶୋଭାଯାତ୍ରା ସହ ପୂଜାରମ୍ଭ ହେବ। ୨୩ ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପଣ୍ଡିତ ସରୋଜ ଦେବତା ଓ ଅନ୍ୟ ପଣ୍ଡିତମାନେ ପୂଜା କାର୍ଯ୍ୟ ସମ୍ପାଦନ କରିବେ ।

## ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ବୌଦ୍ଧ ଗସ୍ତ

ତଳଗାଁ,୨୦।୯(ଡି.ଏନ.ଏ.)

ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସୁରେଶ ପନ୍ତ ବୌଦ୍ଧ ଜିଲା ପୁରୁଣାକଟକ ଓ ମାଧପୁର ବନାଞ୍ଚଳ ପରିଦର୍ଶନ କରି ବିଭିନ୍ନ ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡିକ ତଦାରଖ କରିଥିଲେ । ସେ ବୁଧବାର ସକାଳେ ପ୍ରଥମେ ମାଧପୁର ବନାଞ୍ଚଳର ବିଭିନ୍ନ ବୃକ୍ଷ ରୋପଣ ବୁଲି ଦେଖିଥିଲେ । ମାଧପୁର ବନାଞ୍ଚଳ ଅଧିକାରୀ ଭରତ ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ପୁରୁଣାକଟକ ବନାଞ୍ଚଳ ସଦଲଗଣ୍ଡା ଠାରେ ନବନିର୍ମିତ ସବୁଜ ମହାନଦୀ ଅଭିଯାନର ବନ ପ୍ରକଳ୍ପ, ହରଭଙ୍ଗା ଠାରୁ ଛତ୍ରଙ୍ଗ ପର୍ଯ୍ୟନ୍ତ ହୋଇଥିବା ପଥପାର୍ଶ୍ୱ ବନୀକରଣ, ଅଯୋଧ୍ୟାରୁ ପଇଦାଭୂଇଁ ସବୁଜ ମହାନଦୀ ମିଶନ ଯୋଜନାରେ ହୋଇଥିବା ପଥପାର୍ଶ୍ୱ ବନୀକରଣ, ଅଯୋଧ୍ୟା ଗ୍ରାମ୍ୟ ଜଙ୍ଗଲ ଜମିରେ ମହାନଦୀ ଗ୍ରୀନ ମିଶନରେ ହୋଇଥିବା ବନୀକରଣ ଏବଂ କାମ୍ପା ଯୋଜନାରେ ହୋଇଥିବା ବୃକ୍ଷରୋପଣ ଆଦି ସ୍ଥାନ ପରିଦର୍ଶନ କରିଥିଲେ । ଏହି ସମୟରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ସମେତ ବୌଦ୍ଧ ଡିଏଫ୍‌ଓ ଯଶୋବନ୍ତ ସେଠୀ, ପୁରୁଣାକଟକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତି, ବନପାଳ ରଞ୍ଜନ କୁମାର ସେଠୀ, ପୁଷ୍ପାଞ୍ଜଳି ମେହେର, ବନରକ୍ଷୀ ସତୀଶ ରଞ୍ଜନ କାମ୍ପୋ, ଲାଲକ୍ରିଷ୍ଣ ସାହୁ, ଅର୍ଜ୍ଜୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ସେ ଚାରିଛକ ଡାକବଙ୍ଗଳାରେ ରାତ୍ରୀ ଯାପନ କରି ଗୁରୁବାର ଚାରିଛକଠାରେ ନବନିର୍ମିତ ବନରକ୍ଷୀଙ୍କ ବାସଗୃହ ଉଦଘାଟନ କରିଥିଲେ ।

## ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ

ପଲଶାଗୋରା, ୨୦।୯ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ପାଞ୍ଚଖଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜଳ ପରିମଳ ବିଭାଗର ପୂର୍ଣ୍ଣଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନଶିକ୍ଷକ ଉଦ୍ଧବ ମହାଲିକ ମୁଖ୍ୟଅତିଥି, ରାମଚନ୍ଦ୍ର ମଲିକ, ୱାର୍ଡ ସଭ୍ୟ ଦୁର୍ଯ୍ୟୋଧନ ମେଣ୍ଡିଲି, ବିଦ୍ୟାଳୟ ପରିଚାଳନା ସଭାପତି କୁଞ୍ଜବିହାରୀ ଛନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପରେ ବୁଝାଇଥିଲେ । ଶିକ୍ଷକ ଅଜିତ ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ତୃଷ୍ଣାରାଣୀ ସାହୁ, ଅଙ୍ଗନୱାଡି କର୍ମୀ ରଞ୍ଜିତା ପ୍ରଧାନ, ଆଶାକର୍ମୀ ସରସ୍ୱତୀ ଛନ୍ଦ, ବିକ୍ରମ ମାଝୀ, ସନ୍ତୋଷ ମହାରଣା ଯୋଗ ଦେଇଥିଲେ । ସାନୁ ସାହୁ ସହଯୋଗ କରିଥିଲେ । ପରେ ବିଦ୍ୟାଳୟ ସମ୍ମୁଖ ଓ ନଳକୂପ ପାର୍ଶ୍ୱରେ ଜମି ରହିଥିବା ମଇଳା ଆବର୍ଜନାକୁ ସଫା କରାଯାଇଥିଲା ।


ପାଞ୍ଚଖଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ସଫେଇ କରାଯାଉଛି ।

## ବ୍ରିଜ୍ ଛକରେ ସଙ୍ଗା ଚଢାଉ, ୬ ଗିରଫ

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବୌଦ୍ଧ ସହରର ବ୍ରିଜ ଛକଠାରେ ସଙ୍ଗା ଖେଳ ଚାଲିଥିବାବେଳେ ପୋଲିସ ବୁଧବାର ଚଢାଉ କରି ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟୁଟୁସିଙ୍ଗାର ରାମ ବନଚୁର, ରଞ୍ଜନ ନାୟକ, ଶାସନୀର ଭୂଷଣ ନାଏକ, ବସନ୍ତ ନାଏକ, ମୁସଲିମପଡାର ସେକ ରେହେମତୁଲା ଓ ମାଳି ସାହିର ରାକେଶ ବେହେରା । ପୋଲିସ ଏମାନଙ୍କ ପାଖରୁ ୧୫୨୦ ଟଙ୍କା ଜବତ କରିବା ସହ ଏକ ମାମଲା (ନଂ.୨୦୨/୧୮) ରୁଜୁ କରିଛି । ଅନ୍ୟ ୩ ଜଣ ଫେରାର ଅଛନ୍ତି ।

## କେନାଲରେ ପାଣି ଆସୁନି, ଚାଷ ପ୍ରଭାବିତ

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ଚାଷ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେନାଲରେ ପାଣି ଆସୁନାହିଁ । ଫଳରେ ଚାଷ ପ୍ରଭାବିତ ହେବା ଆଶଙ୍କା କରି ଗିରାସିଙ୍ଗା ଗ୍ରାମର ଚାଷୀମାନେ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗିରାସିଙ୍ଗା ଗ୍ରାମର ଶତାଧିକ ଚାଷୀ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ଭେଟି ଗାଁରେ କେନାଲ ମରାମତି ହୋଇ ନ ଥିବାରୁ ଜମିକୁ ପାଣି ଆସୁନାହିଁ । ଫଳରେ ଚାଷ ଉଜୁଡିଯିବାକୁ ବସିଲାଣି ବୋଲି କହିଥିଲେ । ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ଏହା ଫଳପ୍ରଦ ହୋଇପାରିନାହିଁ । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ସହ କେନାଲ କାର୍ଯ୍ୟ କରିବାକୁ ଚାଷୀମାନେ ଦାବି ଜଣାଇଛନ୍ତି ।


ବୌଦ୍ଧ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

## ତୃତୀୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ଚାଲିଥିବା କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ଗତ ୧୮ତାରିଖ ଠାରୁ ଦାବି ପୂରଣ ନେଇ ବୌଦ୍ଧ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ଛୁଟିରେ ଯିବା ସହିତ କର୍ମଚାରୀ ଭବନଠାରେ ଧାରଣାରେ ବସିରହିଛନ୍ତି । ବୌଦ୍ଧ ଶାଖା ସଭାପତି ସଭାପତି ଇଂ ସ୍ମୃତି ରଞ୍ଜନ ସେଠୀଙ୍କ ସମେତ ଜିଲାର ୭୦ ଜଣ ଡିପ୍ଲୋମା ଇଞ୍ଜିନିୟର ସାମିଲ ହୋଇଛନ୍ତି । ଫଳରେ ତିନି ଦିନ ହେବ ଜିଲାର ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି ।

# ଆଧୁନିକତା ଭିତ୍‌ରେ ବାଟ୍‌ଖୁଜୁଛେ ଲୋକ୍‌କଳା

ଜାମଟିକ୍ରା, ୨୦।୯ (ଡି.ଏନ.ଏ)

ଆଧୁନିକତାର ଛାପ୍‌ଥି ଦିନୁଦିନ୍‌କେ ଆମର ସମାଜରେ ସବୁ ବଦିଲ୍‌ବାରେ ଲାଗିଛେ। ଇଥିରେ ପର୍‌ଭାବିତ୍ ହେଉଛେ ଆମର ସମାଜ, ସଂସ୍କୃତି, ଲୋକ୍‌କଳା, ନାଚ୍‌ଗୀତ୍, ପିଁଧନ୍ ଉଢ଼ନ, ଚାଲିଚଲନ। ଦିନେ ନିଜର କଳା, ସଂସ୍କୃତିକେ ନେଇ ଗୁଟେ ଖାସ୍ ପରିଚଏ ସୁରୁଖ୍ୟିଟି କରିପାରିଥିବାର ଇ ଅଂଚଲ୍‌ର ଲୋକ୍‌କଳା ଆଏଜ୍ ନିଜର ସତା ହରାବାକେ ବସିଛେ। ଭିତିଭୂମିର ଅଭାବ ସଂଗେ ସରକାରୀ ଉଦାସିନ୍‌ତା ଇଥିର୍ ମୁଖିଆ କାରନ୍। ଆଏଜ୍‌କାଲି କାଁ ଭାଁ କେନ୍‌ନେ କେନ୍‌ତା ଦେଖିବାକେ ମିଳୁଛେ ଆଖ୍‌ଡାଶାଳ। ଟୀକା ଗୋବିନ୍ଦ ଚନ୍ଦ୍ରର ମନ୍ ଘିନିନେଉଥିବାର ଗୀତ୍ 'ଭଜୁକିନା ରାମ ନାମରେ କୁମର...'କେଁଦ୍‌ରା ସୁର ଆଏଜ୍‌କାଲି ଗାଁଖୁଲିମାନ୍‌କେ ନାଇଁ ଶୁଭ୍‌ବାର। ଗାଁ ଗଁଲିରେ ଉଚ୍ଛବ୍, ଜାନିଯାତ୍‌ରା, ଏକ୍‌ସିଆ ବେଲେ ଲୋକ୍ ପାଲା କରୁଥିଲେ। ଆଏଜ୍‌କାଲି ଓଡ଼ିଶାର କେତେଟା ଅଂଚଲ୍‌କେ ଛାଡିଦେଲେ ଆର୍ ଇ ପାଲା ଗାଏଗ୍‌ମାନ୍‌କର ଝାଞ୍ଜି, କାଠିର ମଡୁଆଲ୍ ଶବଦ୍ ଶୁନ୍‌ବାକେ ନାଇଁ ମିଲ୍‌ବାର। ବେଲ୍‌ବୁଡ଼ଲେ ଗାଁମାନ୍‌କେ ଭାଗବତ୍ ଟୁଁଗିରେ ଲୋକ୍ ଦୀପ୍ ଜଲେଇ ଭାଗବତ୍ ଶୁନୁଥିଲେ, ଯେନ୍‌ଟା କି ଆମର ସଂସ୍କୃତିର ଗୁଟେ ଅଂଶଥିଲା। ହେଲେ ଆଧୁନିକତାର ଛାପ୍‌ଥି ଆଏଜ୍‌କାଲି ନା ଅଛେ ଗାଁଗଁଲିରେ ଭାଗବତ୍ ଟୁଁଗି କି ଶୁଭୁଛେ ଭାଗବତ୍‌ର ଛାଁଦ୍। ସତେ ଯେନ୍‌ତା ସମିଆ ଆର୍ ଲୁକ୍‌କର ରୁଚି ସବୁ ବଦ୍‌ଲେଇ ଦେଇଛେ। ଦିନ୍‌ଥିଲା କଳା ସଂସ୍କୃତିରେ ଭରପୁର ଥିବାର ଓଡ଼ିଶାର ଭିନେ ଭିନେ ପରଂପରା, ଜାନିଯାତ୍‌ରାକେ ନେଇ ଗରବ୍ କରୁଥିଲା। ଇସବୁ ମନୋରଂଜନ୍ ସଂଗେ ଖାଁଟି ଓଡ଼ିଆ ଜୀବନ୍‌ଶଇଲି ଆର୍ ସାମାଜିକ୍ ଚଲ୍‌ନିକେ ଦର୍‌ଶଉଥିଲା। ହେଲେ ଆଜି ସମିଆ ବଦ୍‌ଲିଛେ, ସମିଆ ସଂଗେ ଆମର ଚଲ୍‌ନି, ସଂସ୍କୃତି, ପରଂପରାରେ ବି ଫରକ୍ ଆସିଛେ। ପାରଂପରିକ୍ ନାଚ୍‌ଗୀତ୍, କଳାକେ ପେସା କରି ବଁଚୁଥିବାର କଳାକାର ଆଜି ବାଟ୍‌ବନା ହେଇଯାଇଛେ। ଆଧୁନିକତାର ଛାପ୍‌ଥି ଇ ସବୁର ଆଦର କମିଛେ, କଳାକାର ବଁଚ୍‌ବାର ରାହା ଖୁଜୁଛେ। ହେଲେ ଆଜି ବି ରଣପା, ଘୁଡକୀ, ଭାରତଲୀଲା, ସଖିନାଚ୍, ଯୁଡିଶଁଖି, ପଶୁ ନାଚ୍ ଲେଖେଁ କେତେ ଲୋକ୍‌ନାଚ୍ ନିଜର ସତା ଲାଗି ଯୁଝୁଛନ୍। ସବୁଠାନୁ ଦୁଖର କଥା ହେଉଛେ ଇ ସବୁ ଲୋକ୍‌କଳା ଆମର ଇନେ ବୁଡ଼ବାର ଉପ୍‌ରେ ଥିଲା ବେଲେ ବିଦେଶରେ ଲୋକ୍‌ପିରିଅ ହେଉଛେ। ପଶ୍ଚିମ ଓଡ଼ିଶାର ଡାଲଖାଇ ହେଉଛେ ଏନ୍‌ତା ଗୁଟେ ଲୋକ୍‌କଳା ଯେନ୍‌ଥିରେ ନାଚ୍ ଆର୍ ଗୀତ୍ ଦୁହିଟା ଦେଖିବାକେ ମିଲ୍‌ସି। ହେଲେ ଇ ଲୋକ୍‌କଳାକେ ବଁଚେଇ ରଖିବାର ଲାଗି କେତେ ଅନୁଷ୍ଠାନ୍ ଆର୍ କଳାକାର ମଞ୍ଚର ସାହାରା ନେଇ ଯୁଝୁଥିବାର ଦେଖିବାକେ ମିଲୁଛେ। ସେନ୍‌ତା କଳାହାଣ୍ଡିର ନାଁକରା ଘୁମୁରା ବାଦ୍ୟ ହେଉଛେ ଗୁଟେ ବୀରବାଦ୍ୟ। ଯେନ୍‌ଟାକି ରାଜତନ୍ତ୍ର ଲୋପ୍ ପାଏଲା ପରେ ଏହେଦେ ଗୁଟେ ଲୋକ୍‌ନାଚ୍ ହିସାବେ ରହିଯାଇଛେ। ସେନ୍‌ତା ଧୁଡୁକି, ଶଙ୍ଖବାଦ୍ୟ ଆର୍ ଡୁଙ୍ଗଡୁଙ୍ଗା, କେଳାକେଲୁଣୀ ଲେଖେଁ ନାଚ୍ ଏହେଦେ ହଜିଗଲାନ। ଦିନୁ ଦିନ୍‌କେ ଆଧୁନିକତା ଭିତ୍‌ରେ ହଜି ଯାଉଥିବାର ଶହ ଶହ ବଛର୍ ପୁର୍‌ନା ଆମର ସଂସ୍କୃତି, ପରଂପରା, ଲୋକ୍‌ବାଦ୍ୟ, ଲୋକ୍‌ନାଚ୍, ଲୋକ୍‌ଗୀତ୍‌କେ ଆମେ ସଭେ ଚେଷ୍‌ଟା କର୍‌ବାକେ ପଡ଼ବା, ଆଦର କର୍‌ବାକେ ପଡ଼ବା, ସରକାର ବି ଇଥିର୍‌ଲାଗି ପଦକ୍ଷେପ ନେବାର କଥା। ନେହେଲେ କେତେ ବେଲେ ଇସବୁ ଇତିହାସ ହେଇଯିବା କିଛି କହି ନାଇଁହୁଏ।

## ବୌଦ୍ଧ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ବୌଦ୍ଧ,୨୦।୯(ସ୍ୱ.ପ୍ର)

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ଘିବେଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନେ ଆଗ୍ରହ ରଖିବାକୁ ଏଡିଇଓ କୁଜୁର ମତ ଦେଇଥିବାବେଳେ ଡିଇଓ ଭୁଏ ଜୀବନରେ ବିଜ୍ଞାନର ଆବ୍ୟଶକତା ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନାଚକ୍ରରେ ବିଚାରକ ଭାବେ ହର୍ଷ ବାଲ୍‌ହା, ଅନନ୍ତ ମହାନ୍ତ ଓ ଓମ ପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ । ବୌଦ୍ଧ ଜିଲାରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଭାଗ ନେବା ପାଇଁ ରାମଗଡ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପଦ୍ମାବତୀ ଗାଇଗୌରିଆ ମନୋନୀତ ହୋଇଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ରାଜ୍ୟ ସ୍ତରରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କୁ ଅଧିକ ଅଭ୍ୟାସ ଓ ପ୍ରସ୍ତୁତ ହେବାକୁ ପଡିଥାଏ ବୋଲି ମତ ରଖିଥିଲେ । ଶେଷରେ ଶିକ୍ଷକ ସତ୍ୟନାରାୟଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ସେପ୍ଟେମ୍ବର, ୨୦୧୮



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଟଙ୍କା ନେଇ ସେବାକେନ୍ଦ୍ର ଅଧିକାରିଣୀ ଫେରାର ଘଟଣା: ତଦନ୍ତ କଲେ ଲିଡ୍ ବ୍ୟାଙ୍କ୍ ଅଧିକାରୀ

**ସିଂଘିଯୁବା,୨୦।୯ (ଡି.ଏନ୍.ଏ):** ଆଜକୁ ୪ରୁ ୫ବର୍ଷ ପୂର୍ବେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଷ୍ଟେଟ୍‌ବ୍ୟାଙ୍କ ଶାଖା ଲିଙ୍କ୍‌ରେ ଏସ.ରାମପୁରରେ ବିରାଜିନୀ ପଧାନ ଏକ କିଓସ୍କ ଗ୍ରାହକ ସେବାକେନ୍ଦ୍ର ଖୋଲିଥିଲେ। ଏହି ସେବାକେନ୍ଦ୍ର ଉପରେ ଅଞ୍ଚଳର ଅନେକ ଲୋକେ ନିର୍ଭର କରୁଥିଲେ। ହେଲେ ଚଳିତ ବର୍ଷ ଜୁଲାଇ ୨୧ତାରିଖରେ ସଂଘିଯୁବା ଶାଖା ପରିଚାଳକଙ୍କୁ କୌଣସି ସୂଚନା ପ୍ରଦାନ ନକରି ହଠାତ୍ ବିରାଜିନୀ ପଧାନ କେନ୍ଦ୍ରରେ ତାଲା ପକାଇ କୁଆଡେ ପଳାଇ ଯାଇଥିଲେ। ଉପଭୋକ୍ତାମାନେ ଏ ନେଇ ଅଗଷ୍ଟ ୮ ତାରିଖରେ ସିଂଘିଯୁବା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ଉପଭୋକ୍ତାମାନଙ୍କ ଆକାଉଣ୍ଟ ଚେକ୍ ହେବାପରେ ଲକ୍ଷାଧିକ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା। ଏ ପରିପ୍ରେକ୍ଷୀରେ ଗୁରୁବାର ସୁବର୍ଣ୍ଣପୁର ଲିଡ୍ ବ୍ୟାଙ୍କ ଅଧିକାରୀ ସରୋଜ କୁମାର ସିଂଘିଯୁବା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ପହଞ୍ଚି ବିରାଜିନି ପଧାନଙ୍କ ଦ୍ୱାରା ଠକେଇ ହୋଇଥିବା ସମସ୍ତ ଖାତା ଏବଂ ଠକେଇର ଶିକାର ହୋଇଥିବା ଅଭିଯୋଗକାରୀଙ୍କ ଫାଇଲ୍ ଆଦିର ଯାଞ୍ଚ କରିଥିଲେ। ଠକେଇ ବିଷୟରେ ଏଲ୍‌ବିଓଙ୍କୁ ପଚାରିବାରୁ ତଦନ୍ତ ଆରମ୍ଭ ହୋଇଛି, ତଦନ୍ତ ରିପୋର୍ଟ ମୁଖ୍ୟ ଶାଖା ବରଗଡ଼କୁ ପଠାଯିବ। ତାପରେ ବିରାଜିନୀଙ୍କ ବିରୋଧରେ ବ୍ୟାଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଅଭିଯୋଗକାରୀ ଉପଭୋକ୍ତାମାନଙ୍କ କହିବା ହେଲା ସେବାକେନ୍ଦ୍ରରେ ତାଲା ମାରି ଫେରାର ହେବାର ୨ମାସ ବିତିଯାଇଥିଲେ ସୁଦ୍ଧା ବ୍ୟାଙ୍କ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ବିଷୟରେ ସିଂଘିଯୁବା ଷ୍ଟେଟ୍‌ବ୍ୟାଙ୍କ ଶାଖାର ଶାଖା ପରିଚାଳକ ମନୋଜ କୁମାର ମୁଣ୍ଡଙ୍କର ସହିତ ଯୋଗାଯୋଗ କରିବାରୁ ଏପର୍ଯ୍ୟନ୍ତ ୧୯ ଉପଭୋକ୍ତାଙ୍କ ହାରାହାରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଜଣାପଡିଛି। ଆହୁରି ଅନେକ ଉପଭୋକ୍ତ ଠକାମିର ଶିକାର ହୋଇଥାଇ ପାରନ୍ତି। ଅଭିଯୋଗ ନହେଲେ କୁହାଯାଇ ପାରିବ ନାହିଁ। ତଦନ୍ତ ଆରମ୍ଭ ହୋଇଛି ଖୁବଶୀଘ୍ର ଘଟଣା ସମ୍ପର୍କରେ ଜଣାପଡିବ ବୋଲି କହିଥିଲେ।

### ବୋର୍ଡ ସାର୍ଟିଫିକେଟ ଥିଲେ ଆବାସିକ ପ୍ରମାଣପତ୍ର ଅନାବଶ୍ୟକ

**ଭୁବନେଶ୍ୱର୨୦।୯(ବ୍ୟୁରୋ):** ରାଜସ୍ୱ ପ୍ରଶାସନ ଏବଂ ସେବାକୁ ଅଧିକ ଲୋକାଭିମୁଖୀ ସହ ଲୋକମାନଙ୍କ ନିକଟତର କରିବା ପାଇଁ ଆବାସିକ ଓ ଆୟ ପ୍ରମାଣପତ୍ର ପ୍ରଦାନରେ ସଂଶୋଧନ କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନଙ୍କ ପାଖରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ହାଇସ୍କୁଲ ସାର୍ଟିଫିକେଟ୍ ଉପଲବ୍ଧ କିମ୍ବା ତତ୍ତୁଲ୍ୟ ସାର୍ଟିଫିକେଟ ରହିଛି ସେମାନଙ୍କୁ ଆବାସିକ ପ୍ରମାଣପତ୍ରର ଆବଶ୍ୟକତା ପଡିବ ନାହିଁ। ହାଇସ୍କୁଲ ସାର୍ଟିଫିକେଟରେ ପ୍ରଦତ୍ତ ସ୍ଥାନୀୟ ଠିକଣା ହିଁ ସେମାନଙ୍କର ଆବାସିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବ। ଯେଉଁମାନେ ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ ପରୀକ୍ଷା ପାସ୍ କରି ନାହାନ୍ତି କିମ୍ବା ବୋର୍ଡ ସାର୍ଟିଫିକେଟ ନ ଥିଲେ ସେମାନଙ୍କ ପାଇଁ ଆବାସିକ ପ୍ରମାଣପତ୍ର ଆବଶ୍ୟକ। ଏବେଠୁ ଆବାସିକ ପ୍ରମାଣପତ୍ରର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଆୟ ପ୍ରମାଣପତ୍ରର ବୈଧତା ଏଣିକି ଏକବର୍ଷ ପରିବର୍ତ୍ତେ ୩ବର୍ଷ ପର୍ଯ୍ୟନ୍ତ ରହିବ। ଆବାସିକ ଏବଂ ଆୟ ପ୍ରମାଣପତ୍ର ଓ ଏହାର ବୈଧତା ବୃଦ୍ଧି ସଂକ୍ରାନ୍ତରେ ଓଡିଶା ମିସେଲେନିୟସ ସାର୍ଟିଫିକେଟ ରୁଲ୍, ୨୦୧୭ରେ ଆବଶ୍ୟକ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେବାକୁ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ନିର୍ଦ୍ଦେଶରେ ଗଠିତ କମିଟି ସୁପାରିସ ଅନୁମୋଦିତ ହୋଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନେ ବହୁଳ ଭାବେ ଉପକୃତ ହେବେ ଏବଂ ସେମାନଙ୍କୁ ଆଉ ବାରମ୍ବାର ତହସିଲ କାର୍ଯ୍ୟାଳୟ ଯିବାକୁ ପଡିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଯେଉଁମାନେ ଇଞ୍ଜିନିୟରିଂ, ଡାକ୍ତରୀ, ମ୍ୟାନେଜମେଣ୍ଟ କିମ୍ବା ଅନ୍ୟ କୌଣସି ପେସାଦାର ପାଠ୍ୟକ୍ରମରେ ନାମ ଲେଖାଇବେ ସେମାନଙ୍କୁ ଆବାସିକ ପ୍ରମାଣପତ୍ର ଦିଆଯିବ। ସେହି ଆବାସିକ ପ୍ରମାଣପତ୍ର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ସେହିଭଳି ସରକାରୀ ଚାକିରି ନିମନ୍ତେ ପ୍ରାର୍ଥୀଙ୍କୁ ନିୟମାନୁଯାୟୀ ଆବାସିକ ପ୍ରମାଣପତ୍ର ମିଳିବ। ଏହାର ମାନ୍ୟତା ଏବର୍ଷ ବଦଳରେ ୫ବର୍ଷ ପର୍ଯ୍ୟନ୍ତ ରହିବ।

# ଅଭାବରେ ଆଦିବାସୀ ପଡ଼ାର ଲକ୍ଷ୍ମୀ

**ପବନ ପାଣିଗ୍ରାହୀ**
**ଜୟପୁର,୨୦।୯**



ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣ ପାଇଁ କୋରାପୁଟ ଜିଲା ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ପଞ୍ଚାୟତ ପାତ୍ରପୁଟ ଗାଁ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗାଁକୁ ଏହି ପରିଚୟ ଆଣିଦେଇଥିବା ମହିଳା ଚାଷୀ ଜଣକ ହେଉଛନ୍ତି କମଳା ପୂଜାରୀ। ଶତାଧିକ ଦେଶୀ ବିହନର ସଂରକ୍ଷକ ଭାବେ ପରିଚିତ କମଳାଙ୍କୁ ରାଜ୍ୟ ସରକାର ୫ ମାସ ତଳେ ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ କରିଥିଲେ। କିନ୍ତୁ ବିଡ଼ମ୍ବନା ହେଉଛି, ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ସାଜିଥିବା ଏଭଳି ଜଣେ ମହିଳାଙ୍କୁ ସରକାର ଯୋଜନା ବୋର୍ଡ଼ର ସଦସ୍ୟ ଭାବେ କେବଳ ଘୋଷଣାରେ ହିଁ ସୀମିତ ରଖିଦେଇଛନ୍ତି। କମଳା ଯେତେବେଳେ 'ଚା ପିଇବାକୁ ବି ପଇସା ନଥିବା' କଥା ଆବେଗ ଛଳଛଳ ହୋଇ କୁହନ୍ତି, ଯେକେହି ବି ଏଥିରେ ତରଳିଯିବ। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ସତ, କିନ୍ତୁ ଘରେ ଝରକା କି ବିଜୁଳି ନାହିଁ। ଲୋକଙ୍କ ବିକାଶ ପାଇଁ ଥିବା ଯୋଜନା ବୋର୍ଡ଼ର ଯିଏ ସଦସ୍ୟ, ତାଙ୍କ ପାଖରେ ହିଁ ଖାଇବା ପାଇଁ ସମ୍ବଳ ନାହିଁ। ଏସବୁ ପଦବୀ, ନାମକରଣ, ସମ୍ମାନ ବଦଳରେ ମାସକୁ ହଜାରେ କି ୧୫ ଶହ ଟଙ୍କା ମିଳିଥିଲେ ଶେଷ ନିଃଶ୍ୱାସ ଯାଏଁ ଭଲରେ ଥାଆନ୍ତି ବୋଲି କହିଛନ୍ତି କମଳା। ଲକ୍ଷ୍ମୀଙ୍କ ଅନ୍ୟ ନାମ ହେଉଛି କମଳା। ଶତାଧିକ ପାରମ୍ପରିକ ଦେଶୀ ବିହନକୁ ଜୀବନ୍ୟାସ ଦେଇ କମଳା ବାସ୍ତବରେ ଉପାନ୍ତ ଗାଁର ଲକ୍ଷ୍ମୀ ପାଲଟି ଯାଇଛନ୍ତି। କିନ୍ତୁ ସେଇ ଲକ୍ଷ୍ମୀ ଏବେ ଅଭାବରେ ଘାରି ହେଉଛନ୍ତି।

ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀ ସମାଜର ବିଭିନ୍ନ ବର୍ଗର ୧୦ ଜଣ ବୁଦ୍ଧିଜୀବୀଙ୍କୁ ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ କରନ୍ତି। ସେହି କ୍ରମରେ କମଳା ପୂଜାରୀଙ୍କୁ ମଧ୍ୟ ବୋର୍ଡ଼ର ଅନ୍ୟତମ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। କିନ୍ତୁ ସୌଜନ୍ୟତା ସ୍ୱରୂପ ତାଙ୍କ ପାଖକୁ ଏଯାବତ୍ ମନୋନୟନର କାଗଜ ଖଣ୍ଡିଏ ପହଞ୍ଚିନାହିଁ। ଯୋଜନା ବୋର୍ଡ କ'ଣ ଓ ଏହାର କାମ ବାବଦରେ ସେ ଆଦୌ ସଚେତନ ହୋଇପାରି ନାହାନ୍ତି। କୌଣସି ଅଧିକାରୀ ମଧ୍ୟ ତାଙ୍କୁ ଏ ବାବଦରେ ଜଣାଇନାହାନ୍ତି। ଗତ ସ୍ୱାଧୀନତା ଦିବସରେ ଓଡ଼ିଶା ରାଜ ଭବନରୁ ଡାକଯୋଗେ ଚିଠି ଆସିଥିଲା। ଚିଠିରେ କମଳାଙ୍କ ନାମ ତଳେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା ଲେଖା ଥିଲା ବୋଲି ଗ୍ରାମବାସୀ ପଢ଼ି ଶୁଣାଇଥିଲେ। ରାଜଭବନରେ ଆୟୋଜିତ ହେଉଥିବା 'ଏଟ୍ ହୋମ୍' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏହି ଚିଠି ଆସିଥିଲା। ଏହାକୁ କମଳା ବୁଝିପାରି ନଥିଲେ ଏବଂ ଭୁବନେଶ୍ୱରକୁ ଯିବାଆସିବା ଖର୍ଚ୍ଚ ମଧ୍ୟ ତୁଲାଇବା ଅକ୍ଷମତାରୁ ଯାଇପାରି ନଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନାରୀ ସଶକ୍ତିକରଣ ସହିତ ଜଙ୍ଗଲ ସୁରକ୍ଷା ପାଇଁ କମଳା ପ୍ରାରମ୍ଭିକ ପର୍ଯ୍ୟାୟରେ ୨୧ ଜଣ ଉତ୍ସର୍ଗୀକୃତ ତଥା କର୍ମଠ ମହିଳାଙ୍କୁ ନେଇ ନିଜ ଗାଁରେ 'ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ଗଢ଼ିଥିଲେ। ସେହିପରି ଲୋପ ପାଇ ଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ ଚାଷକୁ ବଞ୍ଚାଇ ରଖିବାରେ କମଳା ପୂଜାରୀଙ୍କ ବିଶେଷ ଅବଦାନ ରହିଛି। ଏହି ଅବଦାନ ପାଇଁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ୨୦୦୨ରେ ତାଙ୍କୁ ସମ୍ମାନିତ କରିଥିବା ବେଳେ ୨୦୦୩ରେ ଭାରତ ସରକାର ତାଙ୍କୁ 'କୃଷି ବିଶାରଦ' ସମ୍ମାନ ଦେଇଥିଲେ। ଏପରିକି ଓଡ଼ିଶା ସରକାର ମଧ୍ୟ କମଳାଙ୍କୁ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି। କିନ୍ତୁ ଏସବୁ ତାଙ୍କ ପାଇଁ ଏବେ ମୂଲ୍ୟହୀନ ହୋଇପଡ଼ିଛି।

**ଯୋଜନା ବୋର୍ଡ଼ ସଦସ୍ୟାଙ୍କ ଦୁଃଖ**
- ଶତାଧିକ ଦେଶୀ ବିହନର ସଂରକ୍ଷକ ହେଉଛନ୍ତି କମଳା
- ଆବାସ ଘରେ ଝରକା, ବିଜୁଳି ନାହିଁ
- ଯୋଜନା ବୋର୍ଡ଼ ପାଇଁ ମିଳିନି ମନୋନୟନ ପତ୍ର

# ବିସର୍ଜନରେ ବ୍ୟବହୃତ ଡିଜେ ଜବତ

**ବରଗଡ଼ ଅଫିସ୍,୨୦।୯**

ଗଣେଶ ବିସର୍ଜନ ବେଳେ ଡିଜେ ବଜାଇବା ମହଙ୍ଗା ପଡ଼ିଛି । ବୁଧବାର ରାତ୍ରିରେ ବରଗଡ଼ ଟାଉନ ଥାନା ପୋଲିସ ପ୍ରଧାନପାଲି ଗଣେଶ ବିସର୍ଜନ ବେଳେ ବ୍ୟବହୃତ ଡିଜେକୁ ଜବତ କରିଛି । ବିନା ଲାଇସେନ୍ସରେ ବିସର୍ଜନ ସମୟରେ ଡିଜେ ବଜାଉ ଥିବା ଯୋଗୁ ତାକୁ ଜବତ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ କହିଛନ୍ତି । ସେହିପରି ଏ ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ଭୋଇ ସୂଚନା ଦେଇଛି । ପ୍ରକାଶଥାଉକି, ଗଣେଶ ପୂଜା ପୂର୍ବରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ଗଣେଶ ପୂଜା କମିଟିର କର୍ମକର୍ତ୍ତା, ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ପୂଜା କିମ୍ବା ବିସର୍ଜନବେଳେ ଡିଜେ ବଜାଇବା ଉପରେ କଟକଣା ଲଗାଯାଇଥିଲା ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପଲମ,୨୦।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ମସ୍କାଦପ୍ତି ଗ୍ରାମ ଛକଠାରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଆରୋହୀ ଚିତଲପଟା ଗ୍ରାମର ଈଶ୍ୱର କୁମାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ।

# ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ସୋନପୁର,୨୦।୯(ନି.ପ୍ର.)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା।

ସୋନପୁର ବ୍ଲକ ଛକ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନା କରାଯାଇଛି। ଏହି ଉପଲକ୍ଷେ ପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ନବମ ଦୁର୍ଗାପୂଜା ମହୋତ୍ସବ ଖୁବ୍ ଜାକଜମକରେ କରିବା ପାଇଁ ନିଷ୍ପତ୍ତି ହୋଇଛି। କ୍ଷିରୀଖାଇ ଦୁର୍ଗା ନାମରେ ପରିଚିତ ମା' ଦୁର୍ଗାଙ୍କର ଚଳିତ ଥର ମୁକୁଟ ସହ ସମସ୍ତ ଅଳଙ୍କାର ରୂପାରେ ନିର୍ମିତ ହୋଇଛି। ତେଣୁ ପୂଜା ମଣ୍ଡପରେ ଏକ ସ୍ୱତନ୍ତ୍ରତା ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବା ପାଇଁ ପୂଜା ପେଣ୍ଡାଲ ଓ ସ୍ଥାନୀୟ ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ପୂଜାର ସୁପରିଚାଳନା ନିମନ୍ତେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। କମିଟି ସଭାପତିଭାବେ ଅରବିନ୍ଦ ବାରିକ୍, ଉପସଭାପତି ଦିଲ୍ଲିପ କୁମାର ପାତ୍ର, ସମ୍ପାଦକ ନିଶାନ୍ତ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଦଶରଥ ପଧାନ ଓ କୋଷାଧ୍ୟକ୍ଷଭାବେ ଆଦିତ୍ୟ ମହାପାତ୍ର ମନୋନିତ ହୋଇଥିବା ବେଳେ କାଯରକାରୀ କମିଟିକୁ ଦିଲ୍ଲିପ କୁମାର ରଥ, ଆଦିକନ୍ଦ ପାଣିଗ୍ରାହୀ, ବଳଦେବ ପ୍ରସାଦ ବେଦ୍‌ବାକ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତ୍ୟେନ୍ଦ୍ର ପାଢୀ ଓ ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ମନୋନିତ ହୋଇଛନ୍ତି। ସେହିପରି ସାଂସ୍କୃତିକ କମିଟିରେ ନାଟ୍ୟଶ୍ରୀ ଗଦାଧର ବାରିକ୍, ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର, ବେଣୁଧର ପ୍ରଧାନ, ଅଶୋକ କୁମାର ଜେନା ଓ ବେଣୀମାଧବ ବେଦ୍‌ବାକ ପ୍ରମୁଖ ଅଛନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି, ରାବଣ ପୋଡି କମିଟି ଓ ଅର୍ଥ କମିଟି ଗଠନ କରାଯାଇଛି। ଚଳିତ ବର୍ଷର ବଜେଟ୍ ପ୍ରାୟ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କାର୍ଯ୍ୟକାରୀ କମିଟି ସୂତ୍ରରୁ ପ୍ରକାଶ। ପୂଜା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନା କରାଯାଇଛି।

**ପ୍ଲାଷ୍ଟିକ୍ ମୁକ୍ତ ହେବ ବ୍ଲକ ଛକ ପୂଜା ପେଣ୍ଡାଲ**





ସୁବର୍ଣ୍ଣପୁରରେ ଇଞ୍ଜିନିୟରମାନେ ଧାରଣାରେ ବସିଛନ୍ତି।

# ସମୂହ ଛୁଟିରେ ୧୦୦ ଡିପ୍ଲୋମା ଇଞ୍ଜିନିୟର

**ସୋନପୁର,୨୦।୯(ନି.ପ୍ର.)**

ରାଜ୍ୟରେ କାଯର୍ୟରତ ୮୫୦୦ ଡିପ୍ଲୋମା ଇଞ୍ଜିନିୟର ଦୀର୍ଘ ୬ବର୍ଷ ଧରି ବିଭିନ୍ନ ସମସ୍ୟା ନେଇ ଦାବି ଜଣାଇ ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ୫ଦଫା ଦାବି ନେଇ ମଙ୍ଗଳବାରଠାରୁ ସେମାନେ ୪୪ଦିନିଆ ସମୂହ ଛୁଟିରେ ଯାଇଛନ୍ତି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ପଞ୍ଚାୟତିରାଜ, କୃଷି, ମେକାନିକାଲ, ଜଳସେଚନ, ଜନସ୍ୱାସ୍ଥ୍ୟ, ପୂର୍ତ୍ତ, ଜଳ ଓ ପରିମଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗରେ କାର୍ଯ୍ୟରତ ୧୦୦ ଜଣ ଡିପ୍ଲୋମା ଇଞ୍ଜିନିୟର ମଧ୍ୟ ଛୁଟିରେ ଯାଇଛନ୍ତି। ଜିଲାରେ ଇଞ୍ଜିନିୟରମାନେ ଧାରଣା ଦେଉଛନ୍ତି। ସମୂହ ଛୁଟିରେ ଯିବା ଦ୍ୱାରା ଜିଲାରେ ଉନ୍ନୟନ ମୂଳକ କାର୍ଯ୍ୟ ଏକପ୍ରକାର ବ୍ୟାହତ ହୋଇଯାଇଛି। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରୀ ଉପରେ ଏହାର ବ୍ୟାପକ ପ୍ରଭାବ ପଡିବ ବୋଲି ଆଲୋଚନା ହେଉଛି। ସଂଘର ଜିଲା ଶାଖା ସଭାପତି ଇଂ ସ୍ୱାଧୀନ କୁମାର ଦାସ, ସାଧାରଣ ସମ୍ପାଦକ ଇଂ ବିଶ୍ୱ ପ୍ରକାଶ ଚୌଧୁରୀ, ଦୁଃଶାସନ ସାହୁ, ପ୍ରାକ୍ତନ ସାଧାରଣ ସମ୍ପାଦକ ନାରାୟଣ ଭୂୟାଁ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ସନ୍ତୋଷ ପାଲ ଓ ବିକାଶ ତରାଇ ପ୍ରମୁଖ ସମସ୍ତ ଡିପ୍ଲୋମା ଇଞ୍ଜିନିୟର ପ୍ରମୁଖ ଏହି ଧାରଣାରେ ସାମିଲ ଅଛନ୍ତି ।

## ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଶୋଭାଯାତ୍ରା

**ବେଲପଡା,୨୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ବ୍ଲକଗ୍ରାଣ୍ଟ ହାଇସ୍କୁଲ, କଲେଜ କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ବିଡିଓ, ବିଇଓଙ୍କଠାରେ ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣଅନୁଦାନ ଦାବି, ସମାନ କାମକୁ ସମାନ ଦରମା ଆଦି ଦାବି ହୋଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାର ବେଲପଡା ତାରିଣୀ ମନ୍ଦିରଠାରେ ବେଲପଡା, ସୁଲେକେଲା, ମଣ୍ଡଳ କଲେଜ ସହ ବହାବାଲ, ସରମୁହାଣ, ମଧ୍ୟପୁର, ନୁନହାଡ, ବନମାଲ ହାଇସ୍କୁଲର ଅଧ୍ୟାପକ, ଶିକ୍ଷକ କର୍ମଚାରୀ ଏକତ୍ରିତ ହୋଇଥିଲେ। ସେଠାରେ ଅଧ୍ୟାପକ ମନୋଜ ମହାଖୁଡଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ସମସ୍ତ ସମସ୍ୟା ଲୋକଲୋଚନକୁ ଆଣିବା ପାଇଁ ଏକ ସମସ୍ତ କର୍ମଚାରୀ ଏକ ବାଇକ ଶୋଭାଯାତ୍ରାରେ ବେଲପଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଫିସମାନଙ୍କୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଦୀପକ



@ ରୋଶନ



@ ସୁକନ୍ୟା



@ ବଣ୍ଟି

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍

## ସଂକ୍ଷେପରେ

### ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ଟିଟିଲାଗଡ଼, ୨୦।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ରେଡକ୍ରସ ରକ୍ତ ଭଣ୍ଡାରଠାରେ ଲାୟନ୍ସ କ୍ଲବ ଏବଂ ଏଚଡିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କ୍ଲବ ସମ୍ପାଦକ ଅମନ ଗୋୟଲ, ରାଧାକାନ୍ତ ଦର୍ଜି, ଅମିତ ଅଗ୍ରୱାଲ, ଲିଙ୍ଗରାଜ ସାହୁ, ସଞ୍ଜୟ ସୋନି, ମୁନୁ ସାହୁ, ବିଜୟ ସାହୁ, ପୁରୁଷୋତମ ଅଗ୍ରୱାଲ, ସାହିଲ ଖାନ, ରାକେଶ ଜୈନ, ଅର୍ଚ୍ଚନା ଅଗ୍ରୱାଲ, ଦୀପକ ପୃଷ୍ଟି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ବ୍ଲଡ ବ୍ୟାଙ୍କ ଅଫିସର ଡା. ଦିଲୀପ ପଟ୍ଟନାୟକ, ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, ଇନ୍ଦ୍ରମଣୀ ମେହେର, ଜୟରାମ ମଛଖଣ୍ଡ, ଏଚଡିଏଫସି ବ୍ୟାଙ୍କ ଆରଏମ ରବିନାରାୟଣ ପୂଜାପଣ୍ଡା, ଡବ୍ଲୁବିଓ ଲକ୍ଷ୍ମୀ ବର୍ମା, ଅଞ୍ଜଳି ସାହୁ, ଏସଓ ସଂଗ୍ରାମ ସାହୁ, ଭାଗିରଥି ବନଛୋର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ଲାୟନ୍ସ କ୍ଲବ ପକ୍ଷରୁ ପ୍ରମାଣ ପତ୍ର ଦେଇ ସମ୍ମାନୀତ କରାଯାଇଥିଲା।



### ବ୍ୟାପୁଛି ଫାଟୁଆ ରୋଗ

**ଲୋଇସିଂହା,୨୦।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଗୁର୍ଜିଭଟା, ଛେଳବାହଲ, ଅଗଲାପାଲି ପ୍ରଭୃତି ଅଞ୍ଚଳରେ ଗୋରୁଙ୍କଠାରେ ଫାଟୁଆ ରୋଗ ବ୍ୟାପୁଛି । ଇତିମଧ୍ୟରେ ଏହି ରୋଗରେ ଅଞ୍ଚଳର ୫ଗୋରୁଙ୍କ ମୃତ୍ୟୁ ଘଟି ସାରିଲାଣି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗୋଚାଷୀମାନେ ଦାବି କରିଛନ୍ତି। ପ୍ରାୟ ଦେଢ଼ମାସ ହେବ ଫାଟୁଆ ରୋଗ ଦେଖାଦେଇଥିଲେ ମଧ୍ୟ ସ୍ଥାନୀୟ ପ୍ରାଣୀଧନ ବିଭାଗ ପଦକ୍ଷେପ ନେଉ ନାହିଁ। ଫଳରେ ଚାଷୀମାନେ ନିଜ ଉଦ୍ୟମରେ ରୋଗର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରାଣୀ ନିରୀକ୍ଷକ ଦୀର୍ଘଦିନ ହେଲା ଗାଁକୁ ଆସି ନ ଥିବା କହିଛନ୍ତି ଅଗଲାପାଲି ଗ୍ରାମର ଚାଷୀମାନେ ।

### ପେଟ୍ରୋଲ ବଦଳରେ ବାହାରୁଛି ପାଣି

**ଗୁଡଭେଲା,୨୦।୯(ଡି.ଏନ.ଏ.):** ପେଟ୍ରୋଲ ଦର ବଢ଼ି ଚାଲିଥିବା ବେଳେ ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ବଦଳରେ ପାଣି ବାହାରୁଥିବା ଅଭିଯୋଗ ହେଉଛି। ଏନେଇ ଗୁରୁବାର ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା । ଏପରିକି କେତେକ ବାଇକ ଆରୋହୀ ପମ୍ପକୁ ଯାଇ ଅଭିଯୋଗ କରିବାରୁ ତାଙ୍କୁ ନୂତନ ପେଟ୍ରୋଲ ଦିଆଯାଇଥିଲା । ଏ ନେଇ ପମ୍ପର କର୍ମଚାରୀ କହନ୍ତି ଯେ, ଯେଉଁ ଟ୍ୟାଙ୍କରୁ ତେଲ ଦିଆଯାଉଥିଲା ଉକ୍ତ ଟ୍ୟାଙ୍କର ପାଖରେ କାମ ଚାଲିଥିବାରୁ ଏପରି ହୋଇ ଥାଇପାରେ। ଆମ ପାଖକୁ ଅଭିଯୋଗ ଆସିବା ପରେ ତୁରନ୍ତ ଉକ୍ତ ଟ୍ୟାଙ୍କରୁ ତେଲ ଦେବା ବନ୍ଦ କରି ଦିଆଯାଇଛି ବୋଲି ସେ କହିଛନ୍ତି।



### ଗଞ୍ଜେଇ ଜବତ, ମହିଳା ଗିରଫ

**ବଲାଙ୍ଗୀର ଅଫିସ, ୨୦।୯:** ତୁଷରା ଥାନା ଅନ୍ତର୍ଗତ ସତୀଘାଟ ଗାଁରେ ଅବକାରୀ ବିଭାଗର ମୋବାଇଲ ଟିମ୍ ଗୁରୁବାର ଚଢ଼ାଉ କରି ୨.୮କେଜି ଗଞ୍ଜେଇ ଜବତ୍ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ମହିଳା ଜଣକ ହେଲେ ବିଲେଇ ଗଡତ୍ୟା । ତାଙ୍କ କିରାନା ଦୋକାନରୁ ସେ ଏକ ପ୍ଲାଷ୍ଟିକ୍ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବାବେଳେ ଅବକାରୀ ମୋବାଇଲ ଟିମ୍ ହାବୁଡରେ ପଡିଥିଲେ । ଦୁଇବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ ମଧ୍ୟ ଗଞ୍ଜେଇ ସହ ଗିରଫ ହୋଇଥିଲେ । ଏ ନେଇ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରାଯାଇଛି ।

# ଜିଲାପାଳଙ୍କ ସମୀକ୍ଷା, ପ୍ରକଳ୍ପ ପରିଦର୍ଶନ

**ଦେଓଗାଁ,୨୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକକୁ ଗୁରୁବାର ଜିଲାପାଳ ଅରିନ୍ଦମ ଡାକୁଆ ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏଥିସହ ଜରାସିଂହା ଓ ଦେଓଗାଁରେ ନବନିର୍ମିତ ହଷ୍ଟେଲ କୋଠାକୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଲଣ୍ଡାପଥର ପଞ୍ଚାୟତ ଡୁମେରଯୋର ଅନ୍ତର୍ଗତ ଗୁରାଣ୍ଡିପାଲି ଗାଁର ବିଦ୍ୟୁତୀକରଣ ଯୋଜନାର ସେ ଶୁଭାରମ୍ଭ କରିଛନ୍ତି । ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ହାଇସ୍କୁଲ ପରିସରରେ ୧କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨୦୦ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ ପାଚେରି ନିର୍ମାଣ ଅଧାପନ୍ତରିଆ ରହିଥିବା ଜିଲାପାଳଙ୍କ ନଜରକୁ ଆସିଥିଲା । ତୁରନ୍ତ ପାଚେରି ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜରାସିଂହାରେ ୫୬ଲକ୍ଷଟଙ୍କାରେ ନିର୍ମିତ ହରିଜନ ଆଦିବାସୀ ଛାତ୍ର ନିବାସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଗୁରାଣ୍ଡିପାଲି ଗ୍ରାମର ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଉକ୍ତ ଗାଁକୁ ସ୍ୱାଧୀନତାର ୭୨ ବର୍ଷପରେ ପ୍ରଥମ କରି ବିଦ୍ୟୁତ ସଂଯୋଗ ପାଇଛନ୍ତି । ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲାପାଳ ଡାକୁଆ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ଗାଁର ମୌଳିକ ସମସ୍ୟା କିଭଳି ପୂରଣ ହୋଇପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା । ବ୍ଲକ ତରଫରୁ ଗାଁ ରାସ୍ତା ଉନ୍ନତୀକରଣ ପାଇଁ ୧୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଅଧ୍ୟକ୍ଷା ମେହେର ସୂଚନା ଦେଇଥିବା ବେଳେ ଜଙ୍ଗଲ ବିଭାଗର ଅନୁମତି ଆବଶ୍ୟକ ରହିଥିବା ବିଡିଓ ଶଙ୍କର ପ୍ରସାଦ ସାହୁ ସୂଚାଇଥିଲେ । ଜିଲା ଜଙ୍ଗଲ ଅଧିକାରୀଙ୍କ ସହ କଥାହୋଇ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ଏହି ଅବସରରେ ପ୍ରତିଶୃତି ଦେଇଥିଲେ । ଗାଁକୁ ଠିକ ରାସ୍ତା ନଥିବାରୁ ହାରାହାରି ଅଧକିଲୋମିଟର ଜିଲାପାଳଙ୍କ ସମେତ ଅନ୍ୟମାନେ ଚାଲିଚାଲି ଗାଁକୁ ଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରାଜୁ ବାଗ, ସ୍ଥାନୀୟ ସରପଞ୍ଚ ଶୁଶିଳା କୁମ୍ଭାର, ସମିତି ସଭ୍ୟ ସୁଦାମ ଛାତ୍ରିୟା, ଜରାସିଂହା ସମିତି ସଭ୍ୟା ମମତା ପୁଟେଲ,ଏପିଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟୁତ୍ ସଂଯୋଗ ପାଇଲେ ଗୁରାଣ୍ଡିପାଲି ଗ୍ରାମବାସୀ



ଗୁରାଣ୍ଡିପାଲିରେ ବିଦ୍ୟୁତୀକରଣର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ଅରିନ୍ଦମ ଡାକୁଆ ।

## ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଶୋଭାଯାତ୍ରା

**ବେଲପଡା,୨୦।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ବ୍ଲକଗ୍ରାଣ୍ଟ ହାଇସ୍କୁଲ, କଲେଜ କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ବିଡିଓ, ବିଇଓଙ୍କଠାରେ ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣଅନୁଦାନ ଦାବି, ସମାନ କାମକୁ ସମାନ ଦରମା ଆଦି ଦାବି ହୋଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାର ବେଲପଡା ତାରିଣୀ ମନ୍ଦିରଠାରେ ବେଲପଡା, ସୁଲେକେଲା, ମଣ୍ଡଳ କଲେଜ ସହ ବହାବାଲ, ସରମୁହାଣ, ମଧ୍ୟପୁର, ମୁନହାଡ, ବନମାଲ ହାଇସ୍କୁଲର ଅଧ୍ୟାପକ, ଶିକ୍ଷକ କର୍ମଚାରୀ ଏକତ୍ରିତ ହୋଇଥିଲେ। ସେଠାରେ ଅଧ୍ୟାପକ ମନୋଜ ମହାଖୁଡଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ସମସ୍ତ ସମସ୍ୟା ଲୋକଲୋଚନକୁ ଆଣିବା ପାଇଁ ଏକ ସମସ୍ତ କର୍ମଚାରୀ ଏକ ବାଇକ ଶୋଭାଯାତ୍ରାରେ ବେଲପଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଫିସମାନଙ୍କୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଟିଟିଲାଗଡ଼ରେ ରେଲୱେ ମାଜିଷ୍ଟ୍ରେଟ୍ କୋର୍ଟ ସ୍ଥାପନ ନିର୍ଦ୍ଦେଶ

## ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କୁ ଭେଟିଲେ ଡିଆର୍‌ଏମ୍

**ବଲାଙ୍ଗୀର ଅଫିସ,୨୦।୯**

ବଲାଙ୍ଗୀର ଜିଲା ଟିଟିଲାଗଡଠାରେ ରେଲୱେ ମାଜିଷ୍ଟ୍ରେଟ୍ କୋର୍ଟ ଶୀଘ୍ର ଖୋଲିବା ନେଇ ଓଡିଶା ହାଇକୋର୍ଟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି କୋର୍ଟ ଖୋଲିବାରେ ଢ଼େର ବିଳମ୍ବ ହେଲାଣି । ଏସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବଲାଙ୍ଗୀର ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ଶୁକ୍ରବାର ସମ୍ବଲପୁର ରେଲୱେ ଡିଆରଏମ୍ ଜଗଦୀପ ଗୁପ୍ତାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ଡିଆରଏମ୍ ଗୁପ୍ତା ଗୁରୁବାର ବଲାଙ୍ଗୀର ଆସିଥିଲେ । ଦିନ ପ୍ରାୟ ୧ଟାବେଳେ ସେ ବଲାଙ୍ଗୀର ସିଭିଲ କୋର୍ଟକୁ ଯାଇ ଜିଲା ଦୌରାଜଜ୍ ମହାପାତ୍ରଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି। ଦୀର୍ଘ ପ୍ରାୟ ୧ ଘଣ୍ଟା ଆଲୋଚନା କଲା ପରେ ଡିଆରଏମ୍ ଗୁପ୍ତା ସେଠାରୁ ଫେରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଏ ସଂକ୍ରାନ୍ତରେ ତାଙ୍କୁ ପଚାରିଥିଲେ ମଧ୍ୟ ସେ କିଛି କହି ନ ଥିଲେ। ଟିଟିଲାଗଡଠାରେ ରେଲୱେ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଖୋଲିବା ପାଇଁ ପ୍ରାୟ ୧ ବର୍ଷ ହେବ ହାଇକୋର୍ଟ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହା ଖୋଲିନାହିଁ। ଏହି ଅବସରରେ ଡିଆରଏମ୍ ଗୁପ୍ତାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ଭଇଁଷାପାଲି ପର୍ଯ୍ୟନ୍ତ ରେଳ ଚଳାଚଳ ନେଇ ପ୍ରଶ୍ନ କରିବାରୁ ଖୁବ୍ ଶୀଘ୍ର ଏହା ଆରମ୍ଭ ହେବ ବୋଲି କହିଥିଲେ । ସମ୍ବଲପୁର ଭଳି ବଲାଙ୍ଗୀର ରେଳ ଷ୍ଟେଶନ୍‌ର ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

## କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା,୨୦।୯(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବାଦିମୁଣ୍ଡା ଗ୍ରାମ ବିଶ୍ୱ କର୍ମାପୂଜା କମିଟି ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଓ ବିଭିନ୍ନ ପ୍ରତିଯୋଗୀତା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ନୃତ ପ୍ରତିଯୋଗୀତାର ସଞ୍ଜନାରାଣୀ ସିଂ, ସ୍ୱାଗତିକା ବାଗ ଓ ସ୍ୱପ୍ନାରାଣୀ ସାହୁଙ୍କ ସମେତ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବିଜେଡି ପର୍ଯ୍ୟବେକ୍ଷିକା ମାମି ମିଶ୍ର, ନାଏବ ସରପଞ୍ଚ କିରଣ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମିଟି ସଭାପତି ହରିଶ୍ଚନ୍ଦ୍ର ସାହୁ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଇଂ. ମହେଶ ପ୍ରସାଦ ନନ୍ଦ ସଭା ପରିଚାଳନା କରିଥିଲେ । ଧରଣୀଧର ସାହୁ ଦୀନବନ୍ଧୁ ସାହୁ ସମେତ କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଏକଦିବସୀୟ ଫୁଟବଲ: କୁଟେନମାଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚରେ ଖେଳାଳିମାନେ।

**ଟିକ୍ରାପଡା,୨୦।୯(ଡି.ଏନ.ଏ.)**

ସଇଁନ୍ତଳା ବ୍ଲକ ଟିକ୍ରାପଡାସ୍ଥିତ ହାଇସ୍କୁଲ ପଡିଆରେ ଲାନ୍ତେଶ୍ୱର ଫୁଟବଲ ଆଶୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟିକ୍ରାପଡାକୁ ୧-୦ ଗୋଲରେ ହରାଇ କୁଟେନମାଲ ଚାମ୍ପିୟନ ହୋଇଥିଲା । ଭକ୍ତବନ୍ଧୁ ପସାୟତ, ରାକେଶ ପସାୟତ, ନବୀନ ବୁଡେକ ଖେଳ ପରିଚାଳନା କରିଥିଲେ । ସୁରଜ କାଲସାଏ ଅଧ୍ୟକ୍ଷତା ଓ ମେଘାମ୍ବର ରାଜପଲିଆଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କ୍ରୀଡାବିତ ଅରବିନ୍ଦ ସୁପକାର, ଆଡଭୋକେଟ ଗୌରଚନ୍ଦ୍ର ରାଜପଲିଆ, ଚୁନୁ ରାଜପଲିଆ, ପିତବାସ ପସାୟତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବୈବର୍ତ୍ତ ଚନ୍ଦନ, ତୀର୍ଥରାଜ ବାଗ, ଆକାଶ ବଛା, ରାମଗୋପାଲ ଚନ୍ଦନ, ପ୍ରମୋଦ ଧରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏସ୍‌ଏଚ୍‌ଜି ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଖପ୍ରାଖୋଲ,୨୦।୯(ଡି.ଏନ.ଏ.)**





ଏସ୍‌ଏଚ୍‌ଜି ତୃଣମୂଳସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହଠାରେ ସ୍ୱୟଂ ସହାୟିକା ଗୋଷ୍ଠୀମାନ(ଏସଏଚଜି)ଙ୍କ ତୃଣମୂଳସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିର ୱାଇସିଡିଏ ଓ ନାବାର୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ୱାଇସିଡିଏ ସଂଯୋଜକ ହେମବତୀ ନନ୍ଦନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ନାବାର୍ଡ ଡିଜିଏମ ତପନ କୁମାର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତାଭାବେ ଡିଆରଡିଏ ସ୍ୱୟଂ ସହାୟକ ବିଶେଷଜ୍ଞ ନାଥୁରାମ ପଧାନ, ଏପିଡି ସୁମିତ୍ରା ସ୍ୱାଇଁ, ଏଫଏଲସି ଓମପ୍ରକାଶ ମୁଣ୍ଡ, ବିପିଏମ ମନୋଜ କେରକେଟା, ୟୁଜିବି ଧଣ୍ଡାମୁଣ୍ଡା ଶାଖା ପରିଚାଳକ ରସରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଏସଏଚଜିଗୁଡିକର କାଗଜ ପତ୍ର, ସଭାଖାତା ଲିଖନ ସହିତ ପରିଚାଳନା ଗତ ଦକ୍ଷତା, ସଞ୍ଚୟ, ଆର୍ଥିକ ଦେଣନେଣ, ବ୍ୟାଙ୍କ ସଂଯୋଗୀକରଣ, ଉଦ୍ୟୋଗ ସ୍ଥାପନ ଉପରେ ତାଲିମ ପ୍ରଦାନ କରିଥିଲେ । ସେହିପରି ସରକାରଙ୍କ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନା, ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାଖନୁ ଷାଣ୍ଡ, ଉମେଶ ଗୁପ୍ତା, ଭଜରାଜ ବରିହା ପ୍ରମୁଖ ସହଯୋଗ କରିଥିଲେ।

# ଡିଆର୍‌ଏମ୍‌ଙ୍କ ସହ ଜିଲା ରେଳ ଉପଭୋକ୍ତା ସଂଘର ଆଲୋଚନା

**ବଲାଙ୍ଗୀର ଅଫିସ,୨୦।୯**

ପୂର୍ବତଟ ରେଳବିଭାଗ ଅନ୍ତର୍ଗତ ସମ୍ବଲପୁର ଡିଆରଏମ୍ ଜଗଦୀପ ଗୁପ୍ତା ଗୁରୁବାର ବଲାଙ୍ଗୀର ଆସିଥିବାବେଳେ ଜିଲା ରେଳ ଉପଭୋକ୍ତା ସଂଘ ସଦସ୍ୟମାନେ ତାଙ୍କୁ ସାକ୍ଷାତ କରିଥିଲେ। ସଂଘ ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିଆରଏମ୍‌ଙ୍କ ସହ ଆଲୋଚନା କରିଥିଲେ । ବଲାଙ୍ଗୀର ରେଳ ଷ୍ଟେଶନରେ ସଂରକ୍ଷିତ ବଗିମାନଙ୍କ ପାଇଁ ସୂଚନା ଫଳକ ଲଗାଇବା, ଜାମ୍ମୁତାଇ ଟ୍ରେନକୁ ସମ୍ବଲପୁରରୁ ଟିଟିଲାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ପଶ୍ଚିମ ଓଡିଶାବାସୀ ଆହ୍ଲାବାଦ ଯିବା ପାଇଁ ସୁବିଧା କରିବା, ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ସମ୍ବଲପୁରରୁ ଟିଟିଲାଗଡ ପର୍ଯ୍ୟନ୍ତ ରେଳ ଲାଇନ ଦୋହରି କାମ ସମ୍ପୂର୍ଣ୍ଣ କରିବା, ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ କାମ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବା ଏବଂ ବଲାଙ୍ଗୀରଠାରୁ ଭଇଁଷାପାଲି ପର୍ଯ୍ୟନ୍ତ ଅକ୍ଟୋବର ମାସ ମଧ୍ୟରେ ରେଳ ଚଳାଚଳ କରାଇବା ପାଇଁ ଦାବି କରାଯାଇଥିଲା । ପ୍ରଥମେ ବଲାଙ୍ଗୀର ରେଲୱେ ଷ୍ଟେଶନରେ ଆସନ୍ତା ଅକ୍ଟୋବର ମାସରେ ସଂରକ୍ଷିତ ବଗିମାନଙ୍କ ପାଇଁ ସୂଚନା ଫଳକ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ଡିଆରଏମ୍ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଦାବିଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି କହିଥିଲେ। ଆଲୋଚନାରେ ସଂଘ ସଭାପତି ବହିଦାରଙ୍କ ସହ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ମାନଭଞ୍ଜନ ବେରିଆ ଓ ପର୍ଶୁରାମ ନାଏକ ଆଲୋଚନା କରିଥିଲେ ।

■ କ୍ୱାରିରୁ ବେଆଇନ ପଥର ଚାଲାଣ

# ରାଜସ୍ୱ ବିଭାଗ ଜବତ କଲା ହାଇୱା,ଜେସିବି

**ଲୋଇସିଂହା,୨୦।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଧୀନ କୁଶମେଲ ଗ୍ରାମର ଲୋୟର ସୁକତେଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲାଗିଥିବା ଏକ ଛୋଟ ପାହାଡରୁ ବେଆଇନ ଭାବେ ପଥର ବ୍ଲାଷ୍ଟି କରି ଏକ କ୍ରଶରକୁ ପଥର ଚୋରାଚାଲାଣ କରାଯାଉଛି । ଗୁରୁବାର ଲୋଇସିଂହା ତହସିସଲଦାର ଓ ମାଗୁରବେଡା ପୋଲିସ ବେଆଇନ କ୍ୱାରୀରେ ମିଳିତଭାବେ ଚଢ଼ାଉ କରି ପଥର ଚୋରା ଚାଲାଣ ପାଇଁ ଥିବା ଦୁଇଟି ଜେସିବ ଓ ଗୋଟିଏ ହାଇୱାକୁ ଜବତ କରିଛି । ଡ୍ରାଇଭର ନ ଥିବାରୁ ମାଗୁରବେଡା ପୋଲିସକୁ ଜବତ ଗାଡି ଜିମା ଦିଆଯାଇଛି । ଘଟଣା ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ତହସିଲଦାର କର୍ଣ୍ଣ ମଲ୍ଲିକ ପ୍ରକାଶ କରିଛନ୍ତି । ଅଭିଯୋଗ ମତେ, ଲୋଇସିଂହା ତହସିଲ ଅଧୀନ କୁଶମେଲ ଗ୍ରାମରେ ଲୋୟର ସୁକତେଲ ସହକାରୀ ଯନ୍ତ୍ରୀ ବିଭାଗ ୩ଙ୍କ କାର୍ଯ୍ୟାଳୟକୁ ଲାଗି କୁଶମେଲ ମୌଜାର ଫଟାବାହଲ ଗ୍ରାମର ଜୈନେକ ବ୍ୟକ୍ତିଙ୍କ ଖାତା ନଂ ୩୫୧/୩୯୯ ରେ ବ୍ୟକ୍ତିଗତ ଜମି ରହିଛି(ରୟତି) । ଏହି ଖତିୟାନର ୬୯୨ ଆଟମାମୁଲି ଜମିରେ ଥିବା ଚୋୟ ପାହାଡ ନିକଟରେ ଥିବା ଏକ କ୍ରଶର ୟୁନିଟ ମାଲିକଙ୍କ ଲୋଲୁପ ଦୃଷ୍ଟି ପଡିଛି । ଜମି ମାଲିକଙ୍କ ଅଗୋଚରରେ ବିଗତ କିଛି ମାସ ହେଲା ଡିନାମାଇଟ ବିସ୍ଫୋରଣ କରି କ୍ରଶରକୁ ପଥର ଚୋରା ଚାଲାଣ କରି ବେଆଇନ ପଥର ଉତ୍ତୋଳନ କରାଯାଉଛି । ଏପରିକି ଲୋୟର ସୁକତେଲ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକ କର୍ମଚାରୀ ଜୀବନକୁ ପାଣି ଛଡାଇ ରହୁଥିବା ଉଭୟ ଗ୍ରାମବାସୀ ଜିଲା ପ୍ରଶାନର ଦ୍ୱାରସ୍ଥ ପରେ କିଛିଦିନ ବିସ୍ଫୋରଣ ବନ୍ଦ ରହିଥିଲା । କିଛିଦିନର ନୀରବତା ଗତ ୭ତାରିଖ ଅପରାହ୍ନରେ ୧୮ଫୁଟ ଗଭୀର ଗର୍ତ୍ତ ଖୋଳି ପ୍ରାୟ ୫୦ ଡିନମାଇନ ଖଞ୍ଜି ବିସ୍ଫୋରଣ ଘଟାଇଥିଲେ । ବିସ୍ଫୋରଣରେ ଫଟାବାହଲ ଓ କୁଶମେଲ ଗ୍ରାମ ଥରି ଯାଇଥିଲା । ବିସ୍ଫୋରଣ ଫଳରେ କ୍ୱାରୀ ଲାଗିଥିବା ଲୋୟର ସୁକତେଲ କାର୍ଯ୍ୟାଳୟ ପରିସରରକୁ ପଥର ଟୁକଡା ଛିଟିକିବାରୁ ଶୌଚାଳୟ ପାଣି ଟାଙ୍କି ଓ ପାଇପଗୁଡିକ ଫାଟି ଯାଇଥିଲା । ଅଳ୍ପକେ କର୍ମଚାରୀମାନେ ବର୍ତ୍ତି ଯାଇଥିଲେ । ଅଭିଯୋଗ ପାଇ ତହସିଲଦାର ଗତ୧୧ ତାରିଖ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତହସିଲର କୋହଳ ମନପୋଷଣ ଯୋଗୁ ଗୁରୁବାର ରାତିରେ ପୁଣି କ୍ୱାରୀରୁ ଜେସିବି ଓ ହାଇୱା ଜରିଆରେ ବେଆଇନ ପଥର ଚାଲାଣ ଉଦ୍ୟମ କରାଯାଇଥିଲା। କୌଣସି ସୂତ୍ରରୁ ଲୋକେ ଖବର ପାଇ ଚଢାଉ ପୂର୍ବରୁ ଡ୍ରାଇଭରମାନେ ଖସି ପଳାଇଥିଲେ । ଲୋକ ଜେସିବି ଓ ହାଇୱା ଗାଡ ଚକର ପ୍ରେସର ଖୋଲି ଦେଇଥିଲେ। ଏ ସଂକ୍ରାନ୍ତରେ ଗୁରୁବାର ତହସିଲଦାର ମଲ୍ଲିକ ଘଟଣାସ୍ଥଳକୁ ଯାଇ ଗାଡି ଜବତ କରି ପୋଲିସ ଜିମା ଦେଇଥିଲେ ।





କ୍ୱାରିରୁ ଜବତ ଗାଡି ନିକଟରେ ତହସିଲଦାର କର୍ଣ୍ଣ ମଲ୍ଲିକ ।

## ସଂକ୍ଷେପରେ

### ଔଷଧ ଦୋକାନ ବନ୍ଦ ଡାକରା ୨୮ରେ

ଭବାନୀପାଟଣା,୨୦।୯(ଡି.ଏନ.ଏ.) ଇ-ଫାର୍ମାସୀ ଜରିଆରେ ଅନଲାଇନ ଔଷଧ ବ୍ୟବସାୟ ବ୍ୟବସ୍ଥାକୁ ବିରୋଧ କରି କଳାହାଣ୍ଡି ଜିଲା ଔଷଧ ବ୍ୟବସାୟୀମାନେ ଆସନ୍ତା ୨୮ ତାରିଖରେ ଔଷଧ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ କଳାହାଣ୍ଡି କେମେଷ୍ଟ୍ରି ଆଣ୍ଡ ଡ୍ରଗ୍ସ ଆସୋସିଏଶନ ସମ୍ପାଦକ ହୃଷିକେଶ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସଂଘର ଜରୁରୀ କାର୍ଯ୍ୟକାରିଣୀ ବୈଠକରେ ଇ-ଫାର୍ମାସୀ ଓ ଅନଲାଇନ ଔଷଧ ବ୍ୟବସାୟୀ ହେଲେ ପ୍ରକୃତ ଔଷଧ ଜନସାଧାରଣ ଠିକ ସମୟରେ ପାଇପାରିବେ ନାହିଁ । ନିଶା ଔଷଧର ବହୁଳ ବ୍ୟବହାର ବଢ଼ିବ ଓ କିଛି କଟକଣା କାମ ଦେବନାହିଁ ବୋଲି ସଦସ୍ୟମାନେ ମତ ଦେଇଥିଲେ । ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନର ଡାକରାକ୍ରମେ କଳାହାଣ୍ଡି ଔଷଧ ବ୍ୟବସାୟୀମାନଙ୍କ କେମେଷ୍ଟ୍ରି ଆଣ୍ଡ ଡ୍ରଗ୍ସ ଆସୋସିଏଶନ ତରଫରୁ ଆସନ୍ତା ୨୭ ତାରିଖ ମଧ୍ୟରାତିରୁ ୨୮ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବନ୍ଦ ସମୟରେ ରୋଗୀଙ୍କୁ ଦରକାର ହେଉଥିବା ଅତି ଜରୁରୀ ଔଷଧ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଂଘକୁ ଜଣାଇ ଉକ୍ତ ଔଷଧ ସଂଘ ତରଫରୁ ଯୋଗାଇ ଦିଆ ଯିବାର ବ୍ୟବସ୍ଥା କରାଯାଇଛି । ବନ୍ଦ ସମ୍ପର୍କରେ ଜିଲାପାଳ, ଏସପି, ସିଡିଏମଓ ଏବଂ ଡ୍ରଗ୍ସ ଇନିସିପେକଟରଙ୍କୁ ସଂଘ ତରଫରୁ ଜଣାଇ ଦିଆଯାଇଛି ବୋଲି କଳାହାଣ୍ଡି ଔଷଧ ବ୍ୟବସାୟୀମାନଙ୍କ କେମେଷ୍ଟ୍ରି ଆଣ୍ଡ ଡ୍ରଗସ ଆସୋସିଏଶନ ସମ୍ପାଦକ ମିଶ୍ର କହିଛନ୍ତି ।

ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

# ଏକ ସୁସ୍ଥ ଶିଶୁରୁ ସୁସ୍ଥ ରାଷ୍ଟ୍ରର ଚିନ୍ତା କରାଯାଏ





ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ (ବାମ) । କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା, କିଶୋରୀମାନେ ।

ନୂଆପଡା ଅଫିସ,୨୦।୯

**ଶତାଧିକ ମହିଳା କର୍ମୀଙ୍କ ଯୋଗଦାନ**

ଶିଶୁଙ୍କୁ ମା'ର ଗର୍ଭ ସଞ୍ଚାର ଦିନଠାରୁ ଆରମ୍ଭ କରି ୨ ବର୍ଷ ଅର୍ଥାତ ୧୦୦୦ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସେବା ସୁଶ୍ରୁଷା କରିବା ଦରକାର ରହିଛି । ଏକ ସୁସ୍ଥ ଶିଶୁ ଦେଶ ପାଇଁ ଏକ ସୁସ୍ଥ ନାଗରିକ ହେବ । ତେବେଯାଇ ଏକ ସୁସ୍ଥ ରାଷ୍ଟ୍ର ଗଠନର ଚିନ୍ତା କରାଯାଇ ପାରେ ବୋଲି ସ୍ଥାନୀୟ ଭରଦ୍ୱାଜ ଭବନଠାରେ ଆୟୋଜିତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ପରିପ୍ରେକ୍ଷୀରେ ବକ୍ତାମାନେ କହିଛନ୍ତି । ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲା ସମନ୍ୱିତ ଶିଶୁ ବିକାଶ, ସେଭ ଦି ଚିଲଡ୍ରେନ ଏବଂ ଆଶା ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିଏମଓ ଡା.ପି.କେ.ବି. ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ରାୟଗୁରୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ବିରେନ୍ଦ୍ର ବାଗ, ସେଭ ଦି ଚିଲଡ୍ରେନର ରାଜ୍ୟ ସଂଯୋଜକ ଡ.ସୌମ୍ୟକାନ୍ତ ମିଶ୍ର, ସେକ ୱାସିମ ରାଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହିଳାମାନଙ୍କ ଏକ ଶୋଭାଯାତ୍ରା ବାହାରିଥିଲା । ଏହାକୁ ସିଡିଏମଓ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବଦ୍ୟାଧର ମେହେର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିବାକୁ ଯାଇ କହିଥିଲେ ଯେ ସରକାର ହର ଘର ପୋଷଣର ବାର୍ତ୍ତା ରଖିଛନ୍ତି । ଏହିକ୍ରମରେ ପ୍ରତି ଘରକୁ ପ୍ରତି ପରିବାରକୁ ପୋଷଣ ଉପରେ ସଚେତନତାର ବାର୍ତ୍ତା ଦେବା ଆମ ଲକ୍ଷ୍ୟ ବୋଲି କହିଥିଲେ । ଏହି ଅବସରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରାୟଗୁରୁ ପୋଷଣ ମାସର ଗୁରୁତ୍ୱ ସମ୍ପର୍କରେ କହିଥିଲେ । ଶିଶୁର ଗର୍ଭସଞ୍ଚାର ଦିନଠାରୁ ଶିଶୁଙ୍କୁ ୨ ବର୍ଷ ହେବାଯାଏଁ ଆଶା, ଅଙ୍ଗନୱାଡି କର୍ମୀମାନେ ଯତ୍ନବାନ ହେବାକୁ ପରାମର୍ଶ କରିଥିଲେ । ଏହିଭଳି ସେଭ ଦି ଚିଲଡ୍ରେନ ରାଜ୍ୟ ସଂଯୋଜକ ଡ.ମିଶ୍ର କ୍ଷେତ୍ର ପରିଦର୍ଶନ, ସିଡିଏମଓ କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟ କରିବାର ମାଧ୍ୟମ ପରିବର୍ତ୍ତନ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ କରିଥିଲେ । ଏହି ଅବସରରେ କିଶୋରୀ, ଅଙ୍ଗନୱାଡିମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତିଯୋଗୀତା ମୂଳକ ସୁଷମ ଖାଦ୍ୟ, ସୁସ୍ଥ ଶିଶୁ ପ୍ରଦର୍ଶନୀ, କୁଇଜ ପ୍ରତିଯୋଗୀତା ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଶା ଓଡିଶାର ପ୍ରକଳ୍ପ ସଂଯୋଜକ ସଞ୍ଜୀବ ନାୟକ ଧନ୍ୟବାଦ ଦେଇଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର, କୁଇଜ ପ୍ରତିଯୋଗିତା

ଖଡିଆଳ,୨୦।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଓ କୁଇଜ ପ୍ରତିଯୋଗତିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ଭୋଲିଆସିକୁଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ଲିଙ୍ଗରାଜ ମେହେରଙ୍କ ସହ ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ବିଜୟ କୁମାର ସାହୁ ଓ ସାରଦା ପ୍ରସନ୍ନ ବଳ ଯୋଗଦେଇଥିଲେ । ଖଡିଆଳ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ହାଇସ୍କୁଲରୁ ପ୍ରତ୍ୟେକ ହାଇସ୍କୁଲରୁ ଜଣେ ଲେଖାଏଁ ପ୍ରତିଯୋଗୀ ଭାଗ ନେଇଥିଲେ । ବରଗାଁ ଜୟ କିଷାନ ହାଇସ୍କୁଲ ପ୍ରତିଯୋଗୀ ସୌମ୍ୟରଞ୍ଜନ ରଣା ପ୍ରଥମ, ରାଜା ଆର୍ତ୍ତତ୍ରାଣ ବିଦ୍ୟାଳୟ ପ୍ରତିଯୋଗୀ ପ୍ରଶାନ୍ତ କୁମାର ମେହେର ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସେମିନାରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବ୍ଲକ ସାଇନ୍ସ ରିସୋର୍ଚ୍ଚ ସେଣ୍ଟର ସମ୍ପାଦକ ଅଶୋକ କୁମାର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ଏବଂ ପ୍ରବଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ଶିକ୍ଷକ ବଳଭଦ୍ର ସୁନାନୀ ଏବଂ ବୈଷ୍ଣବ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ବୋଡେନରେ ମୁଁ ହିରୋ ମୋ ଓଡ଼ିଶା କାର୍ଯ୍ୟକ୍ରମ

- ଯୋଗ ଦେଲେ ବିଜୁ ଯୁବବାହିନୀ
- ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର

ନୂଆପଡା ଅଫିସ/ବୋଡେନ, ୨୦।୯ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ବିଜୁ ପଟ୍ଟନାୟକ କଲେଜ ପରିସରରେ ବୋଡେନ ବ୍ଲକ ପ୍ରଶାସନ ତରଫରୁ ମୁଁ ହୀରୋ ମୋ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋଡେନ ବିଡିଓ ମନୋଜ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶୀଳା ନାଗ, କଲେଜ ଅଧ୍ୟକ୍ଷ ହେମନ୍ତ ମୁଣ୍ଡ, ଥାନାଧିକାରୀ ବିଷ୍ଣୁ ନାଏକ, ସାମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଁ ହୀରୋ ମୋ ଓଡିଶା କାର୍ଯ୍ୟକ୍ରମ ତରଫରୁ ଆସିଥିବା ରଥକୁ ସ୍ୱାଗତ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ଅବଗତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାମାନ ହୋଇଥିଲା । ଏଥିର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଯୋଗେନ୍ଦ୍ର ମାଝି, ଗୌତମ ନିଆଲ, ସୁନା ମାଝ, ପ୍ରମୁଖ ଯୋଗ ଦେଇଥିଲେ । ବୋଡେନ ବ୍ଲକ ବିଜୁ ଯୁବ ବାହିନୀ ସଭାପତି ମହମ୍ମଦ ଇମ୍ରାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତାଙ୍କୁ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



ଅତିଥିଙ୍କ ସହ ବିଜୁ ଯୁବ ବାହିନୀର କର୍ମକର୍ତ୍ତାବୃନ୍ଦ ।

# ଗଣେଶପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ଜୁନାଗଡ,୨୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବୁଡିଦର ପଞ୍ଚାୟତ ବଡଟିକ୍ରାଗୁଡାଠାରେ ଗଣେଶ ପୂଜା ଅବସରରେ ବୁଧବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳର ୨୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କୃତୀ ହୋଇଥିବା ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କୁ ବର୍ଗ ଅନୁଯାୟୀ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ମା' ଲଙ୍କେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ସ୍ଥାନୀୟ ସମିତି ସଭ୍ୟ ଜଳନ୍ଧର ମଙ୍ଗରାଜ, ନକଟିଗୁଡା ସମିତି ସଭ୍ୟ ବିକାଶ ରଞ୍ଜନ ସରାଫ, ବଣିଜରା ସମିତି ସଭ୍ୟ ଗିରିଧାରୀ ଭୋଇ, ଗ୍ରାମର ବରିଷ୍ଠ ବ୍ୟକ୍ତି ତ୍ରିନାଥ ମୁଣ୍ଡ, ହର୍ଷବର୍ଦ୍ଧନ ବେହେରା, ନଳୀନ କୁମାର ମୁଣ୍ଡ, ପୂଜା କମିଟି ସଭାପତି ସୁନୀଲ କୁମାର କେତକୀ, ସମ୍ପାଦକ ପ୍ରହ୍ଲାଦ ବଗର୍ତ୍ତୀ, ବଶିଷ୍ଟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ । ପୂଜା କମିଟି ସମ୍ପାଦକ ପ୍ରହ୍ଲାଦ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ ।



ନୃତ୍ୟ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ।

# ନୂଆଁଖାଇ ଭେଟ୍‌ଘାଟ, କବିତା ପାଠୋତ୍ସବ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

ସ୍ଥାନୀୟ ମହାବୀର ସାଂସ୍କତିକ ଅନୁଷ୍ଠାନ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ବୁଧବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତତ ହୋଇଯାଇଛି । ଏହି ଅବସରରେ ସର୍ବଧର୍ମ ସାମୂହିକ ନୂଆଁଖାଇ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ନବାନ୍ନ ଭୋଗ ମାଣିକେଶ୍ୱରୀଙ୍କୁ ପଣ୍ଡିତ ମଙ୍ଗଲୁ ମିଶ୍ରଙ୍କ ଦ୍ୱାରା ପୂଜାଅର୍ଚ୍ଚନା ପରେ ଅର୍ପଣ କରାଯାଇ ସାମୂହିକ ନବାନ୍ନ ଭକ୍ଷଣ କରାଯାଇଥିଲା । ଅନୁଷ୍ଠାନ ଉପସଭାପତି ଶାନ୍ତନୁ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଯୁଗ୍ମସମ୍ପାଦକ ସଞ୍ଜୀବ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ନୂଆଁଖାଇ ଗଣପର୍ବର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନୂଆଁଖାଇ ଭେଟଘାଟ ଅବସରରେ ମୁସଲମାନ ସମ୍ପ୍ରଦାୟର ଅବଦୁଲ କାଦିର, ମାରୱାଡି ପଞ୍ଚାୟତର ରାଧେଶ୍ୟାମ ଅଗ୍ରୱାଲ ଓ ଶିଖ୍ ସମ୍ପ୍ରଦାୟର କ୍ରିପାଲସିଂ ଡାକିଆ ଯୋଗଦେଇ ନୂଆଁଖାଇର ଜାତୀୟ ସଂହତି, ଏକତା, ଭାଇଚାରା, ସଦ୍‌ଭାବ, ସମ୍ପ୍ରିତି ବଜାୟ ରଖିବାରେ ଏହି ପର୍ବର ଗୁରୁତ୍ୱ ପୂର୍ଣ୍ଣଭୂମିକା ରହିଛି ବୋଲି କହିଥିଲେ । ଏହା ପରେ ଏକ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା । ଡା. ଦିନବନ୍ଧୁ ସାହୁଙ୍କ ତତ୍ୱାବଧାନରେ କବି ବିଶ୍ୱରଞ୍ଜନ ପଣ୍ଡା, ଯୁବକବି ସିଦ୍ଧାନ୍ତ ନନ୍ଦ କବିତା ପାଠୋତ୍ସବ ସଂଯୋଜନା କରିଥିଲେ । ଜିଲାର ସୁନାମଧନ୍ୟ ୨୫ ଜଣ କବି ସ୍ୱରଚିତ କବିତା ଏହି କବିତା ପାଠୋତ୍ସବରେ ଉପସ୍ଥିତ ଜନସାଧାରଣଙ୍କ ମନଜିଣି ନେଇଥିଲେ । କାର୍ଯ୍ୟକ୍ରମକୁ ସୁଶିଲ କୁମର ଗହିର ଓ ଅନୁଷ୍ଠାନ ନାଟ୍ୟସମ୍ପାଦକ ସୁଶାନ୍ତ କୁମାର ସିଂ ପରିଚାଳନା କରିଥିଲେ । ଅନୁଷ୍ଠାନ ଉପସଭାପତି ଶାନ୍ତନୁ କୁମାର ବେହେରା ନୂଆଁଖାଇ ଜୁହାର ଜଣାଇ ଧନ୍ୟବାଦ ଦେଇଥିଲେ ।



ମହାବୀର ସାଂସ୍କତିକ ଅନୁଷ୍ଠାନ ଓ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ନୂଆଁଖାଇ କାର୍ଯ୍ୟକ୍ରମ ।

ସାପ କାମୁଡାରେ ଛାତ୍ର ମୃତ୍ୟୁ ଘଟଣା

# ତଦନ୍ତ କରି ଫେରିଲା ପୋଲିସ, ବ୍ଲକ ଶିକ୍ଷା ବିଭାଗ

ନୂଆପଡା ଅଫିସ,୨୦।୯



ମୃତକ ଚେତନଙ୍କ ଶୋକାକୁଳ ପରିବାର ବର୍ଗ ।

- କାକୁଡି ତୋଳି ଯିବା କଥା ଅନ୍ୟ ଛାତ୍ର କହିଲେ
- ଗାଁରେ ଶୋକାକୁଳ ପରିବେଶ

ଶିକ୍ଷକଙ୍କ କାକୁଡି ପ୍ରୀତି ନିଷ୍କାମ ଛାତ୍ରଙ୍କ ଜୀବନ ନେଲା । ସାପ କାମୁଡାରେ ଛାତ୍ର ମୃତ୍ୟୁ ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଗାଁରେ ଗୁରୁବାର ପୋଲିସ ଏବଂ ବ୍ଲକ ଶିକ୍ଷା ବିଭାଗ ପହଞ୍ଚି ଟିକିନିଖି ତଦନ୍ତ କରି ଫେରିଛନ୍ତି । ବିଭାଗ ଏହା ଉପରେ ତଥ୍ୟ ପଦାକୁ ଆଣି ନ ଥିଲେ ହେଁ ତଦନ୍ତ ବେଳେ ମୃତ ଛାତ୍ରଙ୍କ ସାଥୀମାନେ ବିସ୍ଫୋରକ ବୟାନ ଦେଇଛନ୍ତି । ଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କାକୁଡି ତୋଳିବାକୁ ଯାଇଥିବାବେଳେ ବାଡିରେ ସାପ କାମୁଡିଥିଲା । ଏଥିରେ ତାଙ୍କର ଜୀବନ ଗଲା ବୋଲି କହିଛନ୍ତି । ଅନ୍ୟପକ୍ଷେ ଗୁରୁବାର ଶୋକାକୁଳ ପରିବେଶ ମଧ୍ୟରେ ମୃତ ଛାତ୍ରଙ୍କ ଶବ ସତ୍କାର କରାଯାଇଛି ।

ନୂଆପଡା ସଦର ଥାନା ଖଲନା ଗାଁ ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପାଠ ପଢୁଥିବା ଚେତନ ପାଣ୍ଡେ (୮) ନାମକ ଛାତ୍ରଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିବା ଖବର ସ୍ୱତନ୍ତ୍ର ଭାବେ ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ଚଳ ଚଞ୍ଚଳ ହୋଇଉଠିଛି । ଗୁରୁବାର ସକାଳ ୬ଟାରେ ଧରମବନ୍ଧା ଥାନାଧିକାରୀ ଦିଲୀପ କୁମାର ଲାକ୍ରା ତଦନ୍ତ ପାଇଁ ଗାଁରେ ପହଞ୍ଚିଥିଲେ । ମୃତକ ଚେତନଙ୍କ ସାଥୀ ଏବଂ ପରିବାରବର୍ଗଙ୍କୁ ପଚରା ଉଚୁରା କରି ଫେରିଥିଲେ । ପୂର୍ବାହ୍ନ ୧୧ଟାରେ ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର ଏବଂ ସିଆରସିସି ଚୁରନଲାଲ ସାହୁ ଖଲନା ଗାଁକୁ ଯାଇଥିଲେ । ପରିବାରବର୍ଗଙ୍କୁ ଭେଟିବା ସହ ମୃତକଙ୍କ ସାଙ୍ଗ, ଶିକ୍ଷକମାନଙ୍କ ବୟାନ ନେଇଥିଲେ । ଏଥିରେ ମୃତକ ଚେତନଙ୍କ ସହ କାକୁଡି ତୋଳିବାକୁ ଯାଇଥିବା ଅନ୍ୟ ୩ ଜଣ ସାଙ୍ଗଙ୍କୁ ପଚାରିଥିଲେ । ସେମାନେ ସେ ଗୋଟିଏ କଥା କାକୁଡି ତୋଳିବାକୁ ଶିକ୍ଷକମାନେ କହିଥିବା ଶିକ୍ଷା ଅଧିକାରୀଙ୍କ ନିକଟରେ ବୟାନ ଦେଇଥିଲେ । ପିଲାମାନେ ଅଧିକାରୀମାନଙ୍କୁ ଏହା କହିବା ସହ ଗଣମାଧ୍ୟମ ଆଗରେ ମଧ୍ୟ ଏହି ବୟାନ ରଖିଥିଲେ । ତେବେ ଶିକ୍ଷକମାନଙ୍କ ଟିକିଏ ବେପରୁଆ ଭାବ ଯୋଗୁ ଜଣେ ନିରୀହ ଛାତ୍ରଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଘଟଣାର ନିନ୍ଦା କରିଛନ୍ତି । ଏହା ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ଏହା ଉପରେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକଙ୍କୁ ପଚାରିବାରେ ତଦନ୍ତ ଶେଷ ହୋଇଛି । ଏହା ଉପରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇ ଦିଆଯାଇଛି । ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ସେ ନେବେ ବୋଲି କହିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ସେପ୍ଟେମ୍ବର, ୨୦୧୮

**୩ୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମୂହ ଆନ୍ଦୋଳନ**
ଓଡିଶାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା କରୁଥିବା ପ୍ରତିବାଦରେ ଓଡିଶାର ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ସମୂହ ଛୁଟି ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି ।



## ସଂକ୍ଷେପରେ



### ଧାନଚାଷରେ ରୋଗ, କୀଟନାଶକ କାମ କରୁନି

କର୍ଲାମୁଣ୍ଡା,୨୦।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏବେ ଧାନଚାଷରେ ରୋଗପୋକ ପାର୍ଦୁଭାବ ବଢିବାରେ ଲାଗିଛି । କୀଟ ନାଶକ ଔଷଧଗୁଡିକ କାମ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ଏହି ବ୍ଲକର ସାପଲହରା, ବୋରପଦର, ସ.ମାଲପଡା, ରିଞ୍ଜା, କର୍ଲାମୁଣ୍ଡା ପଞ୍ଚାୟତରେ କାଣ୍ଡବିନ୍ଧା, ଗୁଣ୍ଡିଆ, ପତ୍ରାଛାଦ ପୋଡାରୋଗ ଓ ମହିଷା ରୋଗ ଲାଗିଛି । ରୋଗରୁ ଚାଷକୁ ରକ୍ଷା କରିବା ପାଇଁ ଚାଷୀମାନେ ବାବଷ୍ଟୋନ, ଭିଭାପ ଓ ଅମର ଭଳି କୀଟ ନାଶକ ଔଷଧ ପ୍ରୟୋଗ କରୁଥିଲେ ହେଁ ରୋଗ କମିବା ପରିବର୍ତ୍ତେ ବଢିବାରେ ଲାଗିଥିବା ବାଞ୍ଜିପଦର ଗାଁର ଚାଷୀ ଅର୍ଜୁନ ସାହୁ, ମକରଧ୍ୱଜ ସାହୁ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ କୃଷି ଓଭରସିଅର ଅରୁଣଚନ୍ଦ୍ର ପାଢୀଙ୍କୁ ପଚାରିବାରୁ ଆମ ପାଖରେ ଔଷଧ ମହଜୁଦ ନ ଥିବାରୁ ଆମେ ଚାଷୀମାନଙ୍କୁ କାଣ୍ଡବିନ୍ଧା ପାଇଁ ଟ୍ରାଇଜୋଫସ, ଗୁଣ୍ଡିଆ ପାଇଁ ବିପ୍ରଫେଜିନ, ପତ୍ରଛାଦ ପୋଡା ରୋଗ ପାଇଁ ଭେଲିଡାପାଇସିନ ଓ ସାଫ୍ ନାମକ କୀଟ ନାଶକ ଔଷଧ ବ୍ୟବହାର ପାଇଁ ପରାମର୍ଶ ଦେଉଛୁ ବୋଲି କହିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପଲମ,୨୦।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ମସ୍କାଦପ୍ତି ଗ୍ରାମ ଛକଠାରେ ଗୁରୁବାର ସନ୍ଧ୍ୟା ୫ଟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି । ଏଥିରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଚିତଲପଟା ଗ୍ରାମର ଈଶ୍ୱର କୁମାର (୨୨) । ପ୍ରାପ୍ତ ସୂଚନା ଜଣାଯାଏ ଈଶ୍ୱର କୁମାର କର୍ଲାମୁଣ୍ଡା ବ୍ଲକ ସାପଲହରା ଗ୍ରାମରେ ଦୀର୍ଘଦିନ ଧରି ଘର କରି ରହୁଥିଲେ। ଗୁରୁବାର ସନ୍ଧ୍ୟା ୫ଟାରେ ସେ ତାଙ୍କ ଗାଁ ଚିତଲପଟାରୁ ଏକ ହିରୋହୋଣ୍ଡା ବାଇକ୍ (ନଂ. ଓଆର୧୫ ଏଫ-୨୪୬୦) ଫେରୁଥିବା ବେଳେ ଉକ୍ତ ଘଟଣା ଘଟିଛି। ମ.ରାମପୁର ଥାନା ଅଧିକାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି ।

### ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

ଜୁନାଗଡ,୨୦।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲିହାରୀ ଗ୍ରାମର ଗୋଣ୍ଟିଆ ତଥା ଅବସରପ୍ରାପ୍ତ କିରାଣି ମୁକୁନ୍ଦ ପାତ୍ର (୬୫)ଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦୀନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ଓ ସାମାଜିକ କର୍ମୀ ମଧ ଥିଲେ। ଶେଷ ଦର୍ଶନ ସମୟରେ ଗ୍ରାମର ଅନେକ ଲୋକ ସାମିଲ ହୋଇଥିଲେ।

ବାହାରର ପ୍ରାର୍ଥୀ ହେବେ ବିରୋଧର ସମ୍ମୁଖୀନ

# ଏଥର ଜୁନାଗଡ଼ିଆ ବ୍ୟାନରକୁ ନେଇ ଚର୍ଚ୍ଚା

ଜୁନାଗଡ,୨୦।୯(ଡି.ଏନ.ଏ.)

ଆଗାମୀ ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେଠୁ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳୁଛି। ଶୁଭେଚ୍ଛା ମାଧ୍ୟମରେ ଲୋକଙ୍କ ମନଜିଣିବା ପାଇଁ ଜିଲାର ବିଭିନ୍ନ ସହର, ଗଳି, କନ୍ଦି, ଛକଠାରେ ପୋଷ୍ଟର, ହୋର୍ଡିଂ ଲଗାଯାଉଛି। ଏଥିରୁ ଜୁନାଗଡ ନିର୍ବାଚନ ମଣ୍ଡଳୀ ମଧ ବାଦ ପଡିନାହିଁ। ଏଠାରେ ମଧ ବିଭିନ୍ନ ଦଳରେ ଆଶାୟୀ ଥିବା ବିଧାୟକ ଓ ଏମ୍‌ପି ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ବ୍ୟାନର, ହୋର୍ଡିଂ କାନ୍ଥ ବାଡରେ ମାରିଥିବା ଦେଖିବାକୁ ମିଳୁଛି। ବୁଧବାର ସ୍ୱାଭିମାନ ନାଗରିକ ପକ୍ଷରୁ ଜୁନାଗଡ ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବ୍ୟାନରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି ବ୍ୟାନରରେ ସ୍ୱାଭିମାନ ଜୁନାଗଡ ନିର୍ବାଚନ ମଣ୍ଡଳୀ ପାଇଁ 'ଏଥର ଜୁନାଗଡିଆ' ଲେଖା ହୋଇଥିବା ଦେଖିବାକୁ ମିଳୁଛି। ଯାହାକି ଜୁନାଗଡ ରାଜନୀତିକୁ ଏବେ ସରଗରମ କରିଛି ।



ଜୁନାଗଡ ସହରେ ସ୍ୱାଭିମାନ ନାଗରିକ ପକ୍ଷରୁ ଲଗାଯାଇଥିବା ବ୍ୟାନର ।

୨୦୧୪ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୁନାଗଡ ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ପ୍ରାର୍ଥୀ ତଥା ଜୁନାଗଡିଆ ବ୍ଲକ ଅଞ୍ଚଳ ଲୋକ ଟିକେଟ ପାଇଥିଲେ। ତେବେ ବିଜେଡି ପକ୍ଷରେ ଏହାର ବ୍ୟତିକ୍ରମ ଦେଖାଦେଇଥିଲା । ବେସାମରିକ ବିମାନ ପାଇଲଟ୍ କାର୍ଯ୍ୟ ଛାଡି ନିର୍ବାଚନ ମୈଦାନକୁ ପ୍ରଥମ ଥର ଭାବେ ଓହ୍ଲାଇଥିବା ବାହାର ନିର୍ବାଚନ ମଣ୍ଡଳୀର କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ବିଧାୟକ ଟିକେଟ ଦିଆଯାଇଥିଲା। ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଭୋଟ, ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ପାଇଁ ଦିବ୍ୟଶଙ୍କର ମିଶ୍ର ୫୬୪୪୩ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସେହିପରି ଭାଜପା ପକ୍ଷରୁ ସ୍ଥାନୀୟ ଜୁନାଗଡ ବ୍ଲକ ରାଜପୁରର ପ୍ରାର୍ଥୀ ଅନିଲ ସିଂହଦେଓ ୪୬୪୯୮ ଭୋଟ ପାଇଥିବା ବେଳେ କଂଗ୍ରେସରୁ ଗୋବର୍ଦ୍ଧନ ଦାଶ ମଧ ସ୍ଥାନୀୟ ମଥୁରା (ପଲାଶ)ର ଜୁନାଗଡିଆ ପ୍ରାର୍ଥୀ ହିସାବରେ ୩୮୭୧୫ ଭୋଟ ପାଇଥିଲେ । ୧୯୮୫ଠାରୁ ୧୯୯୮ ପର୍ଯ୍ୟନ୍ତ ଜୁନାଗଡ ନିର୍ବାଚନ ମଣ୍ଡଳୀ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ପୁତ୍ର ବିକ୍ରମ କେଶରୀ ଦେଓଙ୍କ ହାତରେ ଥିଲା । ୧୯୮୫ରେ ପୂର୍ବତନ କଂଗ୍ରେସ ବିଧାୟକ ସ୍ୱର୍ଗତ ମହେଶ୍ୱର ବରାଡଙ୍କୁ ଟିକଟ ଦିଆ ନ ଯାଇ ଜଗନ୍ନାଥ ମୁଣ୍ଡଙ୍କୁ ଜୁନାଗଡ ବିଧାନସଭା ମଣ୍ଡଳୀର ଟିକଟ ଦିଆଯାଇଥିଲା । ଏହାର ସୁଯୋଗ ନେଇ ବିକ୍ରମ କେଶରୀ ଦେଓ ୧୯୮୫ ରୁ ୧୯୯୦, ୧୯୯୦ରୁ ୧୯୯୫ ଓ ୧୯୯୫ରୁ ୧୯୯୮ ପର୍ଯ୍ୟନ୍ତ ଜୁନାଗଡର ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୧୯୯୮ ଉପନିର୍ବାଚନରେ ସେ ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିବାରୁ ତାଙ୍କ ସ୍ଥାନରେ ସ୍ଥାନୀୟ ଜୁନାଗଡ ବ୍ଲକ ଚିଚୈଗୁଡାର ହିମାଂଶୁ ଶେଖର ମେହେରଙ୍କୁ ଭାଜପା ତରଫରୁ ଟିକଟ ଦିଆଯାଇଥିଲା । ମେହେର ସେତେବେଳେ ପ୍ରାୟ ୯୦୦୦ ରୁ ଉର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଥିଲେ । ୨୦୦୦ରେ ପୁଣି ହିମାଂଶୁ ଶେଖର ମେହେର ଭବାନୀପାଟଣାରୁ ଆସିଥିବା କଂଗ୍ରେସର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଭୁପିନ୍ଦର ସିଂହଙ୍କୁ ହରାଇ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ବିଧାୟକ ଥିଲେ । ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ସ୍ଥାନୀୟ ଜୁନାଗଡିଆ ପ୍ରାର୍ଥୀ ପାଇଁ କଂଗ୍ରେସର ଗୋବର୍ଦ୍ଧନ ଦାଶ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୦୯ରେ ଭାରତୀୟ ଜନତା ପାର୍ଟି ବାହାରୁ ପ୍ରାର୍ଥୀ ଆଣି ସ୍ଥାନୀୟ ପ୍ରାର୍ଥିଙ୍କୁ ଅଣଦେଖା କରି ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେରଙ୍କୁ ଟିକଟ ନ ଦେବାରୁ ୨୦୦୯ ନିର୍ବାଚନରେ ଭାଜପାକୁ ପରାଜୟର ସ୍ୱାଦ ଚାଖିବାକୁ ପଡିଥିଲା । ଏହାର ସୁଯୋଗ ନେଇ ଡିଭାଇଡ ଆଣ୍ଡ ରୁଲ୍ ପଦ୍ଧତିରେ ପୁନଶ୍ଚ ଭବାନୀପାଟଣାର ପ୍ରାର୍ଥୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଜୁନାଗଡର ବିଧାୟକ ହୋଇଥିଲେ । ବାରମ୍ବାର ଭବାନୀପାଟଣାର ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ଲୋଲୁପ ଦୃଷ୍ଟି ଜୁନାଗଡିଆମାନଙ୍କ ସ୍ୱାଭିମାନକୁ ବାଧା ସୃଷ୍ଟି କରିଛି। ଯଦି ଆଗାମୀ ସାଧାରଣ ନିର୍ବାଚନରେ ବାହାର ପ୍ରାର୍ଥୀଙ୍କୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଏ, ତାହାହେଲେ ସେମାନେ ବିରୋଧର ସମ୍ମୁଖୀନ ହେବା ସହ ଜୁନାଗଡ ନିର୍ବାଚନ ମଣ୍ଡଳୀବାସୀ ସେମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି ରାଜନୈତିକ ସମୀକ୍ଷକମାନଙ୍କଠୁ ଜଣାପଡିଛି।

## ୩ୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମୂହ ଆନ୍ଦୋଳନ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

ଓଡିଶାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା କରୁଥିବା ପ୍ରତିବାଦରେ ଓଡିଶାର ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ସମୂହ ଛୁଟି ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି । ଓଡିଶାର ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଆହ୍ୱାନକ୍ରମେ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର କାର୍ଯ୍ୟରତ ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ଗତ ମଙ୍ଗଳବାରଠାରୁ ସମୂହ ଛୁଟିରେ ଯାଇଛନ୍ତି । ସେମାନେ ଆସନ୍ତା ଅକ୍ଟୋବର ୩୧ ତାରିଖ ଯାଏ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷିରେ ସଂଘ ପକ୍ଷରୁ ଭବାନୀପାଟଣାଠାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଯନ୍ତ୍ରୀ ସାମିଲ ହୋଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ସେମାନଙ୍କ ନ୍ୟାୟ ୫ ଦଫା ଦାବିଗୁଡିକୁ ନେଇ ଏହି ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଞ୍ଚିଛି । ସେମାନଙ୍କ ଦାବିଗୁଡିକ ମଧ୍ୟରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ମୂଳ ନିଯୁକ୍ତି ସହକାରୀ ଯନ୍ତ୍ରୀ କରାଯିବା ଓ ପଦୋନ୍ନତି ହାର ଶତକଡା ୫୦ ଭାଗକୁ ବୃଦ୍ଧି କରିବା, ପଞ୍ଚାୟତିରାଜ ବିଭାଗରେ ସମସ୍ତ ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ ଏବଂ ବର୍ତ୍ତମାନ ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ଉନ୍ନତି କରିବା, କୃଷି ମେକାନିକାଲ ବିଭାଗ ଇତ୍ୟାଦିରେ ନିଯୁକ୍ତି ଡିପ୍ଲୋମା ଇଂଜିନିୟର କ୍ୟାଡରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଆଦି ଅନ୍ତର୍ଭୁକ୍ତ । ଏହି ଆନ୍ଦୋଳନରେ ସଂଘ ଉପଦେଷ୍ଟା ସର୍ବେଶ୍ୱର ପ୍ରଧାନ, ସଭାପତି ବାସୁଦେବ ମହାରଣା, ସମ୍ପାଦକ ପ୍ରସାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ (ସାଙ୍ଗଠନି) ସତ୍ୟନାରାୟଣ ବେହେରା, ଯୁଗ୍ମ ସମ୍ପାଦକ (ଅର୍ଥ) ସୁବାଶ ନାଏକ, ଅଡିଟର ଶ୍ୟାମ ସୁନ୍ଦର ସାମଲଙ୍କ ସମେତ ବହୁ ଡିପ୍ଲୋମା ଇଞ୍ଜିନିୟର ସାମିଲ ହୋଇଛନ୍ତି । ଓଡିଶାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ସମୂହ ଛୁଟି ଅଦୋଳନ ଯୋଗୁ ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇପଡିଛି ।


ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଆନ୍ଦୋଳନ ଜାରି ରହିଛି ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## କୃଷିଜୀବୀ କଲ୍ୟାଣ ସଂଘର ପ୍ରସ୍ତୁତି ବୈଠକ

ଜୁନାଗଡ,୨୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ବୁଧବାର ଅପରାହ୍ନରେ କୃଷିଜୀବୀ କଲ୍ୟାଣ ସଂଘ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷିଜୀବୀ କଲ୍ୟାଣ ସଂଘ ଜିଲା ଆବାହକ ବିଶ୍ୱନାଥ କରଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ସଂଘ କର୍ମକର୍ତ୍ତାଙ୍କ ସହ ଜୁନାଗଡ ଅଞ୍ଚଳ ସକ୍ରିୟ ଚାଷୀମାନେ ଯୋଗଦେଇଥିଲେ। ଏଥିରେ ଚାଷୀଙ୍କ ସମସ୍ତ କୃଷି ଋଣ ଛାଡ କରିବା ଓ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲର ତୁରନ୍ତ ମରାମତି କରିବା ଆଦି ଦାବି ନେଇ ଆଲୋଚନା ହୋଇଥିଲା। ଲକ୍ଷ୍ମଣ ରଣବୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆବାହକ ବିଶ୍ୱନାଥ କର, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ଯୁଗଳ କିଶୋର ବାଗ, ସୁଧାନିଧି ନାଏକ, ଭବାନୀ ଠାକୁର, ସୁରେନ୍ଦ୍ର ଛତ୍ରିଆ, ପ୍ରହଲ୍ଲାଦ ଛତ୍ରିଆ, କନ୍ଦର୍ପ ମହାଲିକ, ମହାଦେବ ନାଏକ, ଗୌରି ପାତ୍ର, ପବିତ୍ର ବାଗ, କାର୍ତ୍ତିକ ବାଗ, ବାଲ୍ମିକୀ ନାଏକ, ଗଜେନ୍ଦ୍ର ଚଣ୍ଡୀ, ହରିଶ୍ଚନ୍ଦ୍ର ଚଣ୍ଡୀ, ଲିଙ୍ଗେଶ୍ୱର ଭୋଇ, ନିରାକାର କେତକୀ, ମଦନ ନାଗ, କୃପାସିନ୍ଧୁ ନାଏକ, ଉଗ୍ରେସନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଶ୍ୱନାଥ କର ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗଳ କିଶୋର ବାଗ ଧନ୍ୟବାଦ ଦେଇଥିଲେ। ଆସନ୍ତା ଅକ୍ଟୋବର ୨୨ ତାରିଖ ଉପରୋକ୍ତ ୨ ଦଫା ଦାବି ନେଇ ଜୁନାଗଡଠାରେ ଚାଷୀ ସମାବେଶ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ ପାଇଁ ରାହୁଲ ପ୍ରଧାନ ମନୋନୀତ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ୍ ଦେପୁର ଗ୍ରାମ ରାହୁଲ ପଧାନ ମନୋନୀତ ହୋଇଛନ୍ତି । ସୂଚନା ଅନୁଯାୟୀ, ବିଜୁ ପଟ୍ଟନାୟକ ହିମାଳୟ ଅଭିଯୋନର ତୃତୀୟ ଅଧ୍ୟାୟ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଦୁଃସାସିକ ପର୍ବତାରୋହଣରେ ଓଡିଶାର ୫ଜଣ ବାଳିକା ଓ ୧୦ ଜଣ ବାଳକଙ୍କ ମଧ୍ୟରେ ଦେପୁର ଗ୍ରାମର ରାହୁଲ ସାମିଲ ଅଛନ୍ତି । ଦୁଇଟି ପାର୍ଯ୍ୟାୟରେ ଏହି ଦୁଃଶାସିକ ପର୍ବତାରୋହଣ ପଇଁ ପ୍ରତିଯୋଗୀ ଚୟନ ହୋଇଥିଲା । ଏହି ଦୁଃସାସିକ ପର୍ବରାରୋଣ ଆସନ୍ତା ୧୬ ତାରିଖରୁ ଉତ୍ତରଖଣ୍ଡର ରୁଦୁଗାଇରା ୧୯,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ହିମାଳୟ ପର୍ବତକୁ ଆରୋହଣ ଆରମ୍ଭ ହୋଇ ସେପ୍ଟମ୍ବର ୨୯ ତାରିଖରେ ଶେଷ ହେବ । ଏହି ଖବର ପ୍ରଚାରିତ ହେବା ପରେ କଳାହାଣ୍ଡି ଜିଲାରେ ଖୁସିର ଲହରି ଖେଳିଯାଇଛି।

ଟିଙ୍ଗୁଡିସରରେ ନୂଆଁଖାଇ ଭେଟ 'ତିହାର' କାର୍ଯ୍ୟକ୍ରମ

## ଘୁମୁରା, ଘୁଡକା ନୃତ୍ୟରେ ଦୁଲୁକିଲା ମଞ୍ଚ

ଜୁନାଗଡ,୨୦।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଟିଙ୍ଗୁଡିସର ଗ୍ରାମର ବିବେକାନନ୍ଦ ଯୁବ ସଙ୍ଗଠନ ପକ୍ଷରୁ ଚଳିତ ବର୍ଷ ତୃତୀୟ ଥର ପାଇଁ ନୂଆଁଖାଇ ଭେଟ 'ତିହାର' ଧୁମଧାମରେ ପାଳିତ ହୋଇଯାଇଛି। ବୁଧବାର ଦିନ ତମାମ ଗ୍ରାମବାସୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଜି ଯାଇଥିବା ବେଳେ କଳାହାଣ୍ଡିର ଐତିହ ବହନ କରୁଥିବା ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପୁରୁଷ ଦ୍ୱାରା କବାଡି, ରଶି ଟଣା, ଖୁଣ୍ଟି ଘିଞ୍ଚା ଇତ୍ୟାଦୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ମହିଳା ଦ୍ୱାରା ମ୍ୟୁଜିକ ଚେୟାର, ଷ୍ଟାଚ୍ୟୁ ପ୍ରତିଯୋଗୀତା ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା କାଞ୍ଚନ ବାଗ ଉଦ୍‌ଘାଟନ କରିଥିବା ବେଳେ ଟିଙ୍ଗୁଡିସର ସରପଞ୍ଚ ତିଳକର ମାଝି, ସମିତି ସଭ୍ୟା ଜଲି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମୀରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରେମଲାଲ ବାଗ, ସମ୍ମାନିତ ଅତିଥି ବିଜୁ ଯୁବ ଜନତା ଦଳ ନଗର ସଭାପତି ବିଶ୍ୱରଞ୍ଜନ ନାୟକ, ସଞ୍ଜୀବ ଦାଶ, ଜୁନାଗଡ ପୋଲିସ ଅଧିକାରୀ ରାଜେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସଭାପତି ବିନୟ ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ହିମାଂଶୁ ବାର୍ଷିକ ବିବରଣି ପାଠ କରିଥିଲେ। ଜୟପାଟଣା କାଶିବାହାଲର ରଙ୍ଗିନ ଘୁମୁରା, ବରଗଡର ଘୁଡୁକା ନୃତ୍ୟରେ ଲୋକେ ବିମୋହିତ ହୋଇଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡ୍ୟାନ୍ସ ପ୍ରତିଯୋଗୀତାକୁ ଦର୍ଶକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଝାନସୀ ରାଣୀ ଯୁବତୀ ସଂଘ ସମେତ ବିଶିକେଶନ ବିଶ୍ୱାଳ, ଗୁରୁବାରୁ ପୂଝାରୀ, ହେମନ୍ତ ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ।


ତିହାର କାର୍ଯ୍ୟକ୍ରମରେ ଘୁମୁରା ପରିବେଷଣ ହେଉଛି ।

## ଗୋଲାମୁଣ୍ଡାଠାରେ ନୂଆଁଖାଇ ଭେଟ୍‌ଘାଟ୍

ଗୋଲାମୁଣ୍ଡା,୨୦।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରେ ବୁଧବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଁଖାଇ ଭେଟ୍‌ଘାଟ୍ କମିଟି ସଭାପତି ତଥା ଜୁନାଗଡ ବିଧାନସଭା କଂଗ୍ରେସର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିଲା । ଏଥିରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବର୍ତ୍ତମାନ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସାମାଜିକ କର୍ମୀ ପ୍ରସନ୍ନ ରାଉତ, ଜିଲା ପରିଷଦ ସଦସ୍ୟ ବୃଷଭ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ନୂଆଁଖାଇ ଭେଟ୍‌ଘାଟ୍ ସଭାପତି ସାଉଲ ଆଗାମୀ ଦିନରେ ଯୁବ ପିଢିମାନେ ଏକତ୍ରିତ ହୋଇ ବ୍ଲକର ବିକାଶ ଧାରାକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ । ଏଥି ପୂର୍ବରୁ ଗାଁର ଗଉନ୍ତିଆ ସୁବାସ ରାଉତ, ନରିଆ ସୁଦେର ଖରସେଲ, ଝାଙ୍କର ବିଟୋ ମାଝି, ଗଣା ସରୋଜ ମଙ୍ଗରାଜ ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ କମିଟି ପକ୍ଷରୁ ବ୍ଲକର ସୁଧୀର ପ୍ରସାଦ ସାହୁ, ଦାମୋଦର ଦାସ, ସୁଶାନ୍ତ କୁମାର ଦଳେଇ, ରମେଶ ଅଗ୍ରୱାଲ, ରାହାସ ମଙ୍ଗରାଜ, ଆଶୁତୋଷ ରାଉତ, ନଉକେଶ୍ୱର ପୁଟେଲ, ଅମିରିରାଜ ତାଣ୍ଡି, ଚିତ୍ତ ରଞ୍ଜନ ବାଗଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ନୂଆଁଖାଇ ଭେଟ୍‌ଘାଟ୍ ଶେଷରେ ପଶ୍ଚିମ ଓଡିଶାର ସୁନାମଧନ୍ୟ କଳାକାର ପ୍ରକାଶ ଜାଲ, ଦୁଃଶନ୍ତ ସୁନା, ସୁରେଶ ସୁନା, ହେମନ୍ତ କଠାର, ସ୍ୱିଟି ପ୍ରମୁଖ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।


ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ୧୪୩ ସ୍କୁଲ, କଲେଜ ବନ୍ଦ

ଭବାନୀପାଟଣା,୨୦।୯(ଡି.ଏନ.ଏ.)

**କଳାହାଣ୍ଡି ଜିଲା**
- ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରି
- ଚିନ୍ତାରେ ଅଭିଭାବକ

ରାଜ୍ୟ ବ୍ୟାପୀ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ଅନୁଦାନରୁ ବାଦ ପଡିଥିବା ବିଦ୍ୟାଳୟ, ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ୬୬୨ ବର୍ଗ କଲେଜ ଅଧ୍ୟାପକ ଓ ଶିକ୍ଷକମାନଙ୍କ ଆନ୍ଦୋଳନ ଜାରି ରହିଛି । ଏଥିଯୋଗୁ ଏବେ କଳାହାଣ୍ଡି ଜିଲାରେ ଶିକ୍ଷାଦାନ ଠପ ହୋଇଯାଇଛି । ଏହାକୁ ନେଇ ଅଭଭାବକ ମଧ୍ୟରେ ଚିନ୍ତା ବଢିଯାଇଛି । ବର୍ତ୍ତମାନ ଜିଲାର ଶିକ୍ଷକ, ଅଧ୍ୟାପକ ମିଳିତ ମଞ୍ଚ ପକ୍ଷରୁ ଗ୍ରାମାଭିମୁଖୀ ହୋଇଥିବା ବଳେ ଅନେକ ସ୍କୁଲ ବନ୍ଦ ରହିଛି। ଜିଲାର କୋକସରା ବ୍ଲକ୍‌ରେ ୬ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୬୬୨ ବର୍ଗ କଲେଜରେ ପାଠପଢା ବ୍ୟାହତ ହୋଇଛି । ଜୁନାଗଡ ବ୍ଲକରେ ୯ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୩ଟି ଅନୁଦାନରୁ ବାଦ ପଡିଥିବା ଓ ୩ଟି ୬୬୨ଟି ବର୍ଗ କଲେଜ ବନ୍ଦ ରହିଛି । ଧର୍ମଗଡ ବ୍ଲକରେ ୬ଟି ନୂତନ ଅନୁଦାନପ୍ରାପ୍ତ ୪ଟି ଅନୁଦାନରୁ ବାଦପଡିଥିବା ବିଦ୍ୟାଳୟ ଓ ୪ଟି ୬୬୨ ବର୍ଗ କଲେଜରେ ତାଲା ଝୁଲୁଛି । ସେହିଭଳି ଗୋଲାମୁଣ୍ଡା ବ୍ଲକରେ ୮ଟି ନୂତନ ଅନୁଦାନ ପ୍ରାପ୍ତ ଗୋଟିଏ ଅନୁଦାନରୁ ବାଦ ପଡିଥିବା ଓ ୨ଟି ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ୫ଟି ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ୫ଟି ୬୬୨ ବର୍ଗ କଲେଜ ବନ୍ଦ ରହିଛି । ଥୁଆମୁଳ ରାମପୁର ବ୍ଲକ୍‌ରେ ମାତ୍ର ଗୋଟିଏ ୬୬୨ ବର୍ଗ କଲେଜ ବନ୍ଦ ରହିଛି । ଜିଲାରେ ୯୯ଟି ନୂତନ ଅନୁଦାନପ୍ରାପ୍ତ ୧୨ଟି ଅନୁଦାନରୁ ବାଦ ପଡିଥିବା ୨ଟି ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ୩୦ଟି ୬୬୨ ବର୍ଗ କଲେଜର ଅଧ୍ୟାପକ ଓ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ସ୍କୁଲ, କଲେଜରେ ତାଲା ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଜିଲାର ୧୯ଟି ୪୮୮ ବର୍ଗ କଲେଜର କିଛି ଅଧ୍ୟାପକ ଆନ୍ଦୋଳନକୁ ସମର୍ଥନ କରୁଥିବା ଯୋଗୁ ଶିକ୍ଷାଦାନ ସାମୟିକ ଭାବରେ ବାଧାପ୍ରାପ୍ତ ହେଉଛି । ଜିଲା ବ୍ୟାପୀ ଏହି ଆନ୍ଦୋଳନ ଯୋଗୁ ୧୪୩ଟି ସ୍କୁଲ, କଲେଜ ବନ୍ଦ ରହିବା ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି । ଜିଲାର ଭବାନୀପାଟଣା ସଦର ବ୍ଲକରେ ୧୬ଟି ନୂତନ ଅନୁଦାନ ପ୍ରାପ୍ତ, ଗୋଟିଏ ଅନୁଦାନରୁ ବାଦ ପଡିଥିବା ବିଦ୍ୟାଳୟ ଓ ୪ଟି ୬୬୨ ବର୍ଗ କଲେଜ ବନ୍ଦ ରହିଛି । ସେହିଭଳି କେସିଙ୍ଗା ବ୍ଲକରେ ୧୦ଟି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ୩ଟି ୬୬୨ବର୍ଗ କଲେଜ ବନ୍ଦ ଅଛି । କର୍ଲାମୁଣ୍ଡା ବ୍ଲକରେ ୪ଟି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ୨ଟି ୬୬୨ ବର୍ଗ କଲେଜ ବନ୍ଦ ରହିଛି । ମଦନପୁର ରାମପୁର ବ୍ଲକରେ ୩ଟି ଅନୁଦାନ ପ୍ରାପ୍ତ ଓ ଗୋଟିଏ ଅନୁଦାନରୁ ବାଦ ପଡିଥିବା ବିଦ୍ୟାଳୟ ବନ୍ଦ ରହିଛି । ନର୍ଲା ବ୍ଲକରେ ୧୪ଟି ନୁତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ଗୋଟିଏ ୬୬୨ ବର୍ଗ କଲେଜ ବନ୍ଦ ଅଛି । ଲାଞ୍ଜିଗଡ ବ୍ଲକରେ ୪ଟି ଅଦୁନାନପ୍ରାପ୍ତ ଗୋଟିଏ ଅନୁଦାନରୁ ବାଦ ପଡିଥିବା ବିଦ୍ୟାଳୟ ଓ ୩ଟି ୬୬୨ ବର୍ଗ କଲେଜରେ ତାଲା ଝୁଲୁଛି । ଜୟପାଟଣା ବ୍ଲକରେ ୯ଟି ନୂତନ ଅନୁଦାନ ପ୍ରାପ୍ତ, ଗୋଟିଏ ଅନୁଦାନରୁ ବାଦ ପଡିଥିବା ବିଦ୍ୟାଳୟ ଓ ଗୋଟିଏ ୬୬୨ ବର୍ଗ କଲେଜ ବନ୍ଦ ରହିଛି । ଏନେଇ ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ସ୍କୁଲଗୁଡିକ ବନ୍ଦ ରହିଛି । ଏ ନେଇ ସରକାରଙ୍କ ପକ୍ଷରୁ କ'ଣ ବିକଳ୍ପ ପଦକ୍ଷେପ ନିଆଯିବ ସେ ନେଇ କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ସଂକ୍ଷେପରେ

### ଫ୍ରେଣ୍ଡସ କ୍ଲବର ନୂତନ କମିଟି ଚୟନ

**ଅମରପାଲି,୨୦।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଫ୍ରେଣ୍ଡସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। କ୍ଲବର ବରିଷ୍ଠ ସଦସ୍ୟ ବସନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବର ପ୍ରାୟ ୧୦୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ। କମିଟିର କର୍ମକର୍ତ୍ତା ଚୟନ ପୂର୍ବରୁ ପ୍ରାଣବନ୍ଧୁ ସାହୁ ଚଳିତ ବର୍ଷ ପାଇଁ କ୍ଲବର ଆଭିମୁଖ୍ୟ କଣ ରହିବ ସେ ଉପରେ ମତପ୍ରକାଶ କରିଥିଲେ। ନିଷ୍ପତ୍ତି ଅନୁଯାୟୀ କ୍ଲବର ନୂତନ ପରିଚାଳନା କମିଟି ଗଠନ, ଗ୍ରାମରେ ବ୍ୟାପୁଥିବା କିଡନୀ ରୋଗର ନିରାକରଣ ପାଇଁ ପଦକ୍ଷେପ ଓ ଆକ୍ରାନ୍ତ ରୋଗୀଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥା, ଅଞ୍ଚଳର ଅଣଜଳସେଚିତ ଜମିକୁ ଜଳସେଚନ ପାଇଁ ଏକ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ପରେ କ୍ଲବର ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ପୀତାମ୍ବର ସାହୁଙ୍କୁ ସଭାପତି, ଭବାନୀଶଙ୍କର ସାହୁଙ୍କୁ ସମ୍ପାଦକ, ବରୁଣ ନାଏକଙ୍କୁ ଉପସଭାପତି, ଶ୍ରୀତମ ପ୍ରଧାନଙ୍କୁ ସହ ସମ୍ପାଦକ ଓ ତଥାଗତ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହା ସହିତ ପ୍ରଫୁଲ୍ଲ ସାହୁ, ଜନ୍ମେଜୟ ସାହୁ, ଜୟପ୍ରକାଶ ସାହୁ, ଚନ୍ଦ୍ରଶେଖର ପତି, ଅଶୋକ ସାହୁ, ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ସେହିପରି କମିଟିର ଉପଦେଷ୍ଟାଭାବେ ବସନ୍ତ ସାହୁ, ପ୍ରାଣବନ୍ଧୁ ସାହୁ, ଭକ୍ତରାମ ସାହୁ, ବିମ୍ବାଧର ସାହୁ, କହ୍ନେଇଚରଣ ପ୍ରଧାନ, ଅଜିତ ସାହୁ, କନ୍ଦର୍ପ ସେଠୀଙ୍କୁ ଚୟନ କରାଯାଇଛି। ଶେଷରେ ବନମାଳୀ ଗୌନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଭସାଣି ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତାର ବାର୍ତ୍ତା

ବୀରମହାରାଜପୁର, ୨୦।୯ (ଡି.ଏନ.ଏ): ବୀରମହାରାଜପୁର ବ୍ଲକ ସୁବଳାୟା ଗଡଭିତରେ ଚାଲିଥିବା ଶ୍ରୀଗଣେଶଙ୍କ ପୂଜନୋତ୍ସବ ବୁଧବାର ମୂର୍ତ୍ତି ବିସର୍ଜନ ସହ ସମ୍ପନ୍ନ ହୋଇଛି। ଏଥର ଭସାଣି ଶୋଭାଯାତ୍ରା ଖୁବ୍ ଆକର୍ଷଣୀୟ ହୋଇଥିବା ବେଳେ ଏହାରି ମାଧ୍ୟମରେ ଦିଆଯାଇଥିଲା ସଚେତନତାର ବାର୍ତ୍ତା। ବିଶେଷ କରି ଡେଙ୍ଗୁ, ମ୍ୟାଲେରିଆ ଓ ଝାଡାବାନ୍ତି ଭଳି ରୋଗରେ ନିରାକରଣ ପାଇଁ ସ୍ୱଚ୍ଛତା ସମ୍ପର୍କିତ ସଚେତନଧର୍ମୀ ବାର୍ତ୍ତା ପ୍ଲାକାର୍ଡ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ତାଛଡା ପିଲାମାନେ ବିଭିନ୍ନ ରଙ୍ଗରେ ସଜାଇ ହୋଇ ଗଣେଶଙ୍କ ମେଢ଼ରେ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଆୟୋଜକ ତଥା ପୂଜା କମିଟିର ଏଭଳି ଅଭିନବ ପ୍ରୟାସ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି।

### ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବଳଦ ମୃତ

**ଲଖନପୁର,୨୦।୯(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗୁରୁବାର ଏକ ବଳଦର ମୃତ୍ୟୁ ହୋଇଛି। ମୃତ ବଳଦ ତେଲେନପାଲି ଗ୍ରାମର ନୃପ ସାଙ୍କରା। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନୃପଙ୍କ ସହ ଆଲୋଚନା କରିଥିଲେ। ପରେ ଟ୍ରାନ୍ସଫର୍ମର ନିକଟରୁ ବଳଦ ମୃତଦେହ ଉଠିଥିଲା। ଦୁର୍ଘଟଣା ପରେ ହଠାତ୍ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ମରାମତି ପରେ ସେବା ସ୍ୱାଭାବିକ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପାଖରେ ତାରବାଡ଼ କିମ୍ବା ପାଚେରି ନିର୍ମାଣ ପାଇଁ ଦାବି ହେଉଛି।

ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବନ୍ଧୁକ ଦେଖାଇ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋର୍‌ଦାର

**ବଲାଙ୍ଗୀର ଅଫିସ, ୨୦।୯**



ଗାନ୍ଧୀନଗରପଡାବାସୀ ସୁରକ୍ଷା ପାଇଁ ଟାଉନ ଥାନାକୁ ଆସିଛନ୍ତି।

ବଲାଙ୍ଗୀର ସହରରେ ଏବେ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ୨୨ଦିନ ତଳେ ସହରରେ ଦୁଇ ଅସାମାଜିକ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୪ ରାଉଣ୍ଡ ଗୁଳି ଫୁଟିଥିଲା। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ।ଏହି ଘଟଣାରେ ୫/୬ ଜଣ ଯୁବକ ଅଭିଯୁକ୍ତ ରହିଥିଲେ । ତେବେ ଗୁଳି ଫୁଟାଇ ଗୁରୁତର ଆହତ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇନାହିଁ। ଏହିକ୍ରମରେ ବୁଧବାର ରାତିରେ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ପୁଣି ବନ୍ଧୁକ ଦେଖାଇ ଆକ୍ରମଣ ଅଭିଯୋଗ ହୋଇଛି । ଗାନ୍ଧୀନଗରପଡାର ବହୁ ମହିଳା ଓ ପୁରୁଷ ଗୁରୁବାର ଟାଉନ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି।

ଗାନ୍ଧୀନଗର ପଡା ପିଚୁ ହୋଟେଲ ଗଳିରେ ରହୁଥିବା ବାଗପଡାବାସୀ ବୁଧବାର ରାତିରେ ଗଣେଶ ବିସର୍ଜନ ଶୋଭାଯାତ୍ରା କରୁଥିବାବେଳେ ୫ ଜଣ ଯୁବକ ଶୋଭାଯାତ୍ରା ଭିତରକୁ ପଶି ଆସି ଗଣ୍ଡଗୋଳ ଭିଆଇଥିଲେ । ଶୋଭାଯାତ୍ରାରେ ଯାଉଥିବା ଯୁବକଙ୍କୁ ପିସ୍ତଲ, ଭୁଜାଲି ଓ ତଲୱାଲ ଭଳି ମାରଣାସ୍ତ୍ର ଦେଖାଇ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ପଡାବାସୀ ବୁଧବାର ରାତିରେ ଟାଉନ୍ ଥାନାକୁ ଆସି ଅଭିଯୋଗ କରିଥିଲେ। ପରେ ଟାଉନ୍ ପୋଲିସ ପିସିଆର ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଧରି ପାରି ନ ଥିଲେ। ଫଳରେ ଗୁରୁବାର ସମସ୍ତ ପଡାବାସୀ ଭୟଭୀତ ହୋଇ ଟାଉନ ଥାନାକୁ ଆସି ଅଭିଯୋଗ କରିବା ସହ ପୋଲିସ ସୁରକ୍ଷା ଲୋଡିଥିଲେ । ଗୁରୁବାର ଦେଇଥିବା ଅଭିଯୋଗପତ୍ରରେ ବଗାରପଡାର ସୁଦାମ ମଲ୍ଲିକ, ଶିବ ଜାଲ, ହିମାଂଶୁ ବଗାର, ରିତୁ ସୁନାନୀ ଓ ବିକାଶ ବଗାର ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିଥିବା ଦର୍ଶାଯାଇଛି । ଶିବ ଜାଲ ଓ ସୁଦାମ ମଲ୍ଲିକ ପିସ୍ତଲ ଦେଖାଇ ଧମକ ଦେଇଥିବା ଉଲ୍ଲେଖ କରାଯାଇଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡାବାସୀ ଦାବି କରିଛନ୍ତି। ମତ୍ସ୍ୟ ବିଭାଗ ଅଧିନର ଥିବା ବନ୍ଧହିଡ ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେଠାରେ ନିଶା କାରାବାର ସହ ବେଆଇନ୍ କାମ ହେଉଥିବା ଏବଂ ଅସାମାଜିକ ତତ୍ତ୍ୱଙ୍କ

- ସୁରକ୍ଷା ଦାବିରେ ଟାଉନ ଥାନା ଦ୍ୱାରସ୍ଥ ମହିଳା, ପୁରୁଷ
- ଅସାମାଜିକ ଗ୍ୟାଙ୍ଗ ପ୍ରାଦୁର୍ଭାବ ବଢୁଛି
- ପୋଲିସକୁ ଭୟ କରୁନାହାନ୍ତି
- ମତ୍ସ୍ୟ ବିଭାଗ ବନ୍ଧହିଡ ପାଲଟିଛି ଆଡ୍ଡାସ୍ଥଳୀ

ପ୍ରାଦୁର୍ଭାବ ଯୋଗୁଁ ପଡାର ମହିଳାମାନେ ବନ୍ଧକୁ ଯିବାବେଳେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବାରୁ ସେମାନେ ଭୟଭୀତ ହୋଇପଡୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ସେଠାରେ ଏକ ସରକାରୀ କୋଠାକୁ ଅକ୍ତିଆର କରି ଆଡ୍ଡାସ୍ଥଳୀ କରିଥିବା ଅଭିଯୋଗ କରିଛନ୍ତି । ଏହି ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ଯୋଗୁ ଏହି ଅଞ୍ଚଳରେ ସାଧାରଣ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଏବଂ ଭୟଭୀତ ହୋଇ ରହୁଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏନେଇ ପୋଲିସକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ ବଲାଙ୍ଗୀର ସହରରେ ବିଭିନ୍ନ ଗ୍ୟାଙ୍ଗର ପ୍ରାଦୁର୍ଭାବ ଦେଖାଦେଉଥିବା ଏବଂ କଥା କଥାରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ବାହାରୁ ଥିବାରୁ ସାଧାରଣରେ ଭୟ ଓ ଆତଙ୍କ ଖେଳି ଯାଇଛି । ପୋଲିସ ଏହି ଅସାମାଜିକ ତତ୍ତ୍ୱଙ୍କୁ ରୋକିବାରେ ବିଫଳ ହୋଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଟାଉନ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ଟାଏକୋଣ୍ଡୋରେ ଦୁଇଭାଇଙ୍କ ସଫଳତା

**ବୀରମହାରାଜପୁର,୨୦।୯ (ଡି.ଏନ.ଏ.)**



ଏହେସାସ ଓ ଅନ୍ୱେଶ।

ବୀରମହାରାଜପୁରମାଟିର ୨ପ୍ରତିଭାବାନ କ୍ରୀଡାବିତ୍ ଏବେ ଜାତୀୟସ୍ତରରେ ତାଙ୍କର ପ୍ରତିଭା ଦେଖାଇବାର ସୁଯୋଗ ପାଇଛନ୍ତି। ଟାଏକୋଣ୍ଡୋରେ ବିଭିନ୍ନ ସମୟରେ ରାଜ୍ୟ, ଜାତୀୟ ଏବଂ ଅର୍ନ୍ତଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ଏହେସାସ ହୋତା ପୁଣି ଥରେ ଜାତୀୟ ସ୍ତରରେ ଭାଗନେବାର ସୁଯୋଗ ପାଇଛନ୍ତି। ସେପ୍ଟେମ୍ବର ୧୯ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଜବଲପୁରରେ ଅନୁଷ୍ଠିତ ହେଉଥିବା ୩୭ତମ ଜାତୀୟ ସିନିୟର ଏବଂ ୧୦ମ ଜାତୀୟ ଜୁନିୟର ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶାର ୨୪ଜଣିଆ ଟିମରେ ସାମିଲ ହୋଇଛନ୍ତି। ଏହେସାସ ୬ମାସ ପାଇଁ ଅଗ୍ରଣୀ ପିସ୍ ଟାଏକୋଣ୍ଡୋ ତାଲିମ କେନ୍ଦ୍ର ଦିଲୀରେ ତାଲିମ ନେଉଥିବାବେଳେ ସେ ସେଇଠୁ ଜବଲପୁର ଯାତ୍ରା କରିଛନ୍ତି। ସେହିଭଳିଏହେସାସଙ୍କସାନଭାଇଅନ୍ୱେଶ ହୋତା ମଧ୍ୟ ଗତବର୍ଷ ଜାତୀୟସ୍ତରରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଏବେ ପୁଣିଥରେ ସିବିଏସଇ ଦ୍ୱାରା ହେବାକୁ ଥିବା ଜୋନାଲସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଆସାମର ଗୌହାଟୀରେ ଆସନ୍ତା ୩୦ସେପ୍ଟେମ୍ବରରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗତ କିଛି ମାସ ହେବ ଉଭୟ ଏହେସାସ ଓ ଅନ୍ୱେଶ କଠିନ ପରିଶ୍ରମ କରି ତାଲିମ ଗ୍ରହଣ କରିଛନ୍ତି। ଉଭୟଙ୍କୁ ପୁନର୍ବାର ସଫଳତା ମିଳିବ ବୋଲି ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଆଶା ବାନ୍ଧିଛନ୍ତି।

# କପାଚାଷୀକୁ ଘାରୁଛେ ଅଭାବୀ ବିକ୍‌ରିର ଆଶଁକା

**ଭବାନୀପାଟଣା,୨୦।୯(ଡି.ଏନ.ଏ.)**

ଭାରତୀୟ କପା ନିଗମ ସଂଗେ ସରକାରକଁର ସମ୍ପର୍କ ଅଭାବ୍‌ରୁ ଇଥର ବି କପା ଚାଷୀ ଅଭାବୀ ବିକ୍‌ରିର ଶିକାର ହେବାର ଆଶଁକା ଦେଖାଦେଇଛେ। ସରକାର କପାର ସହାୟକ ଦାମ୍ ବୁର୍‌ଧିକରି କୁଇଣ୍ଟାଲ ପିଛା ୫୪୩୦ଟଁକା କରିଦେଲେ। ହେଲେ ସବୁନୁ ଜହ କପା ଘିନୁଥିବାର ଭାରତୀୟ କପା ନିଗମ ସଂଗେ ସରକାରକଁର ସମ୍ପର୍କ ଠିକ୍ ନାଇଁ ରହେବାର ଲାଗି ଇଥର ବି କପା ଚାଷୀ ଅଭାବୀ ବିକ୍‌ରିର ଶିକାର ହେବାର ଆଶଁକା ଦେଖାଦେଇଛେ। ସେନ୍‌ତା ଜିନିଂ ମିଲମାନ୍‌କର ଭବିଷତ୍ କଥା ବି କହି ନାଇଁହୁଏ। ଇଥର ଭାରତୀୟ କପା ନିଗମ ଗୁଟେ ନାଇଁହେଲା ନୀତି ଜିନିଂ ଲାଗି କଲାରୁ ଏନ୍‌ତା ଅବସ୍‌ତା ସୁରୁଷ୍‌ଟି ହେଇଛେ। ଯେନ୍‌ଥିର୍‌ଲାଗି ନିଗମ ତର୍‌ଫୁ କରାଯାଇଥିବାର ଟେଣ୍ଡରରେ କେହି ଭାଗ୍ ନାଇଁ ନେଲାରୁ ଟେଣ୍ଡର ବାତିଲ ହେଇଛେ। ଯେନ୍‌ଥିର୍ ପର୍‌ଭାବ୍ ଆଏବାର ଦିନ୍‌ମାନ୍‌କେ ରାଏଜର ସବୁନୁ ଜହ ଧଳା ସୁନା ଉତ୍‌ପାଦନ କରୁଥିବାର କଳାହାଣ୍ଡି ଜିଲାର ଚାଷୀକଁର ଉପ୍‌ରେ ପଡ଼ବାର ଗୁଟେପର୍‌କାର ଥଏ ଆଏ। ଜନାଯାଇଛେ ଯେ ନିଗମ ତର୍‌ଫୁ କପା ଜିନିଂ ଲାଗି ଟେଣ୍ଡର କରାଯାଏସି। ହେଲେ ଇଥର ସିସିଆଇ ନୀତିରେ କଡା ନିୟମ ରଖିବାର ଲାଗି ଜିନିଂ କରୁଥିବାର ସଂସ୍ଥାମାନେ ଟେଣ୍ଡର ନାଇଁ ପକାବାର। ପହେଲା ଟେଣ୍ଡରରେ ଇ ସଂସ୍ଥା କୁଇଣ୍ଟାଲ ପିଛା ୩୩ କେଜି କପା ଦେବାର ଲାଗି ଟେଣ୍ଡର ଡାକିଥିଲେ। ଇଥିରେ କେହି ଭାଗ୍ ନାଇଁ ନେଲେ। ଦୁତିଅ ଟେଣ୍ଡରରେ ନିୟମକେ ଟିକେ ଢ଼ିଲା କରି ଅକ୍ଟୋବର ନଭେମ୍ବର ମାସେ କୁଇଣ୍ଟାଲ ପିଛା ୩୧.୫ ଡିସେମ୍ବର ଜାନୁୟାରୀ ମାସେ ୩୨ ପର୍‌ତିଶତ, ଫେବୃୟାରୀ ମାସେ ୩୨.୫ ପର୍‌ତିଶତ, ମାର୍ଚ୍ଚ ମାସେ ୩୩ ପର୍‌ତିଶତ କପା ଦେବାର ନିୟମ କରିଥିଲେ। ଯେନ୍‌ଥିରେ ଖାଲି କୋଣାର୍କ ସୂତାକଲ୍‌କେ ଛାଡିଦେଲେ ଆର୍ କେହି ଭାଗ୍ ନାଇଁ ନେଲେ। ଯେନ୍‌ଥିର୍‌ଲାଗି ଟେଣ୍ଡର ଫେନ୍‌ଘାଏ ବାତିଲ ହେଲା। ସାଧାରନ ହିସାବେ କଳାହାଣ୍ଡି ଜିଲାରେ ମାର୍ଚ୍ଚ ମାସେ ଦୁତିଅ ଥର ଲାଗି କପା ତୁଲା ଯାଏସି। ଯେନ୍‌ଥିରେ କେଭେ ୩୩ ପର୍‌ତିଶତ କପା କୁଇଣ୍ଟାଲ ପିଛା ନାଇଁ ବାହାରେ। ଏଭେ ନିଗମ ତର୍‌ଫୁ ଫେନ୍‌ଥରେ ଟେଣ୍ଡର ଡକାଯାଇଛେ। ଇଥର ବି ନୀୟମରେ ଟିକେ ପରିବର୍‌ତନ୍ କରାଯାଇଥିବାର ସୂଚ୍‌ନା ମିଳିଛେ। ଯେନ୍‌ଥିର୍‌ଲାଗି ଇଥର ବି ଟେଣ୍ଡର ବାତିଲ ହେଇପାରେ। ଯେତେଦିନ୍ ତକ୍ କପା ନିଗମ ନୀତିରେ ପରିବର୍‌ତନ୍ ନାଇଁ କର୍‌ବା ସେ ଦିନ୍ ତକ୍ ଚାଷୀମାନ୍‌କୁ ନିଏ ନାଇଁମିଲେ। କାରନ୍ ଯେତେବେଲେ ବି ବଜାରରେ ମାଁଦାବସ୍‌ତା ସୁରୁଷ୍‌ଟି ହେସି ଇ କପା ନିଗ ଚାଷୀକୁ ଉଚିତ୍ ନିଏ ଦେସି। ଯେନ୍‌ଥିର୍‌ଲାଗି ଚାଷୀ ସହାୟକ ଦାମ୍ ଠିକ୍‌ସେ ପାଏସନ୍। ଇଥିର୍‌ଲାଗି କପା ଘିନାରେ ଭାରତୀୟ କପା ନିଗମର ଗୁଟେ ମୁଖିଆ ଭୂମିକା ରହିଛେ। ହେଲେ ନିଗମ ତାର ନୀତିରେ ପରିବର୍‌ତନ ନାଇଁ କର୍‌ବାର। ଯେନ୍‌ଥିର୍‌ଲାଗି ସରକାର କପାର ସହାୟକ ଦାମ୍ ବଢ଼ାଲେ ଭିଲ୍ ଇ ବଛର୍ ଚାଷୀ କପା ଘିନାବିକାରେ ହଇରାନ୍ ହର୍‌କତ୍ ହେବାର ଥଏ ଆଏ ବଲି ଚାଷୀ ମହଲରେ ମତ୍ ପର୍‌କାଶ ପାଇଛେ।

# ତୃତୀୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୦।୯**



ବଲାଙ୍ଗୀର ଓଡେଶା ଭବନଠାରେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମୂହ ଛୁଟି ଆନ୍ଦୋଳନ।

ରାଜ୍ୟ ସରକାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ନ୍ୟାଯ୍ୟ ଦାବି ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଗତ ୧୮ତାରିଖରୁ ସମୂହ ଛୁଟିରେ ଥିବା ଡିପ୍ଲୋମା ଇଞ୍ଜିନିୟରର୍ସଙ୍କ ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ବଲାଙ୍ଗୀର ହାତୀଶାଳପଡାଠାରେ ଥିବା ସଂଘ ଭବନଠାରେ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଧାରଣାରେ ବସିଥିଲେ। ଡିପ୍ଲୋମା ଇଞ୍ଜିନିୟର୍ସଙ୍କ ମୂଳ ନିଯୁକ୍ତି ସହକାରୀ ଯନ୍ତ୍ରୀ କରାଯିବା, ପଦୋନ୍ନତି ହାର ପ୍ରଚଳିତ ୩୩ ଭାଗ ପରିବର୍ତ୍ତେ ୫୦ଭାଗକୁ ବୃଦ୍ଧି, ପଞ୍ଚାୟତିରାଜ ବିଭାଗର ସମସ୍ତ ବିପିଟିଏ ଓ କନିଷ୍ଠ ଯନ୍ତ୍ରୀ-୨କୁ କନିଷ୍ଠ ଯନ୍ତ୍ରୀ ଭାବେ ନିୟମିତ କରିବା ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ଉନ୍ନୀତ କରିବା, ଅଣଇଞ୍ଜିନିୟର ବିଭାଗରେ ଇଞ୍ଜିନିୟର କ୍ୟାଡର ଗଠନ କରିବା ଆଦି ଦାବି କରାଯାଇଛି। ସମୁହ ଛୁଟି ଆନ୍ଦୋଳନ ଫଳରେ ରାସ୍ତା ଓ ଗୃହ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗର ନିର୍ମାଣ କାମ, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି । ସଭାରେ ବଲାଙ୍ଗୀର ଡିଭିଜନାଲ କମିଟି ସଭାପତି ସୁଦର୍ଶନ ନାୟକ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଭୁବନ ସିଂ ସାହୁ, ଉପଦେଷ୍ଟା ଇଂ ଏ ସୀମାଦ୍ରୀ ଦୋରା, ଉପସଭାପତି ପ୍ରଦୀପ କୁମାର ଲାଲ, ପ୍ରାକ୍ତନ ସଭାପତି ଗିରିଶ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଭାତ କୁମାର ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଦୀପକ



@ ରୋଶନ



@ ସୁକନ୍ୟା



@ ବଣ୍ଟି

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ବଳଦକୁ ବଞ୍ଚାଇବାକୁ ଯାଇ ପ୍ରାଣ ହରାଇଲେ ମାଲିକ

ବାଲିଶଙ୍କରା,୨୦।୯(ଡି.ଏନ୍.ଏ)- ସୁନ୍ଦରଗଡ଼ ଜିଲା କିଞ୍ଜିରକେଲା ଥାନା ଅଧୀନ କଛାରଯୋର ଗ୍ରାମରେ ଗୁରୁବାର ଏକ ଅଘଟଣ ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ବଳଦକୁ ବଞ୍ଚାଇବାକୁ ଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିବ୍ୟଲୋଚନ ଓରାମ(୫୫)। ମିଳିଥିବା ସୂଚନା ମୁତାବକ, ଦିବ୍ୟଲୋଚନ ପୂର୍ବାହ୍ନ ପ୍ରାୟ ୧୦ଟାରେ ନିଜ ବଳଦ ହଳକୁ ଚରାଇବାକୁ ଘରଠାରୁ କିଛି ଦୂରତାରେ ଥିବା ଜମିକୁ ନେଇଥିଲେ। ହେଲେ ପୂର୍ବରୁ ବିଦ୍ୟୁତ୍ ତାରଟି ଛିଣ୍ଡି ପଡି ଧାନ କିଆରିରେ ପଡିଥିଲା। ହେଲେ ବଳଦଟି ଧାନ ଖାଇବାକୁ କିଆରି ଭିତରକୁ ପଶିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲିଆସିଥିଲା। ଏହା ଦେଖି ଦିବ୍ୟଲୋଚନ ବଳଦକୁ ବଞ୍ଚାଇବାକୁ ଯାଇ ସେ ମଧ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲିଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କିଞ୍ଜିରକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୦/୧୮ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଟୋପି ପିନ୍ଧାଇ ଫଟୋ ନେଲେ ସ୍ୱଚ୍ଛତା ଆସିବନି

## ■ ସ୍ଥାୟୀ ପ୍ରତିକାର ଲୋଡ଼ା

ରାଉରକେଲା ଅଫିସ,୨୦।୯

ସୁନ୍ଦରଗଡ ଏମ୍ପି ତଥା କେନ୍ଦ୍ର ଆଦିବାସୀ ବ୍ୟପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ କେତେଜଣ ଭାଜପା ନେତା ଗତ ୧୬ ତାରିଖରେ ଆର୍‌ଏମ୍‌ସି ସମ୍ମୁଖ ଶୀତଳପଡ଼ା ବସ୍ତିକୁ ଆସିଥିଲେ। ସ୍ୱଚ୍ଛ ଭାରତ ନାଁରେ ସ୍ଥାନୀୟ ମନ୍ଦିର ପରିସରରେ ଝାଡୁ ମାରିଥିଲେ। ଏବେ ବସ୍ତିରେ କୁଢ଼ କୁଢ଼ ଆବର୍ଜନା ପାହାଡ଼ ପରି ଗଦା ହୋଇ ରହିଛି। ଆଣ୍ଠୁଏ ଉଚ୍ଚର ଆବର୍ଜନା ପାଣି ଘେରରେ ରହିଥିବା ନଳକୂପରୁ ଲୋକେ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ବସ୍ତି ସାରା ଦୁର୍ଗନ୍ଧ। ସ୍ଥାୟୀ ପ୍ରତିକାର ନାହିଁ। ଲୋକଙ୍କୁ ଟୋପି ପିନ୍ଧାଇ ଫଟୋ ଉଠାଇଲେ ବସ୍ତିରେ ସ୍ୱଚ୍ଛତା ଆସିବ ନାହିଁ। ଆମ ସମସ୍ୟା ଦୂର କରାଯାଉ ବୋଲି ଦାବି କରିଛନ୍ତି ଶୀତଳପଡ଼ା ବସ୍ତି ବାସିନ୍ଦା।

ପ୍ରଥମେ ଆମକୁ ୧୯୯୫ରେ ରାଉରକେଲା ପୌରାଞ୍ଚଳରୁ ବାଦ୍ ଦିଆଗଲା। ଚଞ୍ଚକତା କରି ଶିଳ୍ପ ସହରକୁ ଠେଲି ଦିଆଗଲା। ମୌଳିକ ସୁବିଧାରୁ ଆମେ ବଞ୍ଚିତ ହେଲୁ। ଆର୍‌ଏସ୍‌ପି ପାଚେରି ଘେର ଭିତରେ ରହିବା ଯେମିତି ଆମ ପାଇଁ ଏବେ ଅଭିଶାପ ପାଲଟିଛି। ଆମେ ସେମିତି ଅଛୁଆଁ ହୋଇ ପଡ଼ିଛୁ। ଯେଉଁ ସରକାରୀ କାର୍ଯ୍ୟାଳୟକୁ ଗଲେ ଆମ କଥା କେହି ଶୁଣୁନାହାନ୍ତି ବୋଲି



ଆବର୍ଜନା ପାଣି ଘେରରେ ଥିବା ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି ଜଣେ ବୃଦ୍ଧା।

ଅଭିଯୋଗ କରିଛନ୍ତି ଶୀତଳପଡ଼ା ବାସୀ। ସୂଚନାଯୋଗ୍ୟ, ୧୯୯୫ରେ ରାଉରକେଲା ମ୍ୟୁନିସିପାଲିଟିରେ ଅନ୍ତର୍ଭୁକ୍ତ ହୋଇଥିବା ଶୀତଳପଡ଼ା ଏବେ ଶିଳ୍ପ ସହର ଅଧୀନରେ ରହିଛି। ଦୀର୍ଘ ୬୦ ବର୍ଷ ହେବ ଆର୍‌ଏସ୍‌ପି ପାଚେରି ଘେର ଭିତରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ପରିବାରର ୨୮ଶହ ଲୋକ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସରକାର ଏମାନଙ୍କୁ ଭୋଟ ପରିଚୟପତ୍ର, ଆଧାର କାର୍ଡ, ରାଶନ କାର୍ଡ ବି ଦେଇଛନ୍ତି। ୫ ଅଙ୍ଗନୱାଡି କେନ୍ଦ୍ର ଓ ମହିଳା ଆରୋଗ୍ୟ ସମିତି ବି ବସ୍ତିରେ ରହିଛି। ବିଜୁଳି ସଂଯୋଗ ଦିଆଯାଇଥିଲେ ବି ଅନେକେ ଏଥିରୁ ବଞ୍ଚିତ। ପଡ଼ିକାର୍ଡ ମିଳିଛି କିନ୍ତୁ ସାମଗ୍ରୀ ଠିକ୍ ଭାବେ ମିଳୁନି। ରଘୁନାଥପାଲି ବିଧାନସଭା ଅନ୍ତର୍ଗତ ଶୀତଳପଡ଼ା ପାଇଁ ବିଧାୟକ ସୁବ୍ରତ ତରାଇ ନଳକୂପ ଓ ମିନି ଓଭରହେଡ୍ ପାଣି ଟାଙ୍କି ବ୍ୟବସ୍ଥା କରାଇଛନ୍ତି। ବିଜୁଳି ଅଭାବରୁ ଅନେକ ସମୟରେ ପାଣି ସଂଗ୍ରହ କରାଯାଇ ପାରୁନି। ଗତ ୧୦ବର୍ଷ ବିଧାୟକଙ୍କ କାର୍ଯ୍ୟକାଳ ଭିତରେ କଂକ୍ରିଟ ରାସ୍ତା ହୋଇଛି ମାତ୍ର ୧୦୦ମିଟର। ଆର୍‌ଏମ୍‌ସି ପକ୍ଷରୁ ବିପୁଳ ଟଙ୍କା ବ୍ୟୟରେ ବାହ୍ୟ ମଳମୂତ୍ର ତ୍ୟାଗ ନ କରିବାକୁ ଜୋରଦାର ପ୍ରଚାର ଚାଲିଛି। ଏନେଇ ଲୋକଙ୍କ ଘରେ ପାଇଖାନା ନିର୍ମାଣ ସହ ବହୁ ବସ୍ତିରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି। ହେଲେ ଆମକୁ ଏଥିରୁ ବାଦ୍ ଦିଆଯାଇଛି। ଆର୍‌ଏସ୍‌ପି ଜମି ଉପରେ ଜବରଦଖଲ ଜାଗାରେ ରହିଥିବା ଅନ୍ୟ ସ୍ଥାନରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ଆମ ଆବେଦନକୁ ବିଚାରକୁ ନିଆଗଲାନି ବୋଲି କହିଛନ୍ତି ବସ୍ତିବାସିନ୍ଦା। ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଏହି ବସ୍ତିର ଲୋକେ ଏବେ ବାହାରେ ମଳତ୍ୟାଗ କରୁଛନ୍ତି। ଏପରି ଅବସ୍ଥାରେ ଭାଜପା ନେତାଙ୍କ ସ୍ୱଚ୍ଛ ଭାରତ ମିଶନକୁ ପ୍ରହସନ ବୋଲି କହିଛନ୍ତି ବସ୍ତିବାସୀ।

# ଅଭିଜିତ୍ ଆୟରଙ୍କ ଟୁଇଟ୍‌କୁ ଦୃଢ଼ ନିନ୍ଦା

ରାଉରକେଲା ଅଫିସ, ୨୦।୯

ଓଡ଼ିଶାର ଇତିହାସ, କଳା, ସଂସ୍କୃତି ସହ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ଓ କୋଣାର୍କ ମନ୍ଦିର ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଟୁଇଟ ଜରିଆରେ ଦେଇଥିବା ଆର୍‌ଏସ୍‌ଏସ୍ କ୍ୟାଡର ଅଭିଜିତ ଆୟର ମିତ୍ରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଅଖିଳ ଭାରତ ଯୁବ ସଂଘ। ଏନେଇ ସଂଗଠନର ରାଜ୍ୟ ସଭାପତି ସଦାନନ୍ଦ ସାହୁ ଏକ ବିବୃତିରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ତେବେ ଆୟରଙ୍କୁ ତୁରନ୍ତ ଜାମିନ ଦେବା ଘଟଣାକୁ ସେ ନାପସନ୍ଦ କରିଛନ୍ତି। ବହୁ ପ୍ରାଚୀନ ଓଡ଼ିଶାର ଐତିହ୍ୟ ପ୍ରତି ଇଙ୍ଗିତ କରିବା ଦୁଃସାହସ ଛଡ଼ା ଅନ୍ୟ କିଛି ହୋଇ ନ ପାରେ। ଏହି ରାଜ୍ୟକୁ ବଙ୍ଗାଳୀ ଆବିର୍ଭାବ କରିବା ଓ ଏହାକୁ ଦକ୍ଷିଣ ପ୍ରଗଣାର ବନାଞ୍ଚଳ ଆଖ୍ୟା ଦେବା ଓଡ଼ିଶା ତଥା ଓଡ଼ିଆଙ୍କ ପ୍ରତି ଘୋର ଅପମାନ ବୋଲି ସାହୁ କହିଛନ୍ତି। ବିଶ୍ୱ ଠାକୁର ଶ୍ରୀଜଗନ୍ନାଥଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଘୋର ନିନ୍ଦନୀୟ ଓ ଦଣ୍ଡନୀୟ ଅପରାଧ। ଏଭଳି ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଗଳାବାଟ ଦେଇ ଅପରାଧୀ ଯେମିତି ଖସି ନ ଯାଏ ସେ ଦିଗରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ସାହୁ ଏକ ବିବୃତିରେ ଦାବି କରିଛନ୍ତି।

# ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ଦିଅ

## ■ ଆର୍‌ଡବ୍ଲ୍ୟୁର ବିକ୍ଷୋଭ ୨୫ରେ

ରାଉରକେଲା ଅଫିସ,୨୦।୯

ଆର୍‌ଏସ୍‌ପି ସ୍ଥାୟୀ ଓ ଠିକା ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ଦେବା ସହ ଶୀଘ୍ର ଏନ୍‌ଜେସିଏସ୍ ବୈଠକ ଡାକି ମଜୁରି ଚୁକ୍ତିନାମା ସମ୍ପନ୍ନ କରିବା, ସେଲ୍ ପେନସନ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଆଇଜିଏଚ୍ ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବା, ଖାଲି ପଡ଼ିଥିବା ପଦ ପୂରଣ, ନୂତନ ନିଯୁକ୍ତି କ୍ଷେତ୍ରରେ ରହିଥିବା ଟ୍ରେନିଂ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ବ୍ୟବସ୍ଥା ଲାଗୁ କରିବା, ମାସିକ ରିୱାର୍ଡ ବୋନସ ରାଶି ବୃଦ୍ଧି କରିବା ଭଳି ଏକାଧିକ ଦାବି ନେଇ ରାଉରକେଲା ୱାର୍କର୍ସ ୟୁନିୟନ ଆନ୍ଦୋଳନ କରିବ। ଅସନ୍ତା ୨୫ ତାରିଖ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ସଙ୍ଗଠନ ସ୍ଥିର କରିଛି। ଏଥିରେ ସ୍ଥାୟୀ ଓ ଠିକା ଶ୍ରମିକ ବହୁ ସଂଖ୍ୟାରେ ଯୋଗଦେବାକୁ ୟୁନିୟନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଙ୍ଗଠନ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଓ ସହସାଧାରଣ ସମ୍ପାଦକ ଅଜିତ ନାୟକ ଏନେଇ ଏକ ବିବୃତିରେ ଜଣାଇଛନ୍ତି।

# ଜର୍ଜ ତିର୍କୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ

ରାଉରକେଲା ଅଫିସ,୨୦।୯

କଂଗ୍ରେସରେ ଯୋଗଦେଇ ନୂଆଦିଲ୍ଲୀରୁ ରାଉରକେଲା ଫେରିଛନ୍ତି ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ। ଗୁରୁବାର ସନ୍ଧ୍ୟାରେ ତିର୍କୀ ଏଠାରେ ପହଞ୍ଚିବା ପରେ ରେଳ ଷ୍ଟେଶନଠାରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଏଠାରେ ପହଞ୍ଚିବା ସମୟରେ ତାଙ୍କୁ ସ୍ୱାଗତ କରିବାକୁ କଂଗ୍ରେସ ସମେତ ଗାଙ୍ଗପୁର ମଜଦୁର ମଞ୍ଚ, ୟୁଥ ଆଇଏନ୍‌ଟିୟୁସି, ରାଉରକେଲା ଶ୍ରମିକ ସଂଘ ଭଳି ବହୁ ଅନୁଷ୍ଠାନର ସଦସ୍ୟମାନେ ଅପେକ୍ଷା କରି ରହିଥିଲେ। ଟ୍ରେନ୍ ଷ୍ଟେଶନରେ ପହଞ୍ଚିବା କ୍ଷଣି ତାଙ୍କୁ ବେଢ଼ି ଯାଇଥିଲେ ଅନୁଗାମୀମାନେ। ଜିଲା କଂଗ୍ରେସ ସଭାପତି ରବି ରାୟ, କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ୟୁଥ ଆଇଏନ୍‌ଟିୟୁସି ଜିଲା ସଭାପତି ଅଜୟ ପାଇକରାୟ, ରାଜ୍ୟ ମୁଖପାତ୍ର କୈଳାସ ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତିର୍କୀଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ପ୍ରଶାନ୍ତ ବେହେରା ଓ ନିହାର ଦାସଙ୍କ ସମେତ ବହୁ କର୍ମୀ ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଅବସରରେ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ଗୋପାଳ ଦାସ, ସଞ୍ଜୟ ପଣ୍ଡା, ସୁରେନ୍ଦ୍ର କଂସାରୀ, ଜନାର୍ଦ୍ଦନ ସାହୁ ଓ ଅଶୋକ ମିଞ୍ଜ ପ୍ରମୁଖ ଉପସ୍ଥିତ ରହି ତିର୍କୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରେଳ ଷ୍ଟେଶନରୁ ତିର୍କୀ ସିଧା ସେକ୍ଟର-୨୧ କଂଗ୍ରେସ ଭବନ ଆସି ଦଳୀୟ ନେତୃମଣ୍ଡଳୀ ଓ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିବା ପରେ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟକୁ ଯାଇଥିଲେ।



ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଜର୍ଜ ତିର୍କୀଙ୍କୁ ସ୍ୱାଗତ କରାଯାଉଛି।

# ଯୁବତୀଙ୍କୁ ଅସଦାଚରଣ, ଜଣେ ଅଟକ

ରାଉରକେଲା ଅଫିସ,୨୦।୯

ବୁଧବାର ବିଳମ୍ବିତ ରାତିରେ ମାଲଗୋଦାମ ଅଞ୍ଚଳର ଜଣେ ଯୁବତୀଙ୍କ ଘରେ ପଶି ୨ଯୁବକ ଅସଦାଚରଣ କରିଥିବା ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ ଯୁବତୀଙ୍କ ମା'ବାପା ନ ଥିବା ଜାଣି ଯୁବକ ଦ୍ୱୟ ଘରେ ପଶି ତାଙ୍କୁ ଟଣାଓଟରା କରିଥିଲେ। ପାଟିତୁଣ୍ଡ ଶୁଣି ପଡ଼ୋଶୀ ଲୋକେ ଉଠିଯିବାରୁ ଜଣେ ଖସିଯାଇଥିବା ବେଳେ ଅନ୍ୟ ଜଣଙ୍କୁ କାବୁ କରିଥିଲେ ବସ୍ତିବାସିନ୍ଦା। ପରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ। ଫେରାର ଯୁବକଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ବେଆଇନ ଶ' ମିଲ ସିଲ୍ କଲା ବନ ବିଭାଗ

## ■ ୨୦ଲକ୍ଷର କାଠ, ୩ଲକ୍ଷର ଯନ୍ତ୍ରାଂଶ ଜବତ ■ ୮ ଗିରଫ, ଖସିଗଲେ ମାଲିକ

ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ୍.ଏ.) ୨୦।୯

ଦୀର୍ଘଦିନ ଧରି ବ୍ରାହ୍ମଣୀତରଙ୍ଗ ଥାନା ଆନ୍ତର୍ଗତ ବେଦବ୍ୟାସ ଅଞ୍ଚଳରେ ଚାଲିଥିବା ଆଖଣ୍ଡଳମଣି ଶ' ମିଲକୁ ଗୁରୁବାର ରାଉରକେଲା ଡିଏଫ୍‌ଓ ସଞ୍ଜୟ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ସିଲ୍ କରାଯାଇଛି। ଏଥିସହ ୨୦ଲକ୍ଷ ଟଙ୍କାର କାଠ ଓ ୩ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଛି। ଶ' ମିଲରେ କାମ କରୁଥିବା ୮ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ମାଲିକ ଫେରାର ହୋଇଯାଇଛନ୍ତି। ଏହି ଚଢ଼ାଉ ସକାଳୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା। ସୂଚନାନୁସାରେ ଦୀର୍ଘଦିନ ଧରି ଏହି ଶ' ମିଲ ବେଆଇନ ଭାବେ ଚାଲୁଥିବା ଖବର ପାଇ ଡିଏଫ୍‌ଓ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ସୁଧାଂଶୁ ସାହାଣୀଙ୍କ ନେତୃତ୍ୱରେ ବନ କର୍ମଚାରୀ ଅଜୟ ସାହୁ, ଦିଲୀପ ସାହୁ, ଦୁସିଆ କିଷାନ, ସୂର୍ଯ୍ୟ ସାହୁ,



ବନ ବିଭାଗ କର୍ମଚାରୀମାନେ କରତକଳରେ ଚଢ଼ାଉ କରି ଯନ୍ତ୍ରାଂଶ ଜବତ କରୁଛନ୍ତି।

ମନୋଜ ଟିଗା, ସନ୍ତୋଷ କାଲୋ ଓ ଜିତୁ ତିର୍କୀ ପ୍ରମୁଖ ଚଢ଼ାଉ କରିଥିଲେ। ତେବେ ଫେରାର ମାଲିକଙ୍କୁ ଖସାଇ ଦେବାକୁ ଏବେ ରାଜନୈତିକ ଚାପ ସୃଷ୍ଟି ହେଉଥିବା ଆଲୋଚନା ହେଉଛି। ଦୀର୍ଘଦିନ ଧରି ବେଦବ୍ୟାସ ଭଳି ବ୍ୟସ୍ତବହୁଳ ଅଞ୍ଚଳରେ କିପରି ବେଆଇନ କରତକଳ ଚାଲୁଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆଜିଠାରୁ ଆନ୍ତଃ ଏକାଡେମୀ ହକି ପ୍ରତିଯୋଗିତା

ରାଉରକେଲା ଅଫିସ,୨୦।୯

ଆସନ୍ତା ଶୁକ୍ରବାରଠାରୁ ପାନପୋଷ କ୍ରୀଡ଼ା ଛାତ୍ରାବାସ ଆଷ୍ଟ୍ରୋ ଟର୍ଫ ହକି ପଡ଼ିଆରେ ଆନ୍ତଃ ଏକାଡେମୀ ହକି ଲିଗ୍ ଆରମ୍ଭ ହେବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର ବିଭାଗ ମିଳିତ ସହଯୋଗରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ ପାନପୋଷ କ୍ରୀଡ଼ା ସଂଗଠନ ଆୟୋଜନ କରୁଛି। ରାଜ୍ୟରେ ପ୍ରଥମଥର ପାଇଁ ଏଭଳି ପୁରୁଷ ହକି ପ୍ରତିଯୋଗିତା ରାଉଣ୍ଡ ରବିନ ଲିଗ୍ ଭିତିରେ ଖେଳାଯିବ। ଏଥିରେ ୫ଟି ଦଳ ପରସ୍ପର ସହିତ ୮ଟି କରି ମ୍ୟାଚ ଖେଳିବେ। ହକି ଇଣ୍ଡିଆ ଦ୍ୱାରା ନିର୍ଦ୍ଧାରିତ ନୀତିନିୟମ ଆଧାରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖେଳରୁ ପାଇଥିବା ପଏଣ୍ଟ ଆଧାରରେ ବିଜେତା ଓ ଉପବିଜେତା ଦଳଙ୍କୁ ଚୟନ କରାଯିବ। ପାନପୋଷ କ୍ରୀଡ଼ା ସଂଗଠନ ପକ୍ଷରୁ ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ବରିଷ୍ଠ ହକି ପ୍ରଶିକ୍ଷକ ମିଲଟନ ବିଲୁଙ୍ଗ ରହିଥିବା ବେଳେ ସମ୍ପାଦକ ଅଛନ୍ତି ସୁଶାନ୍ତ ବେହେରା। ସେହିଭଳି ଆୟୋଜକ କମିଟି ସଦସ୍ୟ ରୂପେ ହକି ପ୍ରଶିକ୍ଷକ ଅମୂଲ୍ୟ ବେହେରା, ପିଟର ସୋରେନ, ଫ୍ଲୋରେନସିଆ ଏକ୍କା, ରାଜୁକାନ୍ତ ସାଇନି ଓ ରେଶମା ଲାକ୍ରା ପ୍ରମୁଖ ଅଛନ୍ତି। ଏମାନଙ୍କ ସହଯୋଗୀ ଭାବେ ରିଙ୍କି କୁଜୁର, ଲକ୍ଷ୍ମୀ ଏକ୍କା, ରୁବେନ ବିଲୁଙ୍ଗ ଓ ଅମରିତ ଟପୋ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଯୋଗିତାର ସଂଯୋଜକ ରୂପେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଅଧିକାରୀ କେଶବ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ନୂଆଦିଲ୍ଲୀର ଜାତୀୟ ହକି ଏକାଡେମୀ, ମଧ୍ୟପ୍ରଦେଶ ହକି, ସୁନ୍ଦରଗଡ଼ (ସାଇ) ଏକାଡେମୀ, ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ରାଉରକେଲା ସେଲ୍ ହକି ଏକାଡେମୀ ଦଳ ଭାଗ ନେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ପ୍ରଶାସନ, ରାଉରକେଲା ମହାନଗର ନିଗମ ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ସହଯୋଗ କରୁଥିବା ଆୟୋଜକ କମିଟି ପକ୍ଷରୁ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

# ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନାଲିଆଖି

ରାଉରକେଲା ଅଫିସ,୨୦।୯

## ଉପଜିଲାପାଳଙ୍କ ନୋଟିସକୁ ବେଖାତିର

ଫର୍ଟିଲାଇଜର ଟାଉନସିପ ଅଞ୍ଚଳରେ ଥିବା ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ କର୍ତ୍ତୃପକ୍ଷଙ୍କ ନାଲିଆଖିର ଶିକାର ହୋଇଛନ୍ତି ଶତାଧିକ ଅଭିଭାବକ। ଏନେଇ ଗତ ୧୨ ତାରିଖରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ନୋଟିସ ଅନୁସାରେ ଲାଠିକଟା ବିଇଓ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ଏହା ସତ୍ତ୍ୱେ କିଛିଫଳ ମିଳିନଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଅଭିଭାବକ। କେବଳ ଏତିକି ନୁହେଁ, ସେହି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏନେଇ ଉତ୍ତର ଦେବାକୁ କୁହାଯାଇଥିଲେ ହେଁ ଏହାକୁ ପରିଚାଳନା କର୍ତ୍ତୃପକ୍ଷ ଖାତିର କରିନାହାନ୍ତି। ସୂଚନାଯୋଗ୍ୟ, ଗତ ଆଡ୍‌ମିଶନ ସମୟରେ ଏହି ସ୍କୁଲ କର୍ତ୍ତୃପକ୍ଷଙ୍କ ମନମାନି ଓ ଦୁର୍ନୀତି ନେଇ ଅଭିଭାବକମାନେ ସାମୂହିକ ବିରୋଧ କରିଥିଲେ। ମାସାଧିକ କାଳ ବିଦ୍ୟାଳୟ ପରିସରରେ ଅଶାନ୍ତି ଲାଗି ରହିଥିଲା। ଘଟଣାରେ ହସ୍ତକ୍ଷେପ କରି ତତ୍କାଳୀନ ପାନପୋଷ ଉପଜିଲାପାଳ ଏହାର ତଦନ୍ତ ଦାୟିତ୍ୱ ଲାଠିକଟା ବ୍ଲକର ତତ୍କାଳୀନ ଶିକ୍ଷାଧିକାରୀଙ୍କ ଉପରେ ନ୍ୟସ୍ତ କରିଥିଲେ। ଏବେ ସମ୍ପୃକ୍ତ ଉପଜିଲାପାଳ ଓ ବିଇଓ ଅନ୍ୟତ୍ର ବଦଳି ହୋଇ ଗଲେଣି। ଏହାକୁ ସୁଯୋଗ ମନେକରି ପୁଣି ଥରେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଜୁଲମ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ପ୍ରତିନିଧି ମଣ୍ଡଳୀ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ କୁହାଯାଇଛି, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବେ ଏକ ନୋଟିସ ଜାରି କରି କହିଛନ୍ତି ଯେ ଏଣିକି ପ୍ରତି ତ୍ରୟୋମାସିକ, ଷାଣମାସିକ ଓ ବାର୍ଷିକ ପରୀକ୍ଷା ନିମନ୍ତେ ଆଡ୍‌ମିଟ କାର୍ଡ ବାଧ୍ୟତାମୂଳକ କରାଯିବ। ଏଥିସହ ଯେଉଁମାନଙ୍କର ବକେୟା ଟିୟୁଶନ ଫି ରହିଥିବ ସେମାନଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ। ଯାହାକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ରାଗ ଶୁଝାଇବାକୁ ଅଭିଭାବକଙ୍କ ଉପରେ ଦାଉ ସାଧୁଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଛି। ଯଦି କର୍ତ୍ତୃପକ୍ଷ ତାଙ୍କ ନିଷ୍ପତ୍ତି ନ ବଦଳାନ୍ତି ତେବେ ଆନ୍ଦୋଳନ କରିବାକୁ ଧମକ ଦେଇଛି ଅଭିଭାବକ ସଂଘ।

# ଟୋରା ମଦ କାରବାର ବନ୍ଦ ପାଇଁ ଦାବିପତ୍ର

ରାଉରକେଲା ଅଫିସ,୨୦।୯

ସେକ୍ଟର-୧୮ ଉତ୍କଳ ବସ୍ତିରେ ବେଆଇନ ଦେଶୀ, ବିଦେଶୀ ମଦ କାରବାର ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସାମାଜିକ କର୍ମୀ ମିନତୀ ଦେବତାଙ୍କ ନେତୃତ୍ୱରେ ଗୁରୁବାର ଏକ ପ୍ରତିନିଧି ମଣ୍ଡଳୀ ଜିଲା ଅବକାରୀ ଅଧିକାରୀଙ୍କୁ ଭେଟି ଏହାକୁ ବନ୍ଦ କରିବାକୁ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ବସ୍ତିରେ ଦୀର୍ଘଦିନ ହେବ ଏଭଳି ବେଆଇନ ମଦ କାରବାର ଯୋଗୁ ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଦିନ ମଜୁରିଆ ଶ୍ରେଣୀର ଲୋକେ ମଦ ପିଇ ସର୍ବସ୍ୱାନ୍ତ ହେବା ସହ ସେମାନଙ୍କ ପରିବାର ଉଜୁଡ଼ି ଯାଉଛି। ଏ ଦିଗରେ



ଟୋରା ମଦ କାରବାର ବନ୍ଦ ନେଇ ସେକ୍ଟର-୧୮ ଉତ୍କଳ ବସ୍ତିବାସିନ୍ଦା ଜିଲା ଅବକାରୀ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

ପଦକ୍ଷେପ ନିଆ ନ ଗଲେ ଅସନ୍ତୋଷ ବଢ଼ିବ ବୋଲି କହିଥିଲେ ଦେବତା। ଶେଷରେ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖୁବ ଶୀଘ୍ର ସମ୍ପୃକ୍ତ ବସ୍ତିରେ ଏଭଳି କାରବାର ବନ୍ଦ କରାଯିବ ବୋଲି ଅବକାରୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।



"ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଦେଶୀ ମହୁଲି ମଦ ଜବତ : ୩ ଗିରଫ

**ଲହୁଣୀପଡା,୨୦।୯ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମହୁଲିମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡ଼ା ଅବକାରୀ ବିଭାଗ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ, ସବ୍‌ଇନ୍ସପେକ୍ଟର ନିରଞ୍ଜନ ନାଏକ, ସୁରେଶ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ ବେଆଇନ ଭାବେ ଘରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଜୁନିଆନି ଗ୍ରାମର ଜଗା କିଷାନ, ବଡପୁରୁଣାପାଣି ଗ୍ରାମର ଦେବରାଜ ମୁଡି, ଲଣ୍ଡାମୁଣ୍ଡା ଗ୍ରାମର ଦୋଳଗୋବିନ୍ଦ ମାହାନ୍ତଙ୍କୁ ଗିରଫ କରିଥିଲେ। ଚଢାଉରେ ଏଏସ୍‌ଆଇ ତନୁ କିଶୋର ପାତ୍ର, ପ୍ରଶାନ୍ତ ପତି, ଘନଶ୍ୟାମ ମାହାନ୍ତ, ଗୋବର୍ଦ୍ଧନ ବିଶି ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପଲମ,୨୦।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମସ୍କାଦପ୍ତି ଗ୍ରାମ ଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି । ଏଥିରେ ବାଇକ୍ ଆରୋହୀ ଈଶ୍ୱର କୁମାରଙ୍କ ମୃତ୍ୟୁ ଘଟିଛି । ଈଶ୍ୱର କୁମାର ତାଙ୍କ ଗାଁ ଚିତଲପଟାରୁ ଏକ ହିରୋହୋଣ୍ଡା ବାଇକ୍ ଫେରୁଥିବା ବେଳେ ଉକ୍ତ ଘଟଣା ଘଟିଛି।

## ବଡ଼ଗାଁ ବାଳକ ସ୍କୁଲ ସ୍ଥାନାନ୍ତର ପ୍ରସଙ୍ଗ

# ଗ୍ରାମବାସୀ, ଅଭିଭାବକଙ୍କ ବିରୋଧ

**ବଡଗାଁ, ୨୦।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳର ୮ଟି ସ୍କୁଲକୁ ନିକଟବର୍ତ୍ତୀ ସ୍କୁଲରେ ମିଶ୍ରଣ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୫ ତାରିଖ ନିର୍ଦ୍ଦେଶ ଜାରି କରାଯାଇଥିଲା । ସ୍ଥାନାନ୍ତର ହେବାକୁ ଥିବା ୮ଟି ସ୍କୁଲ ମଧ୍ୟରୁ ବଡଗାଁ ବାଳକ ପ୍ରାଥମିକ ବିଦ୍ୟାଳୟକୁ ବାଳିକା ପ୍ରାଥମିକ ବିଦ୍ୟାଳୟ ସହି ମିଶ୍ରଣ ପାଇଁ ନିର୍ଦ୍ଦେଶ ହୋଇଛି । ନିୟମା ଅନୁଯାୟୀ, ଯେଉଁ ସ୍କୁଲରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବେ ସେହି ସ୍କୁଲକୁ ଅନ୍ୟ ସ୍କୁଲ ସହ ମିଶ୍ରଣ କରାଯିବ । ତେବେ ବଡଗାଁ ବାଳକ ସ୍କୁଲରେ ୨୯ଜଣ ଛାତ୍ରୀଛାତ୍ର ଥିଲାବେଳେ ବାଳିକା ପ୍ରାଥମିକ ସ୍କୁଲରେ ୯ଜଣ ଛାତ୍ରୀ ଅଛନ୍ତି । ସେ ଅନୁଯାୟୀ ବାଳିକା ସ୍କୁଲକୁ ବାଳକ ସ୍କୁଲ ସହିତ ମିଶ୍ରଣ କରିବା କଥା । ଏହା ସହିତ ବାଳିକା ସ୍କୁଲର ପ୍ରାୟ ସମସ୍ତ ଶ୍ରେଣୀ ଗୃହ ଭଙ୍ଗା ଦଦରା ଅବସ୍ଥାରେ ଥିଲା ବେଳେ ସ୍କୁଲ ପାଚେରିକୁ ଲାଗି ବସଷ୍ଟାଣ୍ଡ ରହିଛି। ଫଳରେ ସ୍କୁଲ ପରିସର ଯାନବାହନ ଦ୍ୱାରା ଶବ୍ଦ ପ୍ରଦୂଷଣ ହେବା ସହ ସହିତ ଟ୍ରାଫିକ ଦୃଷ୍ଟିରୁ ପିଲାଙ୍କ ପାଇଁ ଏହା ନିରାପଦ ନୁହେଁ। ଏ ସବୁ ସମସ୍ୟାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଏଥିରେ ସେମାନେ ବାଳକ ସ୍କୁଲ ମିଶ୍ରଣକୁ ବିରୋଧ କରିଥିଲେ। ଏ ସମ୍ପର୍କିତ ଖବର ଗତ ମାସ ୨୮ ତାରିଖରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା । ଏନେଇ ବିଇଓ ସାରଙ୍ଗଧର ବରିହା ଏହା ଉପରେ ଆଲୋଚନା ପାଇଁ ବୈଠକ କରିଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ସୁଶୀଳା ଡନସନା, ନାଏବ ସରପଞ୍ଚ କେଶବ କର୍ସେଲ, ସମିତି ସଭ୍ୟ ପଞ୍ଚାନନ ନାଏକ, ବଡଗାଁର ଭିକାରୀଚରଣ ସା, ଉପାଧ୍ୟାୟ ପାଣିଗ୍ରାହୀ, ନିତ୍ୟାନନ୍ଦ ମିଶ୍ର, ଚକ୍ରଧର ପୃଷେଟ, ସତ୍ୟନାରାୟଣ ନାୟକ, ମନୋରଞ୍ଜନ ପୃଷେଟ, ସ୍କୁଲ କମିଟି ସଭାନେତ୍ରୀ ଶକୁନ୍ତଳା ସାହୁ, ଶିକ୍ଷକ ସଂଘ କର୍ମକର୍ତ୍ତା ପୀତବାସ ପଣ୍ଡା, ବାବୁଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ । ବାଳିକା ସ୍କୁଲରେ ଭିତ୍ତିଭୂମିର ଅଭାବ, ଶ୍ରେଣୀ କୋଠରୀ ଭଗ୍ନ ଅବସ୍ଥାରେ ଥିବାବେଳେ ସ୍କୁଲଟି ୧୦ ନମ୍ବର ରାଜ୍ୟପଥ ସ୍ଥିତ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବାରୁ ଏହା ପିଲାଙ୍କ ପାଇଁ ବିପଦ, ସ୍କୁଲର ଚାରିପଟେ ପାଚେରି ନ ଥିବାରୁ ସ୍କୁଲରେ ବାଳକ ସ୍କୁଲକୁ ମିଶ୍ରଣ କଦାପି ଠିକ୍ ହେବ ନାହିଁ ବୋଲି ଉପସ୍ଥିତ ସମସ୍ତ ବ୍ୟକ୍ତି ରୋକ୍‌ଠୋକ୍ ଶୁଣାଇଥିଲେ । ଏହା ଉପରେ ଗୃହିତ ପ୍ରସ୍ତାବକୁ ଉଚ୍ଚ ଅଧିକାରୀଙ୍କ ପାଖକୁ ପଠାଇବେ ବୋଲି ଗ୍ରାମବାସୀଙ୍କୁ ବିଇଓ ବରିହା ଜଣାଇଥିଲେ । ତେବେ ଆଶ୍ଚର୍ଯ୍ୟର କଥା ବାଳିକା ସ୍କୁଲରେ କମ୍ ସଂଖ୍ୟକ ଛାତ୍ରୀ ଥିବା ବେଳେ ଅନେକ ସମସ୍ୟା ରହିଛି। ଏହା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି କି'ଏ କେଉଁ ଉଦ୍ଦେଶ୍ୟରେ ବାଳକ ସ୍କୁଲକୁ ବାଳିକା ସ୍କୁଲ ସହ ମିଶ୍ରଣ ପାଇଁ ରିପୋର୍ଟ ଦେଇଥିଲେ ତାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ସରକାରୀସ୍ତରରେ ହୋଇଥିବା ଏହି ତ୍ରୁଟି ସହ ଖାମଖିଆଲି କାର୍ଯ୍ୟଶୈଳୀର ଏହା ଏକ ନମୁନା ବୋଲି ଅଭିଯୋଗ ହୋଇଛି।



ବୈଠକରେ ଉପସ୍ଥିତ ଅଭିଭାବକ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବଡଗାଁ,୨୦।୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ଜଣେ ଲେଖାଏ ଚୟନ ହୋଇ ଆସିଥିବା ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବଡଗାଁ, ସିଙ୍ଗାରମୁଣ୍ଡା, ଟିକିଲିପଡ଼ା, ସାହାଜବାହାଲ, ବରଙ୍ଗାକଛାର, ଏକମା, ଭୋଇପାଲି, ଇତମା, ତୁଡାଲଗା କନ୍ୟାଶ୍ରମ, ଦେଓକରଣପୁର ବଡ଼ଗାଁ, କୁସୁନା, ଇତମା ୟୁପି ସ୍କୁଲର ଯଥାକ୍ରମେ ରୁମ୍‌କି ପଣ୍ଡା, କିରଣ ପାତ୍ର, ଶୁଭମ ସାହୁ, ମଧୁସ୍ମିତା ସାହୁ, ରୁମକି ଛତ୍ରିଆ, ଆନନ୍ଦ କେର୍କେଟା, ଦୁରମତୀ ଚମାର, ଚିନ୍ମୟ ଗରଡ଼ିଆ, ଚେତନମୟୀ ମହାନନ୍ଦିଆ, ନାଗା ଖାଲକୋ, ମହିନୁର ନାଚ, ବିଦ୍ୟାଧର ତାଣ୍ଡି, ପୁରନ୍ଦର ଗରଡିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ବଡଗାଁ ହାଇସ୍କୁଲର ଛାତ୍ରୀ ରୁମକି ପ୍ରଥମ, ନାଗା ଦ୍ୱିତୀୟ ଓ ସାହାଜବାହାଲ ହାଇସ୍କୁଲର ମଧୁସ୍ମିତା ତୃତୀୟ ସ୍ଥାନ ହାସଲ କରିଥିଲେ। ରୁମକିଙ୍କ ଗାଇଡ ଶିକ୍ଷୟିତ୍ରୀ ସବିତା ଦାସ, ନାଗାଙ୍କ ପ୍ରତିମା ପଣ୍ଡା ଏବଂ ମଧୁସ୍ମିତାଙ୍କ ଗାଇଡ ଶିକ୍ଷକ କମଳା ଜୟପୁରିଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧାପକ ଚନ୍ଦନ ବେଉରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଇଓ ସାରଙ୍ଗଧର ବରିହା ସଭାପତିତ୍ୱ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଟେଲ ମଞ୍ଚ ପରିଚାଳନା କରିଥିଲେ ।

# ମୂଳ ଅଧିବାସୀ ସରକାରୀ ଯୋଜନାରୁ ବଞ୍ଚିତ

**ସୁନ୍ଦରଗଡ଼,୨୦।୯(ଡି.ଏନ୍.ଏ)**

ସହରାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ ହେଉଛି। ହେଲେ ସୁନ୍ଦରଗଡ଼ ପୌରାଞ୍ଚଳରେ ସରକାରୀ ବାବୁମାନଙ୍କ ଭୂଲ ରିପୋର୍ଟ ଯୋଗୁ ଦୀର୍ଘବର୍ଷରୁ ବସବାସ କରି ଆସୁଥିବା ମୂଳ ଅଧିବାସୀମାନେ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଗୁରୁବାର କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଅର୍ବାନ ଡେଭଲପମେଣ୍ଟ ଅଧିକାରୀ(ଡୁଡ଼ା)ର ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ୨୦୧୫ରୁ ୨୦୧୮ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ କରୁଥିବା ହିତାଧିକାରୀମାନଙ୍କୁ ପ୍ରତି ଘର ବାବଦ ବିଲ୍ ନ ମିଳିବା, ବିଭିନ୍ନ ଆଳ ଦେଖାଇ ହଇରାଣ କରାଯିବା, ରାଜ୍ୟ ସରକାରଙ୍କ ଘରଡ଼ିହ ଯୋଜନାରେ ମୂଳ ଅଧିବାସୀମାନଙ୍କୁ ସାମିଲ କରା ନ ଯିବା ଓ ମୌଳିକ ସେବା ପ୍ରଦାନରେ ପାତରଅନ୍ତର ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ବୈକୁଣ୍ଠ ବନଛୋର, ସ୍ୱରୂପ ଅବନୀ ମିଶ୍ର, ଏମ୍‌ଡି ଆୟୁବ, ସ୍ୱରୂପ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

## କାଠଫାଳିଆରେ ପିଟି ଯୁବକଙ୍କୁ ହତ୍ୟା ଘଟଣା

# ମହିଳାଙ୍କ ସମେତ ୨ ଗିରଫ

**ନୂଆଗାଁ,୨୦।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅଧୀନ ଲିଣ୍ଡ୍ରା ଗ୍ରାମରେ ସୋମବାର ରାତିରେ ବୁଧେଶ୍ୱର ମୁଣ୍ଡାରିକ(୪୦) ନାମକ ଯୁବକଙ୍କୁ ସେହି ଗ୍ରାମର ଜଣେ ବିଧବା ମହିଳାଙ୍କ ଘରେ କୌଣସି ଦୁର୍ବୃତ୍ତ କାଠ ଫାଳିଆରେ ପିଟି ହତ୍ୟା କରିଥିବା ନେଇ ଗତ ୧୮ ତାରିଖରେ ବିଶ୍ରା ଥାନାରେ ଅଭିଯୋଗ ହୋଇଥିଲା। ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଏନେଇ ଏକ ହତ୍ୟା ମାମଲା(ନଂ. ୭୮/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଧବା ମହିଳାଙ୍କ ସମେତ ତାଙ୍କ ସମ୍ପର୍କୀୟ ଶଶୁର ରମେଶ ମୁଣ୍ଡାରି(୬୮) ଏବଂ ଦିଅର ମେଘନାଥ ମୁଣ୍ଡାରି(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟପକ୍ଷେ ପୋଲିସ ହତ୍ୟା କାଣ୍ଡରେ ବ୍ୟବହୃତ ଲାଠି ଓ ଶାବଳକୁ ପୋଲିସ ଜବତ କରିଛି । ପ୍ରକାଶ ଯେ, ଗତ ୧୭ ତାରିଖ ରାତି ପ୍ରାୟ ୧୦ଟା ବେଳେ ବୁଧେଶ୍ୱର ସେହି ଗ୍ରାମର ଜନୈକ ବିଧବା ମହିଳାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ଅସଦାଚରଣ କରିଥିଲେ । ମହିଳା ଜଣକ ପାଟି କରିବାରୁ ମହିଳାଙ୍କ ସମ୍ପର୍କୀୟ ଶଶୁର ରମେଶ ଏବଂ ଦିଅର ମେଘନାଥ ଦୌଡି ଆସି ବୁଧେଶ୍ୱରଙ୍କୁ କାଠଫାଳିଆ ଓ ଶାବଳରେ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ବୁଧେଶ୍ୱରଙ୍କ ମୃତ୍ୟୁ ଘଟିଥିଲା । ଏନେଇ ୧୮ ତାରିଖ ସକାଳେ ଗ୍ରାମର ୱାର୍ଡ ମେମ୍ବର ବିଶ୍ରା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।



ଗିରଫ ଅଭିଯୁକ୍ତମାନେ।

# ଆଶା ଭୋସ୍‌ଲେ ଗ୍ରାଣ୍ଡ ମ୍ୟୁଜିକାଲ ନାଇଟ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୦।୯**

ଭଞ୍ଜଭବନଠାରେ ବୁଧବାର ସନ୍ଧ୍ୟାରେ ଓଲିଉଡ୍ କଳାକାରଙ୍କ ଦ୍ୱାରା ଆଶା ଭୋସ୍‌ଲେଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଗ୍ରାଣ୍ଡ ମ୍ୟୁଜିକାଲ ନାଇଟ ଉଦ୍‌ଯାପିତ ହୋଇଛି। ସାମାଜିକ ସଙ୍ଗଠନ ଆହ୍ୱାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆର୍‌ଏସ୍‌ପିର ପୂର୍ବତନ ଇଡି (କାର୍ମିକ) ସୁରେନ୍ଦ୍ର ଦାସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହେମେନ୍ଦ୍ରନାଥ ନାୟକ, ସାମାଜିକ କର୍ମୀ କମଲ ଅଗ୍ରୱାଲ, ଅକ୍ଷୟ ଫାଉଣ୍ଡେଶନ ସଭାପତି ପ୍ରଶାନ୍ତ ମାଝି, ରାଉରକେଲା ଜାଗରଣ ମଞ୍ଚ ସଭାପତି ରିଙ୍କୁ ସାମଲ, ବିରଞ୍ଚି ପଟ୍ଟନାୟକ, ନାରାୟଣ ପତି, ଗୋପୀନାଥ ପଟ୍ଟନାୟକ ଓ ବନ୍ଦନା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବାସବଦତା ପଟ୍ଟନାୟକ, ପଦ୍ମିନୀ ପାଣିଗ୍ରାହୀ, ଅନୁସ୍କା ଆଚାର୍ଯ୍ୟ, ମନୀଷା ଭଟ୍ଟାଚାର୍ଯ୍ୟ, ଅଞ୍ଜଳି ପୃଷ୍ଟି, ଶ୍ରାବଣୀ ମହାନ୍ତି, ମୌସୁମୀ ଆଚାର୍ଯ୍ୟ ପ୍ରମୁଖ ଆଶା ଭୋସ୍‌ଲେଙ୍କ ଗୀତଗୁଡ଼ିକୁ ଗାଇ ଶ୍ରୋତାଙ୍କ ମନ ଜିଣିଥିଲେ। ଏହି ଅବସରରେ କିଛି ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସ୍ୱାଗତିକା ପଟ୍ଟନାୟକ, ମୀନୁ ଶତପଥୀ, ପ୍ରଭାତ ଜେନା, ସନ୍ଦୀପ ଜେନା ଓ ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଭଞ୍ଜଭବନଠାରେ ଆୟୋଜିତ ଆଶା ଭୋସ୍‌ଲେ ଗ୍ରାଣ୍ଡ ମ୍ୟୁଜିକ ନାଇଟ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

# ରୁମ୍‌କି ପଣ୍ଡା ରାଜ୍ୟ ପ୍ରତିଯୋଗିତାକୁ ମନୋନୀତ

## ଜିଲାସ୍ତରୀୟ ବିଜ୍ଞାନ ସେମିନାର

**ସୁନ୍ଦରଗଡ଼,୨୦।୯ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲଠାରେ ଗୁରୁବାର ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୭ଟି ବ୍ଲକରୁ ମନୋନୀତ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏଥିରେ ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୁମ୍‌କୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାରକରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେହିପରି ବଣାଇଁ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ସୁଶ୍ରୀୟା ଜେନା ଦ୍ୱିତୀୟ ଏବଂ ସୁନ୍ଦରଗଡ଼ ଭବାନୀ ଶଙ୍କର ହାଇସ୍କୁଲର ଶୋଭାରାମ ନାଏକ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଗୋପୀନାଥ ନାଏକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଭବାନୀ ଶଙ୍କର ହାଇସ୍କୁଲର ଶିକ୍ଷକ ସୁଧାଂଶୁ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରୁଛନ୍ତି।

# ଅବକାରୀ ଚଢ଼ାଉ: ମଦ ଜବତ, ୯ ଗିରଫ

**ରାଜଗାଙ୍ଗପୁର,୨୦।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉବେଳେ ଅଧିକାରୀମାନେ ୧୨୩ ଲିଟର ଦେଶୀ ମଦ ଜବତ କରି ୯ଜଣଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ରାଣୀବନ୍ଧର ଫୁଲମଣୀ ହେମରମ, ବଗିଚାପଡ଼ାର ଗୌତମ ସତନାମୀ, ମିଶନ ହୋତା, ନବୀନ ମାହୋତା, ଘୋଘରର ଗୀତା ନୂଆରିଆ, ସ୍ୱାଧୀନ କଲୋନୀର କହ୍ନେୟା ଦୁବେ, ଝପରପୁରର ସୁକାନ୍ତୀ କୁନାଲ, ଝପରପୁର ତୁନିଲାଲ ଭୋଇ, ତିଲିଇମୁଣ୍ଡାର ମହାଲି ଲାକ୍ରା, ବନ୍ଧୁ ଲାକ୍ରା। ଏହି ଚଢାଉରେ ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଲକ୍ଷ୍ମୀଧର ପରିଡ଼ା, ଅବକାରୀ ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁ, ସବଇନ୍ସପେକ୍ଟର ରାମଜୀ ପଟେଲ, ରବୀନ୍ଦ୍ର ପ୍ରଧାନ, ଅଶୋକ କୁମାର ପଟେଲ, ପ୍ରଭାକର ଡିଲ୍ଲା, ଗିରିଶ ଚନ୍ଦ୍ର ପଣ୍ଡା, କନଷ୍ଟେବଳ ସୁଶାନ୍ତ କୁମାର ପଟେଲ, ସଞ୍ଜୟ କୁମାର ଅମାତ, ରାଜେଶ ପଟେଲ, ଚନ୍ଦ୍ରକାନ୍ତ ବେହେରା, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶ୍ରୀନିବାସ ଭୋଇ, ଆଦିତ୍ୟ କୁମାର ପଟେଲଙ୍କ ସମେତ ମହିଳା ସବ୍‌ଇନ୍ସପେକ୍ଟର ଦୌତ କେରକେଟା, ସାବିତ୍ରୀ ଦେଇ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ସୁନ୍ଦରଗଡ଼,୨୦।୯ (ଡି.ଏନ୍.ଏ.)**

ବନ୍ଧପାଲିସ୍ଥିତ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟସମୂହ କବାଡ଼ି ପ୍ରତିଯୋଗୀତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ଟାଙ୍ଗରପାଲି ବ୍ଲକ ଶିକ୍ଷା ଅଧିକାରୀ ସୁମିତ୍ରା ପଟେଲ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କାଣ୍ଡି, ଭାରତୀୟ ଷ୍ଟେଟ ବ୍ୟାଙ୍କ ଉଜଳପୁର ଶାଖା ପରିଚାଳକ ସୁଶୀଲ ଲୁଗୁନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ବିବରଣୀ ପାଠ କରି ରାଜ୍ୟ ପ୍ରତିଯୋଗୀତାକୁ ମନୋନୀତ ହୋଇଥିବା ୪ଟି ଦଳର ନାମ ଘୋଷଣା କରିଥିଲେ । ଏହି ୪ଟି ଦଳ ବରଗଡ ଜର୍ଜ ହାଇସ୍କୁଲରେ ହେବାକୁ ଥିବା ରାଜ୍ୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ୧୪ବର୍ଷରୁ କମ୍ ବାଳକ ବିଭାଗରେ ଲହୁଣୀପଡ଼ା ବିଜେତା ଓ ରାଜଗାଙ୍ଗପୁର ଉପ ବିଜେତା ହୋଇଥିବା ବେଳେ ୧୪ବର୍ଷରୁ କମ୍ ବାଳିକା ବିଭାଗରେ ଲହୁଣୀପଡ଼ା ବିଜେତା ଓ ବଣାଇଁ ଉପବିଜେତା ହୋଇଛି। ସେହିପରି ୧୭ବର୍ଷରୁ କମ୍ ବାଳକ ବିଭାଗରେ କୁତ୍ରା ବିଜେତା ଓ ବଣାଇଁ ଉପବିଜେତା ହୋଇଥିବା ବେଳେ ବାଳିକା ବିଭାଗରେ ନୂଆଗାଁ ବିଜେତା ଓ ସୁନ୍ଦରଗଡ଼ ସଦର ଉପବିଜେତା ବିବେଚିତ ହୋଇଥିଲେ। ଟାଙ୍ଗରପାଲି ପଞ୍ଚାୟତ ସମିତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୋହିତାଶ୍ୱ ମହନ୍ତ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୮୫ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ, ଶିକ୍ଷକ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ବାଳିକା ବିଭାଗର କୃତୀ ପ୍ରତିଯୋଗୀ।



“ନିର୍ବାଚନରେ ଅଧିକ କଳାଟଙ୍କା ଖର୍ଚ୍ଚ ହେଉଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ହେଉଥିବା ଟଙ୍କାର ଅପବ୍ୟବହାର ରୋକିବା ପାଇଁ ପ୍ରଚଳିତ ଆଇନ ଯଥେଷ୍ଟ ନୁହେଁ।
- ଓ.ପି. ରାୱତ୍, ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ



### ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବଳଦ ମୃତ

ଲଖନପୁର,୨୦।୯(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗୁରୁବାର ଏକ ବଳଦର ମୃତ୍ୟୁ ହୋଇଛି। ମୃତ ବଳଦ ତେଲେନପାଲି ଗ୍ରାମର ନୃପ ସାଙ୍କର। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନୃପଙ୍କ ସହ ଆଲୋଚନା କରିଥିଲେ। ପରେ ଟ୍ରାନ୍ସଫର୍ମର ନିକଟରୁ ବଳଦ ମୃତଦେହ ଉଠିଥିଲା। ଦୁର୍ଘଟଣା ପରେ ହଠାତ୍ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ମରାମତି ପରେ ସେବା ସ୍ୱାଭାବିକ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପାଖରେ ତାରବାଡ଼ କିମ୍ବା ପାଚେରି ନିର୍ମାଣ ପାଇଁ ଦାବି ହେଉଛି।



ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ୧୦ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ

ବେଲପାହାଡ଼,୨୦।୯(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୫୨ ନୂଆ ଓ ୨୦ ପୁରୁଣା ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ ହୋଇଛି। ୪ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ୩ ଜଣଙ୍କୁ ହ୍ୱିଲ୍ ଚେୟାର ଓ ୩ ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଶିଳା କିରୋ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଡା. ତ୍ରିନାଥ ପତି, ଡା. ମଧୁସୂଦନ ମହନ୍ତ, ଡା. ପ୍ରଭା ଲାକରା, ଡା. ଅତିଶ କୁମାର ପଟେଲ ଓ ଡା. ଏସ୍.ପି. ପଣ୍ଡାଙ୍କ ସମେତ ଅନ୍ୟ ଚିକିତ୍ସକ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୌର ପରିଷଦ ଗୋଷ୍ଠୀ ସଂଯୋଜିକା ନିଲୁ ହଂସା, ସୌଭାଗିନୀ ଧୁରୁଆ, କର୍ମଚାରୀ ଗୁରୁଦେବ ପ୍ରଧାନ, ଦୁର୍ଗା ପ୍ରଧାନ ଶୈଳେଶ ବହିଦାର, କୁଳମଣି ସୁନା ଏବଂ କନିଷ୍ଠ ଯନ୍ତ୍ରୀ ଆଶିଷ ନାୟକଙ୍କ ସମେତ ପୌର ପରିଷଦର ଅନ୍ୟ କର୍ମଚାରୀ, ଜିଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଓ ହସ୍ପିଟାଲ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସରକାରଙ୍କ ଯୋଜନା ଅନୁଯାୟୀ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ସହାୟତା ଉପକରଣ, ଭତ୍ତା, ବୃତ୍ତି, ପ୍ରୋତ୍ସାହନ ରାଶି ଓ ବସ୍ ପାସ୍ ଯୋଗାଇବା ଉଦ୍ଦେଶ୍ୟରେ ଶିବିର ଆୟୋଜନ ହୋଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ କିରୋ କହିଛନ୍ତି।

# ମୋଦିଙ୍କ ଗସ୍ତ ପାଇଁ ସୁରକ୍ଷା ବଳୟରେ ଅମଲିପାଲି

### ୪ ଲକ୍ଷ ବର୍ଗଫୁଟ ସଭାସ୍ଥଳରେ ୨ ଲକ୍ଷ ଲୋକଙ୍କ ସମାଗମ

ଝାରସୁଗୁଡ଼ା ଅଫିସ,୨୦।୯

ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଛି। ଏହି ସଭାରେ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବେ। ପ୍ରାୟ ୨ ଲକ୍ଷ ଲୋକଙ୍କୁ ଏକାଠି କରିବାକୁ ଆୟୋଜନ କରୁଛି ଭାଜପା। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ ତଦାରଖ କରୁଛନ୍ତି। ଅମଲିପାଲିଠାରେ ଜନସଭାର ଆୟୋଜନ ଜୋରସୋରରେ ଚାଲିଛି। ୪ ଲକ୍ଷ ବର୍ଗଫୁଟ ପରିମିତ ଜମିରେ ବିଶାଳ ମଞ୍ଚ ଏବଂ ଟେଣ୍ଟ ଲାଗାଯାଉଛି। ଗୁରଗାଓଁର ସଂସ୍ଥା ଏହି ଟେଣ୍ଟ ଲଗାଇବା ଦାୟିତ୍ୱ ନେଇଛି।

#### ନଜର ରଖିବ ସିସିଟିଭି

ସଭାସ୍ଥଳକୁ ସମ୍ପୂର୍ଣ୍ଣ ନିରାପଦ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ସଭାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଉପରେ ସିସିଟିଭି ଜରିଆରେ ନଜର ରଖାଯିବ। ସେଥିପାଇଁ ସଭାସ୍ଥଳର ୩୦ରୁ ଅଧିକ ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ସିସିଟିଭି କ୍ୟାମେରା ଲଗାଯାଇଛି। କଡ଼ା ସୁରକ୍ଷା ସତ୍ତ୍ୱେ ସଭାସ୍ଥଳରେ ଲକ୍ଷାଧିକ ଲୋକଙ୍କ ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଥିବାରୁ ସିସିଟିଭି ସଂଯୋଗକୁ ଗୁରୁତ୍ୱ ଦିଆଯାଇଛି।



କାର୍‌କେଡ ରିହରସଲ ପାଇଁ ପ୍ରସ୍ତୁତ ଗାଡ଼ି।



ଅମଲିପାଲିରେ ବିଶାଳ ସଭାସ୍ଥଳର ଟେଣ୍ଟ।



ଡଗ୍ ଓ ବମ୍ ସ୍କ୍ୱାଡ ଯାଞ୍ଚ କରୁଛନ୍ତି।



ସଭାସ୍ଥଳରେ ସିସିଟିଭି ସଂଯୋଗ ହେଉଛି।

#### ଡଗ୍, ବମ୍ ସ୍କ୍ୱାଡ୍‌ର ଯାଞ୍ଚ

ଅମଲିପାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ପ୍ରାୟ ୧ ଘଣ୍ଟା ଧରି ଅମଲିପାଲିରେ ରହିବେ ମୋଦି। ସେଥିପାଇଁ ପୋଲିସ ତନ୍ନତନ୍ନ କରି ସଭାସ୍ଥଳ ଯାଞ୍ଚ କରୁଛି। ଗୁରୁବାର ସନ୍ଧାନୀ କୁକୁର ଏବଂ ବମ୍ ସ୍କ୍ୱାଡ୍ ମିଳିତ ଭାବେ ସଭାସ୍ଥଳ ଯାଞ୍ଚ କରିଛନ୍ତି। ସନ୍ଦେହ ଉପୁଜୁଥିବା ପ୍ରତ୍ୟେକ ସ୍ଥାନକୁ ଯାଞ୍ଚ କରାଯାଉଛି।

#### କାର୍‌କେଡ ରିହର୍‌ସଲ

ମୋଦିଙ୍କ ଗସ୍ତ ପୂର୍ବରୁ କାର୍‌କେଡ ରିହରସଲ କରାଯିବ। ପ୍ରଧାନମନ୍ତ୍ରୀଙ୍କ ସମେତ ୫ ଜଣ କେନ୍ଦ୍ରମନ୍ତ୍ରୀ ଝାରସୁଗୁଡ଼ା ଗସ୍ତରେ ଆସିବେ। ସେଥିପାଇଁ ଶୁକ୍ରବାର ଅନୁଷ୍ଠିତ ହେବ କାର୍‌କେଡ ରିହରସଲ। ବିମାନବନ୍ଦରରୁ ଅମଲିପାଲି ପଡ଼ିଆ ଯାଏ ହେବ କାର୍‌କେଡ ରିହରସଲ। ସମ୍ପୂର୍ଣ୍ଣ ପୋଲିସ ବଳୟ ମଧ୍ୟରେ କାର୍‌କେଡ ରିହରସଲ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

#### ବ୍ୟାପକ ଅଗ୍ନିଶମ ବ୍ୟବସ୍ଥା

ଆକସ୍ମିକ ଦୁର୍ଘଟଣା ଏଡ଼ାଇବା ପାଇଁ ବିମାନବନ୍ଦର ଏବଂ ସଭାସ୍ଥଳରେ ନିୟୋଜିତ ହେବେ ଅଗ୍ନିଶମ ବାହିନୀ। ମୁଖ୍ୟ ଅଗ୍ନିଶମ ଅଧିକାରୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ରେଞ୍ଜ ଫାୟାର ଅଫିସର ମନୋରଞ୍ଜନ ବଳ, ଡେପୁଟି ଫାୟାର ଅଫିସର ବିନୋଦ ସିଂଙ୍କ ସମେତ ୭ ଜଣ ସହକାରୀ ଅଗ୍ନିଶମ ଅଧିକାରୀ ଏବଂ ୨୦୦ କର୍ମଚାରୀ ନିୟୋଜିତ ରହିବେ। ସେହିପରି ବିଭିନ୍ନ ଜିଲାରୁ ୧୦ଟି ଅପରେଶନ ଭେଇକଲ୍ ଏବଂ ୮୦ଟି ଅଗ୍ନି ନିର୍ବାପକ ଯନ୍ତ୍ର ଯୋଗାଡ଼ କରାଯାଇଛି। ୬ଟି ୱାଟର ଟ୍ୟାଙ୍କର ଏବଂ ୪ଟି କ୍ୱିକ୍ ରେସପନ୍ସ ଟିମ୍ ଏଥିରେ ଅନ୍ତର୍ଭୁକ୍ତ ରହିଛି।

# କଡ଼ା ସୁରକ୍ଷାରେ ଆସିବେ ପ୍ରଧାନମନ୍ତ୍ରୀ

■ ମୁତୟନ ହେବେ ୩ ଏସ୍‌ପି, ୩୦୦ ଅଧିକାରୀ, ୫୦ ପ୍ଲାଟୁନ୍ ଫୋର୍ସ ■ ଏଡିଜି ଖୁରାନିଆ ନେବେ ନେତୃତ୍ୱ

ଝାରସୁଗୁଡ଼ା ଅଫିସ,୨୦।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡ଼ା ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସ୍ୱତନ୍ତ୍ର ସୁରକ୍ଷା ବାହିନୀ (ଏସ୍‌ପିଜି)ର ସୁରକ୍ଷାକର୍ମୀ ସମେତ ରାଜ୍ୟ ପୋଲିସର ବରିଷ୍ଠ ଏବଂ ଦକ୍ଷ ଅଫିସରଙ୍କୁ ଝାରସୁଗୁଡ଼ାରେ ନିୟୋଜିତ କରାଯାଇଛି। ମୋଦିଙ୍କ ଗସ୍ତ ସଫଳ କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଆଣ୍ଟି ଟେରରିଜମ୍ ୟୁନିଟ୍, ବ୍ୟାରିକେଡିଂ, ସିସିଟିଭି କଭରେଜ, ରୁଟ୍ ମ୍ୟାପିଂ ବ୍ୟବସ୍ଥା କରାଯାଇଛି ବୋଲି ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ପରିଚାଳନାର ଗୁରୁ ଦାୟିତ୍ୱ ଏଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ଉପରେ ନ୍ୟସ୍ତ କରାଯାଇଛି। ଗୁରୁବାର ଖୁରାନିଆ ଝାରସୁଗୁଡ଼ା ପହଞ୍ଚିବା ପରେ ବିମାନବନ୍ଦର ଏବଂ ଅମଲିପାଲିସ୍ଥିତ ସଭାସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ସନ୍ଧ୍ୟାରେ ପୋଲିସ ମହାନିର୍ଦ୍ଦେଶକ ଡା. ଆର୍.ପି. ଶର୍ମାଙ୍କ ସହ ସେ ଭିଡିଓ କନଫରେନ୍ସିଂରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। ଡିଆଇଜି ଭୋଇ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମତଦେଇ କହିଲେ, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସୁରକ୍ଷା ଦାୟିତ୍ୱରେ ୫୦ ପ୍ଲାଟୁନ୍ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ଏହାସହ ଜଣେ ଏଡିଜି, ଜଣେ ଡିଆଇଜି, ୩ ଏସ୍‌ପି ର୍‍ୟାଙ୍କର ଅଧିକାରୀ, ୬ ଜଣ କମାଣ୍ଡାଣ୍ଟ ର୍‍ୟାଙ୍କର ଅଧିକାରୀ ସମେତ ଇନ୍ସପେକ୍ଟର, ଏସ୍‌ଆଇ ଏବଂ ଏଏସ୍‌ଆଇ ପାହ୍ୟାର ୩୦୦ ପୋଲିସ ଅଧିକାରୀ ନିୟୋଜିତ ହେବେ। ପୋଲିସ ସୁରକ୍ଷା ବ୍ୟତୀତ ସଭାସ୍ଥଳ ଏବଂ ରାସ୍ତାରେ ସିସିଟିଭି ଖଞ୍ଜାଯାଇଛି। ବିମାନବନ୍ଦରରୁ ସଭାସ୍ଥଳ ଯାଏ ଦୀର୍ଘ ୪.୫ କିଲୋମିଟର ରାସ୍ତାକୁ ବ୍ୟାରିକେଡିଂ କରାଯାଇଛି। ଏହାସହ ଆଣ୍ଟି ଟେରରିଜମ୍ ୟୁନିଟ୍ ନିୟୋଜିତ ହୋଇଥିବା ନେଇ ଡିଆଇଜି ଭୋଇ କହିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସୁରକ୍ଷା ଦାୟିତ୍ୱ ଏସ୍‌ପିଜି ଆଇଜି ଏମ୍.ପି. ଗୁପ୍ତା ନେଇଛନ୍ତି। ଗୁରୁବାର ସକାଳେ ଏସ୍‌ପିଜି ସୁରକ୍ଷାକର୍ମୀ ଝାରସୁଗୁଡ଼ା ପହଞ୍ଚିଛନ୍ତି।



ଏଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରୁଛନ୍ତି।

### ବାୟୁସେନା ହେଲିକପ୍ଟର ପରୀକ୍ଷାମୂଳକ ଅବତରଣ

ଝାରସୁଗୁଡ଼ା ଅଫିସ,୨୦।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ସମୟ ଯେତିକି ପାଖେଇ ଆସୁଛି ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ସେତିକି ବୃଦ୍ଧି ପାଉଛି। ଆଉ ଦିନକ ପରେ ମୋଦି ଏଠାକୁ ଆସୁଥିବାବେଳେ ଗୁରୁବାର ଭାରତୀୟ ବାୟୁସେନାର ହେଲିକପ୍ଟର ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରିଥିଲା। ସେପ୍ଟେମ୍ବର ୧୧ରେ ବାୟୁସେନାର ବୋଇଂ-୭୩୭ ପରୀକ୍ଷାମୂଳକ ଅବତରଣ କରିଥିବା ବେଳେ ଗୁରୁବାର ବାୟୁସେନା ହେଲିକପ୍ଟର ସଫଳ ଅବତରଣ କରିଥିଲା ବୋଲି ବିମାନବନ୍ଦର ପକ୍ଷରୁ ସୂଚନା ଦିଆଯାଇଛି। ବିମାନବନ୍ଦର ଉଦ୍‌ଘାଟନ ପୂର୍ବରୁ ଏହା ଶେଷ ପରୀକ୍ଷାମୂଳକ ଅବତରଣ ବୋଲି କୁହାଯାଇଛି। ଅପରାହ୍ନ ସାଢ଼େ ୧ଟାରେ ଭାରତୀୟ ବାୟୁସେନାର ହେଲିକପ୍ଟର ଅବତରଣ କରିଥିଲା। ବିମାନରେ ଆସିଥିବା ଅଧିକାରୀମାନେ କିଛି ସମୟ ବିମାନବନ୍ଦର ଭିତ୍ତିଭୂମି ଅନୁଧ୍ୟାନ କରିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ମୋହନପୁର ଶିବମନ୍ଦିର ରତ୍ନମୁଦ ଉତ୍ସବ

ବେଲପାହାଡ଼,୨୦।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଉପକଣ୍ଠ ମୋହନପୁର ଗାଁରେ ଗ୍ରାମବାସୀଙ୍କ ସହାୟତାରେ ଶିବ ମନ୍ଦିର ନିର୍ମାଣ କରାଯାଉଛି। ଗୁରୁବାର ଅପରାହ୍ନରେ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିପାଇଁ ପୂର୍ବାହ୍ନରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ସରୋଜ ହେମ୍ବ୍ରମ ଓ ତାଙ୍କ ସହଧର୍ମିଣୀ ଶକୁନ୍ତଳା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଖଗେଶ୍ୱର ନାୟକ ଓ ଲିଙ୍ଗରାଜ ନାୟକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମୋହନପୁର ତଥା ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ। ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲତିକା ପଟେଲ, ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ, ପିପିଲିମାଲ ସରପଞ୍ଚ ଅନିତା ଡିଲା ଓ କନିକା ସରପଞ୍ଚ ସୁନିତା ମାଝି ଅତିଥି ଭାବରେ ଯୋଗଦେଇଥିଲେ। ଉତ୍ସବରେ କୁତ୍ରାଯୋର ଓ ବେଣ୍ଡ୍ରିଚୁଆଁ ଗାଁର ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆୟୋଜକ କମିଟି ସଭାପତି ମଙ୍ଗଳ ଡିଗ୍‌ଗି, ସମ୍ପାଦକ ସରୋଜ ହେମ୍ବ୍ରମ ଓ କୋଷାଧକ୍ଷ ବିନୁ ମୁଣ୍ଡାଙ୍କ ସମେତ ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ମୋହନପୁର ଗାଁରେ ନିର୍ମାଣାଧୀନ ଶିବ ମନ୍ଦିର ପାଇଁ ରତ୍ନମୁଦ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ ରତ୍ନ ଭରିବା ପାଇଁ ମନ୍ଦିର ଉପରକୁ ଚଢ଼ୁଛନ୍ତି।

ଫୁଟବଲ୍ ସୁପର ଲିଗ୍

### ୪-୦ ଗୋଲରେ ସରବାହାଲ ବିଜୟୀ

ଝାରସୁଗୁଡ଼ା ଅଫିସ,୨୦।୯

ଝାରସୁଗୁଡ଼ା ଓଏମ୍‌ପିସ୍ଥିତ ଓଏସ୍‌ଏପି ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ପଞ୍ଚମ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ ଝାରମୁଣ୍ଡା ଆଥ୍‌ଲେଟିକ୍ କ୍ଲବ୍ ଓ ସରବାହାଲ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚକୁ ସରବାହାଲ ୪-୦ ଗୋଲରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ ଫଟାମାଲ ଓ ମୁଚବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ଉଭୟ ଦଳ ଭିତରେ ପଏଣ୍ଟ ଭାଗବଣ୍ଟା ହୋଇଥିଲା। ସୁଜିତ କୁଜୁର, ସଞ୍ଜୟ ରାୟ, ସଞ୍ଜୟ ଦାସ, ମାନସ ଆଚାର୍ଯ୍ୟ, ଅମିରା ପ୍ରଧାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

ତେଲେନପାଲି ପଞ୍ଚାୟତର ମାସିକ ଅଧିବେଶନ

## ସ୍ୱଚ୍ଛ ପରିମଳ ଉପରେ ଗୁରୁତ୍ୱାରୋପ

ଲଖନପୁର,୨୦।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ସରପଞ୍ଚ ବିଶାଖା ମାଝିଙ୍କ ଅଧ୍ୟକ୍ଷତାରେ ମାସିକ ଅଧିବେଶନ ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଯୋଗେଶ୍ୱର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସନ୍ତା ୨ ତାରିଖରୁ ପ୍ରତି ପଞ୍ଚାୟତରେ ଆରମ୍ଭ ହେବାକୁ ଥିବା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତର ପ୍ରତି ୱାର୍ଡରେ ସଫାସୁତୁରା କରିବା ସହ ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାଇବା ପାଇଁ ଲୋକଙ୍କୁ ସଚେତନ କରିବା, ସ୍ୱଚ୍ଛ ପରିବେଶ ସୃଷ୍ଟି କରି ସୁସ୍ଥ ସମାଜ ଗଠନ କରିବା, ଏଥିପାଇଁ ପଞ୍ଚାୟତ ପାଣ୍ଠି ବ୍ୟୟରେ ଡଷ୍ଟବିନ କିଣାଯିବା, ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବର୍ଷାରେ ଧୋଇଯାଇଥିବା ରାସ୍ତା ମରାମତି, କଲଭର୍ଟ ନିର୍ମାଣ, ଇନ୍ଦିରାଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୋଟର ତାଲିକା ସଂଶୋଧନ ଆଦି ଉପରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ୱାର୍ଡସଭ୍ୟା, ସଭ୍ୟମାନେ ନିଜ ମତ ରଖିଥିଲେ। ବୈଠକରେ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ଦାସ, ଜିଆର୍‌ଏସ୍ ଉମେଶ ପ୍ରଧାନ, କଳ୍ପନା ବିଶି, ପୁଷ୍ପଲତା ମାଝି, ନନ୍ଦିନୀ ବୁଡ଼ା, ଭୂମିସୂତା ଚନ୍ଦନ, ଆଦିତ୍ୟ ସା, ଗୌରା ସା, ଆଦିତ୍ୟ ପ୍ରସାଦ ସେଠୀ, ଗୌରାଙ୍ଗ ମାଝି, ଦୁର୍ଯ୍ୟୋଧନ ବୁଢ଼ା, ଅକ୍ଷୟ ପାତ୍ର, ପ୍ରକାଶ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।



ତେଲେନପାଲି ପଞ୍ଚାୟତ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ କର୍ମଚାରୀ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ବିଶ୍ୱକର୍ମା ମୂର୍ତ୍ତି ଭସାଣି ଉତ୍ସବ

ଲହୁଣୀପଡ଼ା,୨୦।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅଟୋ ମାଲିକ ସଂଘ ପକ୍ଷରୁ ଅନୁଷ୍ଠିତ ବିଶ୍ୱକର୍ମା ପୂଜାର ଭସାଣି ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମୁକୁନ୍ଦଚରଣ ମାହାନ୍ତ, ସମ୍ପାଦକ ଅନୟ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବୁଧବାର ସନ୍ଧ୍ୟାରେ ପୂଜା ମଣ୍ଡପରୁ ଭସାଣି ଶୋଭାଯାତ୍ରା ବାହାରିଥିଲା। ଏଥିରେ ରଙ୍ଗିନ ଆଲୋକ ସହିତ ଡିଜେ ସାଉଣ୍ଡର ତାଳେ ତାଳେ ଶୋଭାଯାତ୍ରା ମେଡିକାଲ ଛକଦେଇ ବ୍ଲକ ଛକରେ ପହଞ୍ଚିଥିଲା। ପରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ପରମେଶ୍ୱର ସାହୁ, ସୋନୁ ମୁଣ୍ଡା, ଅଜୟ କିଷାନ, ଗଦା କଷାନ, କଣ୍ଠ ମହାକୁଳ, ଗୋଲାପ ଦାଶ, ଧରଣୀଧର କିଷାନ, ଆନ୍ଦ୍ରଆସ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଓମ୍‌ସା ସୁନ୍ଦରଗଡ଼ ଜିଲା ଶାଖାର ବୈଠକ

ସୁନ୍ଦରଗଡ଼,୨୦।୯ (ଡି.ଏନ୍.ଏ.)

ଓମସା ସୁନ୍ଦରଗଡ଼ ଜିଲା ଶାଖା କମିଟି ପକ୍ଷରୁ ସଦର ମହକୁମା ଡାକ୍ତରଖାନା ପରିସର ବୈଠକ ଗୃହଠାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତରମାନଙ୍କ ୪ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଓମସାକୁ ଅନ୍ଧକାରରେ ରଖି ସରକାର ୨୦୧୮କ୍ୟାଡର କ୍ୟାବିନେଟରେ ପାସ କରିଥିବାରୁ ତୁରନ୍ତ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ଡାକ୍ତରଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ କାଜୁଆଲିଟିରେ ସଶସ୍ତ୍ର ପୋଲିସ ବ୍ୟବସ୍ଥା, ଡାକ୍ତରଙ୍କ ଅବସର ସୀମା ବୃଦ୍ଧି କରା ନ ଯିବାକୁ ଦାବି କରାଯାଇଥିଲା । ଦାବି ପୂରଣ ପାଇଁ ତୁରନ୍ତ ସରକାର ଓମସା ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ ନ କଲେ ଅକ୍ଟୋବର ୨ତାରିଖରୁ ଓମସାର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟରତ ଡାକ୍ତରମାନେ କଳାବ୍ୟାଚ୍ ପରିଧାନ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତୀକ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଓମସା ଜିଲା ସଭାପତି ଡା.ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ଡା. ସୋମ ଶୁଭଙ୍କର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଙ୍କଜ ପଟେଲ, ଡା. ସୁବୋଧ କୁମାର ରଥ, ଡା. ବି. କେ ପଟେଲ, ଡା. ଗୁରୁ ପ୍ରସାଦ ମହନ୍ତ, ଡା. ମନୋଜ ଆଚାର୍ଯ୍ୟ, ଡା. ସାଗର ଦଳେଇ, ଡା. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

**ସୁନ୍ଦରଗଡ଼ ଜିଲା**
- ୪ଦଫା ଦାବି ସମ୍ପର୍କରେ ଆଲୋଚନା
- ଅକ୍ଟୋବର ୨ରୁ ଧର୍ମଘଟ
- କଳାବ୍ୟାଜ୍ ପରିଧାନ କରି ମୁଖ୍ୟ ଚିକିତ୍ସାଳୟରେ ପ୍ରତୀକ ଧାରଣା



ବୈଠକରେ ଉପସ୍ଥିତ ଓମ୍‌ସା ସୁନ୍ଦରଗଡ଼ ଜିଲା ଶାଖା କମିଟି କର୍ମକର୍ତ୍ତା।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଦୀପକ



@ ରୋଶନ



@ ସୁକନ୍ୟା



@ ବର୍ଣ୍ଣି

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଭାଜପାର ମିଶ୍ରଣ ପର୍ବରେ ସାମିଲ ହେଲେ ଶତାଧିକ ଯୁବକ

ରାଉରକେଲା ଅଫିସ,୨୦।୯

ବାସନ୍ତୀ କଲୋନୀ, ଝିରପାଣି ଓ ଦେଓଗାଁ ଅଞ୍ଚଳର ଶତାଧିକ ଯୁବକ ବୁଧବାର ସନ୍ଧ୍ୟାରେ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଭଜପା କର୍ମକର୍ତ୍ତା ଗୌରବ ବଂଶଲ ଓ ଗୁଲଶନ ଶର୍ମାଙ୍କ ନେତୃତ୍ୱରେ ଏମାନେ ଦଳରେ ଯୋଗଦେଇଥିବା ଘୋଷଣା କରାଯାଇଥିଲା। ଏହି ଅବସରରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା ଏମାନଙ୍କୁ ପୁଷ୍ପଗୁଚ୍ଛ ସହ ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏଥିରେ ସଂଗଠନର ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ମୁଖପାତ୍ର ଭଗବାନ ରାଉତ, ବରିଷ୍ଠ ନେତା ନିହାର ରାୟ, ତପନ ସ୍ୱାଇଁ, ଦିଲୀପ ଦାସ, ପ୍ରମିଳା ଦାସ, ପରେଶ ମିଶ୍ର, ନିକୁଞ୍ଜ ରାୟ, ସୁସ୍ମିତା ବେହେରା, ବିନ୍ଦର ସିଂ, ଭ୍ରମରବର ବେହେରା ଓ ବାବୁଲି ମୁର୍ମୁ ପ୍ରମୁଖ ବକ୍ତବ୍ୟ ରଖି ଭାଜପା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଯୁବକମାନେ ଦଳ ପାଇଁ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ।



ଦଳୀୟ ନେତୃବୃନ୍ଦଙ୍କ ସହ ଭାଜପାରେ ସାମିଲ ଯୁବକମାନେ।



ଗ୍ଲାମର ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଶୋ ରୁମ୍ କର୍ମଚାରୀ।

# ରୋବୋଟେକ୍ ହିରୋ ଶୋ ରୁମ୍‌ରେ ଗ୍ଲାମର ଉତ୍ସବ

ସୁନ୍ଦରଗଡ଼,୨୦।୯ (ଡି.ଏନ୍.ଏ)

ରାଉରକେଲା ଦୁଆ ମୋଟର୍ସର ଅଧିକୃତ ହିରୋ ବାଇକ୍ ବିକ୍ରେତା ସୁନ୍ଦରଗଡ଼ ଲୁହୁରାଡିପା ନୂଆଁବସ୍ ଷ୍ଟାଣ୍ଡ ନିକଟସ୍ଥ ରୋବୋଟେକ ହିରୋ ଶୋ ରୁମ୍‌ରେ ଗୁରୁବାର ବିଶ୍ୱର ଏକ ନମ୍ବର ମାନ୍ୟତା ପାଇଥିବା ୧୨୫ସିସି ଇଞ୍ଜିନ ବିଶିଷ୍ଟ ହିରୋ ଗ୍ଲାମର ବାଇକ୍‌ର ଗ୍ଲାମର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋ ରୁମ୍‌ର ସେଲସ୍ ମ୍ୟାନେଜର ବିଶ୍ୱନାଥ ପାଣ୍ଡେଙ୍କ ସହ ଅନ୍ୟ କର୍ମଚାରୀମାନେ କେକ୍ କାଟି କର୍ମଚାରୀ ଓ ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ସଭାରେ ଯୋଗଦେଇଥିବା ଅଭିଭାବକ ଓ ସ୍କୁଲ କର୍ମଚାରୀ।

# ଅମ୍ବିକା ହାଇସ୍କୁଲରେ ଅଭିଭାବକ ସଭା

କୋଲାବିରା,୨୦।୯ (ଡି.ଏନ୍.ଏ.)

ରଘୁନାଥପାଲି ପଞ୍ଚାୟତ ସିଂହିବାହାଲ ଅମ୍ବିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ୨୦୧୮-୧୯ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ସଭା ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲାର ୧୯୭ ଅବିଭାବକ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବେଣୁଧର ସାହୁ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇଥିଲେ। ସଭାରେ ସ୍କୁଲର ଉପଦେଷ୍ଟା ତଥା ସମଲେଶ୍ୱରୀ ସାହିତ୍ୟ ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଧାରଣା ଦେଇଥିଲେ। ଶିକ୍ଷକ ବିନୟ କୁମାର ନାଏକ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଗଗନ ବିହାରୀ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ନାଏକ, ସଞ୍ଜିତ ବେହେରା, ସବିତା ମେହେର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅଭିବାବକମାନେ ବିଦ୍ୟାଳୟ ପରିଚାଳନା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଫଳାଫଳ ଶତ ପ୍ରତିଶତ ରହୁଥିବାବେଳେ ବିଦ୍ୟାର୍ଥୀମାନେ ଆହୁରି ଭଲ ପ୍ରଦର୍ଶନ କରିବା ଦିଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟିତ ରହିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ସିଂ ନାଏକ, ଛନ୍ଦା ଚରଣ କଣ୍ଟା, ହରିହର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ଘେରରେ ସଲଙ୍ଗାବାହାଲ ହାଟ

କୁଆଁରମୁଣ୍ଡା,୨୦।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସଲଙ୍ଗାବାହାଲ ପଞ୍ଚାୟତର ସଲଙ୍ଗାବାହାଲ ହାଟ ସପ୍ତାହରେ ୨ ଥର ବସିଥାଏ। ସପ୍ତାହର ଗୁରୁବାର ଓ ରବିବାର ଏହି ହାଟକୁ କୁନମେଣ୍ଡା, ସମଲେଇ ମୁଣ୍ଡା, ଭଇସାଲବାଡ଼ି, ବାବେଇମୁହାଣ, କୁତ୍ରା ବ୍ଲକର ଲକ୍ଷ୍ମୀପୋଷଠାରୁ ଆରମ୍ଭ କରି ପଡୋଶୀ ଝାଡଖଣ୍ଡ ରାଜ୍ୟରୁ ବେପାରୀ ଓ ଖାଉଟିମାନେ ଆସିଥାଆନ୍ତି। ରବିବାର ବସୁଥିବା ହାଟରେ ପ୍ରାୟେ ଶହେରୁ ଉର୍ଦ୍ଧ୍ୱ ବେପାରୀ ବିଭିନ୍ନ ଅଞ୍ଚଳରୁ ଆସି ବେପାର କରିଥାଆନ୍ତି। ଏହି ହାଟରେ ପନିପରିବାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷ ଶସ୍ତାରେ ମିଳୁଥିବାରୁ ଲୋକଙ୍କ ଭିଡ ଜମିଥାଏ। ହେଲେ ହାଟରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ବେପାରୀଙ୍କଠାରୁ ଆରମ୍ଭ କରି ଖାଉଟିମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି। ବିଶେଷ ଭାବେ ଶୌଚ ପାଇଁ ମହିଳା ବେପାରୀ ଓ ଖାଉଟିମାନଙ୍କୁ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ହାଟ ଭିତରେ ଯାତାୟାତ ପାଇଁ ପକ୍କା ସଡ଼କ ନ ଥିବାରୁ ଅସରାଏ ବର୍ଷା ହେଲେ ଲୋକେ କାଦୁଅରେ ଯିବା ଆସିବା କରନ୍ତି। ସେହିପରି ଦୂରଦୂରାନ୍ତରୁ ଆସୁଥିବା ବେପାରୀମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ସିମେଣ୍ଟ ପିଣ୍ଡି ନ ଥିବାରୁ ସେମାନେ ବ୍ୟବସାୟ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ବେପାରୀଙ୍କ ସଂଖ୍ୟା ଧିରେଧିରେ କମୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହାଟରେ ସରକାରଙ୍କ ପକ୍ଷରୁ କେବଳ ଗୋଟିଏ କଂକ୍ରିଟ ସେଡ଼ ନିର୍ମିତ ହୋଇଥିବା ବେଳେ ଆହୁରି ଅଧିକ ସେଡ ଆବଶ୍ୟକ ହେଉଛି। ଏଥିପ୍ରତି ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ଅବ୍ୟବସ୍ଥା ଘେରରେ ସଲଙ୍ଗାବାହାଲ ହାଟ।